

ହରମନ୍‌ପ୍ରୀତଙ୍କ ସପ୍ତମ ଶତକ

▸ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-29 ◆WEDNESDAY ◆23 JULY 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୨୯ ◆ବୁଧବାର ◆୨୩ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

# ସୁରଟ ବିମାନବନ୍ଦରରୁ ୨୮ କେଜି ସୁନା ଜବତ

## ଶରୀରରେ ଲଗାଇ ନେଉଥିଲେ ସୁନା ପେଷ୍ଟ

■ **ସୁରଟ, ୨୨।୭ (ଏଜେନ୍ସି):** ଗୁଜରାଟର ସୁରଟ ଅନ୍ତର୍ଜାତୀୟ ବିମାନବନ୍ଦରରେ ବଡ଼ଧରଣର ସୁନା ଚୋରାଚାଲାଣକୁ ସୁରକ୍ଷାବାହିନୀ ବିଫଳ କରିଦେଇଛି। ଦୁଇ ଯାତ୍ରୀଙ୍କଠାରୁ ୨୮ କେଜି ସୁନା ଜବତ କରାଯାଇଛି। ଦୁହେଁ ପୋଷାକ ଏବଂ ଶରୀର ବେଲ୍ଟ ଭିତରେ ସୁନା ପେଷ୍ଟ ଲୁଚାଇ ଚାଲାଣ କରୁଥିଲେ। ଉଭୟେ ରବିବାର ରାତିରେ ଦୁବାଇରୁ ଆସିଥିବା ଏୟାର ଇଣ୍ଡିଆ ବିମାନ (ଆଇଏକ୍ସ-୧୭୪)ରେ ସୁରଟ ଫେରିଥିଲେ। ସନ୍ଦେହଜନକ କାର୍ଯ୍ୟକଳାପ, କଥାବାର୍ତ୍ତାର ଶୈଳୀ ଏବଂ ସୁରକ୍ଷା ଯାଞ୍ଚରୁ ବର୍ତ୍ତିବା ପ୍ରୟାସ କରି ଉଭୟେ ଧରା ପଡ଼ିଥିଲେ। ସୂଚନା ଅନୁଯାୟୀ ରାତି ପ୍ରାୟ ୧୦ଟାରେ ବିମାନ ସୁରଟରେ ଲାଗିଥିଲା। ସିଆଇଏସଏଫର ଯବାନ ବିମାନବନ୍ଦରରେ ଯାଞ୍ଚ କରୁଥିଲେ। ସନ୍ଦେହଜନକ କାର୍ଯ୍ୟକଳାପ ଦେଖି ଦୁହିଁକୁ ଯବାନ ଅଟକାଇ ଦେଇଥିଲେ। ପରେ ସୀମା ଶୁଳ୍କ ଅଧିକାରୀ ପହଞ୍ଚି ଯାଞ୍ଚ କରିଥିଲେ। ସୂଚନା ଅନୁଯାୟୀ ଉଭୟ ଅଭିଯୁକ୍ତଙ୍କଠାରୁ ଜବତ ୨୮ କେଜି ସୁନାକୁ ନେଇ ପରୀକ୍ଷଣ କରାଯାଇଥିଲା। ଏଥିରୁ ୨୩ କେଜି ବିଶୁଦ୍ଧ ସୁନା ବୋଲି ଜଣା ପଡ଼ିଥିଲା। ସୀମା ଶୁଳ୍କ ବିଭାଗ ଉଭୟ ଯାତ୍ରୀଙ୍କୁ ଗିରଫ କରି ତଦନ୍ତ କରୁଛି। ଏହି ଚୋରା ଚାଲାଣ ପଛରେ କେଉଁ ନେଟୱର୍କ କାମ କରୁଛି ତାହା ଜାଣିବାକୁ ପ୍ରୟାସ କରାଯାଉଛି।

# ନିଜେ ରୋଜଗାର କରି ଖାଅ: ସୁପ୍ରିମକୋର୍ଟ

## ଭରଣପୋଷଣ ପାଇଁ ୧୨ କୋଟି ଟଙ୍କା, ବିଏମ୍‌ଡବ୍ଲ୍ୟୁ କାର୍ ମାଗିଥିଲେ ମହିଳା

■ **ନୂଆଦିଲ୍ଲୀ, ୨୨।୭ (ଏଜେନ୍ସି):** ଏକ ଛାଡ଼ପତ୍ର ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ବଡ଼ ରାୟ ଦେଇଛନ୍ତି। ମହିଳା ଉଚ୍ଚ ଶିକ୍ଷିତା ହୋଇଥିଲେ ଭରଣପୋଷଣ ମାଗିବା ପରିବର୍ତ୍ତେ ନିଜେ ରୋଜଗାର କରି ଖାଇବା ଉଚିତ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଭରଣପୋଷଣ ବାବଦକୁ ସ୍ୱାମୀଙ୍କୁ ମୁମ୍ବାଇରେ ଏକ ଫ୍ଲାଟ, ୧୨ କୋଟି ଟଙ୍କା ଏବଂ ବିଏମଡବ୍ଲ୍ୟୁ କାର୍ ମାଗିଥିବା ମହିଳାଙ୍କ ମାମଲାର ବିଚାର କରି ପ୍ରଧାନ ବିଚାରପତି (ସିଜେଆଇ) ବିଆର ଗଭାଇଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି। ଏହି ମହିଳା ଜଣେ ଉଚ୍ଚ ଶିକ୍ଷିତା। ସେ ଏମ୍‌ବିଏ କରିଛନ୍ତି। ସେ ଆଇଟି ବିଶେଷଜ୍ଞ ମଧ୍ୟ। ସୁପ୍ରିମକୋର୍ଟ ମହିଳାଙ୍କୁ କହିଥିଲେ ଯେ ଏହି ବିବାହ କେବଳ ୧୮ ମାସ ପର୍ଯ୍ୟନ୍ତ ତିଷ୍ଠି ଥିଲା। ଏବେ ଆପଣ ମାସକୁ କୋଟିଏ ଟଙ୍କା ମାଗୁଛନ୍ତି। ଜଣେ ଉଚ୍ଚ ଶିକ୍ଷିତା ହୋଇ ଆପଣ ଚାକିରି କାହିଁକି କରୁନାହାନ୍ତି? ଜଣେ ଉଚ୍ଚ ଶିକ୍ଷିତା ମହିଳା ବେକାର ହୋଇ ବସିପାରିବ ନାହିଁ। ଆପଣ କିଛି ନ ମାଗିବା ଉଚିତ। ନିଜେ ରୋଜଗାର କରି ଖାଇବା ଉଚିତ। ଆପଣ ଜଣେ ଆଇଟି ବିଶେଷଜ୍ଞ। ଏହି ବୃତ୍ତିର ବହୁତ ଚାହିଦା ରହିଛି। ଗୋଟିଏ ଫ୍ଲାଟ ନେଇ ସନ୍ତୁଷ୍ଟ ହୋଇ ଯାଆନ୍ତୁ ▸ପୃଷ୍ଠା-୧୦

## ୨୪ ଘଣ୍ଟାରେ ୩ ଗଣଦୁଷ୍କର୍ମ, ଗୋଟିଏ ଯୌନ ନିର୍ଯ୍ୟାତନା

# ସାରା ରାଜ୍ୟରେ ଅରାଜକତା: ନବୀନ



- ଗାଁରୁ ସହର ଯାଏ ମହିଳାମାନେ ଏବେ ସବୁଠି ଅସୁରକ୍ଷିତ
- ଦାୟିତ୍ୱବୋଧ ହ୍ରାସ ମୂଲ୍ୟ ମା', ଭଉଣୀମାନଙ୍କୁ ଦେବାକୁ ପଡୁଛି
- ମହିଳାଙ୍କୁ ଅସୁରକ୍ଷିତ କରିଛି ଥାନାରେ ରାଜନୈତିକ ହସ୍ତକ୍ଷେପ
- ମା'ମାନଙ୍କ ସୁରକ୍ଷା ତୁରନ୍ତ ସୁନିଶ୍ଚିତ କରନ୍ତୁ ରାଜ୍ୟ ସରକାର
- ମା' ଓ ଭଉଣୀଙ୍କ ସୁରକ୍ଷା ପାଇଁ ପ୍ରତିଟିସ୍ତରରେ ସ୍ୱର ଉଠାଇବ ବିଜେଡି

■ **ଭୁବନେଶ୍ୱର, ୨୨।୭ (ସମିସ):** ସାରା ରାଜ୍ୟରେ ଏବେ ଅରାଜକତା, ଆଇନଶୃଙ୍ଖଳା ବ୍ୟବସ୍ଥା ଧ୍ୱସ୍ତବିଧ୍ୱସ୍ତ। ମହିଳାମାନେ ଅସୁରକ୍ଷିତ। ଦିନ ଦ୍ୱିପ୍ରହରେ ମହିଳାମାନେ ପଦାକୁ ଗୋଡ଼ ବାହାର କରିବାକୁ ଭୟ କରୁଛନ୍ତି। ପ୍ରତିଦିନ ରାଜ୍ୟର ବିଭିନ୍ନ କୋଣରେ ଦୁଷ୍କର୍ମ, ଗଣଦୁଷ୍କର୍ମ ପରି ଅଭାବନୀୟ ଖବର ଛାତିକୁ ଥରାଇ ଦେଉଛି। ମଙ୍ଗଳବାର ଯାଜପୁର, ଜଗତସିଂହପୁର ଓ ମାଲକାନଗିରିରେ ତିନିଟି ଗଣଦୁଷ୍କର୍ମ ଏବଂ ପୁରୀରେ ମହିଳାଙ୍କୁ ଯୌନ ନିର୍ଯାତନା ପରି ସାଂଘାତିକ ଖବର ଆସିଛି। ସାରା ରାଜ୍ୟରେ ଏହି ଖବର ଆଲୋଡ଼ନ ସୃଷ୍ଟି କରିଛି। ସାଧାରଣ ଲୋକମାନେ ଭୀତତ୍ରସ୍ତ ହୋଇଛନ୍ତି; ବିଭିନ୍ନ କାର୍ଯ୍ୟ ଓ ଆବଶ୍ୟକତା ଦୃଷ୍ଟିରୁ ବାହାରକୁ ଯାଉଥିବା ପରିବାରର ଝିଅ, ବୋହୂ ଓ ମା'ମାନଙ୍କ ସୁରକ୍ଷାକୁ ନେଇ ଆଶଙ୍କା ମଧ୍ୟରେ ଗତି କରୁଛନ୍ତି। ଏହାକୁ ନେଇ ଗଭୀର କ୍ଷୋଭବ୍ୟକ୍ତ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ରାଜ୍ୟର ସାମ୍ପ୍ରତିକ ସ୍ଥିତିକୁ ଦେଖି ସେ ମର୍ମାହତ, ଦୁଃଖିତ ଓ ଆତଙ୍କିତ ବୋଲି ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ କହିଛନ୍ତି।

ନବୀନ କହିଛନ୍ତି ଯେ ରାଜ୍ୟରେ ଗୋଟିଏ ଦିନରେ ୩ଟି ଗଣଦୁଷ୍କର୍ମ ଓ ଗୋଟିଏ ମହିଳା ବିରୋଧୀ ହିଂସା ଆମମାନଙ୍କୁ ଗଭୀର ଆଘାତ ଦେଇଛି। ଓଡ଼ିଶାରେ ମା'ମାନଙ୍କ ବିରୋଧରେ ଅପରାଧ ଏବେ ଭୟଙ୍କର ଭାବେ ବଢ଼ି ଚାଲିଛି। ଦିନ ହେଉ କି ରାତି, ସହରଠୁ ଆରମ୍ଭ କରି ଗାଁ, ରାସ୍ତାଘାଟ ▸ପୃଷ୍ଠା-୧୦

# ଦ୍ୱିତୀୟ ଦିନ ଧରି ସଂସଦ ଅଚଳ

## ବିହାର ଭୋଟର ତାଲିକା ଉପରେ ଆଲୋଚନା ଦାବି

### ସଂସଦ ବାହାରେ ବିରୋଧୀଙ୍କ ବିକ୍ଷୋଭ

■ **ନୂଆଦିଲ୍ଲୀ, ୨୨।୭ (ଏଜେନ୍ସି):** ସଂସଦ ମୌସୁମୀ ଅଧିବେଶନର ଦ୍ୱିତୀୟ ଦିନରେ ଉଭୟ ଗୃହରେ ଆଜି ପ୍ରବଳ ହଙ୍ଗାମା ହୋଇଛି। ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସଆଇଆର)କୁ ବିରୋଧ କରି ବିରୋଧୀ ଦଳ ସଂସଦ ଭିତରେ ପ୍ରବଳ ହଟ୍ଟଗୋଳ କରିଥିବା ବେଳେ ବାହାରେ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସାଂସଦମାନେ ପହଲଗାମ ଆକ୍ରମଣ, 'ଅପରେସନ ସିନ୍ଦୂର' ଭଳି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀଙ୍କ ଜବାବ ଏବଂ ସଦନରେ ଚର୍ଚ୍ଚା ଦାବି କରି ଗତକାଲି ହଙ୍ଗାମା କରିଥିବା ବେଳେ ଆଜି ବିହାର ଉପରେ ତୁରନ୍ତ ଆଲୋଚନା ଦାବି କରିଛନ୍ତି। ଆଜି ଲୋକସଭା କାର୍ଯ୍ୟ ଆରମ୍ଭ ହେବାର ▸ପୃଷ୍ଠା-୧୦

# ଧନଖଡ଼ଙ୍କ ଇସ୍ତଫା ଗୃହୀତ

## ନୂଆ ଉପରାଷ୍ଟ୍ରପତିଙ୍କ ନାମକୁ ନେଇ ଚର୍ଚ୍ଚା

■ **ନୂଆଦିଲ୍ଲୀ, ୨୨।୭ (ଏଜେନ୍ସି):** ଜଗଦୀପ ଧନଖଡ଼ଙ୍କ ଇସ୍ତଫାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଗ୍ରହଣ କରିନେଇଛନ୍ତି। ଏହାସହିତ ଉପରାଷ୍ଟ୍ରପତି ପଦ ଖାଲି ପଡ଼ିଥିବାରୁ ଏହି ପଦ ଲାଗି ନିର୍ବାଚନ ପ୍ରକ୍ରିୟା ଖୁବଶୀଘ୍ର ଆରମ୍ଭ କରିବାକୁ ଯାଉଛନ୍ତି ନିର୍ବାଚନ କମିସନ। ନିଜର ପ୍ରାର୍ଥୀଙ୍କୁ ନିର୍ବାଚିତ କରାଇବା ଲାଗି ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ପାଖରେ ଆବଶ୍ୟକ ସଂଖ୍ୟା ରହିଛି। ତେଣୁ ଏନ୍‌ଡିଏ ପ୍ରାର୍ଥୀ ହିଁ ନୂଆ ଉପରାଷ୍ଟ୍ରପତି ହେବା ନିଶ୍ଚିତ। ତେବେ ଏହି ପଦରେ କିଏ ବସିବ, ଏହାକୁ ନେଇ କଳ୍ପନା ଜଳ୍ପନା ଆରମ୍ଭ ହୋଇଯାଇଛି।

ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଉପରାଷ୍ଟ୍ରପତି ପଦ ଖାଲି ହେବାମାତ୍ରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରିବେ ନିର୍ବାଚନ କମିସନ। କେବଳ ଲୋକସଭା ଏବଂ ରାଜ୍ୟସଭା ସଭ୍ୟ ଏହି ନିର୍ବାଚନରେ ଭାଗ ନେଇପାରିବେ। ▸ପୃଷ୍ଠା-୧୦

## ସୁପ୍ରିମକୋର୍ଟରେ ବଳଙ୍ଗା ନାବାଳିକା ପୋଡ଼ି ଘଟଣା

# ଆମେ ଲଜ୍ଜିତ



■ **ନୂଆଦିଲ୍ଲୀ, ୨୨।୭ (ଏଜେନ୍ସି):** ପୁରୀ ଜିଲ୍ଲା ବଳଙ୍ଗାରେ ନାବାଳିକାଙ୍କୁ ଜିଅନ୍ତା ଜଳାଇବା ମାମଲା ଉପରେ ଚିନ୍ତା ପ୍ରକଟ କରିଛନ୍ତି ଦେଶର ସର୍ବୋଚ୍ଚ ନ୍ୟାୟାଳୟ। ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ ବଳଙ୍ଗା ଘଟଣାକୁ ନେଇ 'ଆମେ ଲଜ୍ଜିତ' ବୋଲି ଟିପ୍ପଣୀ ଓଡ଼ିଶାକୁ ଜାତୀୟସ୍ତରରେ ନିନ୍ଦିତ କରିଛି।

ଏକ ମାମଲାର ବିଚାର ପ୍ରସଙ୍ଗରେ ବଳଙ୍ଗା ଘଟଣାକୁ ଉଲ୍ଲେଖ କରି ସୁପ୍ରିମକୋର୍ଟ କହିଛନ୍ତି ଯେ ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଯେ ଏଭଳି ମାମଲା ଏବେ ବି ଘଟୁଛି। ଏହା କୌଣସି ପ୍ରତିକୂଳ ମାମଲା ନୁହେଁ; ଏହି ମାମଲାରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାର ଓ ଅନ୍ୟ ସମ୍ବନ୍ଧିତ ପକ୍ଷଙ୍କୁ ଠୋସ୍ ପ୍ରସ୍ତାବ ମାଗିଛନ୍ତି। ଗ୍ରାମାଞ୍ଚଳରେ ସ୍କୁଲ ଛାତ୍ରୀ, ମହିଳା ଏବଂ ଶିଶୁଙ୍କୁ ସୁରକ୍ଷିତ ପରିବେଶ ମିଳିବା ଉଚିତ ବୋଲି କହିଛନ୍ତି। ଏମାନଙ୍କ ସଶକ୍ତୀକରଣ ଏବଂ ସୁରକ୍ଷା ପାଇଁ ଠୋସ୍ ପଦକ୍ଷେପ ନେବା ଜରୁରୀ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର କିଛି ଭଲ ପ୍ରଭାବ ଏବଂ ଅଦୃଶ୍ୟ ଚାପ ରହିବା ଉଚିତ। ବ୍ଲକସ୍ତରରେ ମହିଳାଙ୍କ ସୁରକ୍ଷା ସନିଶ୍ଚିତ କରିବା ଏବଂ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ସୁପ୍ରିମକୋର୍ଟ କ୍ଷଣସ୍ଥାୟୀ ଏବଂ ଦୀର୍ଘକାଳୀନ ପ୍ରସ୍ତାବ ମାଗିଛନ୍ତି। ମହିଳାଙ୍କ ଲାଗି ସାରା ଦେଶରେ ସୁରକ୍ଷିତ ପରିବେଶ ପ୍ରଦାନ ନିମନ୍ତେ ମାର୍ଗଦର୍ଶିକା ଜାରି ଦାବି କରି ଏକ ମାମଲାର ବିଚାର ପ୍ରସଙ୍ଗରେ ସୁପ୍ରିମକୋର୍ଟ ଏପରି ଟିପ୍ପଣୀ ଦେଇଛନ୍ତି।

# ଚାକିରି ପାଇ ବି ୧୮୫୩ ଯୁବକ ବେକାର



୪ ମାସ ହେଲା ପାଇଲେଣି ନିଯୁକ୍ତିପତ୍ର

■ **ଭୁବନେଶ୍ୱର, ୨୨।୭ (ସମିସ):** ନିଯୁକ୍ତିପତ୍ର ବଣ୍ଟା ହେଲା, ଚାକିରି ପାଇ ଯୁବକଯୁବତୀମାନେ ଖୁସି ହେଲେ। ମାତ୍ର ସରକାରଙ୍କ ନିଯୁକ୍ତି ପତ୍ର ମିଳିବା ପରେ ମଧ୍ୟ ସେମାନଙ୍କୁ ଚାକିରି ମିଳିନାହିଁ। ଚାରି ମାସ ହେଲା ଓଏସ୍‌ଏପି ଓ ଆଇଆର୍‌ବି ବାଟାଲିଅନ୍‌ରେ ନିଯୁକ୍ତି ପାଇଥିଲେ ବି ସେମାନେ କାର୍ଯ୍ୟରେ ଯୋଗ ଦେବାକୁ ଚାହିଁ ବସିଛନ୍ତି। ଇତି ମଧ୍ୟରେ ଏକାଧିକ ପରୀକ୍ଷାର୍ଥୀଙ୍କ ମୃତ୍ୟୁ ମଧ୍ୟ ହୋଇ ସାରିଲାଣି; ହେଲେ ସରକାର ଓ ସରକାରୀ ବ୍ୟବସ୍ଥା ସେମାନଙ୍କୁ ନ୍ୟାୟ ଦେଇ ପାରୁନି। ଅଦାଲତରେ ମାମଲା ଥିବା କହି ସରକାର ହାତ ଟେକି ଦେଇଛନ୍ତି। ତେଣୁ ମଧ୍ୟରେ ୧୮୫୩ ଜଣ କୃତୀ ପରୀକ୍ଷାର୍ଥୀଙ୍କୁ କାର୍ଯ୍ୟରେ ଯୋଗଦେବାକୁ ତ୍ୱରିତ ପଦକ୍ଷେପ ନିଆ ନଗଲେ ବିରାଟ ଆନ୍ଦୋଳନ ପାଇଁ ସେମାନେ ଚେତାବନୀ ଦେଇଛନ୍ତି।

ଗତ ସେପ୍ଟେମ୍ବର ୨୩ ତାରିଖରେ ଓଏସ୍‌ଏପି ଓ ଆଇଆର୍‌ବି ବାଟାଲିଅନ୍ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମାର୍ଚ୍ଚ ୫ ତାରିଖରେ ଚୂଡ଼ାନ୍ତ ପରୀକ୍ଷା ଫଳ ପ୍ରକାଶ ପରେ ମାର୍ଚ୍ଚ ୧୭ ତାରିଖରେ ସେମାନଙ୍କୁ ନିଯୁକ୍ତିପତ୍ର ଦିଆଯାଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ସେମାନଙ୍କୁ ଅଭିନନ୍ଦନ ଜଣାଇଲେ। ହେଲେ ଏବେ ଯାଏଁ ସେମାନଙ୍କୁ ଚାକିରିରେ ଯୋଗଦେବାକୁ ସୁଯୋଗ ଦିଆଯାଉନି। ଏହାରି ମଧ୍ୟରେ କେନ୍ଦ୍ରାପଡ଼ାର ଚନ୍ଦନ ସ୍ୱାଇଁ ନାମକ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ମଧ୍ୟ ଏହି ନିଯୁକ୍ତି ପାଇଥିଲେ। ଚାକିରିରେ ଯୋଗ ଦେଇଥିଲେ ହୁଏତ ତାଙ୍କ ମୃତ୍ୟୁ ହୋଇ ନ ଥାନ୍ତା। ତେଣୁ ତାଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଦାବି ହୋଇଛି।

ଆଇନ୍ ବିଭାଗ ଓ ଆଡଭୋକେଟ୍ ଜେନେରାଲ୍‌ଙ୍କୁ ବାରମ୍ବାର ପୁଲିସ୍ ମୁଖ୍ୟାଳୟ ଚିଠି କରି ତୁରନ୍ତ ନ୍ୟାୟିକ ପ୍ରକ୍ରିୟା ସାରିବାକୁ ଅନୁରୋଧ କରୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନାହାନ୍ତି। ଫଳରେ ହାଇକୋର୍ଟରେ ମାମଲା ଗଡ଼ିଗଡ଼ି ଚାଲିଛି। ସାଧାରଣ ଲୋକଙ୍କ ଝାଳବୁହା ଧନରେ ଦରମା ନେଉଥିବା ଏଜି ନ୍ୟାୟିକ ପ୍ରକ୍ରିୟାକୁ ବିଳମ୍ବିତ କରୁଛନ୍ତି। ଫଳରେ ଘରୋଇ ଚାକିରି ଛାଡ଼ି ଆସିଥିବା ପିଲାମାନେ ଆଉ ଫେରିପାରୁ ନାହାନ୍ତି। ସେମାନଙ୍କ ହାତ କି ଗୋଡ ଭାଙ୍ଗିଗଲେ ଆଉ ଚାକିରି ନ କରିପାରିବାର ଭୟ ଘାରୁଛି। ଫଳ ସ୍ୱରୂପ ଆର୍ଥିକ ସଂକଟ ଦେଇ ସମସ୍ତେ ଗତି କରୁଛନ୍ତି। କେବଳ ଆର୍ଥିକ ନୁହେଁ, ଆଇନଶୃଙ୍ଖଳା ଜଗିବା ଦାୟିତ୍ୱରେ ଥିବା ବ୍ୟକ୍ତି ମାନସିକ ଚାପରେ ମଧ୍ୟ ରହିଥିବା ଅଭିଯୋଗ କରିଛନ୍ତି।

## ସାପ ନେଉଛି ଜୀବନ

# ମୟୂରଭଞ୍ଜରେ ୫ ବର୍ଷରେ ମଲେଣି ୪୩୫

■ **ବାରିପଦା, ୨୨।୭ (ସମିସ):** ଆଦିବାସୀବହୁଳ ମୟୂରଭଞ୍ଜ ଜିଲ୍ଲାରେ ସାପ କାମୁଡ଼ାରେ ପ୍ରତିବର୍ଷ ଅନେକଙ୍କ ଜୀବନ ଯାଉଛି। ଗତ ୨୦୨୦ରୁ ୨୦୨୫ ଜୁନ୍ ପର୍ଯ୍ୟନ୍ତ ସାଢ଼େ ୫ବର୍ଷ ମଧ୍ୟରେ ସରକାରୀ ଭାବେ ଜିଲ୍ଲାରେ ସାପ କାମୁଡ଼ାରେ ୪୩୫ ଜଣଙ୍କ ମୃତ୍ୟୁ ଘଟିଛି। ସାପ କାମୁଡ଼ାରେ ଗତ ୨୦୨୦ ମସିହାରେ ଜିଲ୍ଲାରେ ୮୦ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୦୨୧ରେ ୮୮ଜଣ, ୨୦୨୨ରେ ୯୭, ୨୦୨୩ରେ ୮୭ ଏବଂ ୨୦୨୪ରେ ୬୫ଜଣଙ୍କ ମୃତ୍ୟୁ ଘଟିଛି। ଚଳିତ ବର୍ଷ ଏଯାଏ ୧୮ଜଣ ପ୍ରାଣ ହରାଇଥିବା ସରକାରୀ ଭାବେ ଜଣାପଡ଼ିଛି।



ବର୍ଷା ଋତୁରେ ସାପ ଗାତରେ ପାଣି ପଶିବା ଓ ଅତ୍ୟଧିକ ଗୁଳୁଗୁଳି ପାଇଁ ସାପ ବାହାରକୁ ପଳାଇ ଆସନ୍ତି ଏବଂ ଆଶ୍ରୟ ଆଶାରେ ଘରେ ପଶି ଯାଆନ୍ତି। ତେଣୁ ବିଶେଷକରି ବର୍ଷାଦିନେ ସାପକାମୁଡ଼ା ଜନିତ ମୃତ୍ୟୁ ଅଧିକ ପରିଲକ୍ଷିତ ହୋଇଥାଏ। ସାପ କାମୁଡ଼ା ଜନିତ ମୃତ୍ୟୁ ବୃଦ୍ଧିକୁ ରୋକିବା ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଏସ୍‌ଓପି ପ୍ରସ୍ତୁତ କରିଛନ୍ତି। ପ୍ରଶାସନ ପକ୍ଷରୁ ସେଥିପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି ବୋଲି ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶ୍ରଦ୍ଧା ସୁମନ କହିଛନ୍ତି। ଜିଲ୍ଲାର ସବୁ ଡାକ୍ତରଖାନାରେ ସାପ କାମୁଡ଼ା ଇଞ୍ଜେକସନ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରଖାଯାଇଛି ବୋଲି ସେ କହିଛନ୍ତି। ସେହିପରି, ଏସ୍‌ଓପି ନିର୍ଦ୍ଦେଶନାମା ଅନୁଯାୟୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ପକ୍ଷରୁ ସ୍ୱତନ୍ତ୍ର ଭାବେ ଆମ୍ବୁଲାନ୍ସ ସେବା ପ୍ରଦାନ କରିବା ପାଇଁ କରିବାକୁ ଜିଲ୍ଲାପାଳ ହେମକାନ୍ତ ସଏ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ସାପ କାମୁଡ଼ା ପ୍ରବଣ ଅଞ୍ଚଳରେ ବ୍ୟାପକ ଜନସଚେତନତା କରାଯିବାକୁ ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ସାପ କାମୁଡ଼ିଲେ କ'ଣ କରିବେ ଓ କ'ଣ ନ କରିବେ ସେ ନେଇ ଜନ ସାଧାରଣଙ୍କୁ ଅବଗତ କରାଯିବା ସହ ଘର ଚାରିପାଖ ସଫାସୁତୁରା ରଖିବା ସହ ବ୍ଲିଚିଂ, ଫିନାଇଲ ଓ ଥିମେଟ ପକାଇବା ଏବଂ ତଳେ ନ ଶୋଇବା ଉପରେ ଗୁରୁତ୍ୱ ଦିଆଯାଇଛି।



## ଭାରତୀୟ ସେନାକୁ ମିଳିଲା ତିନି ଆପାଚେ ହେଲିକପ୍ଟର



ନୂଆଦିଲ୍ଲୀ, ୨୨।୭ (ଏଜେନ୍ସି): ପ୍ରଥମ ପର୍ଯ୍ୟାୟରେ ଆମେରିକା ଭାରତକୁ ତିନୋଟି ଆପାଚେ ହେଲିକପ୍ଟର (ଏଏଚ-୬୪ଇ) ପ୍ରଦାନ କରିଛି। ସେନା ପକ୍ଷରୁ ମଙ୍ଗଳବାର ଏହି ସୂଚନା ଦିଆଯାଇଛି। ଆମେରିକାର ଏଣ୍ଟନୋଭ ଟ୍ରାନ୍ସପୋର୍ଟ ବିମାନରେ ଏହି ହେଲିକପ୍ଟରକୁ ଗାଜିଆବାଦର ହିଣ୍ଡନ ଏୟାରବେସ୍‌କୁ ଅଣାଯାଇଛି। ସେନା ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଚୁକ୍ତିଆଧାରରେ ୬ଟି ହେଲିକପ୍ଟର ଆସିବ। ଏଥିରୁ ତିନୋଟି ମିଳି ସାରିଛି। ଏହି ହେଲିକପ୍ଟରରେ ବାଲି ଭଳି ରଙ୍ଗ ଦିଆଯାଇଛି। ମରୁଭୂମି ଅଞ୍ଚଳରେ ଏହା ଲୁଚିବାରେ ସହାୟକ ହେବ। ଏହି ହେଲିକପ୍ଟର୍ସ ଦ୍ୱାରା ସେନାର ଆକ୍ରମଣ ଏବଂ ଅପରେସନାଲ କ୍ଷମତା ବୃଦ୍ଧି ପାଇବ। ଏଗୁଡିକୁ ପାକିସ୍ତାନକୁ ଲାଗିଥିବା ପଶ୍ଚିମ ସୀମାର ଯୋଧପୁରରେ ମୁତୟନ କରାଯିବ। ପ୍ରଥମ ଥର ପାଇଁ ସ୍ଥଳସେନାକୁ ଏହି ହେଲିକପ୍ଟର ମିଳିଛି। ଏହା ବିଶ୍ୱର ସବୁଠାରୁ ଉନ୍ନତ ହେଲିକପ୍ଟର। ପୂର୍ବରୁ ବାୟୁସେନା ପାଖରେ ୨୨ ଆପାଚେ ହେଲିକପ୍ଟର ରହିଛି। ଏହାର ଦୁଇଟି ସ୍କ୍ୱାଡ୍ରନ ଚୀନ୍ ଏବଂ ପାକିସ୍ତାନ ସୀମାରେ ମୁତୟନ। ୨୦୨୦ରେ ଆମେରିକା ୨୦ଟି ଆପାଚେ ହେଲିକପ୍ଟର ପ୍ରଦାନ କରିଥିଲା।

## ସେପ୍ଟେମ୍ବରରେ ଅବସର ନେବ ମିଗ୍-୨୧ ଲଢୁଆ ବିମାନ



ନୂଆଦିଲ୍ଲୀ, ୨୨।୭ (ଏଜେନ୍ସି): ଭାରତୀୟ ବାୟୁସେନାରେ ୬୨ ବର୍ଷ ପର୍ଯ୍ୟନ୍ତ ସେବା ଦେଇଥିବା ମିଗ୍-୨୧ ଲଢୁଆ ବିମାନକୁ ସେପ୍ଟେମ୍ବର ୧୯ରେ ସେବାରୁ ଅବସର ଦିଆଯିବ। ଚଣ୍ଡିଗଡ଼ ଏୟାରବେସ୍‌ରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହା ପରେ ଆନୁଷ୍ଠାନିକ ଭାବେ ବିମାନର ସେବାକୁ ବନ୍ଦ କରିଦିଆଯିବ। ୧୯୬୩ରେ ମିଗ୍-୨୧ ଜେଟ୍ ଭାରତୀୟ ବାୟୁସେନାରେ ସାମିଲ ହୋଇଥିଲା। ଏହା ଭାରତର ପ୍ରଥମ ସୁପରସୋନିକ ଜେଟ୍ ଥିଲା। ଅର୍ଥାତ୍ ଏହା ଧ୍ୱନିଠାରୁ ଅଧିକ ବେଗ (ସେକେଣ୍ଡ ପିଛା ୩୩୨ ମିଟର)ରେ ଗତି କରିପାରୁ ଥିଲା। ଏହି ବିମାନର ଶେଷ ଦୁଇଟି ସ୍କ୍ୱାଡ୍ରନ (୩୬ ମିଗ୍-୨୧) ରାଜସ୍ଥାନ ବିକାନେରର ନାଲ ଏୟାରବେସରେ ମୁତୟନ। ଏହାକୁ ନମ୍ବର ୩ ସ୍କ୍ୱାଡ୍ରନ କୋବରା ଏବଂ ନମ୍ବର ୨୩ ସ୍କ୍ୱାଡ୍ରନ ପାନ୍ଥର୍ସ ମଧ୍ୟ କୁହାଯାଏ।

ମିଗ୍-୨୧ ୧୯୬୫ର ଭାରତ-ପାକିସ୍ତାନ ଯୁଦ୍ଧ, ୧୯୭୧ର ବାଂଲାଦେଶ ମୁକ୍ତି ସଂଗ୍ରାମ, ୧୯୯୯ର କାରଗିଲ ଯୁଦ୍ଧରେ ସାମିଲ ହୋଇଥିଲା। ଏହା ୨୦୧୯ ବାଲାକୋଟ ଏୟାର ଷ୍ଟ୍ରାଇକରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଏବେ ତେଜସ ଏମକେ୧ଏ ଏହାର ସ୍ଥାନ ନେବ। ପ୍ରତିରକ୍ଷା ମନ୍ତ୍ରାଳୟର ସୂଚନା ଅନୁଯାୟୀ ୪୦୦ରୁ ଅଧିକ ମିଗ-୨୧ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୨୦୦ରୁ ଅଧିକ ପାଇଲଟଙ୍କ ଜୀବନ ମଧ୍ୟ ଯାଇଛି। ଏଥିପାଇଁ ଏହି ବିମାନକୁ 'ଉଡ଼ନ୍ତା କଫିନ' ତଥା 'ୱିଡୋ ମେକର' ମଧ୍ୟ କୁହାଯାଏ। ଭାରତ ୯୦୦ଟି ମିଗ୍-୨୧ ବିମାନ କ୍ରୟ କରିଥିଲା। ଏଥିରୁ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ ୬୬୦ଟି ବିମାନକୁ ଦେଶରେ ନିର୍ମାଣ କରିଥିଲା।

# ବିହାରରେ ବାଦପଡ଼ିଲେ ୫୨ ଲକ୍ଷ ଭୋଟର

## ସତ୍ୟପାଠରେ ସୁପ୍ରିମକୋର୍ଟଙ୍କୁ ଜଣାଇଲେ ନିର୍ବାଚନ କମିଶନ

## ଆଧାର କାର୍ଡ, ରାସନ କାର୍ଡ, ଭୋଟର କାର୍ଡକୁ ବୈଧ ପ୍ରମାଣପତ୍ର ଧରାଯିବନି

ନୂଆଦିଲ୍ଲୀ, ୨୨।୭ (ଏଜେନ୍ସି): ନିର୍ବାଚନ ପୂର୍ବରୁ ବିହାରରେ ଭୋଟର ତାଲିକା ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। ଏହାକୁ ନେଇ ବିରୋଧୀ ସଡ଼କଠାରୁ ସଂସଦ ପର୍ଯ୍ୟନ୍ତ ହଙ୍ଗାମା କରୁଛନ୍ତି। ଏପରି ସମୟରେ ନିର୍ବାଚନ କମିଶନ (ଇସି)ଙ୍କ ପକ୍ଷରୁ ବଡ଼ ସୂଚନା ଦିଆଯାଇଛି। ୫୨ ଲକ୍ଷ ଭୋଟରଙ୍କୁ ତାଲିକାରୁ ବାଦ୍ ଦିଆଯାଇଛି। ୧୮ ଲକ୍ଷ ଭୋଟର ପ୍ରାଣ ହରାଇଥିବାବେଳେ ୨୬ ଲକ୍ଷ ଭୋଟର ଅନ୍ୟ ବିଭିନ୍ନ ନିର୍ବାଚନ କ୍ଷେତ୍ରକୁ ପଳାଇଛନ୍ତି। ସେହିପରି ୭ ଲକ୍ଷ ଭୋଟର ଦୁଇଟି ସ୍ଥାନରେ ପଞ୍ଜିକୃତ କରିଛନ୍ତି। ଏମାନଙ୍କୁ ବାଦ୍ ଦେଇ ଅନ୍ୟ ଯୋଗ୍ୟ ଭୋଟର ଅଗଷ୍ଟ ୧ ତାରିଖରେ ଜାରି ହେବାକୁ ଥିବା ଚିଠା ନିର୍ବାଚନୀ ତାଲିକାରେ ସାମିଲ କରାଯିବ ବୋଲି ଇସିଙ୍କ ପକ୍ଷରୁ ସୁନିଶ୍ଚିତ କରାଯାଇଛି।

ଭୋଟରଙ୍କୁ ବାଦ ଦେବାକୁ ନେଇ ବିରୋଧୀଙ୍କ ଚିନ୍ତା ପ୍ରକଟ କରିଛନ୍ତି। ଏହାକୁ ନେଇ ବଡ଼ ବିବାଦ ସୃଷ୍ଟି ହୋଇଛି ଏବଂ ମାମଲା ମଧ୍ୟ କୋର୍ଟରେ ପହଞ୍ଚିଛି। ଏହାକୁ ନେଇ ଇସି ଆଶ୍ୱାସନା ଦେଇଛନ୍ତି ଯେ ତାଲିକାରେ ପରିବର୍ତ୍ତନ କରିବା ପାଇଁ ଲୋକଙ୍କୁ ଯଥେଷ୍ଟ ସମୟ ଦିଆଯିବ। ତାଲିକା ଉପରେ ଆପତ୍ତି ଜଣାଇବା ପାଇଁ ଅଗଷ୍ଟ ୧ରୁ ସେପ୍ଟେମ୍ବର ୧ ପର୍ଯ୍ୟନ୍ତ ସମୟ ଦିଆଯିବ। ଏହି ସମୟରେ ନାମ ସାମିଲ କିମ୍ବା ବାଦ ସହିତ ସଂଶୋଧନ କରିପାରିବେ। ବିନା ପ୍ରମାଣପତ୍ରରେ ଫର୍ମ ଦାଖଲ କରିଥିବା ଲୋକଙ୍କୁ ମଧ୍ୟ ତାଲିକାରେ ସାମିଲ କରାଯିବ। ଯଦି କୌଣସି ଭୋଟର ଗଣନା ଫର୍ମ ଦାଖଲ କରିନାହାନ୍ତି ତେବେ ସେମାନେ ଆବେଦନ ଦାଖଲ କରି ସ୍ୱଘୋଷଣା ପୂର୍ବରୁ ତାଲିକାରେ ସାମିଲ ହୋଇପାରିବେ। ଏହି ସବୁ ପ୍ରକ୍ରିୟା ସରିବା ପରେ ସେପ୍ଟେମ୍ବର ୩୦ରେ ଚୂଡ଼ାନ୍ତ ତାଲିକା ପ୍ରକାଶ କରାଯିବ। ଏହା ପରେ ବି ନାମାଙ୍କନ ଦାଖଲ ପର୍ଯ୍ୟନ୍ତ ନୂଆ ଭୋଟର ତାଲିକାରେ ସାମିଲ ହେବା ପାଇଁ ଆବେଦନ କରିପାରିବେ।

ଇସିଙ୍କ ପକ୍ଷରୁ ଜାରି ବିବୃତ୍ତିରେ କୁହାଯାଇଛି ଯେ ବିହାରର ସମସ୍ତ ୧୨ଟି ପ୍ରମୁଖ ରାଜନୈତିକ ଦଳର ଜିଲ୍ଲା ସଭାପତିମାନଙ୍କ ଦ୍ୱାରା ନିଯୁକ୍ତ ପ୍ରାୟ ୧ ଲକ୍ଷ ବିଏଲଓ, ୪ ଲକ୍ଷ ସ୍ୱେଚ୍ଛାସେବୀ ଏବଂ ୧.୫ ଲକ୍ଷ ବିଏଲଏ ଏପର୍ଯ୍ୟନ୍ତ ଗଣନା ଫର୍ମ (ଇଏଉ) ଦାଖଲ କରି ନଥିବା ଲୋକଙ୍କୁ ଖୋଜିବାରେ ଲାଗିଛନ୍ତି। ସେହିପରି ଏସଆଇଆରକୁ ବିରୋଧୀ ବିରୋଧ କରୁଥିବାବେଳେ ଇସି ଏହାକୁ ସାମ୍ବିଧାନିକ କର୍ତ୍ତବ୍ୟ କହିଛନ୍ତି। ମାମଲା ବିଚାରାଧୀନ ଥିବାବେଳେ ସମ୍ବିଧାନର ଧାରା ୩୨୪ ଅନୁଯାୟୀ ପ୍ରଦତ୍ତ କ୍ଷମତାକୁ ବ୍ୟବହାର କରି ସମଗ୍ର ପ୍ରକ୍ରିୟା ଏକ ସ୍ଥିର ଏବଂ କ୍ଷେତ୍ରାଧିକାର ଭିତିରେ ପରିଚାଳିତ ହେଉଛି ବୋଲି ଇସି ଯୁକ୍ତି ବାଢିଛନ୍ତି।

ଅନ୍ୟପଟେ ଏସଆଇଆରକୁ ନେଇ ଇସି ସୋମବାର ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କରିଛନ୍ତି। ଏସଆଇଆରରେ ସାମିଲ ହେବା ପାଇଁ ଆଧାର କାର୍ଡ, ଭୋଟର ପରିଚୟପତ୍ର ଏବଂ ରାସନ କାର୍ଡକୁ ବୈଧ ପ୍ରମାଣପତ୍ର ଭାବରେ ବିବେଚନା କରିବାକୁ ସୁପ୍ରିମକୋର୍ଟ ଦେଇଥିବା ପ୍ରସ୍ତାବରେ ଇସି ଅସହମତି ପ୍ରକାଶ କରିଛନ୍ତି। ଏଗୁଡ଼ିକ ଉପରେ ନିର୍ଭର କରାଯାଇପାରିବ ନାହିଁ ବୋଲି କହିଛନ୍ତି। ଆଧାର କେବଳ ଏକ ପରିଚୟ ପ୍ରମାଣପତ୍ର। ଦେଶରେ ବହୁ ସଂଖ୍ୟକ ନକଲି ରାସନ କାର୍ଡ ରହିଛି। ପୂର୍ବରୁ ଥିବା ଭୋଟର କାର୍ଡ ଉପରେ ନିର୍ଭର କରିବା ଦ୍ୱାରା ଏହି ସ୍ୱତନ୍ତ୍ର ଅଭିଯାନ ନିରର୍ଥକ ହୋଇଯିବ ବୋଲି କହିଛନ୍ତି। ଭୋଟର ତାଲିକାର ସାମିଲ ହୋଇ ନଥିବାରୁ କୌଣସି ବ୍ୟକ୍ତିଙ୍କ ନାଗରିକତା ସମାପ୍ତ ହେବ ନାହିଁ ବୋଲି ଇସି ସ୍ୱଷ୍ଟ କରିଛନ୍ତି। ଏହି ପ୍ରକ୍ରିୟାରେ କୌଣସି ଆଇନ ଏବଂ ଭୋଟରଙ୍କ ମୌଳିକ ଅଧିକାରର ଉଲ୍ଲଂଘନ ହୋଇନାହିଁ। ଭୋଟର ତାଲିକାରେ ଯାଞ୍ଚ ବାତିଲ କରିବା ଏବଂ ନଭେମ୍ବର ବିଧାନସଭା ନିର୍ବାଚନ କରିବା ପାଇଁ ୧୧ଟି ବିରୋଧୀ ଦଳ, ଏନଜିଓ ଏବଂ ବିହାରର କିଛି ବାସିନ୍ଦାଙ୍କ ଦ୍ୱାରା ଦାୟର ଆବେଦନକୁ ଖାରଜ କରିବାକୁ କୋର୍ଟଙ୍କୁ ଅନୁରୋଧ କରିଛନ୍ତି।

**ସିବିଆଇକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା**

## କୋର୍ଟ ଆସିବାକୁ ବି ସାହସ ନାହିଁ

ନୂଆଦିଲ୍ଲୀ, ୨୨।୭ (ଏଜେନ୍ସି): ସୁପ୍ରିମକୋର୍ଟ ମଙ୍ଗଳବାର କେନ୍ଦ୍ରୀୟ ଯାଞ୍ଚ ଏଜେନ୍ସି ସିବିଆଇକୁ ତୀବ୍ର ଭର୍ତ୍ସନା କରିଛନ୍ତି। ଇଣ୍ଡିଆ ବୁଲ୍ସ ଫାଇନାନ୍ସ ଲିମିଟେଡ (ଆଇଏଚଏଫଏଲ) ବିରୋଧୀ ମାମଲାରେ ନୋଟିସ ଜାରି କରିବା ସତ୍ତ୍ୱେ ହାଜର ନ ହେବାକୁ ନେଇ ସର୍ବୋଚ୍ଚ ନ୍ୟାୟାଳୟ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏଭଳି ଆଚରଣ ଗ୍ରହଣଯୋଗ୍ୟ ନୁହେଁ ବୋଲି କହିଛନ୍ତି। ସୁପ୍ରିମକୋର୍ଟ ନୋଟିସ କରିଛନ୍ତି ମାନେ ହାଜର ହେବାକୁ ପଡ଼ିବ। ହାଜର ହୋଇପାରିବୁ ନାହିଁ ବୋଲି ସିବିଆଇ କେମିତି କହିପାରିବ ବୋଲି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି। ଆଇଏଚଏଫଏଲ ତଥା ସମ୍ମାନ କ୍ୟାପିଟାଲ ଲିମିଟେଡର ପ୍ରମୋଟରଙ୍କ ଦ୍ୱାରା ହୋଇଥିବା ଅର୍ଥ ହେରଫେର ମାମଲାର ଏସଆଇଟି ତଦନ୍ତ ଦାବିକୁ ପୂର୍ବରୁ ଦିଲ୍ଲୀ ହାଇକୋର୍ଟ ଖାରଜ କରି ଦେଇଥିଲେ। ଏହା ବିରୋଧରେ ଆବେଦନକାରୀ ସୁପ୍ରିମକୋର୍ଟ ଯାଇଥିଲେ। ଏବେ ଖଣ୍ଡପୀଠ ଶୁଣାଣି କରି ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି।

ଆବେଦନକାରୀଙ୍କ ପକ୍ଷରୁ ଓକିଲ ପ୍ରଶାନ୍ତ ଭୂଷଣ କହିଥିଲେ ଯେ କୌଣସି ଅପରାଧ ହୋଇ ନ ଥିବାରୁ କାର୍ଯ୍ୟାନୁଷ୍ଠାନ ନେବାକୁ ଇଡି ମନା କରିଦେଇଥିଲା। ତେଣୁ ପରେ ମାମଲା ରୁଜୁ ପାଇଁ ସିବିଆଇକୁ ନିବେଦନ କରାଯାଇଥିଲା। ଏହା ଉପରେ ଜଷ୍ଟିସ ସୂର୍ଯ୍ୟକାନ୍ତ କହିଥିଲେ ଯେ ଏହି ମାମଲା ଟଙ୍କା ହେରଫେର ସମ୍ବନ୍ଧିତ। ତେଣୁ ସିବିଆଇକୁ ଯାଞ୍ଚ କରି ରିପୋର୍ଟ ଦାଖଲ କରିବାକୁ କହିଥିଲେ। ସିବିଆଇକୁ ନୋଟିସ ଜାରି କରାଯାଇଥିବା ଦେଖି କୋର୍ଟ ପ୍ରଶ୍ନ କରିଥିଲେ ଯେ କୋର୍ଟ ଆସିବାକୁ ବି ସିବିଆଇର ସାହସ ନାହିଁ କି? ସୂଚନା ପାଇଁ ଅତିରିକ୍ତ ସଲିସିଟର ଜେନେରାଲ (ଏଏସଜି) ସପ୍ତାହେ ସମୟ ମାଗିବାରୁ କୋର୍ଟ ଅନୁମତି ଦେଇଥିଲେ। କାର୍ଯ୍ୟାନୁଷ୍ଠାନ ପାଇଁ ଅଭିଯୋଗକାରୀଙ୍କ ଆବଶ୍ୟକତା ନାହିଁ ବୋଲି କୋର୍ଟ ମନେ ପକାଇ ଦେଇଥିଲେ। ଆଉ କ'ଣ ସୂଚନା ଦରକାର ବୋଲି ପଚାରି ଥିଲେ। ରେକର୍ଡ ପୂର୍ବରୁ ସିବିଆଇ ପାଖରେ ଅଛି ବୋଲି କହିଥିଲେ। ୩୦ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ।

## କଂଗ୍ରେସ ଆବେଦନକୁ ଖାରଜ କଲେ ଟ୍ରିବ୍ୟୁନାଲ

**୧୯୯ କୋଟିର ଚାନ୍ଦା ଉପରେ ଟିକସ ମାମଲା**

ନୂଆଦିଲ୍ଲୀ, ୨୨।୭ (ଏଜେନ୍ସି): କଂଗ୍ରେସ ଦଳକୁ ବଡ଼ ଝଟ୍‌କା ଲାଗିଛି। କଂଗ୍ରେସକୁ ମିଳିଥିବା ୧୯୯ କୋଟିର ଚାନ୍ଦାର ଉପରେ ଟିକସ ଆଶ୍ୱସ୍ତି ପାଇଁ କରାଯାଇଥିବା ଆବେଦନକୁ ଇନ୍‌କମ୍ ଟ୍ୟାକ୍ସ ଅପିଲ ଟ୍ରିବ୍ୟୁନାଲ (ଆଇଟିଏଟି) ମଙ୍ଗଳବାର ଖାରଜ କରିଦେଇଛନ୍ତି। ଆୟକର ରିଟର୍ଣ୍ଣ ବିଳମ୍ବରେ ଦାଖଲ କରିବା ଏବଂ ନଗଦ ଦାନର ସୀମା ଉଲ୍ଲଙ୍ଘନକୁ ଟ୍ରିବ୍ୟୁନାଲ କାରଣ ଦର୍ଶାଇଛନ୍ତି। ଦୁଇ ସଦସ୍ୟ ବିଶିଷ୍ଟ ଖଣ୍ଡପୀଠ ରାୟ ଦେଇଛନ୍ତି ଯେ ୨୦୧୯ ଫେବୃଆରୀ ୨ ରେ ଦାଖଲ କଂଗ୍ରେସର ଟିକସ ରିଟର୍ଣ୍ଣ ଦାଖଲ କରିଥିଲା। କିନ୍ତୁ ନିର୍ଦ୍ଧାରିତ ତାରିଖ ମଧ୍ୟରେ ଏହା କରାଯାଇ ନ ଥିବାରୁ ଟିକସ ଛାଡ଼ କରାଯାଇପାରିବ ନାହିଁ। ଟ୍ରିବ୍ୟୁନାଲ୍ ଟିକସ ଅଧିକାରୀଙ୍କ ନିଷ୍ପତ୍ତିକୁ ସମର୍ଥନ କରିଛନ୍ତି ଏବଂ କହିଛନ୍ତି ଯେ ଦଳକୁ ଦାନ ଟଙ୍କା ଉପରେ ମଧ୍ୟ ଟିକସ ଦେବାକୁ ପଡିବ।

ସୂଚନା ଅନୁଯାୟୀ କଂଗ୍ରେସ ଫେବୃଆରୀ ୨, ୨୦୧୯ ରେ ଧାରା ୧୩୯(୧) ଅନୁଯାୟୀ ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ଆୟକର ରିଟର୍ଣ୍ଣ ଦାଖଲ କରିଥିଲା। ଟିକସ ଦାଖଲ କରିବାର ଶେଷ ତାରିଖ ଡିସେମ୍ବର ୩୧, ୨୦୧୮ ଥିଲା। ପ୍ରାପ୍ତ ଦାନରେ ଧାରା ୧୩ଏ ଅନୁଯାୟୀ ୧୯୯.୧୫ କୋଟି ଟଙ୍କା ଆଶ୍ୱସ୍ତି ଦାବି କରିବା ପରେ କଂଗ୍ରେସ ଟିକସ ରିଟର୍ଣ୍ଣରେ ନିଜର ଆୟକୁ ଶୂନ୍ୟ ଘୋଷଣା କରିଥିଲା।




ସଂସଦ ଭବନ ବାହାରେ ବିକ୍ଷୋଭ କରୁଛନ୍ତି ବିରୋଧୀ

## ୨୦୦୬ ମୁମ୍ବାଇ ଟ୍ରେନ ବିସ୍ଫୋରଣ ମାମଲା

## ସୁପ୍ରିମକୋର୍ଟ ଗଲେ ମହାରାଷ୍ଟ୍ର ସରକାର

ମୁମ୍ବାଇ, ୨୨।୭ (ଏଜେନ୍ସି): ମୁମ୍ବାଇ ସିରିଏଲ ଟ୍ରେନ ବିସ୍ଫୋରଣ (୨୦୦୬) ଉପରେ ହାଇକୋର୍ଟଙ୍କ ରାୟକୁ ବିରୋଧ କରି ମହାରାଷ୍ଟ୍ର ସରକାର ସୁପ୍ରିମକୋର୍ଟ ଯାଇଛନ୍ତି। ମହାରାଷ୍ଟ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟା ତୁରନ୍ତ ଶୁଣାଣି ପାଇଁ ସୁ ଆବେଦନ କରିଥିଲେ। ତେବେ ୨୪ ତାରିଖରେଏହିମାମଲାରଶୁଣାଣିହେବବୋଲିକୋର୍ଟକହିଥିଲେ।

ଉଲ୍ଲେଖଥାଉ କି, ୨୦୦୬ ଜୁଲାଇ ୧୧ରେ ମୁମ୍ବାଇର ୱେଷ୍ଟର୍ଣ୍ଣ ସବ ଅର୍ବାନ ଟ୍ରେନ୍‌ର ୭ଟି ବଗିରେ କ୍ରମାଗତ ବିସ୍ଫୋରଣ ହୋଇଥିଲା। ଏଥିରେ ୧୮୯ ଯାତ୍ରୀ ମୃତ୍ୟୁବରଣ କରିଥିଲେ ଓ ୮୨୪ ଜଣ ଆହତ ହୋଇଥିଲେ। ଫାର୍ଷ୍ଟକ୍ଲାସ କୋଚ୍ ଗୁଡିକରେ ହିଁ ସବୁ ବିସ୍ଫୋରଣ ହୋଇଥିଲା। ସନ୍ଧ୍ୟା ୬.୨୪ରୁ ୬.୩୫ ମିନିଟ୍ ମଧ୍ୟରେ ଗୋଟିଏ ପରେ ଗୋଟିଏ ବିସ୍ଫୋରଣ ହୋଇଥିଲା। ଲୋକାଲ ଟ୍ରେନ୍‌ର ଫାର୍ଷ୍ଟକ୍ଲାସ ବଗିରେ ଗୁଡିକରେ ଏହି ବିସ୍ଫୋରଣ କରାଯାଇଥିଲା। ଖାର, ବାନ୍ଦ୍ରା, ଜାଗେଶ୍ୱରୀ, ମହିମ, ବୋରିବାଲି, ମାଟୁଙ୍ଗା ଓ ମୀରା- ଭାୟାନ୍ଦର ରେଳ ଷ୍ଟେସନ ନିକଟ୍‌ରେ ଏହି ସବୁ ବିସ୍ଫେରୋଣ ହୋଇଥିଲା। ଟ୍ରେନ୍‌ରେ ଲଗା ଯାଇଥିବା ବମ୍‌ରେ ଆରଡିଏକ୍ସ, ଆମୋନିୟମ ନାଇଟ୍ରେଟ୍, ଫୁଏଲ ତେଲ ଓ ଲୁହା କଣ୍ଟାର ବ୍ୟବହାର ହୋଇଥିଲା। ୭ଟି ପ୍ରେସର କୁକରରେ ରଖାଯାଇ ବମ୍‌ଗୁଡିକ ଟାଇମର ଦ୍ୱାରା ଉଡାଇ ଦିଆଯାଇଥିଲା। ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଇବାର ଆଜମ ଚିମା ପାକିସ୍ତାନସ୍ଥିତ ନିଜ ବାହବଲପୁର ଘରୁ ସିମି ଓ ଲସ୍କରର ଦୁଇଟି ଗ୍ରୁପ୍ ସହ ମିସି ଷଡ଼୍‌ଯନ୍ତ୍ର କରି ଏହି ବିସ୍ଫୋରଣ ଘଟାଇଥିଲା ବୋଲି ପୁଲିସ ତା'ର ଅଭିଯୋଗ ପତ୍ରରେ ଉଲ୍ଲେଖ କରିଥିଲା। ଏଥିପାଇଁ ବାହବଲପୁରରୁ ୫୦ଜଣ ଯୁବକଙ୍କୁ ଭାରତ ପଠାଯାଇଥିଲା। ୧୨ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ମୃତ୍ୟୁବରଣ କରିଛନ୍ତି। ଏବେ ହାଇକୋର୍ଟଙ୍କ ଏହି ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇ ପାରିବ ବୋଲି କୁହାଯାଇଛି। ୨୦୦୬ରେ ୧୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ୯ ବର୍ଷ କେସ୍ ଚାଲିବା ପରେ ସ୍ପେଶାଲ କୋର୍ଟ ୨୦୧୫ ସେପ୍ଟେମ୍ବର ୧୧ରେ ରାୟ ଦେଇଥିଲେ। ୧୩ ଜଣଙ୍କ ମଧ୍ୟରୁ ୫ ଜଣଙ୍କୁ ଫାଶୀଦଣ୍ଡରେ ଦଣ୍ଡିତ କରାଯାଇଥିବା ବେଳେ ୭ଜଣଙ୍କୁ ଆଜୀବନ କରାଦଣ୍ଡରେ ଦଣ୍ଡିତ କରାଯାଇଥିଲା। ଜଣେ ଅଭିଯୁକ୍ତଙ୍କୁ କୋର୍ଟ ମୁକ୍ତ କରିଥିଲେ। ଏହାପରେ ୨୦୧୬ରେ ସବୁ ଅଭିଯୁକ୍ତ ବମ୍ବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୯ ବର୍ଷ କେସ ଚାଲିବା ପରେ ହାଇକୋର୍ଟ ସୋମବାର ସମସ୍ତଙ୍କୁ ଖଲାସ କରି ଦେଇଥିଲେ।

## ୩୮ ଦିନ ପରେ ଭାରତ ଛାଡ଼ିଲା ବ୍ରିଟିଶ ଲଢୁଆ ବିମାନ

ତିରୁଅନନ୍ତପୁରମ, ୨୨।୭ (ଏଜେନ୍ସି): ଦୀର୍ଘ ୩୮ ଦିନ ପରେ ତିରୁଅନନ୍ତପୁରମ ଅନ୍ତର୍ଜାତୀୟ ବିମାନବନ୍ଦରରେ ଛିଡ଼ା ହୋଇଥିବା ବ୍ରିଟିଶ ଲଢୁଆ ବିମାନ ଏଫ୍-୩୫ବି ମଙ୍ଗଳବାର ଉଡ଼ାଣ କରିଛି। ହାଇଡ୍ରୋଲିକ୍ ଫେଲ୍ ହୋଇ ଯାଇଥିବା ଯୋଗୁଁ ଏହି ବିମାନ ଉଡ଼ି ପାରୁ ନ ଥିଲା। ଏହାକୁ ଠିକ୍ କରିବା ପାଇଁ ୨୫ ଇଞ୍ଜିନିୟରଙ୍କ ଟିମ୍ ଗତ ୬ ତାରିଖରେ ବ୍ରିଟେନରୁ ଭାରତ ଆସିଥିଲା। ଏଠାରେ ଏତେ ଦିନ ରହିଥିବାରୁ ବ୍ରିଟେନକୁ ୯ ଲକ୍ଷରୁ ଅଧିକ ଟଙ୍କା ଭଡ଼ା ଦେବାକୁ ପଡିଛି। ଏହି ଲଢୁଆ ଷ୍ଟିଲ୍‌ଥ ବିମାନ ବ୍ରିଟେନ ଅଭିମୁଖେ ଯାତ୍ରା ଆରମ୍ଭ କରିଦେଇଛି। ସୂଚନା ଅନୁଯାୟୀ ଜୁନ୍ ୧୪ ତାରିଖ ରାତିରେ ସାମୁଦ୍ରିକ ସମରାଭ୍ୟାସ ପାଇଁ ଏହା ଆରବ ସାଗରରୁ ନିୟମିତ ଉଡ଼ାଣ ଆରମ୍ଭ କରିଥିଲା। ଏହା ଖରାପ ପାଣିପାଗ ଏବଂ କମ୍ ଇନ୍ଧନ ଯୋଗୁଁ ତିରୁଅନନ୍ତପୁରମ ବିମାନବନ୍ଦରରେ ଜରୁରୀ ଅବତରଣ କରିଥିଲା। ମାତ୍ର ଅବତରଣ ପରେ ଏହି ଲଢୁଆ ବିମାନରେ ଯାନ୍ତ୍ରିକ ତ୍ରୁଟି ଦେଖା ଯାଇଥିଲା। ଏଥିଯୋଗୁଁ ଏହା ଫେରି ପାରି ନ ଥିଲା। ୯୧୮ କୋଟି ଟଙ୍କାର ପଞ୍ଚମ ପିଢିର ଏହି ବିମାନ ବ୍ରିଟେନ ରୟାଲ ନେଭିର ଏଚ୍ଏମଏସ ପ୍ରିନ୍ସ ଅଫ୍ ୱେଲ୍ସ କ୍ୟାରିୟର ଷ୍ଟ୍ରାଇକ ଗ୍ରୁପ୍‌ର ଅଂଶବିଶେଷ। ଏହି ବିମାନର ମରାମତି ଏବଂ ରକଭରି ପ୍ରକ୍ରିୟାରେ ସହଯୋଗ କରିଥିବାରୁ ଭାରତକୁ ବ୍ରିଟିଶ ଉଚ୍ଚାୟୁକ୍ତ ଧନ୍ୟବାଦ ଦେଇଛନ୍ତି।

## ଗୋଲ୍ଡେନ ଡୋମ୍ ପ୍ରକଳ୍ପରୁ ମସ୍କଙ୍କୁ ହଟାଇପାରନ୍ତି ଟ୍ରମ୍ପ

ୱାଶିଂଟନ, ୨୨।୭ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କୋଟିପତି ଏଲନ ମସ୍କଙ୍କ କମ୍ପାନୀ ସ୍ପେସଏକ୍ସକୁ ନିଜ ଡ୍ରିମ୍ ଗୋଲଡେନ ଡୋମ ପ୍ରୋଜେକ୍ଟରୁ ବାହାର କରିପାରନ୍ତି। ଏହା ଏକ କ୍ଷେପଣାସ୍ତ୍ର ପ୍ରତିରକ୍ଷା ପ୍ରଣାଳୀ। ଆମେରିକାକୁ ବିଦେଶୀ ବାୟୁଆକ୍ରମଣରୁ ରକ୍ଷା କରିବା ପାଇଁ ଏହାକୁ ନିର୍ମାଣ କରାଯିବାର ଥିଲା। ରିପୋର୍ଟ ଅନୁଯାୟୀ, ଟ୍ରମ୍ପ ପ୍ରଶାସନ ଏହି ଗୁରୁତ୍ୱପୂର୍ଣ୍ଣ ୧୭୫ ବିଲିୟନ ଡଲାରର ପ୍ରକଳ୍ପ ପାଇଁ ନୂତନ ବିକଳ୍ପ ଖୋଜିବା ଆରମ୍ଭ କରିଛି। ସ୍ପେସଏକ୍ସ ବଦଳରେ, ଜେଫ ବେଜୋସଙ୍କ କମ୍ପାନୀ ଆମାଜନର ପ୍ରୋଜେକ୍ଟ କୁଇପରକୁ ସୁଯୋଗ ମିଳିପାରେ। ଏହା ବ୍ୟତୀତ, ଅନେକ ବଡ଼ ପ୍ରତିରକ୍ଷା କମ୍ପାନୀ ମଧ୍ୟ ଦୌଡ଼ରେ ଅଛନ୍ତି।ଗତ ଦୁଇ ମାସ ଧରି ଟ୍ରମ୍ପ ଏବଂ ମସ୍କଙ୍କ ମଧ୍ୟରେ ବିବାଦ ଏହି ପରିବର୍ତ୍ତନ ପଛରେ କାରଣ ବୋଲି ବିଶ୍ୱାସ କରାଯାଉଛି।

## ଟଙ୍କା ଆଦାୟ ପାଇଁ ଆପରାଧିକ ମାମଲା ଲଗାଇବା ଆଇନର ଅପବ୍ୟବହାର

ନୂଆଦିଲ୍ଲୀ, ୨୨।୭ (ଏଜେନ୍ସି): ଟଙ୍କା ଆଦାୟ ପାଇଁ ଆପରାଧିକ ମାମଲା ରୁଜୁ କରିବା ଦ୍ୱାରା ଆଇନର ଅପବ୍ୟବହାର ହେଉଛି ବୋଲି ସୁପ୍ରିମକୋର୍ଟ କହିଛନ୍ତି। କାରଣ ଏହା ଏକ ଦେୱାନୀ ମାମଲା। ଏ ନେଇ ଦିଆଯାଇଥିବା ପୂର୍ବ ରାୟକୁ ଉଲ୍ଲଙ୍ଘନ କରି ମାମଲା ଚଳାଇବାକୁ ଅନୁମତି ଦେବା ନେଇ ହାଇକୋର୍ଟଙ୍କ ନିଷ୍ପତ୍ତି ଉପରେ ସୁପ୍ରିମକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ବଲିଉଡ ଚଳଚ୍ଚିତ୍ର ନିର୍ମାତା ଶୈଳେଶ କୁମାର ସିଂହ ବିରୋଧରେ ଏକ ପ୍ରଡକ୍ସନ ହାଉସ ଦ୍ୱାରା ରୁଜୁ ଆପରାଧିକ ମାମଲାକୁ ଖାରଜ କରି ସର୍ବୋଚ୍ଚ ନ୍ୟାୟାଳୟ ଏହି ଟିପ୍ପଣୀ ଦେଇଛନ୍ତି। ହାଇକୋର୍ଟଙ୍କୁ ସମାଲୋଚନା କରି ଜଷ୍ଟିସ ଜେବି ପାରଦିୱାଲା ଏବଂ ଆର ମହାଦେବନଙ୍କ ଖଣ୍ଡପୀଠ କହିଛନ୍ତି ଯେ ଏଭଳି ମାମଲାରେ ଆଉ କେତେ ଥର ହାଇକୋର୍ଟମାନଙ୍କୁ ପରାମର୍ଶ ଦିଆଯିବ। ଏତଲା ପଢିଲେ ଏହା କୌଣସି ଆପରାଧିକ ମାମଲା ନୁହେଁ ବୋଲି ଜଣାପଡୁଛି।

# ୩୦୦ ନଦୀବନ୍ଧ ଭାଙ୍ଗିଦେଲା ଚୀନ୍

## ବନ୍ଦ କରିଦେଲା ୩୪୨ ଶକ୍ତିକେନ୍ଦ୍ର

## ୨୦୨୩ ସୁଦ୍ଧା ୨୧୧୯ ବନ୍ଧ ଭାଙ୍ଗିଲାଣି ଆମେରିକା

ବେଜିଂ, ୨୨।୭ (ଏଜେନ୍ସି): ଭାରତ ନଦୀ ବନ୍ଧ ନିର୍ମାଣକୁ ଗୁରୁତ୍ୱ ଦେଉଛି। ମାତ୍ର ପଡ଼ୋଶୀ ରାଷ୍ଟ୍ର ଚୀନ୍ ଏଭଳି ଏକ ପଦକ୍ଷେପ ନେଇଛି ଯାହାକୁ ନେଇ ସାରା ବିଶ୍ୱରେ ଚର୍ଚ୍ଚା ଜୋର୍ ଧରିଛି। ଏହି କମ୍ୟୁନିଷ୍ଟ ଦେଶ ଏକ ଅପ୍ରତ୍ୟାଶିତ ପଦକ୍ଷେପ ନେଇ ୩୦୦ ନଦୀ ବନ୍ଧ ଭାଙ୍ଗି ଦେଇଛି। ମେଗା ଡ୍ୟାମ୍ ନିର୍ମାଣ ଲାଗି ପରିଚିତ ବେଜିଂର ଏହି ପଦକ୍ଷେପ ସଭିଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି। କେବଳ ସେତିକି ନୁହେଁ, ୩୫୦ ଜଳ ବିଦ୍ୟୁତ କେନ୍ଦ୍ରକୁ ମଧ୍ୟ ଡିକମିସନ ଅର୍ଥାତ୍ ବନ୍ଦ କରିଦେଇଛି। ପରିବେଶ ଏବଂ ଜୈବ ବିବିଧତାକୁ ନେଇ ଚିନ୍ତା ପ୍ରକାଶ ପାଇବା ପରେ ଚୀନ୍ ଏହି ପଦକ୍ଷେପ ନେଇଛି। ଚୀନ୍ ଯେଉଁ ବନ୍ଧ ଭାଙ୍ଗିଛି ତାହା ଉପର ୟାଙ୍ଗଜେ ନଦୀର ମୁଖ୍ୟ ସହାୟକ 'ଲୋହିତ ନଦୀ'ରେ ନିର୍ମାଣ ହୋଇଥିଲା। ଏହାକୁ 'ଚିସୁଇ ହେ' ନଦୀ ମଧ୍ୟ କୁହାଯାଏ।

ୟାଙ୍ଗଜେ ନଦୀକୁ ଚୀନ୍‌ରେ ଚାଙ୍ଗ ଜିଆଙ୍ଗ କୁହାଯାଏ। ଏହା ଏସିଆର ଦୀର୍ଘତମ ଏବଂ ବିଶ୍ୱର ତୃତୀୟ ଦୀର୍ଘତମ ନଦୀ। ଏହା ୬,୩୦୦ କିମି ଯାଏଁ ବ୍ୟାପିଛି। ଏହି ନଦୀ ଚୀନ୍‌ର ଅର୍ଥ ବ୍ୟବସ୍ଥା, ସଂସ୍କୃତି ଏବଂ ଇତିହାସରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।ଏହା କୃଷି, ବ୍ୟବସାୟ ଏବଂ ଜଳ ବିଦ୍ୟୁତ ଉତ୍ପାଦନର କେନ୍ଦ୍ର ଏବଂ ଜୈବ ବିବିଧତା ପାଇଁ ମଧ୍ୟ ମହତ୍ତ୍ୱପୂର୍ଣ୍ଣ। ଏଠାରେ ବିରଳ ପ୍ରଜାତିର ଜୀବ ଅଛନ୍ତି। କିନ୍ତୁ ଏହି ନଦୀକୁ ଜୀବନ ଦେଉଥିବା ସହାୟକ ନଦୀ ଉପରେ ନିର୍ମିତ ଡ୍ୟାମ୍ ଏବଂ ଜଳ ବିଦ୍ୟୁତ କେନ୍ଦ୍ର ପରିସଂସ୍ଥା ଉପରେ ଗୁରୁତର ପ୍ରଭାବ ପକାଇ ଥିଲା। ସିନ୍‌ହୁଆ ରିପୋର୍ଟ ଅନୁଯାୟୀ ୨୦୨୪ ଡିସେମ୍ବର ଶେଷ ସୁଦ୍ଧା ଲୋହିତ ନଦୀ ଉପରେ ଥିବା ୩୫୭ରୁ ୩୦୦ ଡ୍ୟାମ୍‌କୁ ଧ୍ୱଂସ କରିଦିଆଯାଇଥିଲା। ସେହିପରି ୩୭୩ କ୍ଷୁଦ୍ର ଜଳ ବିଦ୍ୟୁତ କେନ୍ଦ୍ରରୁ ୩୪୨ଟିକୁ ବନ୍ଦ କରିଦିଆଯାଇଛି। ଏହାର ସକରାତ୍ମକ ପ୍ରଭାବ ମଧ୍ୟ ପଡ଼ିଥିଲା। ଏଥିପାଇଁ ଅନେକ ବିଲୁପ୍ତ ପ୍ରାୟ ମାଛ ପ୍ରଜାତି ନିଜ ପ୍ରାକୃତିକ ପ୍ରଜନନ ଚକ୍ର ଫେରି ପାଇବାରେ ସକ୍ଷମ ହୋଇଥିଲେ। ଗତ କିଛି ଦଶନ୍ଧି ହେଲା ବନ୍ଧ ଏବଂ ଜଳ ବିଦ୍ୟୁତ କେନ୍ଦ୍ର ଦ୍ୱାରା ଜଳ ପ୍ରବାହକୁ ଅଟକା ଯାଇଥିଲା। ଏହା ଦ୍ୱାର ନିମ୍ନ ଅବବାହିକାରେ



ଜଳ ସୀମିତ ହୋଇ ଯାଇଥିଲା। ଆଉ କିଛି ସ୍ଥାନରେ ପାଣି ସମ୍ପୂର୍ଣ୍ଣ ଶୁଖି ଯାଉଥିଲା। ଜଳଚର ପ୍ରାଣୀଙ୍କ ଉପରେ ଏହାର ଗଭୀର ପ୍ରଭାବ ପଡ଼ିଥିଲା। ମାଛ ସମେତ ଅନ୍ୟ ଜଳଚର ପ୍ରାଣୀଙ୍କ ବାସସ୍ଥଳ ଲୋପ ପାଇ ଯାଇଥିଲା। ଡ୍ୟାମ ନିର୍ମାଣ ଯୋଗୁଁ ପ୍ରଜନନ ପାଇଁ ନଦୀରେ ଦୀର୍ଘ ପଥ ଯାଉଥିବା ମାଛ ଗୁଡିକର ରାସ୍ତା ଅବରୋଧ ହୋଇ ଯାଇଥିଲା। ମାତ୍ର ୨୦୨୦ରୁ ଆରମ୍ଭ ହୋଇଥିବା ସୁଧାର କାର୍ଯ୍ୟ ଯୋଗୁଁ ୟାଙ୍ଗଜେ ନଦୀର ପରିଚୟ ପାଲଟି ଥିବା ଷ୍ଟର୍ଜନ ସମେତ ଅନ୍ୟ ଜୀବଙ୍କୁ ନୂଆ ଜୀବନ ମିଳିଥିଲା।

ଆମେରିକା ମଧ୍ୟ ଏହି ମାମଲାରେ ପଛରେ ନାହିଁ। ଏହି ଦେଶରେ ୨୧୧୯ଟି ଡ୍ୟାମ୍‌କୁ ଧ୍ୱଂସ କରିଦେଇଛି। ୧୯୧୨ରୁ ୨୦୨୩ ମଧ୍ୟରେ ଏହି କାର୍ଯ୍ୟ ହୋଇଛି। ପରିସଂସ୍ଥା ଉପରେ ପଡୁଥିବା ଖରାପ ପ୍ରଭାବ ପାଇଁ ଆମେରିକା ଏହି ପଦକ୍ଷେପ ନେଇଛି। ବୋମା ଦ୍ୱାରା ଡ୍ୟାମ ଧ୍ୱଂସ ନ କରି ଏଗୁଡିକୁ ଡିସ୍‌ମେଣ୍ଟାଲିଂ କରିଦିଆଯାଇଛି। ପ୍ରାକୃତିକ ଜଳଧାରା, ମାଛ ସ୍ଥାନାନ୍ତର, ନଦୀ ନବୀକରଣ ପ୍ରକଳ୍ପ, ଜଳର ମାନ ବୃଦ୍ଧି ଏବଂ ଜୈବ ବିବିଧତାର ସୁରକ୍ଷା ପାଇଁ ଏହି ପଦକ୍ଷେପ ନିଆଯାଇଛି।





# ୨୪ ଘଣ୍ଟା ମଧ୍ୟରେ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ

ଭୁବନେଶ୍ୱର,୨୨।୭(ସମିସ): ଆଗାମୀ ୨୪ ଘଣ୍ଟାରେ ଉତ୍ତର ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ଦକ୍ଷିଣ ଚାଇନା ସାଗରରେ ସୃଷ୍ଟ ବାତ୍ୟା 'ୱିଫା'ର ଅବଶିଷ୍ଟାଂଶ ଏହି ଘୂର୍ଣ୍ଣିବଳୟ ରୂପରେ ବଙ୍ଗୋପସାଗରରେ ପ୍ରବେଶ କରିବ। ଏହାର ପ୍ରଭାବରେ ପରବର୍ତ୍ତୀ ୪୮ ଘଣ୍ଟା ମଧ୍ୟରେ ଉତ୍ତର ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ଏହି ଲଘୁଚାପ ଆଗକୁ ଅଧିକ ଘନୀଭୂତ ହୋଇ ସଦୃଶ ଲଘୁଚାପ ଓ ପରେ ଅବପାତର ରୂପ ନେଇ ପାରେ। ଏହା ପ୍ରଭାବରେ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ପାଇବ। ଲଘୁଚାପ ଯୋଗୁଁ ରାଜ୍ୟର ବିଭିନ୍ନ ସ୍ଥାନରେ ୨୮ ତାରିଖ ପର୍ଯ୍ୟନ୍ତ ବର୍ଷା ଆଶଙ୍କା ରହିଥିବା ବେଳେ ୨୪ରୁ ବର୍ଷାର ପ୍ରଭାବ ବଢ଼ିବ ବୋଲି ଆକଳନ କରାଯାଇଛି। ବର୍ତ୍ତମାନ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହାର ପ୍ରଭାବ ଆନ୍ଧ୍ର ଉପରେ ଅଧିକ ରହିଥିବା ବେଳେ କିଛିକାଂଶ ପ୍ରଭାବ ଓଡ଼ିଶାର ଦକ୍ଷିଣ ଭାଗ ଉପରେ ରହୁଛି। ତେଣୁ ଦକ୍ଷିଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି। ମଙ୍ଗଳବାର କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, ଗଜପତି, ନୂଆପଡ଼ା, ବଲାଙ୍ଗିର, କଳାହାଣ୍ଡି, କନ୍ଧମାଳ, ଝାରସୁଗୁଡ଼ା, ବରଗଡ଼, ସୁନ୍ଦରଗଡ଼, ସମ୍ବଲପୁର, ସୋନପୁର ଆଦି ଜିଲ୍ଲା ର ଅଧିକାଂଶ ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା ହୋଇଛି। ଅନ୍ୟପଟେ ୨୩ ତାରିଖ ମଧ୍ୟ ରାଜ୍ୟର ଅନେକ ସ୍ଥାନରେ



ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି। ତେବେ କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଓ ନୂଆପଡ଼ା ଆଦି ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର କହିଛି। ସେହିପରି ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୋନପୁର, ବୌଦ୍ଧ, ବଲାଙ୍ଗିର, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, ଗଞ୍ଜାମ ଓ ଗଜପତି ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ଥିବାରୁ ଏହି ସବୁ ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

## ଏନ୍‌ସିଇଆର୍‌ଟି ବହିରୁ 'ପାଇକ ବିଦ୍ରୋହ' ବାଦ୍

# ପାଇକମାନଙ୍କ ପ୍ରତି ବଡ଼ ଅପମାନ: ନବୀନ

ଭୁବନେଶ୍ୱର, ୨୨।୭(ସମିସ): ଏନ୍‌ସିଇଆର୍‌ଟି ପାଠ୍ୟପୁସ୍ତକରୁ ପାଇକ ବିଦ୍ରୋହକୁ ବାଦ୍ ଦିଆଯିବା ଘଟଣାରେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ସେ କହିଛନ୍ତି ଯେ ଓଡ଼ିଶା ଇତିହାସରେ ପାଇକ ବିଦ୍ରୋହ ଏକ ଐତିହାସିକ ମୁହୂର୍ତ୍ତ। ଅତ୍ୟାଚାରୀ ବ୍ରିଟିଶ ବିରୋଧରେ ୧୮୧୭ ମସିହାରେ ଅଦମ୍ୟ ସାହସର ସହିତ ଲଢ଼େଇ କରିଛନ୍ତି। ଏହାକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବେ ଘୋଷଣା କରିବାକୁ ସେ ଅନେକ ଥର ଦାବି କରିଛନ୍ତି। ହେଲେ ବିଦ୍ରୋହର ପ୍ରାୟ ୨ଶହ ବର୍ଷ ପରେ ପାଠ୍ୟପୁସ୍ତକରୁ ପାଇକ ବିଦ୍ରୋହକୁ ବାଦ୍ ଦେବା ପାଇକମାନଙ୍କ ପ୍ରତି ଏକ ବଡ଼ ଅପମାନ। ବ୍ରିଟିଶ ଶାସନ ବିରୁଦ୍ଧରେ ଜନ ଆନ୍ଦୋଳନ ପାଇଁ ପଥପ୍ରଦର୍ଶକ ସାଜିଥିବା ଏହି ଆନ୍ଦୋଳନକୁ ପାଠ୍ୟ ପୁସ୍ତକରୁ ବାଦ୍ ଦେବା ନେଇ ସେ ଚିନ୍ତାବ୍ୟକ୍ତ କରିଛନ୍ତି। ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ହସ୍ତକ୍ଷେପ ଦାବି କରିବା ସହ ଓଡ଼ିଶାକୁ ନ୍ୟାୟ ଦେବାକୁ ଅନୁରୋଧ କରିଛନ୍ତି।

ଅନ୍ୟପକ୍ଷରେ ମୁକେଶ ମହାଲିଙ୍ଗ ପାଇକ ବିଦ୍ରୋହ ପ୍ରସଙ୍ଗରେ ଏକ୍ସରେ ରଖିଥିବା ପ୍ରତିକ୍ରିୟାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି ବିଜେଡି। ମୁକେଶ ଏକ୍ସରେ ପ୍ରତିକ୍ରିୟା ରଖି କହିଛନ୍ତି ଯେ ଏନ୍‌ସିଇଆର୍‌ଟି ପାଠ୍ୟପୁସ୍ତକରୁ 'ପାଇକ ବିଦ୍ରୋହ'କୁ ବାଦ ଦିଆଯାଇନାହିଁ; ବରଂ ସାମାଜିକ ବିଜ୍ଞାନ ପୁସ୍ତକର ଦ୍ୱିତୀୟ ଭାଗରେ ଏହା ଶୀଘ୍ର ପ୍ରକାଶ ପାଇବ। ଏନ୍‌ସିଇଆର୍‌ଟି ଏନେଇ ସ୍ପଷ୍ଟୀକରଣ ଦେଇଥିବା ମଧ୍ୟ

**■ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ହସ୍ତକ୍ଷେପ ଦାବି**
**■ ପାଇକ ବିଦ୍ରୋହକୁ "ଆଞ୍ଚଳିକ' କହିବା ସ୍ୱାଧୀନତା ସଂଗ୍ରାମ ପ୍ରତି ଘୋର ଅନ୍ୟାୟ**

ସେ କହିଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଏପରି ଟିପ୍ପଣୀକୁ ତୀବ୍ର ବିରୋଧ କରିଛି ବିଜେଡି । ସାଂସଦ ସସ୍ମିତ ପାତ୍ର କହିଛନ୍ତି ଯେ ପାଇକ ବିଦ୍ରୋହକୁ ବାଦ୍ ଦେବାପରେ ଏବେ ବାହାନା କରୁଛନ୍ତି। ପୁସ୍ତକର ଦ୍ୱିତୀୟ ଭାଗ ଅର୍ଥାତ୍ "ଆଞ୍ଚଳିକ ବିଦ୍ରୋହ' ଅଧୀନରେ ରଖାଯିବ ବୋଲି ଦାବି କରୁଛନ୍ତି। ଏହା ସ୍ପଷ୍ଟୀକରଣ ନୁହେଁ; ଏହା ସ୍ୱତଃପ୍ରବୃତ୍ତ ବିରୋଧାଭାସ। ପାଇକ ବିଦ୍ରୋହ ଏକ ଆଞ୍ଚଳିକ ଆନ୍ଦୋଳନ ନୁହେଁ; ଏହା ବ୍ରିଟିଶ ଶାସନ ବିରୁଦ୍ଧରେ



ଭାରତର ପ୍ରଥମ ସଂଗଠିତ ବିଦ୍ରୋହ। ଏହାକୁ "ଆଞ୍ଚଳିକ' କହିବା ଦେଶର ସ୍ୱାଧୀନତା ସଂଗ୍ରାମ ପ୍ରତି ଘୋର ଅନ୍ୟାୟ। ଏନ୍‌ସିଇଆର୍‌ଟି ପାଠ୍ୟପୁସ୍ତକର ପ୍ରଥମ ଖଣ୍ଡରେ ଏହାକୁ କାହିଁକି ଅନ୍ତର୍ଭୁକ୍ତ କରାଗଲା ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି।

ସେହିପରି ପାଇକ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ଦେବା ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବାରମ୍ବାର ଦାବି ସମ୍ପୂର୍ଣ୍ଣ ବୈଧ ବୋଲି ଡ. ପାତ୍ର ଯୁକ୍ତି ଉପସ୍ଥାପନ କରିଛନ୍ତି। ୧୮୫୭ ବିଦ୍ରୋହ ବା ସିପାହୀ ବିଦ୍ରୋହର ପୂର୍ବବର୍ତ୍ତୀ ଏବଂ ଉପନିବେଶବାଦୀ ଆଧିପତ୍ୟ ବିରୁଦ୍ଧରେ ପାଇକ ବିଦ୍ରୋହ ଏକ ସ୍ୱର୍ଣ୍ଣିମ ଉଦାହରଣ। ଏଣୁ ଏହାକୁ ଉପେକ୍ଷା ନୁହେଁ, ବରଂ ଜାତୀୟ ସ୍ୱୀକୃତି ପାଇବା ଉଚିତ। ପାଇକ ବିଦ୍ରୋହକୁ ଏନ୍‌ସିଇଆର୍‌ଟି ପାଠ୍ୟପୁସ୍ତକରୁ ବାଦ୍ ଦେଇ ବ୍ୟାପକ ଜନ ଆକ୍ରୋଶର ଶିକାର ହେବାପରେ ପୁସ୍ତକର ଦ୍ୱିତୀୟ ସଂସ୍କରଣରେ ଏହାକୁ ସାମିଲ କରିବାକୁ ଘୋଷଣା କରିବା ପାଇଁ ସରକାର ବାଧ୍ୟ ହୋଇଛନ୍ତି। ଜାତୀୟ ସ୍ତରରେ ଗୁରୁତ୍ୱ ବହନ କରୁଥିବା ଏହି ଐତିହାସିକ ସଂଗ୍ରାମକୁ ଆଞ୍ଚଳିକ ଘଟଣାରେ ପରିଣତ କରାଯାଉଥିବାବେଳେ ଓଡ଼ିଶାର ବିଜେପି ମନ୍ତ୍ରୀ, ସାଂସଦ, ବିଧାୟକ ଏବଂ ନେତାମାନଙ୍କର ବିବେକ ସେମାନଙ୍କୁ ଆନ୍ଦୋଳିତ କରୁନାହିଁ କି ବୋଲି ମଧ୍ୟ ସେ ପ୍ରଶ୍ନ କରିଛନ୍ତି। ଇତିହାସକୁ ବିକୃତ କରାଯାଉଥିବାବେଳେ ନୀରବତା କାହିଁକି ବୋଲି ଡ. ପାତ୍ର ପଶ୍ନ କରିଛନ୍ତି। ନିକଟରେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଅଧୀନରେ ଥିବା ଏନ୍‌ସିଇଆର୍‌ଟି ୮ମ ଶ୍ରେଣୀ ସାମାଜିକ ବିଜ୍ଞାନ ବହିରୁ ପାଇକ ବିଦ୍ରୋହକୁ ବାଦ୍ ଦିଆଯାଇଛି। ବଙ୍ଗଳାର ସନ୍ନ୍ୟାସୀ ବିଦ୍ରୋହ, ବିହାରର କୋଲ୍ ବିଦ୍ରୋହ ଓ ସାନ୍ତାଳଙ୍କ ବିଦ୍ରୋହ ସ୍ଥାନ ପାଇଥିବା ବେଳେ ଖୋର୍ଦ୍ଧାର ପାଇକ ବିଦ୍ରୋହକୁ ବାଦ୍ ଦେବା ବୀର ପାଇକଙ୍କ ଗୌରବମୟ ତ୍ୟାଗ ଓ ବଳିଦାନ ପ୍ରତି ଏକ ଚରମ ଉପହାସ ବୋଲି ବିଭିନ୍ନ ସାମାଜିକ ସଂଗଠନ, ବୁଦ୍ଧିଜୀବି ଓ ଶିକ୍ଷାବିତମାନେ ଅଭିଯୋଗ କରିଛନ୍ତି।

## ଫକୀରମୋହନ କଲେଜ ଛାତ୍ରୀ ଆତ୍ମାହୁତି ଘଟଣା

# ଏସ୍‌ଆଇଟି ତଦନ୍ତ ଲୋଡ଼ା ନାହିଁ: ହାଇକୋର୍ଟ

କଟକ, ୨୨।୭ (ସମିସ): ବହୁଚର୍ଚ୍ଚିତ ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମାହୁତି ମାମଲାର ହାଇକୋର୍ଟରେ ପହଞ୍ଚିଛି। ଏହି ସମ୍ବେଦନଶୀଳ ଘଟଣାରେ ସ୍ପେସାଲ ଇନ୍‌ଭେଷ୍ଟିଗେସନ୍ ଟିମ୍ (ଏସ୍‌ଆଇଟି) ଦ୍ୱାରା ତଦନ୍ତର ଆବଶ୍ୟକତା ନାହିଁ ବୋଲି ହାଇକୋର୍ଟ ଆଜି ମାମଲାର ପ୍ରାରମ୍ଭିକ ଶୁଣାଣି କରି କହିଛନ୍ତି। ଏଥିସହ ପ୍ରତିପକ୍ଷ ଦୁଇ ରାଜନୈତିକ ଦଳ କଂଗ୍ରେସ ଓ ବିଜେଡିକୁ ନୋଟିସ୍ ଜାରି କରିଛନ୍ତି ଅଦାଲତ। ଆଇନଜୀବୀ ଶିବଶଙ୍କର ମହାନ୍ତିଙ୍କ ପକ୍ଷରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ୍ ହରୀଶ ଟଣ୍ଡନ ଓ ଜଷ୍ଟିସ୍ ମାନସ ରଞ୍ଜନ ପାଠକ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଅନ୍ୟପଟେ ବର୍ତ୍ତମାନ ଜାରି ରହିଥିବା କ୍ରାଇମବ୍ରାଞ୍ଚ ତଦନ୍ତର ଅଗ୍ରଗତି ଓ ସ୍ଥିତି ସମ୍ପର୍କରେ ଆଡଭୋକେଟ୍ ଜେନେରାଲ ମୁଦାଲଫାଫାରେ ଏକ ଷ୍ଟାଟସ୍ ରିପୋର୍ଟ ଅଦାଲତରେ ଦାଖଲ କରିଛନ୍ତି। ହାଇକୋର୍ଟ ଏହାକୁ ଅନୁଧ୍ୟାନ କରି ବର୍ତ୍ତମାନ ସ୍ଥିତିରେ ଏସ୍‌ଆଇଟି ତଦନ୍ତ ଆବଶ୍ୟକତା ନାହିଁ ବୋଲି କହିଛନ୍ତି। ପରବର୍ତ୍ତୀ ଶୁଣାଣି ସମୟରେ ତଦନ୍ତ ସମ୍ପର୍କିତ ସାନି ଷ୍ଟାଟସ୍ ରିପୋର୍ଟକୁ ମୁଦା ଲଫାଫାରେ ଦାଖଲ ପାଇଁ ଆଡଭୋକେଟ୍ ଜେନେରାଲଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଅପରପକ୍ଷେ, ଛାତ୍ରୀ ଆତ୍ମାହୁତି ଘଟଣାକୁ ନେଇ କଂଗ୍ରେସ ପକ୍ଷରୁ ଓଡ଼ିଶା ବନ୍ଦ ଓ ବିଜେଡି ପକ୍ଷରୁ ବାଲେଶ୍ୱର ବନ୍ଦ ପାଳନ ପାଇଁ ଜନଜୀବନ ପ୍ରଭାବିତ ହୋଇଥିବା ପ୍ରସଙ୍ଗରେ ପ୍ରତିପକ୍ଷ ଦୁଇ ରାଜନୈତିକ ଦଳକୁ ହାଇକୋର୍ଟ ଜବାବ ତଲବ କରିଛନ୍ତି।

**ପ୍ରତିପକ୍ଷ ଦୁଇ ରାଜନୈତିକ ଦଳକୁ ନୋଟିସ**

ମାମଲାରୁ ପ୍ରକାଶ, ହାଇକୋର୍ଟଙ୍କ ତତ୍ତ୍ୱାବଧାନରେ ଏକ ଏସ୍‌ଆଇଟି ଗଠନ କରାଯାଇ ଏଫ୍‌ଏମ୍ କଲେଜ ଛାତ୍ରୀ ମୃତ୍ୟୁ ଘଟଣାର ତଦନ୍ତ, ଛାତ୍ରୀ ଓ ମହିଳା କର୍ମଚାରୀଙ୍କୁ ଯୌନ ନିର୍ଯାତନା ବିରୋଧରେ ୟୁଜିସି ଓ ଉଚ୍ଚଶିକ୍ଷା ବିଭାଗର ମାର୍ଗଦର୍ଶିକା ଶିକ୍ଷାନୁଷ୍ଠାନରେ ସଠିକ୍ ଢଙ୍ଗରେ ପାଳନ ଏବଂ ଦୋଷୀ ଅଧିକାରୀ କିମ୍ବା ଶିକ୍ଷାନୁଷ୍ଠାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ରିପୋର୍ଟ ତଲବ ପାଇଁ ଆବେଦନକାରୀ ପ୍ରାର୍ଥନା କରିଥିଲେ। ଏହି ମାମଲାରେ ଆବେଦନକାରୀଙ୍କ ପକ୍ଷରୁ ରାଜ୍ୟ ସରକାର, ଡିଜିପି, ୟୁଜିସି ସଚିବ, ବିରୋଧୀ ବିଜୁ ଜନତା ଦଳ ଓ କଂଗ୍ରେସକୁ ପକ୍ଷଭୁକ୍ତ କରାଯାଇଛି।

**■ ସୌମ୍ୟାଶ୍ରୀ ଆତ୍ମାହୁତି ଘଟଣାରେ କ୍ରାଇମବ୍ରାଞ୍ଚର ତଦନ୍ତ**

# ଷଷ୍ଠ ଦିନ ସୁଦ୍ଧା ଶହେ ଜଣଙ୍କ ବୟାନ ରେକର୍ଡ



ବାଲେଶ୍ୱର,୨୨।୭ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣା ପରଠୁ କ୍ରାଇମବ୍ରାଞ୍ଚ ଟିମ୍‌ର ତଦନ୍ତ ଜାରି ରହିଛି। ମଙ୍ଗଳବାର ଷଷ୍ଠ ଦିନରେ କ୍ରାଇମବ୍ରାଞ୍ଚ ଡିଏସ୍‌ପି ଇମାମ କଲ୍ୟାଣ ନାୟକଙ୍କ ନେତୃତ୍ୱରେ ଦୁଇଜଣିଆ ଟିମ୍ ପୁଣି କଲେଜରେ ତଦନ୍ତ କରିଛନ୍ତି। ଅଧ୍ୟକ୍ଷଙ୍କ ପ୍ରକୋଷ୍ଠରେ କେତେକ ଛାତ୍ରଛାତ୍ରୀଙ୍କୁ ପଚରାଉଚରା କରାଯାଇଛି। ଘଟଣା ଦିନ କଲେଜ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠ ସମ୍ମୁଖରେ ସୌମ୍ୟାଶ୍ରୀ ବସିଥିବା ସ୍ଥାନ, ନିଆଁ ଲଗାଇଥିବା ସ୍ଥାନ ସାଙ୍ଗକୁ ନିଆଁ ଲାଗିବା ପରେ ଗିରଫ ପୂର୍ବତନ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟକୁ ଯିବା ସ୍ଥାନ ଏବଂ ସେଠାରୁ ପଳାଇଯାଇ ରାସ୍ତାରେ ଦୌଡ଼ିବା ଆଦି ସ୍ଥାନଗୁଡ଼ିକରେ କ୍ରାଇମବ୍ରାଞ୍ଚ ଟିମ୍ ଅନୁଧ୍ୟାନ କରିଥିଲା। ଏଯାବତ୍ ଆଇସିସି କମିଟିର ସଦସ୍ୟଙ୍କ ସହ ସହପାଠୀ ଏବଂ ସୌମ୍ୟାଶ୍ରୀ ରହିଥିବା ମେସ୍‌ର ସହପାଠୀମାନଙ୍କୁ ମିଶାଇ ପାଖାପାଖି ଶହେ ଜଣଙ୍କ ବୟାନ ରେକର୍ଡ କରାଯାଇସାରିଛି।

# ଏସ୍‌ସିବିରୁ ଡିସ୍‌ଚାର୍ଜ ହେବେ ଜ୍ୟୋତିପ୍ରକାଶ !

କଟକ,୨୨।୭(ସମିସ): ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିବା ଆହତ ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳ ଏବେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ପ୍ଲାଷ୍ଟିକ୍ ସର୍ଜରୀ ବିଭାଗୀୟ ମୁଖ୍ୟ ବିଭୂତି ନାୟକଙ୍କ ସୂଚନା ଅନୁଯାୟୀ, ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ହେଉଛି। ହାତରେ ହୋଇଥିବା ବ୍ୟାଣ୍ଡେଜ୍ ଖୋଲାଯାଇଛି। ଫୁସ୍‌ଫୁସ୍‌ରେ ଥିବା ସମସ୍ୟା ପାଇଁ ପଲ୍ମୋନାରୀ ମେଡିସିନ୍ ଡାକ୍ତର ଚିକିତ୍ସା କରୁଛନ୍ତି। ସଂକ୍ରମଣ ଭୟ ହ୍ରାସ ପାଇଛି। ଡାକ୍ତରଖାନା ଅଧୀକ୍ଷକଙ୍କ ସହ ଆଲୋଚନା ପରେ ତାଙ୍କୁ ଡିସ୍‌ଚାର୍ଜ କରାଯିବା ନେଇ ନିଷ୍ପତ୍ତି ନିଆଯିବ। ତେବେ ଆସନ୍ତା ଦୁଇ ଦିନ ମଧ୍ୟରେ ତାଙ୍କୁ ଡାକ୍ତରଖାନାରୁ ଡିସ୍‌ଚାର୍ଜ କରାଯିବ ବୋଲି ସୂଚନା ମିଳିଛି।

ପ୍ରକାଶଥାଉ କି, ସୌମ୍ୟାଶ୍ରୀଙ୍କ ଦେହରେ ନିଆଁ ଲାଗିଥିବା ବେଳେ ଜ୍ୟୋତିପ୍ରକାଶ ତାଙ୍କୁ ଉଦ୍ଧାର କରିବାକୁ ଯାଇ ପୋଡ଼ି ହୋଇଥିଲେ। ବର୍ତ୍ତମାନ ସେ ଏସ୍‌ସିବି ବର୍ଣ୍ଣ ୟୁନିଟ୍ ଆଇସିୟୁରେ ଚିକିତ୍ସାଧୀନ ଅଛନ୍ତି। ଏହି ମାମଲାର ତଦନ୍ତରେ ପ୍ରତ୍ୟକ୍ଷଦର୍ଶୀ ହିସାବରେ ତାଙ୍କଠାରୁ ତଦନ୍ତକାରୀ ଅଧିକାରୀମାନେ ଅନେକ ତଥ୍ୟ ଓ ପ୍ରମାଣ ସଂଗ୍ରହ କରିବା ନେଇ ଆଶା ରଖିଛନ୍ତି। ତେଣୁ ଜ୍ୟୋତିପ୍ରକାଶଙ୍କୁ ଉପଯୁକ୍ତ ଚିକିତ୍ସା କରାଇ ସ୍ୱାଭାବିକ ଅବସ୍ଥାକୁ ଫେରାଇ ଆଣିବା ପାଇଁ ପ୍ରାଥମିକ ଲକ୍ଷ୍ୟ ରହିଛି। ତାଙ୍କ ଚିକିତ୍ସା ଅଗ୍ରଗତି ସମ୍ପର୍କରେ ପ୍ରତ୍ୟେକ ଦିନ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟକୁ ରିପୋର୍ଟ ପ୍ରଦାନ କରାଯାଉଛି। ସେହିପରି, ସ୍ୱାସ୍ଥ୍ୟ ବିଭାଗକୁ ନିୟମିତ ବ୍ୟବଧାନରେ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଅବଗତ କରାଯାଉଛି। ସୋମବାର ମଧ୍ୟ ତଦନ୍ତକାରୀ ଦଳ ଏସ୍‌ସିବିରେ ପହଞ୍ଚି ଜ୍ୟୋତିପ୍ରକାଶଙ୍କ ସହ ଅଲୋଚନା କରିଥିଲେ। ଏକଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଆଲୋଚନା କରିଥିବା ଜ୍ୟୋତିପ୍ରକାଶଙ୍କ ବାପା ସନାତନ ବିଶ୍ୱାଳ ସୂଚନା ଦେଇଛନ୍ତି।

# ବିଜେପି ଶୀର୍ଷ ନେତୃତ୍ୱଙ୍କ ପାଇଁ ଶିରପୀଡ଼ା ଓଡ଼ିଶା

ଭୁବନେଶ୍ୱର,୨୨।୭(ସମିସ): ସରକାରଙ୍କୁ ଇତିମଧ୍ୟରେ ୧୩ ମାସ ପୂରି ୧୪ ମାସ ଚାଲିଲାଣି। ମାତ୍ର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ, ବୋର୍ଡ, ନିଗମ, ଏକାଡେ଼ମୀ ଏବଂ କମିଶନରେ ନିଯୁକ୍ତି ନେଇ ଦଳରେ ଅଛିଣ୍ଡା ଅଙ୍କ ଛିଡୁନି। ବିଭିନ୍ନ ସମୟରେ ଏସବୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ନିଯୁକ୍ତି ନେଇ ଖବର ଆସୁଥିଲେ ହେଁ ଶେଷ ମୂହୂର୍ତ୍ତରେ ଏହା ଫସର ଫାଟି ଯାଉଛି। ଅନ୍ୟପକ୍ଷରେ ରାଜ୍ୟରେ ରାଜନୈତିକ ସ୍ଥିତି ସହ ଆଇନଶୃଙ୍ଖଳା

**■ ରାଜ୍ୟ ସଭାପତି ଓ ସଙ୍ଗଠନ ସମ୍ପାଦକଙ୍କୁ ଦିଲ୍ଲୀ ଡକରା**
**■ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣକୁ ପ୍ରସଙ୍ଗକୁ ନେଇ ବଢ଼ିଲା ଚର୍ଚ୍ଚା**

ମଧ୍ୟ ଅତ୍ୟନ୍ତ ଖରାପ ହେବାରେ ଲାଗିଛି । ପ୍ରତିଦିନ ବିଭିନ୍ନ କାରଣ ପାଇଁ ଓଡ଼ିଶା ଗଣମାଧ୍ୟମ ଶିରୋନାମା ପାଲଟିଛି । ବିଜେପି ଜାତୀୟ ନେତୃତ୍ୱଙ୍କ ପାଇଁ ଏହା ଶିରପୀଡ଼ା ପାଲଟିଛି । ଏହି ସମୟରେ ଶାସକ ବିଜେପିର ରାଜ୍ୟ ସଭାପତି ଓ ସଙ୍ଗଠନ ସମ୍ପାଦକଙ୍କୁ ଶୀର୍ଷ ନେତୃତ୍ୱଙ୍କ ଦିଲ୍ଲୀ ଡ଼କରା ବିଭିନ୍ନ ଆଲୋଚନା ପାଇଁ ଖୋରାକ ଯୋଗାଉଛି। କିଛି ରାଜନୈତିକ ସମୀକ୍ଷକ ବିଜେପି ସଭାପତି ଓ ସଙ୍ଗଠନ ସମ୍ପାଦକଙ୍କ ଦିଲ୍ଲୀଗସ୍ତକୁ ଦଳ ଓ ସରକାର ମଧ୍ୟରେ ଅସମନ୍ୱୟ ସହ ଯୋଡୁଥିବାବେଳେ ଆଉ କିଛି ଏହାକୁ ସମ୍ଭାବ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସହ ଯୋଡ଼ି ଦେଖୁଛନ୍ତି ।

ଦଳର ଆଭ୍ୟନ୍ତରୀଣ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଯେ ମୋହନ-ମନମୋହନ ଯୋଡ଼ି ନିଜର ପୂର୍ବ ଦିଲ୍ଲୀ ଗସ୍ତ ସମୟରେ ଦାଖଲ କରିଥିବା ମନ୍ତ୍ରିମଣ୍ଡଳର ସମ୍ଭାବ୍ୟ ରୂପରେଖରେ କିଛି ପରିବର୍ତ୍ତନ ପାଇଁ ଶୀର୍ଷ ନେତୃତ୍ୱ ପରାମର୍ଶ ଦେଇଥିଲେ। ଦିଲ୍ଲୀ ଗସ୍ତରୁ ଉଭୟେ ଫେରିବା ପରେ ମୁଖ୍ୟମନ୍ତ୍ରୀ, ଦଳ ସଭାପତି ପ୍ରସ୍ତୁତ ନୂଆ ତାଲିକା ଧରି ମନମୋହନ ଓ ମାନସ ଦିଲ୍ଲୀ ଗସ୍ତରେ ଯାଇଛନ୍ତି । ଦିନେ ଦୁଇଦିନ ମଧ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମଧ୍ୟ ଦିଲ୍ଲୀ ଗସ୍ତରେ ଯାଇ ପାରନ୍ତି ବୋଲି କୁହାଯାଉଛି। କେବଳ ମନ୍ତ୍ରିମଣ୍ଡଳ ନୁହେଁ, ବିଭିନ୍ନ ବୋର୍ଡ ଏବଂ ନିଗମରେ ନିଯୁକ୍ତି ନେଇ ମଧ୍ୟ କୁଆଡ଼େ ଦିଲ୍ଲୀରେ ରୂପରେଖ ପ୍ରସ୍ତୁତ ହେବ ବୋଲି ଶୁଣିବାକୁ ମିଳୁଛି।


ଏପଟେ ସୋମବାର ରାଜ୍ୟପାଳ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ତାଙ୍କ ବାସଭବନରେ ଭେଟିଥିବା ବେଳେ ମଙ୍ଗଳବାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କୁ ରାଜଭବନରେ ଭେଟିଛନ୍ତି। ଗତ କିଛିଦିନ ହେଲା ରାଜ୍ୟପାଳ ବିଭିନ୍ନ ମନ୍ତ୍ରୀଙ୍କ ବାସଭବନକୁ ଯାଇ ସେମାନଙ୍କୁ ଭେଟୁଛନ୍ତି ଓ ନିକଟରେ ମୁଖ୍ୟମନ୍ତ୍ରୀ ମଧ୍ୟ ରାଜ୍ୟପାଳଙ୍କୁ ଭେଟିଛନ୍ତି । ଏହି ଭେଟଘାଟ ପଛରେ ମନ୍ତ୍ରିମଣ୍ଡଳସମ୍ପ୍ରସାରଣସହଅନେକସଂଯୋଗକରୁଛନ୍ତି।

ଅପରପକ୍ଷେ ଗତ କିଛିଦିନ ହେବ ରାଜ୍ୟରେ ଉଭୟ ସଂଗଠନ ଏବଂ ସରକାର ବିଭିନ୍ନ କାରଣକୁ ନେଇ ବେଶ୍ ଅପଦସ୍ତ ହୋଇଛନ୍ତି। ବିଶେଷକରି ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ସ୍ଥିତିକୁ ନେଇ ରାଜ୍ୟ ବିଜେପି ସରକାର ଭୁବନେଶ୍ୱରଠାରୁ ଦିଲ୍ଲୀ ଯାଏଁ ସମାଲୋଚନାର ଶିକାର ହେଉଛନ୍ତି। ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ, ମଲ୍ଲିକାର୍ଜୁନ ଖରଗେ, କେସି ଭେନୁଗୋପାଳଙ୍କର ପରି ହେଭିୱେଟ ନେତା ମହିଳା ସୁରକ୍ଷା ପ୍ରସଙ୍ଗକୁ ନେଇ ଓଡ଼ିଶାରେ ବିଜେପି ସରକାର ସହ କେନ୍ଦ୍ର ସରକାରଙ୍କୁ ଯୋଡ଼ି ନିଶାଣ କରୁଛନ୍ତି। ଯାହାକୁ ନେଇ ବିଜେପିର ଶୀର୍ଷ ନେତୃତ୍ୱ କ୍ଷୁବ୍ଧ ଓ ଏ ସମ୍ପର୍କରେ ବିଚାରବିମର୍ଶ ସହ ବିରୋଧୀଙ୍କୁ ସାମ୍ନା କରିବାକୁ ରଣନୀତି ପ୍ରସ୍ତୁତ କରିବାକୁ ରାଜ୍ୟ ନେତୃତ୍ୱଙ୍କୁ ଦିଲ୍ଲୀ ଡ଼କରା ହୋଇଥିବା ମଧ୍ୟ ଆଲୋଚନା ହେଉଛି।

**କଂଗ୍ରେସର ରଣହୁଙ୍କାର**

# ନାରୀ ନ୍ୟାୟ ଆନ୍ଦୋଳନ ଭଣ୍ଡୁର କରିପାରିବେନି ସରକାର

ଭୁବନେଶ୍ୱର,୨୨।୭(ସମିସ): ରାଜ୍ୟରେ ମାତ୍ରାଧିକ ନାରୀ ନିର୍ଯାତନା, ଅତ୍ୟାଚାର ଓ ଦୁଷ୍କର୍ମ ପ୍ରତ୍ୟହ ଖବରକାଗଜ ପୃଷ୍ଠା ମଣ୍ଡନ କରୁଛି। ବର୍ଷକ ମଧ୍ୟରେ ନାରୀ ନିର୍ଯାତନା ସବୁ ରେକର୍ଡ ଟପିସାରିଛି। ମୋହନ ସରକାର ଆଜି କୌରବଙ୍କ ସଭାରେ ପରିଣତ ହୋଇ ଯାଇଛି ବୋଲି ରାଜ୍ୟ କଂଗ୍ରେସ କହିଛି। ମଙ୍ଗଳବାର ଦଳ ପକ୍ଷରୁ



ପିସିସି ପ୍ରଚାର ମିଡିଆ, ପ୍ରସାର ଏବଂ ସୂଚନା ଅଧ୍ୟକ୍ଷ ଅରବିନ୍ଦ ଦାସ ଗଣମାଧ୍ୟମକୁ ସୂଚନା ସମ୍ବୋଧନ କରି ରାଜ୍ୟ ସରକାରଙ୍କ ଲଜ୍ୟାଜନକ ଉଦାସୀନତାକୁ କଟୁ ସମାଲୋଚନା କରିଛନ୍ତି।

ଜଗତସିଂହପୁର, ଗୋପାଳପୁର, ନୟାଗଡ଼, ମାଲକାନଗିରି ଘଟଣାରେ ରାଜ୍ୟ ସରକାରଙ୍କୁ ଶ୍ରୀ ଦାସ ସମାଲୋଚନା କରିଥିବା ବେଳେ ବଳଙ୍ଗା ନାବାଳିକା ପୋଡି ଘଟଣାର ଆସାମୀମାନଙ୍କୁ ଗିରଫ କରିବାକୁ ଆଉ କେତେ ଦିନ ସମୟ ଲାଗିବ ବୋଲି ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି ଯେ ନାରୀ ନ୍ୟାୟ କ୍ଷେତ୍ରରେ ଆମେ ସାଲିସ କଦାପି କରିବୁ ନାହିଁ। ନାରୀଙ୍କୁ ନ୍ୟାୟ ନ ମିଳିଲା ପର୍ଯ୍ୟନ୍ତ ସଂଗ୍ରାମ ଜାରି ରହିବ। ବାଲେଶ୍ୱର ବିଧାୟକ ଏବଂ ସାଂସଦଙ୍କ ଅକ୍ଷମଣୀୟ ଅବହେଳା ସେମାନଙ୍କୁ ଦଳରୁ ନିଲମ୍ବନ କରିବା ସହ କର୍ତ୍ତବ୍ୟରେ ଅବହେଳା ପାଇଁ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବରୋଧରେ କାର୍ଯ୍ୟାନୁଷ୍ଠାନ କରନ୍ତୁ ବୋଲି ଶ୍ରୀ ଦାସ ଦାବି କରିଛନ୍ତି। ଏହି ଅବସରରେ ସରକାରଙ୍କ ଆଭିମୁଖ୍ୟକୁ କଟୁ ସମାଲୋଚନା କରି ସେ କହିଛନ୍ତି ଯେ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନଙ୍କୁ ଗିରଫ କରିବା ପରେ ତାଙ୍କୁ ତୁରନ୍ତ ଦଳରୁ ନିଲମ୍ବନ କରାଯାଇଛି। ଏହି ମାମଲାରେ ପୁଲିସ ଗିରଫଦାରୀକୁ ବିରୋଧ କରାଯାଉନି, ମାତ୍ର ୪ ମାସ ତଳେ ଘଟିଥିବା ତଥାକଥିତ ଘଟଣାକୁ ନେଇ ହଠାତ ଗିରଫ କରି କଂଗ୍ରେସ ନାରୀ ନ୍ୟାୟ ଆନ୍ଦୋଳନକୁ କଦାପି ଭଣ୍ଡୁର କରାଯାଇପାରିବ ନାହିଁ ବୋଲି ସେ କହିଛନ୍ତି। ବଳଙ୍ଗା ନାବାଳିକା ପୋଡ଼ି ଘଟଣାକୁ ତିନିଦିନ ବିତି ଯାଇଥିଲେ ସୁଦ୍ଧା ପୋଲିସ ଜଣକୁ ମଧ୍ୟ ଗିରଫ ନ କରିପାରିବା ଆଶ୍ଚର୍ଯ୍ୟର ବିଷୟ। ଅପରାଧୀ କଣ ଆକାଶରେ ମିଳାଇ ଗଲେ ନା ପାତାଳରେ ହଜି ଗଲେ ବୋଲି କଂଗ୍ରେସ ଦଳ ସରକାରଙ୍କୁ ପ୍ରଶ୍ନ କରିଛି।

ଅନ୍ୟପଟେ ବାଲେଶ୍ୱର ଛାତ୍ରୀଙ୍କ ଆତ୍ମାହୁତି ଘଟଣାରେ ସରକାରଙ୍କ ଦ୍ୱାରା ନିଯୁକ୍ତ କରାଯାଇଥିବା କ୍ରାଇମବ୍ରାଞ୍ଚ ତଦନ୍ତ ଅଧିକାରୀଙ୍କ ଭୂମିକା ଉପରେ କଂଗ୍ରେସ ପ୍ରଶ୍ନ ଉଠାଇଛି। ଦଳ କହିଛି ଯେ କ୍ରାଇମବ୍ରାଞ୍ଚ ତଦନ୍ତଭାର ଏପରି ଜଣେ ଅଧିକାରୀଙ୍କୁ ନ୍ୟସ୍ତ କରାଯାଇଛି, ଯାହାଙ୍କ ନୈତିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯେଉଁ ଦଳିତ ବ୍ୟକ୍ତି ଖୋଦ ମୁଖ୍ୟମନ୍ତ୍ରୀଙ୍କ ପାଖରେ ନ୍ୟାୟ ପାଇଁ ଗୁହାରୀ କରିଥିଲେ, ତାଙ୍କୁ ଏହି କ୍ରାଇମବ୍ରାଞ୍ଚ ଅଧିକାରୀ ଅତି ଅମାନୁଷିକ ବ୍ୟବହାର କରୁଥିବାର ଭିଡିଓ କଂଗ୍ରେସର ହସ୍ତଗତ ହୋଇଛି। ତେଣୁ ତାଙ୍କୁ କିପରି ଏହି ମାମଲାର ତଦନ୍ତଭାର ଦିଆଯାଇଛି ବୋଲି କଂଗ୍ରେସ ପ୍ରଶ୍ନ କରିଛି। ଏହି ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ମୁଖପାତ୍ର ଡକ୍ଟର ମନୀଷା ଦାସ ପଟ୍ଟନାୟକ ଓ ଜୟଶ୍ରୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ବୈଠକ

# ଭେକ୍ଟର ବାହିତ ରୋଗର ନିରାକରଣକୁ ଗୁରୁତ୍ୱ




ବାରିପଦା, ୨୨।୭(ସମିସ)

ମୟୂରଭଞ୍ଜ ଜିଲ୍ଲାରୁ ଫାଇଲେରିଆ, ଡେଙ୍ଗୁ, ମେଲେରିଆ ତଥା ଭେକଟର ବାହିତ ରୋଗ ମୂଳପୋଛ ପାଇଁ ବ୍ୟାପକ ପଦକ୍ଷେପ ଆରମ୍ଭ ହୋଇଛି। ମଙ୍ଗଳବାର ଅପରାହ୍ନରେ ଏ ନେଇ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କିଶୋର କୁମାର ଆଚାର୍ଯ୍ୟ, ଡିଏମଓ ଡାକ୍ତର ବିଜୟ କୁମାର ଦାଶ ଯୋଗ ଦେଇ ଜିଲ୍ଲାରେ ଚଳିତ ବର୍ଷ ଆଗାମୀ ଅଗଷ୍ଟ ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଫାଇଲେରିଆ ନିରାକରଣ ଅଭିଯାନ ସମ୍ବନ୍ଧରେ ଆଲୋଚନା କରିଥିଲେ। ଓଡ଼ିଶାର ୧୧ଟି ଫାଇଲେରିଆ ପ୍ରବଣ ଜିଲ୍ଲା ମଧ୍ୟରେ ମୟୂରଭଞ୍ଜ ଥିବାରୁ ରୋଗର ନିରାକରଣ ପାଇଁ ୨୦୨୧ ମସିହାରୁ ପ୍ରୟାସ ତଥା ନିୟମିତ ଚିକିତ୍ସା ଫଳରେ ପର୍ଯ୍ୟାୟକ୍ରମେ ରୋଗୀଙ୍କ ସଂଖ୍ୟା ହ୍ରାସ ପାଇଛି ଏବଂ ଚଳିତ ବର୍ଷ ଏହାକୁ ସମ୍ପୂର୍ଣ୍ଣ ନିରାକରଣ ପାଇଁ ଉଦ୍ୟମ କରାଯାଉଛି। ଏହି ଅଭିଯାନକୁ ସମ୍ପୂର୍ଣ୍ଣ ସଫଳ କରାଇବା ପାଇଁ ଡା ଆଚାର୍ଯ୍ୟ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଭିବିଡି ପରାମର୍ଶଦାତା ତପନ କୁମାର ସାହୁ ଯୋଗଦେଇ ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇ ସାମୂହିକ ଔଷଧ ସେବନ ଦ୍ୱାରା ବାତଜ୍ୱର ବା ଫାଇଲେରିଆ ରୋଗର ସମ୍ପୂର୍ଣ୍ଣ ନିରାକରଣ ସମ୍ଭବ ବୋଲି ସେ କହିଥିଲେ। ବୟସ ଓ ଉଚ୍ଚତା ଅନୁସାରେ ଜଣେ ଡିଇସି ବଟିକା ସହିତ ଆଲବେଣ୍ଡାଜଲ ଓ ଆଇଭରମେକ୍ଟିନ ବଟିକା ଗୋଟିଏ ମାତ୍ରାରେ ସମୁଦାୟ ବଟିକା ଖାଦ୍ୟ ଖାଇସାରିବା ପରେ ଏକ ସଙ୍ଗରେ ଖାଇବା ପାଇଁ ପରାମର୍ଶ ଦେଇଥିଲେ। କେବଳ ଗର୍ଭବତୀ ମହିଳା, ୨ବର୍ଷରୁ କମ ବୟସ ଶିଶୁ, ଏକ ସପ୍ତାହ ମଧ୍ୟରେ ଶିଶୁ ପ୍ରସବ କରିଥିବା ମା' ଓ ଅତି ଗୁରୁତର ବ୍ୟକ୍ତିଙ୍କୁ ଏହି ବଟିକା ଖାଇବା ପାଇଁ ବାରଣ କରାଯାଉଛି। ଏହି ଔଷଧ ସରକାରଙ୍କ ତରଫରୁ ସମ୍ପୂର୍ଣ୍ଣ ମାଗଣାରେ ଯୋଗାଇ ଦିଆଯାଉଛି ଏବଂ ଏହା ସମ୍ପୂର୍ଣ୍ଣ ନିରାପଦ ଓ ସୁରକ୍ଷିତ। ସ୍ୱାସ୍ଥ୍ୟ ଉପରେ ଏହାର କୌଣସି ପ୍ରତିକୂଳ ପ୍ରଭାବ ପଡ଼ିବ ନାହିଁ। ଅଭିଯାନରେ ଆଶାକର୍ମୀ, ଅଙ୍ଗନବାଡି କର୍ମୀ କିମ୍ବା ତାଲିମ ପ୍ରାପ୍ତ ସ୍ୱେଚ୍ଛାସେବୀ ସମସ୍ତ ବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର ଏବଂ ଏକାଧିକ ବାର ଘରକୁ ଘର ଯାଇ ପ୍ରତ୍ୟେକ ପରିବାରର ଉପଯୁକ୍ତ ସଦସ୍ୟଙ୍କୁ ଏହି ଔଷଧ ଖୁଆଇବା ସହିତ ପ୍ରତ୍ୟେକ ସରକାରୀ/ବେସରକାରୀ କାର୍ଯ୍ୟାଳୟ ଅନୁଷ୍ଠାନର କର୍ମକର୍ତ୍ତା ମଧ୍ୟ ଉକ୍ତ ଔଷଧ ସେବନ କରିବେ। ଏଥିପାଇଁ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟିର ଆବଶ୍ୟକତା ରହିଛି। ସମାଜର ସବୁ ବର୍ଗର ଲୋକଙ୍କ ସହଯୋଗରେ ଏହା ଫଳପ୍ରଦ ହୋଇପାରିବ ବୋଲି ପ୍ରକାଶ କରିଥିଲେ। ଜିଲ୍ଲାପାଳ ଉପସ୍ଥିତ ଜିଲ୍ଲାସ୍ତରୀୟ ଏବଂ ଲାଇନ ବିଭାଗର ଅଧିକାରୀଙ୍କୁ ନିଜ ନିଜ ମଧ୍ୟରେ ସମନ୍ୱୟ ରଖି ଆକ୍ସନ ପ୍ଲାନ ଅନୁଯାୟୀ ନିଜ ନିଜ ସ୍ତରରେ ଉଚିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାର ଜଣେ ହେଲେ ବି ଯେମିତି ଏହି ଔଷଧ ସେବନ ଅଭିଯାନରୁ ବାଦ ନପଡ଼ନ୍ତି ସେଥିପ୍ରତି ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ। ଏହାବ୍ୟତୀତ ଜିଲ୍ଲାରେ ଡେଙ୍ଗୁ ଜ୍ୱର ଓ ମେଲେରିଆ ସଂକ୍ରମଣକୁ ପ୍ରତିହତ କରିବା ଦିଗରେ ଲୋକଙ୍କୁ ସଚେତନ କରାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଡା ନିଶିଥ ରଞ୍ଜନ ଦାଶ, ସଂଯୋଜକ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ, ଡିପିଏମ ଅନିଲ ମହାନ୍ତି, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ସୁବାସ ନାୟକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଗୌତମ କିଷାନଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲା ସ୍ତରୀୟ ଅଧିକାରୀ, ପୁଲିସ ବିଭାଗୀୟ ଅଧିକାରୀ, ଲାଇନ ବିଭାଗ ଅଧିକାରୀ ଓ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଅଂଶ ଗ୍ରହଣ କରିଥିଲେ।

- ଅଗଷ୍ଟ ୧୦ରୁ ସାମୂହିକ ଔଷଧ ସେବନ ଅଭିଯାନ
- ଫାଇଲେରିଆ, ଡେଙ୍ଗୁ, ମେଲେରିଆ ମୂଳପୋଛ ଲକ୍ଷ୍ୟ

# ଶ୍ରୀଜଗନ୍ନାଥଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ



**ଶୁଳିଆପଦା, ୨୨।୭(ସମିସ):** ଶୁଳିଆପଦା ସ୍ଥିତ ଶ୍ରୀ ଜଗନ୍ନାଥ ସେବା ସମିତି ପକ୍ଷରୁ ବ୍ଲକ କଲୋନୀ ସାହି, ଭାଲିଆଶୋଳ ସ୍ଥିତ ମନ୍ଦିରରେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନଙ୍କ ଦାରୁ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ପୂର୍ବାହ୍ନରେ ଶୁଳିଆପଦା ବଜାର ସ୍ଥିତ ଶ୍ରୀଜଗନ୍ନାଥ ସେବା ସମିତି କାର୍ଯ୍ୟାଳୟଠାରୁ ମନ୍ଦିର ଯାଏ ସଂକୀର୍ତ୍ତନ ସହିତ ହରିବୋଲ ହୁଳହୁଳି ଦେଇ ଏକ ଶୋଭାଯାତ୍ରାରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଅଣାଯାଇଥିଲା। ବିଗ୍ରହ ମନ୍ଦିରରେ ପହଞ୍ଚିବା ପରେ ବିଧି ମୁତାବକ ପୂଜାର୍ଚ୍ଚନା, ହୋମଯଜ୍ଞ ଆଦି କରାଯାଇ ଦାରୁଦିଅଁଙ୍କୁ ପ୍ରତିଷ୍ଠା କରାଯାଇଛି। ଏହି ପ୍ରତିଷ୍ଠା କର୍ମରେ ଶ୍ରୀଜଗନ୍ନାଥ ଗବେଷକ ଡଃ.ସଞ୍ଜୀବ କୁମାର ପାଣିଗ୍ରାହୀ, ଅଧ୍ୟାପକ ଜନ୍ମେଜୟ ଦାଶ, ରଞ୍ଜିତ କୁମାର ପତି ଓ ଅଜିତ କୁମାର ପତି ବିଗ୍ରହଙ୍କୁ ପ୍ରତିଷ୍ଠା କରିଥିବା ବେଳେ କମିଟିର ଆଜୀବନ ସଦସ୍ୟ ଗୌରାଙ୍ଗ ଚରଣ ଗିରି କର୍ତ୍ତାଭାବେ ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ଭକ୍ତଙ୍କୁ ଖିରି ଭୋଗ ବଣ୍ଟନ କରାଯାଇଥିଲା। ସୂଚନା ଥାଉକି କମିଟିର ନିଷ୍ପତ୍ତିକ୍ରମେ ଗତ ୧୨ ତାରିଖରେ ଏକ ୩୫ ଜଣିଆ ଟିମ୍ ଦାରୁବ୍ରହ୍ମ ଆଣିବା ପାଇଁ ଶ୍ରୀକ୍ଷେତ୍ର ପୁରୀକୁ ଯାଇଥିଲେ। ଜଗନ୍ନାଥ ଧାମରେ ପହଞ୍ଚି ମୁକ୍ତିମଣ୍ଡପର ପଣ୍ଡିତଙ୍କ ସହିତ ଯୋଗାଯୋଗ ପରେ ଜଗନ୍ନାଥଙ୍କ ଆଜ୍ଞା ମାଳ ପାଇବା ପରେ ଦାରୁଦିଅଁ ଆଣି ଶୁଳିଆପଦାରେ ପହଞ୍ଚିଥିଲେ। କମିଟି ସଭାପତି ଜନ୍ମେଜୟ ଦାଶ, ଉପସଭାପତି ସୁମନ୍ତ କୁମାର ଗିରି, ସମ୍ପାଦକ ମିଥୁନ କୁମାର ସି, ସହ ସମ୍ପାଦକ ଜଗନ୍ନାଥ ଗିରି, କୋଷାଧ୍ୟକ୍ଷ ସନ୍ତୋଷ କୁମାର ସେଠୀ, ଉପଦେଷ୍ଟା ମଣ୍ଡଳୀର ପୂର୍ଣ୍ଣଚନ୍ଦ୍ର ଗିରି, ତ୍ରିଲୋଚନ ବେହେରା, ଦିଲ୍ଲୀପ କୁମାର ମହାନ୍ତ, ନୀଳକଣ୍ଠ ମହାନ୍ତ ପ୍ରମୁଖ ଗ୍ରାମବାସୀଙ୍କ ସହାଯୋଗରେ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି।

## ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଠାକୁରମୁଣ୍ଡା, ୨୨।୭(ସମିସ):** ଠାକୁରମୁଣ୍ଡା ବ୍ଲକ ମହୁଲଡିହା ଥାନା ଅନ୍ତର୍ଗତ ଚମ୍ପାଝର ପଞ୍ଚାୟତରୁ ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି ପୁଲିସ। ସୂଚନା ଅନୁଯାଇ ମୃତ ଯୁବତୀଙ୍କ ଘର ମହୁଲଡିହା। ସେ ମାମୁଁ ଘର ଚମ୍ପାଝର ମାଙ୍କଡ଼ବେଡା ଗ୍ରାମରେ ଛୋଟ ବେଳୁ ରହି ଆସୁଥିଲେ। ଶନିବାର ଟଙ୍କା ଉଠାଇବାକୁ ବ୍ୟାଙ୍କ ଯାଇ ନିଖୋଜ ହୋଇଯାଇଥିଲେ। ଏ ନେଇ ଅଭିଯୋଗ ହୋଇଥିଲା। ଆଜି ନିଖୋଜ ଯୁବତୀଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ସମ୍ବାରି ହୋ (୧୮)। ପୁଲିସ ଅଧିକ ତଦନ୍ତ କରୁଛି।

## ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ

# ଭାରପ୍ରାପ୍ତ କୁଳପତିଙ୍କ କାର୍ଯ୍ୟକାଳକୁ ନେଇ ପ୍ରଶ୍ନ

**ବାରିପଦା, ୨୨।୭(ସମିସ):** ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ସନ୍ତୋଷ ତ୍ରିପାଠୀ ଏଠାରେ ଦାୟିତ୍ୱ ତୁଲାଉଛନ୍ତି। ତେବେ ତାଙ୍କର କାର୍ଯ୍ୟକାଳ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାରଣ ତାଙ୍କର ମୂଳ ସ୍ଥାନ ଫକୀରମୋହନ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟକାଳ ଆଜି ଶେଷ ହୋଇଛି। ସେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ୨୦୨୨ ଜୁଲାଇ ୨୨ତାରିଖରେ ଦାୟିତ୍ୱ ଗ୍ରହଣ କରିଥିଲେ। ସେହିବର୍ଷ ଡିସେମ୍ବର ୭ତାରିଖରୁ ଶ୍ରୀ ତ୍ରିପାଠୀଙ୍କୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଭାବେ ଦାୟିତ୍ୱ ଦିଆଯାଇଥିଲା। ପରବର୍ତ୍ତୀ କୁଳପତି ନିଯୁକ୍ତି ନହେବା ପର୍ଯ୍ୟନ୍ତ ଶ୍ରୀ ତ୍ରିପାଠୀ ଏହି ଦାୟିତ୍ୱ ନିର୍ବାହ କରିବେ ବୋଲି ଆଦେଶରେ ଉଲ୍ଲେଖ ଥିଲା। ଏହି ସମୟ ମଧ୍ୟରେ କେହି ନୂତନ କୁଳପତି ନିଯୁକ୍ତ ନ ହୋଇଥିବାରୁ ଶ୍ରୀ ତ୍ରିପାଠୀ ଦାୟିତ୍ୱ ତୁଲାଇ ଆସୁଛନ୍ତି। ପରନ୍ତୁ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ତାଙ୍କର କାର୍ଯ୍ୟକାଳ ଶେଷ ହେବା ମାନେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଭାବେ ମଧ୍ୟ କାର୍ଯ୍ୟକାଳ ଶେଷ ହେବା କଥା। ପରନ୍ତୁ କୁଳାଧିପତି ତଥା ରାଜ୍ୟପାଳଙ୍କ କାର୍ଯ୍ୟାଳୟରୁ କୌଣସି ନିର୍ଦ୍ଦେଶନାମା ଆସି ନଥିବାରୁ ଆସନ୍ତାକାଲି ୨୩ ତାରିଖ ପାଖରୁ ଦୈତ ଦାୟିତ୍ୱ କିଏ ନିର୍ବାହ କରିବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ କୁଳସଚିବ ସୁମିତା ସିଂଙ୍କୁ ପଚାରିବାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ପରବର୍ତ୍ତୀ ନିର୍ଦ୍ଦେଶନାମା ଆସି ନ ଥିବା କହିଛନ୍ତି। ଅପରପକ୍ଷରେ ଶ୍ରୀ ତ୍ରିପାଠୀଙ୍କ କାର୍ଯ୍ୟକାଳ ମଧ୍ୟରେ ବ୍ୟାପକ ଅସନ୍ତୋଷ ଓ ଅନିୟମିତତା ଅଭିଯୋଗ ଥିବାବେଳେ ତାଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି ପୂର୍ବତନ ସିନେଟ ଓ ସିଣ୍ଡିକେଟ ସଦସ୍ୟ ଏବଂ ଆଇନଜୀବୀ। କାର୍ଯ୍ୟକାଳ ବୃଦ୍ଧି ନ କରି ଜଣେ ଦକ୍ଷ ଓ ସଚ୍ଚୋଟ ବ୍ୟକ୍ତିଙ୍କୁ ନୂତନ କୁଳପତି ଭାବେ ଦାୟିତ୍ୱ ଦେବାକୁ ଜିଲ୍ଲାର ସବୁ ମହଲରେ ଦାବି ହେଉଛି।

# ଡ. ହରେକୃଷ୍ଣ ମହତାବଙ୍କ ଜନ୍ମବାର୍ଷିକୀ ଉପଲକ୍ଷେ ଆଲୋଚନାଚକ୍ର



**ବାରିପଦା ୨୨।୭(ସମିସ):** ବାରିପଦା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସାହିତ୍ୟ ଓ ସାଂସ୍କୃତିକ ପରିଷଦ ଦ୍ୱାରା ଡକ୍ଟର ହରେକୃଷ୍ଣ ମହତାବଙ୍କ ୧୨୫ତମ ଜନ୍ମବାର୍ଷିକୀ ପାଳନ ଅବସରରେ ବିଶ୍ୱବିଦ୍ୟାଳୟର ଶିକ୍ଷା ସୌଧ-୪ ସ୍ଥିତ ସମ୍ମିଳନୀ କକ୍ଷରେ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥ ଡକ୍ଟର ହରେକୃଷ୍ଣ ମହତାବ ରିସୋର୍ସ ସେଣ୍ଟର ଆନୁକୂଲ୍ୟରେ ତଥା କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଆୟୋଜିତ ଆଲୋଚନାଚକ୍ରରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର କମଳ ଲୋଚନ ବାରିକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ଭାବେ ବାଇଗଣବାଡ଼ିଆ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଇତିହାସର ବରିଷ୍ଠ ପ୍ରାଧ୍ୟାପକ ଡକ୍ଟର ଯତୀନ୍ଦ୍ରନାଥ ସିଂହଦେବ ସଚାନ ଯୋଗଦାନ କରି ଡକ୍ଟର ମହତାବଙ୍କର ସଂଗ୍ରାମୀ ଜୀବନ ଓ ଓଡ଼ିଶାରେ ପ୍ରଜା ଆନ୍ଦୋଳନ ସହ ଗଡ଼ଜାତ ରାଜ୍ୟଗୁଡ଼ିକର ମିଶ୍ରଣରେ ଡ. ମହତାବଙ୍କ ଭୂମିକା ସମ୍ବନ୍ଧରେ ଏକ ଦୀକ୍ଷାନ୍ତ ଭାଷଣ ଦେଇଥିଲେ। ବିଶ୍ୱବିଦ୍ୟାଳୟ ସାହିତ୍ୟ ଓ ସାଂସ୍କୃତିକ ପରିଷଦର ଉପ-ସଭାପତି ପ୍ରଫେସର ପୁଷ୍ପାଞ୍ଜଳି ପରିଡ଼ା ସ୍ୱାଗତ ଭାଷଣ ଓ ପରିଷଦର ସମ୍ପାଦକ ଡ. ବିଚିତ୍ରନାଥ ସାହୁ ଅତିଥି ପରିଚୟ ଦେଇଥିଲେ। ସହ-ସମ୍ପାଦକ ଡ. ଶିଶିର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପ୍ରାରମ୍ଭରେ ଓଡ଼ିଆ ବିଭାଗର ପ୍ରଥମ ବର୍ଷର ଛାତ୍ରୀ ଦେବସ୍ମିତା ପୁହାଣ ଅତିଥିଗଣଙ୍କୁ ମଞ୍ଚକୁ ଆବାହନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ପ୍ରଫେସର ପ୍ରମୋଦ କୁମାର ଶତପଥି, ପ୍ରଫେସର ସୁସ୍ମିତା କର, ପ୍ରଫେସର ବିଶ୍ୱଜିତ ରଥ, ପ୍ରଫେସର କବିତା କୁମାରୀ ସାହୁ, ପ୍ରଫେସର ପ୍ରଭଞ୍ଜନ ମଲ୍ଲିକ, ପ୍ରଫେସର ରାଜେଶ କୁମାର ସିଂ ପ୍ରମୁଖ ଯୋଗଦେଇଥିଲେ।

# ଏମପିସି କଲେଜରେ ମହିଳା ନିର୍ଯ୍ୟାତନା ସଚେତନତା କର୍ମଶାଳା



**ବାରିପଦା, ୨୨।୭(ସମିସ):** ବାରିପଦା ଏମପିସି ସ୍ୱୟଂଶାସିତ କଲେଜରେ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ଆଇସିସି ପକ୍ଷରୁ ମହିଳା କର୍ମଜିବୀ ଓ ଛାତ୍ରୀ ଯୌନ ନିର୍ଯ୍ୟାତନା ଆଇନ ସମ୍ବନ୍ଧୀୟ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡ. ଆଲବର୍ଟିନା ତିର୍କୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରେ ୟୁଜିସି ପକ୍ଷରୁ ଜାରି ନିୟମକୁ କଡ଼ାକଡ଼ି ପାଳନ କରିବା ଓ ଅନ୍ତରୀଣ ଅଭିଯୋଗ କମିଟିର କାର୍ଯ୍ୟଧାରାକୁ ତ୍ୱରାନ୍ୱିତ କରିବା ନେଇ ସେ ଗୁରୁତ୍ୱ ଦେଇଥିଲେ। ଜୁଭେନାଇଲ ଜଷ୍ଟିସ ବୋର୍ଡର ସଦସ୍ୟ ତଥା ଆଇନଜୀବୀ ଭାସ୍ୱତୀ ବାରିକ ବିଷୟ ବିଶାରଦ ଭାବେ ଯୋଗଦେଇ ମହିଳା ନିର୍ଯ୍ୟାତନା ଆଇନର ବିଭିନ୍ନ ଦିଗ ସମ୍ପର୍କରେ ସବିଶେଷ ଉପସ୍ଥାପନ କରିଥିଲେ। କର୍ମଶାଳାରେ କଲେଜର ଅନ୍ତରୀଣ ଅଭିଯୋଗ କମିଟି (ଆଇସିସି)ର ପ୍ରିଜାଇଡିଂ ଅଫିସର ଡ. ରତ୍ନୀ ହାଁସଦା, କମିଟି ସଦସ୍ୟ ରଞ୍ଜନା ସିଂ, ଭୀମ ଚରଣ ମୁର୍ମୁ ଓ ଜ୍ଞାନରଞ୍ଜନ ନାଏକ ମଞ୍ଚାସୀନ ଥିଲେ। ଶେଷରେ କମିଟି ସଦସ୍ୟ ଡ଼. ସୋନାଲି ମହାନ୍ତ ଅନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ।

# ୬ ମାସ ହେଲା ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପଦ ଖାଲି

**ରାଇରଙ୍ଗପୁର, ୨୨।୭(ସମିସ):** ଦୀର୍ଘ ୬ ମାସ ହେଲା ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପଦ ଖାଲିପଡ଼ିଛି। ଫଳରେ ଲୋକେ କୌଣସି ସୂଚନା ପାଇପାରୁନାହାନ୍ତି। ମୟୂରଭଞ୍ଜ ଜିଲ୍ଲାରେ ଜିଲ୍ଲା ଲୋକ ସୂଚନା ଓ ସମ୍ପର୍କ ଅଧିକାରୀ ଅବିନାଶ ପାଣି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଗଲାପରେ ତାଙ୍କ ସ୍ଥାନରେ ରାଇରଙ୍ଗପୁର ଉପଖଣ୍ଡ ସୂଚନା ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ଦାୟିତ୍ୱ ତୁଲାଉଛନ୍ତି। ତେଣୁ ରାଇରଙ୍ଗପୁର ଉପଖଣ୍ଡ ସୂଚନା ଲୋକ ସମ୍ପର୍କ କାର୍ଯ୍ୟାଳୟ ଜଣେ ପିଅନ ଏବଂ ଭାରାପ୍ରାପ୍ତ ଗ୍ରାନ୍ଥକାରିକ ଦ୍ୱାରା ଚାଲିଛି। ଭୌଗୋଳିକ ଦୃଷ୍ଟିରୁ ରାଇରଙ୍ଗପୁର ଅଞ୍ଚଳ ଗୁରୁତ୍ୱପୂର୍ଣ୍ଣ। ଏହାର ଚାରିପାଖେ ନଦୀ, ନାଳ, ଜଙ୍ଗଲ ଏବଂ ପଡୋଶୀ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ରହିଛି। ଜିଲ୍ଲାରେ ନୂତନ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କୁ ନିଯୁକ୍ତି କରାଯାଇ ଶୀଘ୍ର ରାଇରଙ୍ଗପୁର ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତିଙ୍କୁ ପୁନଃ ମୂଳ ସ୍ଥାନକୁ ଫେରାଇ ଆଣିବା ପାଇଁ ସାମ୍ବାଦିକଙ୍କ ପକ୍ଷରୁ ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନଙ୍କ ଅବଗତ କରାଯାଇଛି।

# ମହିଳା ମହାବିଦ୍ୟାଳୟରେ ସଚେତନତା ଶିବିର



ବାରିପଦା, ୨୨।୭(ସମିସ): ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସାଗରିକା ସିଂହଙ୍କ ପୌରୋହିତ୍ୟରେ ଆଭ୍ୟନ୍ତରୀଣ ଅଭିଯୋଗ ସମିତି ପକ୍ଷରୁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଆଭ୍ୟନ୍ତରୀଣ ଅଭିଯୋଗ ସମିତିର ପୁନର୍ବିନ୍ୟାସ ସହିତ ଯୌନ ନିର୍ଯ୍ୟାତନା ପ୍ରତିରୋଧ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟକ୍ଷା ଛାତ୍ରୀ ତଥା ସମସ୍ତ ବର୍ଗର କର୍ମଚାରୀଙ୍କୁ ନେଇ ଶପଥ ପାଠ କରାଇଥିଲେ। ସମିତିର ମୁଖ୍ୟ ଅଧିକାରିଣୀ ଡ. ରୋଜି କାନୁନଗୋ ଛାତ୍ରୀଙ୍କୁ ସାମଗ୍ରିକ ସଚେତନତା ସମ୍ବନ୍ଧୀୟ ବକ୍ତବ୍ୟ ପ୍ରଦାନ କରିଥିଲେ।

# କିସ୍ ଆବାସିକ ବିଦ୍ୟାଳୟରେ ମେଗା ଚାରାରୋପଣ



**ବାରିପଦା, ୨୨।୭(ସମିସ):** ବର୍ତ୍ତମାନ ସମୟରେ ଜଳବାୟୁ ପରିବର୍ତ୍ତନ, ଗ୍ଲୋବାଲ ୱାରମିଂକୁ ରୋକିବାକୁ ହେଲେ ଏକମାତ୍ର ଉପାୟ ବୃକ୍ଷରୋପଣ। ଏହି ଉଦ୍ଦେଶ୍ୟ ନେଇ ବାରିପଦା ବାଙ୍କିଶୋଳ କିସ୍ ଆବାସିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି ଏକ ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମ। କିସ୍ ଆବାସିକ ବିଦ୍ୟାଳୟ ଛାତ୍ରୀ ତଥା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। କିଟ୍ କିସ୍ ପ୍ରତିଷ୍ଠାତା ଡ଼ ଅଚ୍ୟୁତ ସାମନ୍ତଙ୍କ ନିର୍ଦ୍ଦେଶ କ୍ରମେ ବାରିପଦା କିସ୍ ଆବାସିକ ବିଦ୍ୟାଳୟରେ ଏଭଳି କାର୍ଯ୍ୟକ୍ରମ କରାଯାଇଛି। ପ୍ରଧାନ ଶିକ୍ଷକ ଗଣେଶ ମିଶ୍ର କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଶ୍ରୀ ମିଶ୍ରଙ୍କ ତତ୍ତ୍ୱାବଧାନରେ କିସ୍ ପରିସରରେ ୭୦୦ରୁ ଉର୍ଦ୍ଧ୍ୱ ବିଭିନ୍ନ କିସମର ଫୁଲଫଳ ଚାରାରୋପଣ କରିଥିଲେ।

# ଜନ୍ମଦିନରେ ରକ୍ତଦାନ ଶିବିର; ୪୦ ୟୁନିଟ୍ ସଂଗ୍ରହ




**ବାରିପଦା, ୨୨।୭(ସମିସ):** ବାରିପଦା ଷ୍ଟେସନ ବଜାର ସ୍ଥିତ ତୁଳସୀ ଫାଉଣ୍ଡେସନ ଆନୁକୂଲ୍ୟରେ ସକ୍ରିୟ ସଦସ୍ୟା ବନ୍ଦିତା ସାହୁଙ୍କ ଜନ୍ମଦିନ ଅବସରରେ ଓଡ଼ିଶା ରକ୍ତ କେନ୍ଦ୍ର, ବାରିପଦା ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଅତିଥି ଭାବେ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡା କିଶୋର କୁମାର ଆଚାର୍ଯ୍ୟ ଓ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା ଶାନ୍ତନୁ କୁମାର ଦାଶ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଡଃ ନିରୋଜ କୁମାର ପୋଥାଳ, ସୋମନାଥ ସିଂହ, ଫାଉଣ୍ଡେସନର ପ୍ରତିଷ୍ଠାତା ରଞ୍ଜିତା ଦଲେଇ, ବାରିପଦା ଶିରିଡ଼ି ସାଇ ମନ୍ଦିରର ସଦସ୍ୟା ଚନ୍ଦନା ବେହେରା, ସଙ୍ଗୀତା ମୁଦୁଲି, ରଞ୍ଜିତା ସେଜପଡ଼ା ନିଭା ସାହୁ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିରରୁ ମୋଟ ୪୦ ୟୁନିଟ ସଂଗୃହୀତ ହୋଇଛି। ନର୍ମଦା ମୁଦୁଲି, ବିକାଶ ସାହା, ଶୁଚିସ୍ମିତା ଆଚାର୍ଯ୍ୟ, ମାନସ ବିଶ୍ୱାଳ, ଚିତ୍ତରଞ୍ଜନ ସ୍ୱାଇଁ, ତାପସ ବେହେରା, ଅରବିନ୍ଦ ମୁଖି, ଭରତ ଚନ୍ଦ୍ର ପାତ୍ର, ରୁମା ବାରିକ, ସୀତା ମାର୍ଣ୍ଡି, ନମିତା ନାୟକ, ବସନ୍ତ ହାଁସଦା, ଦିଲ୍ଲୀପ କୁମାର ତୁଙ୍ଗ ଓ ବୈଦ୍ୟନାଥ ମୁର୍ମୁ ଶିବିର ପରିଚାଳନାରେ ସହାୟତା କରିଥିଲେ। ଶେଷରେ ନହରପଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା।

# ନୂତନ ମତଦାନ କେନ୍ଦ୍ର ସୃଷ୍ଟି ନେଇ ରାଜନୈତିକ ଦଳ ସହ ଜିଲ୍ଲାପାଳଙ୍କ ବୈଠକ

ବାରିପଦା, ୨୨।୭(ସମିସ)



ମଙ୍ଗଳବାର ନିଜ ପ୍ରକୋଷ୍ଠରେ ଜିଲ୍ଲପାଳ ହେମକାନ୍ତ ସଏ ରାଜନୈତିକ ଦଳର ପ୍ରତିନିଧିଙ୍କୁ ନେଇ ଏକ ବୈଠକ କରିଛନ୍ତି। ମତଦାନ କେନ୍ଦ୍ରର ଯୁକ୍ତିଯୁକ୍ତ କରଣ ତଥା ନାମ, ସ୍ଥାନ ଓ ନୂତନ କେନ୍ଦ୍ର ସୃଷ୍ଟି ସମ୍ପର୍କରେ ଏହି ବୈଠକରେ ଆଲୋଚନା ହୋଇଥିଲା। ଜିଲ୍ଲାରେ ୧୨୦୦ରୁ ଉର୍ଦ୍ଧ୍ୱ ମତଦାତା ଥିବା ମତଦାନ କେନ୍ଦ୍ର ଗୁଡିକର ଯୁକ୍ତିଯୁକ୍ତକରଣ ସହ ଆବଶ୍ୟକ ସ୍ଥଳେ ନୂତନ କେନ୍ଦ୍ର ସୃଷ୍ଟି କରିବା ଓ ଗୋଟିଏ ମତଦାନ କେନ୍ଦ୍ର ଗୋଟିଏ ଗ୍ରାମ ପଞ୍ଚାୟତରେ ସୀମିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ଜିଲ୍ଲାର ସମସ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀମାନେ ବୁଥ ସ୍ତରୀୟ ଅଧିକାରୀ ଓ ସୁପଭାଇଜରଙ୍କୁ ସଂଶ୍ଲିଷ୍ଟ କରି ୧୨୦୦ରୁ ଅଧିକ ମତଦାତା ଥିବା ୨୪୯ଟି ବୁଥର ଯୁକ୍ତିଯୁକ୍ତକରଣ କରିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ, ନେତ୍ରାନନ୍ଦ ମଲ୍ଲିକ ଓ ଈଶ୍ୱର ଚନ୍ଦ୍ର ନାଏକ, ବାରିପଦା ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା, ଡେପୁଟି କଲେକଟର କ୍ରିସେନସିଆ ତିର୍କୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ଏବଂ ବିଜେପିରୁ ପୂର୍ବତନ ବିଧାୟକ କାହ୍ନା ସୋରେନ, ପ୍ରବୀଣ କୁମାର ପାତ୍ର, ଇଣ୍ଡିଆନ ନ୍ୟାସନାଲ କଂଗ୍ରେସରୁ ଅଶୋକ କୁମାର ଗିରି, ମୋତିପ୍ରକାଶ ଦାଶ, ଆମ ଆଦମୀ ପାର୍ଟିରୁ ଶଙ୍କର୍ଷଣ ମିଶ୍ର ଓ କମୁନିଷ୍ଟ ପାର୍ଟି ଇଣ୍ଡିଆ (ଏମ)ରୁ ଗିରେନ୍ଦ୍ର କୁମାର ଗୋସ୍ୱାମୀ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ସାତଧାରିଆ ଗାଁରୁ ଯୁବକ ନିଖୋଜ

କୁଆମରା, ୨୨।୭ (ସମିସ): ଖୁଣ୍ଟା ଥାନା କରକଚିଆ ପଞ୍ଚାୟତ ସାତଧାରିଆ ଗ୍ରାମର ବାଇଧର ହେମ୍ବ୍ରମ (୩୫) ନାମକ ଜଣେ ଯୁବକ ତିନି ଦିନ ତଳେ କେନ୍ଦ୍ରାପଡ଼ା ରୁ ଘରକୁ ଫେରୁଥିବା ବେଳେ ଉଦଳା ନିକଟରେ ନିଖୋଜ ହୋଇ ଯାଇଥିବା ନେଇ ଉଦଳା ଥାନା ରେ ତାଙ୍କ ମାଆ ପୂର୍ଣ୍ଣିମା ହେମ୍ବ୍ରମ ଅଭିଯୋଗ କରିଛନ୍ତି। ବାଇଧର ଏକ ଘରୋଇ ବସ ଯୋଗେ ରାତିରେ ସେଠାରୁ ଆସୁଥିଲେ। ତେବେ ଆଜି ପର୍ଯ୍ୟନ୍ତ ଠାବ କରାଯାଇପାରି ନାହିଁ।

## ଆଶ୍ରମ ବିଦ୍ୟାଳୟରେ ସଚେତନତା ଶିବିର




ବୈଶିଙ୍ଗା, ୨୨।୭ (ସମିସ): ବୈଶିଙ୍ଗା ଥାନା ଅଧୀନ ରାଇକମା ଆଶ୍ରମ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ରଜତ କୁମାର ଦାସଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟସ୍ଥଳୀରେ ମହିଳାଙ୍କ ପ୍ରତି ଯୌନ ନିର୍ଯାତନା ସମ୍ପର୍କିତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷୟିତ୍ରୀ ଅଂଶ ଗ୍ରହଣ କରିଥିଲେ। ଅଶାଳୀନ ବ୍ୟବହାର, ସେଫ୍ ଟଚ୍, ବେଡ୍ ଟଚ୍ ତଥା ବିଭାଗ ଦ୍?ାରା ଯୋଗାଇଦିଆଯାଇଥିବା ସ୍ମାର୍ଟ ଫୋନର ବ୍ୟବହାର ଶିଖିବା ସହିତ ବିଦ୍ୟାଳୟରେ କୌଣସି ଅସଙ୍ଗତ ବ୍ୟବହାର କେହି କଲେ ଗଠିତ ହୋଇଥିବା ଆଭ୍ୟନ୍ତରୀଣ ଅଭିଯୋଗ କମିଟି ନିକଟରେ ଅଭିଯୋଗ କରିବା ସମ୍ପର୍କରେ ଆଲୋଚନା ହୋଇଥିଲା।ଶିକ୍ଷିକାମାନେ ଆଲୋଚନା କରିଥିଲେ। ଏଥିସହିତ ସରକାରଙ୍କଦ୍ୱାରା ଜାରି କରାଯାଇଥିବା ବିଭିନ୍ନ ସହାୟତା ନମ୍ବର ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ଶେଷରେ କମିଟିର ଅଧ୍ୟକ୍ଷା ସୁବାସିନୀ ପରିଡ଼ା ସୁରକ୍ଷା ଓ ନିରାପତ୍ତାର ଶପଥ ପାଠ କରାଇଲେ।

## ରାଇରଙ୍ଗପୁରକୁ ଜିଲ୍ଲା ଘୋଷଣା ଦାବି



ରାଇରଙ୍ଗପୁର, ୨୨।୭ (ସମିସ): ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ସହର ସିଭିଲ କୋର୍ଟ ସଭାଗୃହରେ ନୂତନ ରାଇରଙ୍ଗପୁର ଜିଲ୍ଲା ଗଠନ ପାଇଁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ରାଇରଙ୍ଗପୁର ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ସଭାପତି ତଥା ରାଇରଙ୍ଗପୁର ଓକିଲ ସଂଘ ସଭାପତି ଅକ୍ଷୟ ମହାନ୍ତି ଯୋଗଦେଇ ସହରରେ ପୁଲିସ ଜିଲ୍ଲା ଘୋଷିତ ହୋଇଛି। ଏଥିପାଇଁ ସହରର ମାନ୍ୟଗଣ୍ୟ ବକ୍ତି ସାଧୁବାଦ ଜଣାଇଛନ୍ତି। ବିଗତ ଦିନରେ ରାଇରଙ୍ଗପୁର ଜିଲ୍ଲା ଗଠନ ନିମନ୍ତେ ରାଷ୍ଟ୍ରପତି ଦୌପଦୀ ମୁର୍ମୁଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରାଯାଇଛି। ତେଣୁ ମୟୂରଭଞ୍ଜ ଜିଲ୍ଲାରେ ୨୬ଟି ବ୍ଲକ ମଧ୍ୟରୁ ରାଇରଙ୍ଗପୁର ଉପଖଣ୍ଡର ସ୍ୱତନ୍ତ୍ର ଭୂମିକା ରହିଛି। ଏଠାରୁ ଯେ କୌଣସି କାମ ପାଇଁ ବାରିପଦାକୁ ଯିବାକୁ ପଡୁଛି। ରାଇରଙ୍ଗପୁରରୁ ବାରିପଦା ୮୦କିମି ହୋଇଥିବାରୁ ସାଧାରଣ ଲୋକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆବଶ୍ୟକ ଭିତ୍ତିଭୂମି ରାଇରଙ୍ଗପୁରରେ ଥିଲେ ମଧ୍ୟ ଜିଲ୍ଲା ଘୋଷଣା ହୋଇପାରୁନାହିଁ। ବିଗତ ଦିନରେ ହାଇକୋର୍ଟଙ୍କ ବିନା ଆଦେଶରେ ଜିଲ୍ଲା ଗଠନ ହୋଇପାରିନାହିଁ। ତେଣୁ ଏହା ସ୍ଥଗିତ ହୋଇନାହିଁ; ବରଂ ଜିଲ୍ଲା ଗଠନ ପାଇଁ ଚୂଡାନ୍ତ ପ୍ରକ୍ରିୟା ଚାଲୁ ରହିଛି। ପୁଣି ଆଇନ ବ୍ୟବସ୍ଥାର ସେକସନ ୭ ରେ ଯାହା ଲିଖିତ ରହିଛି, ଏଥିପାଇଁ କାର୍ଯ୍ୟଧାରା ନିତାନ୍ତ ସ୍ୱୀକାରଯୋଗ୍ୟ। ଏଣୁ ରାଇରଙ୍ଗପୁର ଜିଲ୍ଲା ନିହାତି ଗଠନ ହେବା ଦରକାର। ଏଥିପାଇଁ କରଞ୍ଜିଆ ଉପଖଣ୍ଡର ଆବଶ୍ୟକତା ନାହିଁ ବୋଲି ସେ କହିଥିଲେ। ବୈଠକରେ ରାଇରଙ୍ଗପୁରର ପୂର୍ବତନ ବିଧାୟକ ପ୍ରହଲ୍ଲାଦ ପୂର୍ତ୍ତି ସମେତ ବହୁ ଗଣମାଧମ ପ୍ରତିନିଧି ଉପସ୍ଥିତ ଥିଲେ।

### ୧୭ ବର୍ଷ ହେଲା ହଦଗୋଠରେ ଚାଲିଛି ବେଆଇନ ମଦଭାଟି

# ୫୦ ମିଟର ଦୂରରେ ବିଦ୍ୟାଳୟ; ଅଭିଯୋଗ ଶୁଣୁନି ବିଭାଗ

କପ୍ତିପଦା, ୨୨।୭ (ସମିସ): କପ୍ତିପଦା ବ୍ଲକ ମାଙ୍କଡ଼ପଡ଼ା ପଞ୍ଚାୟତ ଅଧୀନ ହଦଗୋଠ ଗାଁରେ ଶତପ୍ରତିଶତ ଆଦିବାସୀ ପରିବାର ବସବାସ କରୁଛନ୍ତି; ହେଲେ ଏହି ଗାଁରେ ଦୀର୍ଘ ୧୭ ବର୍ଷ ହେଲା ଏକ ଦେଶୀ ମଦଭାଟି ଚାଲୁଛି। ଏହି ମଦଭାଟିଠାରୁ ମାତ୍ର ୫୦ ମିଟର ଦୂରରେ ରହିଛି ଏକ ପ୍ରାଥମିକ ବିଦ୍ୟାଳୟ। ମଦଭାଟିର ଗନ୍ଧରେ ପିଲାମାନେ ପାଠପଢ଼ିବା ମୁସ୍କିଲ ହେଉଛି। ପଚା ଗନ୍ଧରେ ନାକ ଫାଟି ପଡୁଛି। ମଦଭାଟି ଆରମ୍ଭ ହେବା ଦିନଠାରୁ ଗ୍ରାମବାସୀ ବିରୋଧ କରିଆସୁଛନ୍ତି; କିନ୍ତୁ କିଛି ଫଳ ମିଳୁନାହିଁ। ବିଗତ ଦିନରେ ବହୁ ଆନ୍ଦୋଳନ, ପ୍ରତିବାଦ ମଧ୍ୟ କରିଛନ୍ତି ଗ୍ରାମବାସୀ; କିନ୍ତୁ ସେମାନଙ୍କ କଥା କେହି ଶୁଣିବାକୁ ନାହିଁ। ଫଳରେ ସରକାରଙ୍କ ଜିଦ୍ ଆଗରେ ମୁଣ୍ଡ ନୁଆଁଇବାକୁ ବାଧ୍ୟ ହୋଇଛନ୍ତି ନିରୀହ ଆଦିବାସୀ। ଏ ସମ୍ପର୍କରେ ଜିଲ୍ଲା ପରିଷଦ ସଭ୍ୟ ମାକୁ ସିଂଙ୍କୁ ପଚାରିବାରୁ ସେତେବେଳର ଜିଲ୍ଲା ଅବକାରୀ ଆରକ୍ଷୀ ଅଧିକ୍ଷକ ଓ ମନ୍ତ୍ରୀ ଏଠାରେ ମଦଭାଟି ହେବନାହିଁ ବୋଲି ପ୍ରତିଶ୍ରୁତି ଦେବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା; ମାତ୍ର ସମସ୍ତ ନିୟମକୁ ଉଲ୍ଲଂଘନ କରି ଗାଁ ମଝିରେ ମଦଭାଟି ଆଜକୁ ୧୭ ବର୍ଷ ଧରି ଚାଲିଆସୁଛି। କିଛି ସମାଜସେବୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବା ପରେ ଗ୍ରାମସଭାରେ ଗାଁ ଲୋକଙ୍କ ଯଦି ସମର୍ଥନ ମିଳିବ ତେବେ ମଦ ଭାଟି ଉଠିବ; କିନ୍ତୁ ଗାଁରେ ମଦଭାଟି ହେବାପରେ ଲୋକେ ଆଉ ଚାହୁଁ ନାହାନ୍ତି। ଏବେ ଗାଁ ଲୋକଙ୍କ ମଦ ହିଁ ଜୀବନ ପାଲଟିଛି। ଭାଟି ଆରମ୍ଭ ହେବା ପୂର୍ବରୁ ଯେଉଁ ଗାଁ ଲୋକମାନେ ଦୃଢ଼ ପ୍ରତିବାଦ କରୁଥିଲେ ସେମାନେ ମଦପିଇ ଜୀବନଯାପନ କରୁଛନ୍ତି। ଏହି ୧୭ ବର୍ଷ ମଧ୍ୟରେ ଅନେକ ତାଙ୍କର ବାପା ମାଆଙ୍କୁ ହରାଇ ସାରିଛନ୍ତି ଏବଂ ବହୁ ଅଳ୍ପ ବୟସର ମହିଳା ମଧ୍ୟ ସ୍ୱାମୀଙ୍କୁ ହରାଇ ସାରିଛନ୍ତି। ଏହି ଭାଟିରୁ ଦୈନିକ ୪ରୁ ୫ ଶହ ଲିଟର ଯାଏ ମଦ ପ୍ରସ୍ତୁତ ହେଉଛି। ଏହାକୁ ମାଙ୍କଡ଼ପଡ଼ା, ମଝିଗଡିଆ, ଶାଳଚୁଆ, ଜାମ୍ବଣୀ ଓ ଜଡ଼ିଦା ଗ୍ରାମ ପଞ୍ଚାୟତରେ ବିକ୍ରି କରାଯିବା ନିମନ୍ତେ ସରକାରୀ ନିର୍ଦ୍ଦେଶ ରହିଛି। ଏଠାରୁ ବାଲେଶ୍ୱର ଓ କେନ୍ଦୁଝର ଜିଲ୍ଲାକୁ ମଧ୍ୟ ଚାଲାଣ ହେଉଛି ବୋଲି ଗ୍ରାମର ଦେବେନ୍ଦ୍ର ପରିଡ଼ା, ଭଗବାନ ସୋରେନ, ସନ୍ତୋଷ ପରିଡ଼ା, ଅବିନାଶ ବିନ୍ଧାଣି ଓ ଲକ୍ଷ୍ମଣ ହାଁସଦା ଅଭିଯୋଗ କରିଛନ୍ତି। ସରକାରୀ ନିୟମାନୁସାରେ ମୟୂରଭଞ୍ଜର ମହୁଲରେ ପ୍ରସ୍ତୁତ ମଦ ପାଇଁ ଏହି ଭାଟି ନିଲାମ ହୋଇଥିଲା; ମାତ୍ର ମହୁଲର ଅଭାବ ହେତୁ ଏବେ ଏହା ସଫା ଚିନିରେ ତିଆରି ହେଉଛି; ଯାହାକି ବିଷାକ୍ତ ମଦପିଇ ଅକାଳରେ ଧନଜୀବନ କ୍ଷତି ହେଉଛି। ଭାଟିର ପ୍ରକୃତ ମାଲିକ ସନ୍ତୋଷ



କୁମାର ମହାନ୍ତି ହୋଇଥିବାବେଳେ ସେ ବାରିପଦାରେ ରହୁଛନ୍ତି। ଜଳେଶ୍ୱର ଅଞ୍ଚଳର ପ୍ରତାପ ଦାସ ନାମକ ପାଞ୍ଚ ବର୍ଷ ପାଇଁ ଲିଜ ନେଇଛନ୍ତି। ଏପରିକି ଭାଟି ପାଇଁ ଆବଶ୍ୟକ ହେଉଥିବା କାଠ ମଧ୍ୟ ନିକଟସ୍ଥ ଜଙ୍ଗଲରୁ ବେନିୟମ ଭାବେ କଟାଯାଉଛି। ତେଣୁ ଏହି ଘଟଣା ତଦନ୍ତସାପେକ୍ଷ। ଏ ନେଇ ଉଦଳା ଅବକାରୀ ଅଧିକାରୀ ଶୁଭଦର୍ଶିନୀ ସାହୁଙ୍କୁ ଯୋଗାଯୋଗ କରିବାରୁ ସ୍କୁଲ ନିକଟରେ ମଦଭାଟି ରହିବା ନିୟମ ନାହିଁ। ତେବେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଅଭିଯୋଗ କଲେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ସରପଞ୍ଚ କ୍ଷେତ୍ରମୋହନ ଟୁଡୁ କୁହନ୍ତି, ମଦଭାଟି ନିକଟରେ ସ୍କୁଲ ଚାଲିବା ବୋଧହୁଏ ଓଡ଼ିଆ ସଂସ୍କୃତିରେ ଅଛି। ତା ନ ହେଲେ ଏତେ ଅଭିଯୋଗ ପରେ ବି ମଦଭାଟି ନ ହଟିବା ପ୍ରଶ୍ନବାଚୀ ସୃଷ୍ଟି କରିଛି।

## କନ୍ଦାସାହିରେ ବିଦ୍ୟୁତ ବିଭ୍ରାଟ; ଆନ୍ଦୋଳନ ପାଇଁ ସଜବାଜ

ଶରତ, ୨୨।୭ (ସମିସ): ବିଷନୁଗାଁ କନ୍ଦାସାହିରେ ୨୦୦ ଘରକୁ ବିଜୁଳି ସଂଯୋଗ ଦିଆଯାଇଛି। ପ୍ରଥମେ ଟ୍ରାନ୍ସଫର୍ମରୁ କେବଳ ବିପିଏଲ ପରିବାରଙ୍କୁ ସଂଯୋଗ କରାଯାଇଥିଲା। କିନ୍ତୁ ପରେ ଗାଁର ସମସ୍ତ ଘରକୁ ସଂଯୋଗ ଦିଆଗଲା ଏବଂ ବିଲ୍ ମଧ୍ୟ ଆଦାୟ କରାଯାଇଛି; କିନ୍ତୁ ଛୋଟ ଟ୍ରାନ୍ସଫର୍ମର ଲାଗିଥିବାରୁ ବିଦ୍ୟୁତ ବିଭ୍ରାଟ ଦେଖାଦେବାରୁ ଗାଁ ଲୋକେ ଏକତ୍ର ହୋଇ ୪୦ହଜାର ଟଙ୍କା ଯୋଗାଡ କରିଥିଲେ ଏବଂ ପରେ ନୂଆ ଟ୍ରାନ୍ସଫର୍ମର ବସାଇଲେ। ହେଲେ କିଛିଦିନ ଚାଲିବା ପରେ ଏବେ ପୁଣି କଟିଯାଇଛି। ତେଣୁ ବିଦ୍ୟୁତ୍ ବିଭାଗ ତୁରନ୍ତ ଏକ ଉଚ୍ଚସମ୍ପନ୍ନ ଟ୍ରାନ୍ସଫର୍ମର ବସାଇବାକୁ ଗ୍ରାମର ସୁରେନ୍ଦ୍ର ସିଂ ଗିଲୁଆ, ବୀର ସିଂ ମେଲଗାନ୍ଧି, ମାନସିଂହ ପୂର୍ତ୍ତି, ବାମିଆ ବଦରା, ମଟକା ବାନ୍ଧିଆ, ସୁମି ଦେଓଗାମ, କୁନି ଗିଲୁଆ, ମାନି ଗିଲୁଆ ସମେତ ବହୁ ଲୋକ ଦାବି କରିଛନ୍ତି। ଏବେ ଟ୍ରାନ୍ସଫର୍ମର ପୋଡି ଯାଇଥିବାରୁ



୨୦ ଦିନ ହେଲା ଲୋକେ ହନ୍ତସନ୍ତ ହେଉଛନ୍ତି। ତେଣୁ ଆଗାମୀ ଦିନରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ଟ୍ରାନ୍ସଫର୍ମର ନ ବସାଇଲେ ଆନ୍ଦୋଳନ କରିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ତାରିଣୀ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟ୍

ଉଦଳା, ୨୨।୭ (ସମିସ): ସୋମବାର ରାତିରେ ଉଦଳା ନିକଟ ଖଣ୍ଡିହୁଡି ତାରିଣୀ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟ ହୋଇଥିବା ନେଇ ଅଭିଯୋଗ ହୋଇଛି। ମଙ୍ଗଳବାର ସକାଳେ ପୂଜକ ପୂଜା ପାଇଁ ଆସିଥିବା ବେଳେ ଚୋରି ସମ୍ପର୍କରେ ଜାଣିବାକୁ ପାଇଥିଲେ। ଗତକାଲି ରାତିରେ ଦୁର୍ବୃତ୍ତମାନେ ମନ୍ଦିରର ପଶ୍ଚିମ ଫାଟକ ତାଲା ଭାଙ୍ଗି ମା'ଙ୍କ ମୁକୁଟ, ଚିତା, ଚକ୍ଷୁ ସମେତ ଲକ୍ଷାଧିକ ମୂଲ୍ୟର ଅଳଙ୍କାର ଲୁଟିନେଇଛନ୍ତି। ଏନେଇ ମନ୍ଦିର କମିଟି ସଦସ୍ୟ ଶ୍ରୀବତ୍ସ କଲିଆ, ବିଶ୍ୱନାଥ ବେହେରା ଉଦଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୁଲିସ ଏକ ମାମଲା ରୁଜୁକରିବା ସହିତ ସିସି ଟିଭି ଯାଞ୍ଚ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ ଯେ, ପୂର୍ବରୁ ମଧ୍ୟ ମନ୍ଦିରର ପୂର୍ବ ଫାଟକ ଭାଙ୍ଗି ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି ହୋଇଥିଲା। ଲୁଟ ହୋଇଥିବା ଅଳଙ୍କାରର ମୁଲ୍ୟ ଆନୁମାନିକ ୫ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ମନ୍ଦିର କମିଟି ସଦସ୍ୟମାନେ ପ୍ରକାଶ କରିଛନ୍ତି।

## ବାତ୍ସଲ୍ୟ ପ୍ରି-ସ୍କୁଲର କୁନି ପିଲାଙ୍କୁ ନେଇ ବୃକ୍ଷରୋପଣ କାର୍ଯ୍ୟକ୍ରମ




ବାରିପଦା, ୨୨।୭ (ସମିସ): ବାଘଡାରୋଡ ସ୍ଥିତ ବାତ୍ସଲ୍ୟ ପ୍ରି-ସ୍କୁଲର କୁନି କୁନି ପିଲାଙ୍କୁ ନେଇ ମଙ୍ଗଳବାର ବାରିପଦା ସହରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ବର୍ଷ ଅଧିକରୁ ଅଧିକ ଗଛ ଲଗାଇବା ପାଇଁ ଦେଶର ପ୍ରଧାନମନ୍ତ୍ରୀ 'ମା ପାଇଁ ଗଛ ଟିଏ' ସନ୍ଦେଶ ଦେଇ ବୃକ୍ଷରୋପଣ ପାଇଁ ଆହ୍ୱାନ କରିଥିବାବେଳେ ବାତ୍ସଲ୍ୟ ପ୍ରି-ସ୍କୁଲରେ ପଢୁଥିବା କୁନି କୁନି ପିଲାମାନେ ମଧ୍ୟ ଏଥିରୁ ବାଦ ପଡ଼ିନାହାନ୍ତି। ଆଜିର ସମାଜରେ ପ୍ରତ୍ୟେକ ନାଗରିକଙ୍କୁ ଏକ ସଚେତନ ବାର୍ତ୍ତା ଦେବାର ସେମାନେ ପ୍ରୟାସ କରିଛନ୍ତି। ବୃକ୍ଷ ବଞ୍ଚିଲେ, ମଣିଷ ବଞ୍ଚିବାରେ ଗୋଟିଏ ବୃକ୍ଷର ମହତ୍ୱକୁ କୁନି ପିଲାମାନେ ଏହି ବୟସରୁ ଜାଗୃତ ହେଲେ ଭବିଷ୍ୟତରେ ନିଜେ ନିଜେ ଜଣେ ଜଣେ କର୍ତ୍ତବ୍ୟପରାୟଣ ହୋଇ ବୃକ୍ଷରୋପଣ କରିବାରେ ସହାୟକ ହୋଇପାରିବେ। ଆଜିର କାର୍ଯ୍ୟକ୍ରମରେ ସ୍କୁଲର ନିର୍ଦ୍ଦେଶିକା ଗୀତାଞ୍ଜଳି ମହାପାତ୍ର, ଶିକ୍ଷୟିତ୍ରୀ ବନ୍ଦନା ମାଝୀ, ଜାହ୍ନବୀ ପଲେଇ, ସୁମିତା ନନ୍ଦ ଏବଂ ଗ୍ଲୋବାଲ ନିମ ପ୍ଲାଣ୍ଟେସନ ପ୍ରତିଷ୍ଠାତା ଅଜିତ କୁମାର କବାଟ, ପ୍ରକୃତିବନ୍ଧୁ ବିମ୍ବାଧର ସାହୁ, ଭାସ୍ୱତୀ ପଣ୍ଡା ଓ ନିରୋଜ ପୁଥାଳ ପ୍ରମୁଖ ଉପସ୍ଥିତ ଥିଲେ।

## ମଛପଦାରେ ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମ

ବୈଶିଙ୍ଗା, ୨୨।୭ (ସମିସ): ବେତନଟୀ ବନଖଣ୍ଡ ଅଧିକାରୀ ମନୱର ଖାଁଙ୍କ ପରିଚାଳନାରେ ସନ୍ତରା ପଞ୍ଚାୟତ ମଛପଦାରେ ସୋମବାର ଏକ ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଗାଁରେ ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ଚାରାରୋପଣ କରିବା ନିମନ୍ତେ ଯୋଜନା କରାଯାଇଛି। ଜିଲ୍ଲା ଜଙ୍ଗଲ ଅଧିକାରୀ ଏ.ଉମା ମହେଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଡାମପୁର ବନପାଳ ଦୀପକ ପାତ୍ର, ବୈଶିଙ୍ଗା ବନପାଳ ପ୍ରଦୀପ ଦେହୁରୀ, ବନରକ୍ଷୀ ସସ୍ମିତା ଦଳେଇ, ଉତ୍ତମ ଦାସ, ଜୟନ୍ତୀ ପାତ୍ର, ସସ୍ମିତା ଶତପଥୀ ପ୍ରମୁଖ ସହଯୋଗ କରିଥିଲେ। ପ୍ରତ୍ୟେକ ଏକ ଗଛ ଲଗାଇବା ପରେ ତାହାର ଯତ୍ନ ନେବାପାଇଁ ଗ୍ରାମବାସୀଙ୍କ ସହଯୋଗର ଆବଶ୍ୟକତା ରହିଛି ବୋଲି ଜଙ୍ଗଲ ଅଧିକାରୀ କହିଥିଲେ।



## ଶୁକ୍ଳି କଲେଜରେ ସଚେତନତା କର୍ମଶାଳା

ଶୁକ୍ଳି, ୨୨।୭ (ସମିସ): ଶୁକ୍ଳି ସ୍ନାତକ ମହାବିଦ୍ୟାଳୟରେ ଏକ ସଚେତନତା କର୍ମଶାଳା ଓ ସେମିନାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସଂଗ୍ରାମ କେଶରୀ ମଲ୍ଲିକ ଅଧ୍ୟକ୍ଷତା କରିଥିଲେ। ଆଲୋଚନାଚକ୍ରରେ କରଞ୍ଜିଆ ଉପଖଣ୍ଡର ଏସଡିପିଓ ନବକୃଷ୍ଣ ନାୟକ, ରରୁଆଁ ଥାନାର ଆରକ୍ଷୀ ନିରୀକ୍ଷକ ଅନାଦି ଚରଣ ପାଟାୟତ ଓ ସହକାରୀ ଆରକ୍ଷୀ ନିରୀକ୍ଷକ ବିବେକାନନ୍ଦ ବେହେରା, ସାମାଜିକ କର୍ମକର୍ତ୍ତା ସୋନାଲି ରାଉତ ପ୍ରମୁଖ ଯୋଗଦେଇ ଶିକ୍ଷାନୁଷ୍ଠାନରେ ଯୌନ ନିର୍ଯାତନା ଆଇନ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ମହାବିଦ୍ୟାଳୟର ପ୍ରିଜାଇଡିଂ ଅଫିସର ଅଧ୍ୟାପିକା ବିଦ୍ୟୁତ ପ୍ରଭା ପୃଷ୍ଟି ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ଅଧ୍ୟାପକ ସରୋଜ କୁମାର ପଲେଇ ଧନ୍ୟବାଦ ଅର୍ପଣ କରିଥିଲେ।

### କଣ୍ଠାବଣି ପଲ୍ଲୀସଭାରେ ପୁଲିସ ଆକ୍ରମଣର ପ୍ରତିବାଦ

# ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ କଂଗ୍ରେସର ବିକ୍ଷୋଭ




ରାଇରଙ୍ଗପୁର, ୨୨।୭ (ସମିସ): ରାଇରଙ୍ଗପୁର ବ୍ଲକ କଣ୍ଠାବଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଇଡୋକୋ ପାଇଁ ସରକାରୀ ଜମି ଅଧିଗ୍ରହଣ ନିମନ୍ତେ ଗତ ୧୯ ତାରିଖରେ ବ୍ଲକ ପ୍ରଶାସନ ପକ୍ଷରୁ ଭାରପ୍ରାପ୍ତ ବିଡ଼ିଓ ଧାନାଇ ଚରଣ ଟୁଡୁ, ସରପଞ୍ଚ ବାଲିମଣି ଟୁଡୁଙ୍କ ଉପସ୍ଥିତିରେ ଏକ ସ୍ୱତନ୍ତ୍ର ପଲ୍ଲୀସଭା ଅନୁଷ୍ଠିତ ହୋଇଥିଲା। ସଭାରେ ସପକ୍ଷବାଦୀ ଏବଂ ବିପକ୍ଷବାଦୀମାନେ ଶିଳ୍ପାୟନ ସମ୍ପର୍କରେ ମତାମତ ଦେବା ସହ ସରକାରଙ୍କ ରେଜିଷ୍ଟ୍ରାର ଖାତାରେ ସପକ୍ଷ ଏବଂ ବିପକ୍ଷରେ ଦସ୍ତଖତ କରିଥିଲେ। ପରେ ବିଡ଼ିଓ ରେଜିଷ୍ଟ୍ରାର ଖାତା ନେଇ ବ୍ଲକ କାର୍ଯ୍ୟାଳୟକୁ ଯାଇଥିଲେ; କିନ୍ତୁ ବିପକ୍ଷବାଦୀ ଜନଶୁଣାଣି ପାଇଁ ସର୍ବସମ୍ମୁଖରେ ପ୍ରକାଶ ପାଇଁ ଅଡି ବସିଥିଲେ। ସନ୍ଧ୍ୟା ୭ଟା ବେଳକୁ ଏବିଡିଇଓ ସୁରାଇ ମାରାଣ୍ଡି ରେଜିଷ୍ଟ୍ରାର ଖାତା ନ ଦେଖାଇ ସପକ୍ଷରେ ୨୫୮ ଏବଂ ବିପକ୍ଷରେ ୧୯୩ ଜଣଙ୍କ ନାମ ଘୋଷଣା କରିଥିଲେ। ଫଳରେ ବିପକ୍ଷବାଦୀ ଉତ୍ତ୍ୟକ୍ତ ହୋଇ ଏବିଡିଇଓଙ୍କୁ ଅଟକ ରଖିଥିଲେ। ରାତି ୮ ଟା ବେଳକୁ ବ୍ଲକ କାର୍ଯ୍ୟାଳୟ ସୁରକ୍ଷା ଏବଂ ଏବିଡିଇଓଙ୍କୁ ଉଦ୍ଧାର କରିବା ପାଇଁ ଲୋକଙ୍କୁ ବ୍ଲକ ଅଫିସରରୁ ବାହାର କରାଯାଉଥିବା ସମୟରେ ପୁଲିସ ସହିତ ଧସ୍ତାଧସ୍ତି ହେବା ସହିତ ଗଣ୍ଡଗୋଳ ହୋଇଥିଲା। ଫଳରେ କିଛି ଲୋକ ଏବଂ ୱେବ ଚାନେଲର ସାମ୍ବାଦିକ ଆହତ ହୋଇଥିଲେ। ଏହି ଘଟଣାକୁ ନେଇ କଂଗ୍ରେସ କଣ୍ଠାବଣିର ପୀଡିତଙ୍କୁ ସମବେଦନା ଜଣାଇବା ସହ ପୁଲିସର ଆକ୍ରମଣକୁ ମଙ୍ଗଳବାର ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ ସଭାପତି ଭୁବନ ସାହୁଙ୍କ ନେତୃତ୍ୱରେ ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ। ବିକ୍ଷୋଭରେ ଆଦିବାସୀ ସେଲ୍‌ଫ ରାଜ୍ୟ ଅଧ୍ୟକ୍ଷ ତଥା ପ୍ରାକ୍ତନ କେନ୍ଦୁଝର ସାଂସଦ ଯଶୋବନ୍ତ ସିଂ ଲାଗୁରୀ, ପିସିସି ସମ୍ପାଦକ ଲକ୍ଷ୍ମୀଧର୍ ସିଂ, ପ୍ରାକ୍ତନ କଂଗ୍ରେସ ବିଧାୟକ ଲକ୍ଷ୍ମଣ ମାଝି, ପ୍ରାକ୍ତନ ବହଳଦା ବିଧାୟକ ପ୍ରହଲ୍ଲାଦ ପୂର୍ତ୍ତି, ପ୍ରାକ୍ତନ କଂଗ୍ରେସ ବିଧାୟକ ଶାମଚରଣ ହାଁସଦା, ଭଜହରି ମହାନ୍ତ ସମେତ ବହୁ କର୍ମୀ ସାମିଲ ହୋଇଥିଲେ। ରାଜ୍ୟ ସରକାରଙ୍କ ଆଦିବାସୀ ମାରଣ ଓ ଶୋଷଣ ନୀତି, ପୁଲିସର ଅମାନୁଷିକ ଆକ୍ରମଣ, ବେଆଇନ ପଲ୍ଲୀସଭାକୁ ନେଇ ପ୍ରଶାସନ ଉପରେ ବର୍ଷିଥିଲେ କଂଗ୍ରେସ ନେତା। ପରେ ଉପଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସରକାରଙ୍କ ଗାଇଡ ଲାଇନ ଅନୁସାରେ ପଲ୍ଲୀସଭା କରାଯାଉ ଏବଂ ଲୋକଙ୍କ ମତାମତ ନିଆଯାଉ ବୋଲି ଦଳ ଦାବି କରିଛି।

### ● ମୌଳିକ ଅଧିକାରରୁ ବଞ୍ଚିତ ମଙ୍ଗଲଡିହି ଓ କାଶୀଗୋଡାବାସୀ

# କାଦୁଅ ରାସ୍ତାରେ ଲଟପଟ ହେଉଛନ୍ତି ଗାଁ ଲୋକେ

ବହଳଦା, ୨୨।୭ (ସମିସ): ମୟୂରଭଞ୍ଜ ଜିଲ୍ଲା ବହଳଦା ବ୍ଲକ ଅନ୍ତର୍ଗତ ଝରାଡିହି ଗ୍ରାମପଞ୍ଚାୟତ ବଡକେଡମ ଗ୍ରାମର ପଡ଼ାଗ୍ରାମ ମଙ୍ଗଲଡିହି ଏବଂ କାଶୀଗୋଡାବାସୀ ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ଦୀର୍ଘବର୍ଷ ହେଲା ଏହି ଦୁଇଗାଁ ଗମନା ଗମନ ଓ ପାନୀୟ ଜଳ ସୁବିଧାରୁ ବଞ୍ଚିତ ରହିଛନ୍ତି। ଫଳରେ ଅବହେଳିତ ଅବସ୍ଥାରେ ଜୀବନ ଯାପନ କରୁଥିବା ପରି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ଏହି ଦୁଇ ଗାଁରେ। ମଙ୍ଗଲଡିହି ଗ୍ରାମକୁ ଗମନାଗମନ କରିବା ନିମନ୍ତେ ବନ୍ଦୋବସ୍ତ ନ ଥିବାରୁ ଗାଁର ଜଣେ ବ୍ୟକ୍ତି ନିକଟରେ ଗୁରୁତର ଅସୁସ୍ଥ ହେବା ଫଳରେ ଗ୍ରାମବାସୀ ଉକ୍ତ ରୋଗୀଙ୍କୁ ଡାକ୍ତର ପାଖକୁ ନେଇପାରି ନ ଥିଲେ। ବଡକେଡମ ଗ୍ରାମର ପଡ଼ାଗ୍ରାମ ମଙ୍ଗଲଡିହି, କାଶିଗୋଡା ଓ ଶଶଗୋଡାକୁ ସଂଯୋଗ କରୁଥିବା ପାଖାପାଖି ୪ କିମି କାଦୁଅ ପଚପଚ ଦୁର୍ଗମ ରାସ୍ତା ପାଇଁ ଲୋକେ ହନ୍ତସନ୍ତ ହେଉଛନ୍ତି। ଉକ୍ତ ରାସ୍ତାରେ ଚାଲିକରି ଯିବା ମଧ୍ୟ ସମ୍ଭବ ହେଉନି। ତେଣୁ ନିରୁପାୟ ହୋଇ ଗ୍ରାମାଞ୍ଚଳର ଜଣେ କ୍ୱାକ୍ ଡାକ୍ତରଙ୍କୁ କାଦୁଅ ରାସ୍ତାରେ ଚଲାଇ ଚଲାଇ ନେଇ ରୋଗୀ ଚିକିତ୍ସା କରୁଛନ୍ତି। ସୁସ୍ଥ ନ ହେବାରୁ ତାଙ୍କୁ ବଡକେଡମ ଗ୍ରାମ ପର୍ଯ୍ୟନ୍ତ ଖଟରେ ବୋହି ନେଇ ସେଠାରୁ ଡାକ୍ତରଖାନାକୁ ନିଆଯାଇଥିଲା। ଟାଟା-ବାଦାମପାହାଡ ରେଳ ଫାଟକ ନିକଟରେ ଥିବା ଶାଙ୍ଖାର ପୋଲ ନିକଟରୁ କାଶୀଗୋଡା ପର୍ଯ୍ୟନ୍ତ ୨ କିମି ରାସ୍ତା ମଧ୍ୟ କାଦୁଅ ହୋଇଥିବାରୁ ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି। କାଶୀଗୋଡା ଠାରୁ ମଙ୍ଗଲଡିହି ଗ୍ରାମ ପର୍ଯ୍ୟନ୍ତ ନାଲିଗୋଡି ମୋରମ ରାସ୍ତାରେ ଠାଏ ଠାଏ କାଦୁଅ ଜମିଥିବା ବେଳେ



ଘାସରେ ପରିପୂର୍ଣ୍ଣ ହୋଇରହିଛି। ପୁଣି ମଙ୍ଗଲଡିହି ନିମବନ୍ଧଠାରୁ ବଡକେଡମ ଭୂମିଜସାହି ପ୍ରାଥମିକ ବିଦ୍ୟାଳୟ ପର୍ଯ୍ୟନ୍ତ ରାସ୍ତା ଗମନା ଗମନ ପାଇଁ ଅନୁପଯୋଗ୍ୟ ହୋଇଛି। ଏହି ରାସ୍ତାରେ ପ୍ରାଥମିକ ବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର ଓ ଶିଶୁ ବାଟିକାର କୁନି କୁନି ଶିଶୁ ଯିବା ଆସିବା କରିବାବେଳେ କାଦୁଅରେ ପଡ଼ି ଖଣ୍ଡିଆଖାବରା ହେଉଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।



ଗୋଲାପ'ର ନାମ ବଦଳିଗଲେ ମଧ୍ୟ ମହକ ଅକ୍ଷୁର୍ଣ୍ଣ ରହିବ।
-ୱିଲିୟମ ସେକ୍ସପିୟର

ସକାଳ
THE SAKALA

# ଇସ୍ତଫା ରହସ୍ୟ

ଭାରତୀୟ ଗଣତନ୍ତ୍ର ଇତିହାସରେ ୨୦୨୫ ଜୁଲାଇ ତୃତୀୟ ସପ୍ତାହ ଏକ ବିତର୍କିତ ଅଧ୍ୟାୟ ଲେଖିଛି। ସୋମବାର ଉପରାଷ୍ଟ୍ରପତି ତଥା ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ଼ ଇସ୍ତଫା ଦେଇଛନ୍ତି। ସ୍ୱାଧୀନ ଭାରତ ଇତିହାସରେ ଭି ଭି ଗିରି ଓ ଆର ଭେଙ୍କଟରମଣଙ୍କ ପରେ କାର୍ଯ୍ୟକାଳ ମଝିରୁ ଇସ୍ତଫା ଦେବାରେ ସେ ତୃତୀୟ ଉପରାଷ୍ଟ୍ରପତି ଭାବେ ଅଲୋଡ଼ା ରେକର୍ଡ ସୃଷ୍ଟି କରିଛନ୍ତି। ସେହିପରି ଆବାସିକ ପରିସରରୁ ନଗଦ ଟଙ୍କା ଉଦ୍ଧାର ଘଟଣାରେ ବିବାଦୀୟ ହୋଇପଡ଼ିଥିବା ଉଚ୍ଚ ନ୍ୟାୟାଳୟର ବିଚାରପତି ଯଶବନ୍ତ ବର୍ମାଙ୍କ ବିରୋଧରେ ସଂସଦରେ ମହାଅଭିଯୋଗ ପ୍ରସ୍ତାବ ଆସିଛି। ଏହି ଦୁଇ ଘଟଣା ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରର ଦୁଇ ସ୍ତମ୍ଭ ବିଧାନପାଳିକା ଓ ନ୍ୟାୟପାଳିକାର ମର୍ଯ୍ୟାଦା ଓ ଗରିମାରେ ଆଞ୍ଚ ଆଣିଛି ନିଶ୍ଚୟ।

ଭି ଭି ଗିରି ଓ ଆର ଭେଙ୍କଟରମଣ ରାଷ୍ଟ୍ରପତି ପ୍ରାର୍ଥିତ୍ୱ ପାଇଁ ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେଇଥିବା ବେଳେ ଧନଖଡ଼ଙ୍କ କ୍ଷେତ୍ରରେ ସେଭଳି କୌଣସି ସମ୍ଭାବନା ନାହିଁ। ତେଣୁ ତାଙ୍କ ଇସ୍ତଫାକୁ ନେଇ ଅନେକ କଳ୍ପନାଜଳ୍ପନା ପ୍ରକାଶ ପାଇବା ସ୍ୱାଭାବିକ। ଯେଉଁ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଧନଖଡ଼ ଇସ୍ତଫା ଦେଇଛନ୍ତି ତାହା ସହଜରେ ଗ୍ରହଣଯୋଗ୍ୟ ହୋଇପାରୁନାହିଁ। ଇସ୍ତଫା ପଛର କାରଣ ତର୍ଜମା କରିବାରେ ଜାତୀୟ ଗଣମାଧ୍ୟମ ମୁଖର ହୋଇଛି। କେତେକ ମହଲର ମତ ହେଲା ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ୍ ଗାନ୍ଧୀଙ୍କୁ କହିବାକୁ ବାଚସ୍ପତି ସୁଯୋଗ ଦେଉନଥିବା ଅଭିଯୋଗ ଆସିଥିବା ବେଳେ ରାଜ୍ୟସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡ଼ଗେଙ୍କୁ ସମ୍ପୂର୍ଣ୍ଣ ସମୟ କହିବାକୁ ସୁଯୋଗ ମିଳିଥିଲା। ଖଡ଼ଗେଙ୍କ ବକ୍ତବ୍ୟ ପରେ ରାଜ୍ୟସଭାରେ ଶାସକ ଦଳର ନେତା ଜେପି ନଡ୍ଡା ଖଡ଼ଗେଙ୍କ ବକ୍ତବ୍ୟ ରେକର୍ଡରୁ ବାଦ୍ ଦିଆଯିବ ବୋଲି କହିଥିଲେ। ଏହାଛଡ଼ା ଧନଖଡ଼ଙ୍କ ଦ୍ୱାରା ଆହୂତ ଦ୍ୱିତୀୟ ପର୍ଯ୍ୟାୟ ବିଜିନେସ୍ ଆଡ୍‌ଭାଇଜରି କମିଟି ବୈଠକରେ ନଡ୍ଡା ଓ ସଂସଦୀୟ ଓ ଆଇନ ମନ୍ତ୍ରୀ କିରଣ ରିଜ୍ଜୁ ଯୋଗ ଦେଇନଥିଲେ। ଏହା ଧନଖଡ଼ଙ୍କ ସମ୍ମାନ ଓ ସ୍ୱାଭିମାନକୁ କ୍ଷୁର୍ଣ୍ଣ କରିଥିଲା। ଏପରିକି ଖଡ଼ଗେଙ୍କୁ ଦୀର୍ଘ ସମୟ କହିବାକୁ କାହିଁକି ସୁଯୋଗ ଦିଆଗଲା ସେ ସମ୍ପର୍କରେ ଦଳୀୟ ହାଇକମାଣ୍ଡଙ୍କ ପକ୍ଷରୁ ଧନଖଡ଼ଙ୍କୁ ଜବାବ ତଲବ କରାଯାଇଥିବାରୁ ସେ ଇସ୍ତଫା ଦେଇଥିବା ମଧ୍ୟ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି।

ଆଉ କେତେକ ମହଲର ଯୁକ୍ତି ହେଉଛି ଜଣେ ସ୍ପଷ୍ଟବାଦୀ, ସ୍ୱାଭିମାନୀ ଓ ଶୃଙ୍ଖଳିତ ହେଡ୍‌ମାଷ୍ଟର ରୂପେ ପରିଚିତ ଧନଖଡ଼ ଚଳିତ ଅଧିବେଶନର ପ୍ରଥମ ଦିନରେ ଇସ୍ତଫା ଦେବା ପାଇଁ ମାନସିକ ସ୍ତରରେ ସ୍ଥିର କରିସାରିଥିଲେ। ତେଣୁ ଅନ୍ତତଃ ରାଜ୍ୟସଭା ଅଧ୍ୟକ୍ଷ ଭାବେ ଦାୟିତ୍ୱବୋଧ, ନୈତିକତା, ସଂସଦୀୟ ବିଧିବ୍ୟବସ୍ଥା ଏବଂ ଗଣତନ୍ତ୍ରର ଗରିମା ଦୃଷ୍ଟିରୁ ଗୃହର ବିରୋଧୀ ଦଳ ନେତାଙ୍କ ବାକ୍‌ସ୍ୱାଧୀନତାକୁ ଯଥାସମ୍ଭବ ସୁରକ୍ଷା ଦେଇ ନିଜ ସାମ୍ବିଧାନିକ କର୍ତ୍ତବ୍ୟ ସମ୍ପାଦନ କରିଥିଲେ। ରାଜ୍ୟସଭାରେ ଧନଖଡ଼ ଓ ଖଡ଼ଗେଙ୍କ ମଧ୍ୟରେ ବାକ୍‌ବିତଣ୍ଡା ସବୁବେଳେ ବିତର୍କିତ ଓ ବିବାଦୀୟ ହୋଇ ରହିଆସିଛି। ଧନଖଡ଼ଙ୍କ ପକ୍ଷପାତିତା ଯୋଗୁଁ ଗୃହରେ ମତାଧିକାର ସାବ୍ୟସ୍ତରୁ ବଞ୍ଚିତ ହେଉଥିବା ଅଭିଯୋଗ ଆଣି ଇଣ୍ଡିଆ ମେଣ୍ଟ ଗତ ଡିସେମ୍ବର ମାସରେ ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିଲା। ତେଣୁ ସୋମବାର ଖଡ଼ଗେଙ୍କୁ ସମ୍ପୂର୍ଣ୍ଣ ସମୟ କହିବାର ସୁଯୋଗକୁ ସ୍ୱାଭାବିକ ଭାବେ ଗ୍ରହଣ କରାଯାଇପାରୁନାହିଁ। ଏହାକୁ ଆଧାର କରି ମତ ପ୍ରକାଶ ପାଉଛି ଯେ ବୋଧହୁଏ ଶେଷଦିନରେ ଖଡ଼ଗେଙ୍କୁ ବାକ୍‌ସ୍ୱାଧୀନତା ଦେଇ ଆପତତଃ ଧନଖଡ଼ ଏହା ପ୍ରମାଣ କରିବାକୁ ଚାହିଁଲେ ଯେ ସେ ଦଳୀୟ ଚାପରେ ନୈତିକତା ଓ ପଦମର୍ଯ୍ୟାଦାକୁ ହତ୍ୟା କରିବାକୁ ପ୍ରସ୍ତୁତ ନୁହନ୍ତି। ଇସ୍ତଫା ପଛରେ ଏହିସବୁ କାରଣ ଗଣମାଧ୍ୟମରେ ଆରମ୍ଭ ହୋଇଥିବା ତର୍ଜମାକୁ ଆହୁରି ଗତିଶୀଳ କରିଛି।

ଏକଦା ଧନଖଡ଼ଙ୍କ ବିରୋଧରେ ମହାଅଭିଯୋଗ ପ୍ରସ୍ତାବର ନେତୃତ୍ୱ ନେଇଥିବା କଂଗ୍ରେସର କେତେକ ନେତା ଏବେ ଇସ୍ତଫା ନିଷ୍ପତ୍ତିର ପୁନଃବିଚାର ପାଇଁ ଧନଖଡ଼ଙ୍କୁ ଅନୁରୋଧ କରିଛନ୍ତି। ଇସ୍ତଫା ପାଇଁ ଧନଖଡ଼ଙ୍କ ଉପରେ ତାଙ୍କ ଦଳ ଚାପ ସୃଷ୍ଟି କରିଥିବା ମଧ୍ୟ କଂଗ୍ରେସ ଦଳ ଅଭିଯୋଗ ଆଣିଛି। ଅପରପକ୍ଷରେ ବିହାର ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ସେହିରାଜ୍ୟରୁ ଜଣେ ଦଳିତ ବର୍ଗର ମୁହଁକୁ ଉପରାଷ୍ଟ୍ରପତି ପଦରେ ଅବସ୍ଥାପିତ କରାଯିବାର ଯୋଜନା ହୋଇଥିବା କେତେକ ମହଲ ମତ ଦେଉଥିବା ବେଳେ ଆଉ କେତେକ ମହଲର ମତ ହେଲା 'ଅପରେସନ୍ ସିନ୍ଦୂର'ରେ ଭାରତର ସଫଳତାକୁ ବିଶ୍ୱ ଦରବାରରେ ସଠିକ୍ ଉପସ୍ଥାପନା କରିଥିବା କଂଗ୍ରେସ ନେତା ଶଶି ଥରୁରଙ୍କୁ ଏନ୍‌ଡିଏ ପକ୍ଷରୁ ପରବର୍ତ୍ତୀ ଉପରାଷ୍ଟ୍ରପତି କରାଯିବାର ଯୋଜନା ଚୂଡ଼ାନ୍ତ ହୋଇଛି ଏବଂ ଏଥିପାଇଁ ଧନଖଡ଼ଙ୍କୁ ବାଧ୍ୟବାଧକତାରେ ଇସ୍ତଫା ଦେବାକୁ ପଡ଼ିଛି। ଶଶି ଥରୁରଙ୍କ ଗତ କିଛିଦିନର ସରକାରୀ ସପକ୍ଷବାଦୀ ଓ ରାଷ୍ଟ୍ରସ୍ୱାର୍ଥବାଦୀ ମତ ଓ ମନ୍ତବ୍ୟକୁ ତର୍ଜମା କଲେ ଏହି ଆଲୋଚନା ସମ୍ପୂର୍ଣ୍ଣ ନିରାଧାର ବୋଲି କହିହେବ ନାହିଁ। ଏହିସବୁ ଆଲୋଚନାରୁ ତାଙ୍କର ଇସ୍ତଫାକୁ ନେଇ ଯେ ରାଜନୀତି ସୃଷ୍ଟି ହୋଇସାରିଛି ତାହାକୁ ଅସ୍ୱୀକାର ମଧ୍ୟ କରାଯାଇପାରିବ ନାହିଁ। ପଶ୍ଚିମବଙ୍ଗର ରାଜ୍ୟପାଳ ଭାବେ ହେଉ କିମ୍ବା ରାଜ୍ୟସଭାରେ ନୀତିନିୟମ ସହିତ ସାଲିସ୍‌ବିହୀନ କାର୍ଯ୍ୟକଳାପ ପାଇଁ ଅନେକ ସମୟରେ ଧନଖଡ଼ ବିବାଦୀୟ ହୋଇପଡ଼ିଥିଲେ। ସର୍ବୋପରି ସର୍ବୋଚ୍ଚ ନ୍ୟାୟାଳୟର କଲେଜିୟମ୍ ବ୍ୟବସ୍ଥାକୁ ବିରୋଧ ଏବଂ ବିଧେୟକ ପାରିତ କରିବାରେ ରାଷ୍ଟ୍ରପତିଙ୍କ ଲାଗି ସମୟ ସୀମା ଧାର୍ଯ୍ୟ ସଂକ୍ରାନ୍ତୀୟ ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟକୁ ଚାଲେଞ୍ଜ କରି ଆହୁରି ଚର୍ଚ୍ଚାକୁ ଆସିଥିଲେ। ତାଙ୍କର ଏହି କଠୋରବାଦୀ ଆଭିମୁଖ୍ୟକୁ ମଧ୍ୟ ଇସ୍ତଫାର କାରଣ ସହିତ ଯୋଡ଼ାଯାଇଛି। ବିଦାୟକାଳୀନ ସମ୍ବର୍ଦ୍ଧନା ପାଇଁ ଆୟୋଜିତ ଉତ୍ସବରେ ଯୋଗ ଦେବାକୁ ଧନଖଡ଼ ମନା କରିଦେବା ଘଟଣା ତାଙ୍କ ଇସ୍ତଫାର କାରଣକୁ ଆହୁରି ଚର୍ଚ୍ଚିତ କରିଛି।

ତେବେ ଇସ୍ତଫା ପଛରେ ଯାହା ବି କାରଣ ଥାଉ ନା କାହିଁକି ସେ ବିଷୟରେ ଯେତେ ଅଧିକ ଖୋଳତାଡ଼ କରାଯିବ ବା ଅନୁମାନ ଆଧାରିତ ମନ୍ତବ୍ୟ ଦିଆଯିବ, ତାହା ଭାରତର ସାମ୍ବିଧାନିକ ପଦମର୍ଯ୍ୟାଦା ଓ ଗଣତାନ୍ତ୍ରିକ ଗରିମାର ପରିପନ୍ଥୀ ହେବ। ଧନଖଡ଼ ନିଜେ ତାଙ୍କ ଇସ୍ତଫାର କାରଣ ନ କହିବା ପର୍ଯ୍ୟନ୍ତ ତାହା ସବୁଦିନ ପାଇଁ ଏକ ରହସ୍ୟ ହୋଇ ରହିଥି ବ, ସବୁ ଆଲୋଚନା କେବଳ କଳ୍ପନାଜଳ୍ପନା ବୋଲି ଧରାଯିବ। ଏହି ରହସ୍ୟ ପଛରେ ଯଦି ରାଜନୀତି ଥାଏ, ତେବେ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରର ମଙ୍ଗଳ ଦୃଷ୍ଟିରୁ ତାହା ସବୁଦିନ ପାଇଁ ଆଢୁଆଳରେ ରହିବା ଉଚିତ ହେବ। ଗଣତନ୍ତ୍ରର ଏକ ଦାୟିତ୍ୱବାନ ସ୍ତମ୍ଭ ଭାବରେ ଆମେ ଏହି ରହସ୍ୟମୟ ଇସ୍ତଫା ପଛର କାରଣ ଅନ୍ୱେଷଣ କିମ୍ବା ନିଷ୍କର୍ଷରେ ପହଞ୍ଚିବାରୁ ଯଥାସମ୍ଭବ ନିବୃତ୍ତ ରହିବାକୁ ଉଚିତ୍ ମଣୁଛୁ। ଏଥିସହିତ ଉପରାଷ୍ଟ୍ରପତି ଓ ରାଜ୍ୟସଭା ଅଧ୍ୟକ୍ଷ ଭଳି ଏକ ସାମ୍ବିଧାନିକ ଗୁରୁତ୍ୱପୂର୍ଣ୍ଣ ପଦପଦବୀର ଇସ୍ତଫା ରହସ୍ୟକୁ ରାଜନୀତିର ଊର୍ଦ୍ଧ୍ୱରେ ରଖିବାକୁ ବିନମ୍ର ପରାମର୍ଶ ଦେଉଛୁ। ●

# ଭାରତ ଇତିହାସରେ ଓଡ଼ିଶାର ସ୍ଥାନ

ଲେ. ଇଂ ଭରତ ଚନ୍ଦ୍ର ଦାସ

ବର୍ଷାଣାଂ ଭାରତଃ ଶ୍ରେଷ୍ଠୋ ଦେଶାନାମୁକଳ ଶ୍ରୁତଃ ଉତ୍କଳସ୍ୟ ସମୋଦେଶଃ ଦେଶୋନାସ୍ତି ମହୀତଳେ॥ ଭାରତବର୍ଷର ପ୍ରାଚୀନ ଶାସ୍ତ୍ର 'କପିଳ ସଂହିତା'ରେ ଉଦ୍‌ଘୋଷିତ ଉପରୋକ୍ତ ସଂସ୍କୃତ ଶ୍ଳୋକଟିର ଅର୍ଥ ହେଲା-ଉପମହାଦେଶମାନଙ୍କ ମଧ୍ୟରେ ଭାରତବର୍ଷ ଶ୍ରେଷ୍ଠ! ଦେଶମାନଙ୍କ ମଧ୍ୟରେ ଉତ୍କଳ ଶ୍ରେଷ୍ଠ। ଉତ୍କଳ ସମ ଦେଶ ଜଗତରେ ନାହିଁ। ଏହାହିଁ ଓଡ଼ିଶା ଇତିହାସର ସାରକଥା ଏବଂ ବିଶ୍ୱର ପ୍ରତ୍ୟେକ ଓଡ଼ିଆ ଦୃଢ଼ତାର ସହିତ କହିବା କଥା।

ଆଜି 'ଓଡ଼ିଶା' ନାମରେ ପରିଚିତ ଆମ ରାଜ୍ୟ ପ୍ରାଚୀନ ଯୁଗରୁ 'କଳିଙ୍ଗ' ନାମରେ ଏକ ବିଶାଳ, ଶକ୍ତିଶାଳୀ, ସମୃଦ୍ଧ, ସୁସଂସ୍କୃତ ଏବଂ ଏକମାତ୍ର ସ୍ୱାଧୀନ ରାଜ୍ୟ ରୂପେ ଏହାର ସାମୁଦ୍ରିକ ବିଶ୍ୱ ନୌବାଣିଜ୍ୟ ପାଇଁ ବିଶ୍ୱପ୍ରସିଦ୍ଧ ହୋଇ ଭାରତବର୍ଷର ଗୌରବବର୍ଦ୍ଧନ କରୁଥିଲା। ମହାଭାରତ ଯୁଗ ପୂର୍ବରୁ ମଧ୍ୟ ପ୍ରତିଷ୍ଠିତ କଳିଙ୍ଗର ସାମୁଦ୍ରିକ ନୌବାଣିଜ୍ୟ ଖ୍ରୀଷ୍ଟପୂର୍ବ ୮୦୦ ସମୟକୁ ବିଶ୍ୱପ୍ରସାରୀ ହୋଇଥିଲା। ଖ୍ରୀଷ୍ଟପୂର୍ବ ୧୦୦ ସମୟର କଳିଙ୍ଗ ମାଟିର ମହାନ୍ ସନ୍ତାନ ତଥା ସସାଗରା ଅଖଣ୍ଡ ଭାରତର ସର୍ବମାନ୍ୟ ସମ୍ରାଟ ମହାମେଘବାହନ ଐରଖାରବେଳଙ୍କ ଶକ୍ତିଶାଳୀ ନୌସେନାର ସୁରକ୍ଷାରେ ଏହା ସର୍ବୋଚ୍ଚ ଶିଖରରେ ଉପନୀତ ହୋଇଥିଲା। କଳିଙ୍ଗବାସୀ 'କଳିଙ୍ଗାଃ ସାହସିକାଃ' ଭାବେ ପରିଚିତ ହେଉଥିଲେ। କଲମ୍ବସ ଓ ଭାସ୍କୋଡାଗାମା ଆଦିଙ୍କ ଅନ୍ୟୂନ ହଜାର ବର୍ଷ ପୂର୍ବରୁ କଳିଙ୍ଗାନ୍‌ମାନଙ୍କ ବିଶ୍ୱର ସପ୍ତସମୁଦ୍ର ଉପରେ ରାଜତ୍ୱର ପ୍ରକୃତ ଇତିହାସ, ଭାରତର ଗୌରବମୟ ଇତିହାସ ରୂପେ ସର୍ବଭାରତୀୟ ଏନ୍‌ସିଇଆରଟି ଇତିହାସ ପାଠ୍ୟ ପୁସ୍ତକମାନଙ୍କରେ ସ୍ୱତନ୍ତ୍ର ଭାବେ ସ୍ଥାନିତ ହେବା ଉଚିତ୍।

ଆଧୁନିକ ବୈଜ୍ଞାନିକ ପ୍ରମାଣଭିତ୍ତିକ ପ୍ରକୃତ ଇତିହାସ ଅନୁଯାୟୀ, ଭାରତବର୍ଷର 'ବୈଦିକ ସଭ୍ୟତା' ହିଁ ବିଶ୍ୱର ସର୍ବପ୍ରାଚୀନ ସଭ୍ୟତା ଏବଂ ବିଶ୍ୱର ସମସ୍ତ ସଭ୍ୟତାମାନଙ୍କର ଉଦ୍‌ଗମର ଭୂମି ମଧ୍ୟ ଭାରତ। 'କଳିଙ୍ଗ' ନାମରେ ପ୍ରାଚୀନ ଯୁଗରେ ଏବଂ 'ଉତ୍କଳ' ନାମରେ ମଧ୍ୟଯୁଗରେ ବୃହତ୍ତର ଓଡ଼ିଶା ଥିଲା ଭାରତବର୍ଷର ହୃଦଦେଶ ଏବଂ ଶକ୍ତି କେନ୍ଦ୍ର। ଆଜିର ଓଡ଼ିଆମାନେ ଅନେକ ଜାତି, ଅନୁସୂଚିତ ଜାତି ଏବଂ ଜନଜାତି ରୂପେ ପରିଚିତ ହେଉଥିଲେ ମଧ୍ୟ ସାମଗ୍ରିକ ଭାବେ ବିଶ୍ୱର ଓଡ଼ିଆମାନେ ଏକ ପ୍ରାଚୀନତମ ମହାଜାତି। ଅନ୍ୟୂନ ୨୫୦୦ ବର୍ଷର ଶାସ୍ତ୍ରୀୟ ଓଡ଼ିଆ ଭାଷା ଏହାର ଅକାଟ୍ୟ ପ୍ରମାଣ। ଓଡ଼ିଶାରେ ଓଡ଼ିଆର ଭାଷାରେ ରହିଛି ସର୍ବାଧିକ ପ୍ରାଚୀନ ତାଳପତ୍ର ପୋଥି, ଯାହାର ସଂଖ୍ୟା ୨, ୧୩, ୦୦୦ରୁ ଅଧିକ।

ଯୁଗେ ଯୁଗେ ସ୍ୱାଧୀନଚେତା ସାହସୀ, ସ୍ୱାଭିମାନୀ ଓ ସଂଗ୍ରାମୀ କଳିଙ୍ଗ ବା ଓଡ଼ିଆ ମହାଜାତି ହିଁ ସର୍ବାଧିକ ଲଢ଼ିଛି ଶତ୍ରୁ ସହିତ ନିଜ ଜନ୍ମମାଟିରେ, ଖ୍ରୀଷ୍ଟପୂର୍ବ ୨୬୧ର କଳିଙ୍ଗ ମହାଯୁଦ୍ଧରେ ଚଣ୍ଡାଶୋକ ବିରୁଦ୍ଧରେ। ଖ୍ରୀ.ପୂ ୧୦୦ରେ ସମ୍ରାଟ ଖାରବେଳଙ୍କ ରଥ, ଗଜ, ଅଶ୍ୱାରୋହୀ ଓ ପଦାତିକମାନଙ୍କର ଅପରାଜେୟ କଳିଙ୍ଗସେନା ଉତ୍ତର ଭାରତରୁ ଶକ୍ତିଶାଳୀ ଗ୍ରୀକ୍‌ମାନଙ୍କୁ ଏବଂ ପଶ୍ଚିମ ଭାରତରୁ ଉପଦ୍ରବକାରୀ ଶକମାନଙ୍କୁ ବିତାଡ଼ିତ କରି, ଶାନ୍ତି, ମୈତ୍ରୀ ଓ ଭ୍ରାତୃତ୍ୱର 'ତ୍ରିସୂତ୍ରୀ ରାଷ୍ଟ୍ରନୀତି' ସହିତ ଏ ଦେଶରେ ସର୍ବପ୍ରଥମେ 'ଏକ ରାଷ୍ଟ୍ରୀୟତା'ର ପ୍ରତିଷ୍ଠା କରିଥିଲା। ମହାରାଜା ଶତ୍ରଭଞ୍ଜଙ୍କ ଆଟବୀକ ସେନା ମଗଧରୁ ଶକ୍ତିଶାଳୀ କୁଶାଣମାନଙ୍କୁ ଏବଂ କଳିଙ୍ଗର ଉପକୂଳବର୍ତ୍ତୀ ଅଞ୍ଚଳରୁ ସେମାନଙ୍କ ବିରାଦରୀ ମୁରୁଣ୍ଡମାନଙ୍କୁ ବିତାଡ଼ିତ କରି ଉତ୍ତର-ପୂର୍ବ ଭାରତରେ ବିଶାଳ ସ୍ୱଦେଶୀ 'ନାଗବଂଶୀ ସାମ୍ରାଜ୍ୟ'(ଖ୍ରୀଷ୍ଟାବ୍ଦ ୩ୟ ଶତାବ୍ଦୀର) ର ଭିତ୍ତିସ୍ଥାପନ କରିଛି। ଓଡ଼ିଆ ମହାଜାତି ହିଁ ଲଢ଼ିଛି ଭାରତରେ ୫୦୦ ବର୍ଷର ବିଦେଶୀ ଆକ୍ରମଣକାରୀ ସୁଲତାନ ଏବଂ ମୋଗଲ ରାଜତ୍ୱ ବିରୁଦ୍ଧରେ।

ଅଦୃଷ୍ଟପୂର୍ବ ଥିଲା ଓଡ଼ିଶାର ଶ୍ରୀଜଗନ୍ନାଥକୈନ୍ଦ୍ରିକ ସ୍ୱତନ୍ତ୍ର ଖୋର୍ଦ୍ଧାରାଜ୍ୟର ୨୩୩ ବର୍ଷର (ଖ୍ରୀ.୧୫୭୧-୧୮୦୪) ସଂଗ୍ରାମ ଏବଂ ଘୁମୁସରର କନ୍ଧପାଇକମାନଙ୍କ ଫରାସୀ ଓ ଇଂରେଜଙ୍କ ବିରୁଦ୍ଧରେ ୧୧୩ ବର୍ଷର ସଂଗ୍ରାମ। ଭାରତରେ ସିପାହୀ ବିଦ୍ରୋହର (୧୮୫୭) ୪୦ ବର୍ଷ ପୂର୍ବରୁ ଓଡ଼ିଶାର ୧୮୧୭ର ପାଇକ ବିଦ୍ରୋହ ଥିଲା ଏ ଦେଶର ସର୍ବପ୍ରଥମ ସଶସ୍ତ୍ର ସ୍ୱାଧୀନତା ସଂଗ୍ରାମ ଇଂରେଜମାନଙ୍କ ବିରୁଦ୍ଧରେ। ଓଡ଼ିଆ ମହାଜାତିର ଜ୍ଞାନଭିତ୍ତିକ ସାମରିକ ଶକ୍ତିର ସୁରକ୍ଷାରେ ହିଁ ଯଯାତିକେଶରୀ(ଖ୍ରୀ.୧୦୨୪-୧୦୪୦), ଚୋଡ଼ଗଙ୍ଗଦେବ(ଖ୍ରୀ.୧୦୭୮-୧୧୪୭), ରାଜରାଜଦେବ(ଖ୍ରୀ୧୦୯୮-୧୨୧୧), ଅନଙ୍ଗଭୀମଦେବ(ଖ୍ରୀ.୧୨୧୧-୧୨୩୧), ଲାଙ୍ଗୁଳା ନରସିଂହଦେବ(ଖ୍ରୀ.୧୨୩୮-୧୨୬୪) ଏବଂ କପିଳେନ୍ଦ୍ରଦେବ(ଖ୍ରୀ.୧୪୩୫-୧୪୬୮) ଆଦି ପରାକ୍ରମୀ ନରପତିମାନଙ୍କ ନେତୃତ୍ୱରେ ସମୃଦ୍ଧ ଏବଂ ସୁସଂସ୍କୃତ ଓଡ଼ିଶାରେ ନିର୍ମାଣ ହୋଇଛି ବିଶ୍ୱପ୍ରସିଦ୍ଧ ଲିଙ୍ଗରାଜ ମନ୍ଦିର, ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିର ଏବଂ କୋଣାର୍କ ସୂର୍ଯ୍ୟ ମନ୍ଦିର ସମେତ ଅଗଣିତ ମନ୍ଦିରରାଜି ଏବଂ ପ୍ରସିଦ୍ଧ ବାରବାଟୀ, ବରୁଣେଇ ଓ ରାଇବଣିଆ ପ୍ରଭୃତି ଦୁର୍ଗମାନ। ଏହି ଉତ୍କଳରେ ପ୍ରତିଷ୍ଠା ହୋଇଥିଲା ସର୍ବପ୍ରାଚୀନ ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ଏବଂ ପରିମଳଗିରି ସଦୃଶ ବୃହତ ବୌଦ୍ଧବିହାରମାନ।

ଭାରତ ଇତିହାସର ସର୍ବପ୍ରଥମ ସାମ୍ରାଜ୍ଞୀରୂପେ ତୋଷାଳୀ ୧ମ ତ୍ରିଭୁବନ ମହାଦେବୀ(ପ୍ରାୟ ଖ୍ରୀ.୮୪୫-୮୫୦), ପୃଥ୍ୱୀ ମହାଦେବୀ ଏବଂ ୨ୟ ତ୍ରିଭୁବନ ମହାଦେବୀ ପ୍ରଭୃତି ମହୀୟସୀ ନାରୀ ଶାସିକାମାନେ ପରିଚୟ ସୃଷ୍ଟି କରିଥିଲେ। ଖ୍ରୀଷ୍ଟପୂର୍ବ ୧୦୦ ରେ ସମ୍ରାଟ ଖାରବେଳଙ୍କଠାରୁ ୧୫୬୮ ଖ୍ରୀଷ୍ଟାବ୍ଦରେ ଓଡ଼ିଶାର ଶେଷ ସ୍ୱାଧୀନ ରାଜ୍ୟ ମୁକୁନ୍ଦ ଦେବଙ୍କ ପର୍ଯ୍ୟନ୍ତ ଓଡ଼ିଶାର ସୁଦୀର୍ଘ ୧୬୦୦ ବର୍ଷର ସ୍ୱାଧୀନତା। ମଧ୍ୟଯୁଗୀୟ ଭାରତର ସର୍ବଶ୍ରେଷ୍ଠ ଜାତୀୟ ବୀର ଓଡ଼ିଶାର ଗଜପତି ସମ୍ରାଟ କପିଳେନ୍ଦ୍ର ଦେବ (ଖ୍ରୀ ୧୪୩୫- ୧୪୬୮)। 'ଗଜପତି ଗୌଡ଼େଶ୍ୱର, ନବକୋଟି କର୍ଣ୍ଣାଟୋତ୍କଳ କଳବର୍ଗେଶ୍ୱର' - ଏହି ସୁଦୀର୍ଘ ଉପାଧି ଧାରଣ କରିଥିବା ଅପରାଜେୟ ସମ୍ରାଟ କପିଳେନ୍ଦ୍ର ଦେବ ତାଙ୍କ ଦ୍ୱାରା ବିଜିତ ରାଜ୍ୟମାନଙ୍କୁ ସୂଚାଇ ଥାଏ। 'ଗୌଡ଼େଶ୍ୱର' ଅର୍ଥ ବଙ୍ଗଜୟୀ, 'କର୍ଣ୍ଣାଟ' ବିଜୟନଗର ସମେତ ଦାକ୍ଷିଣାତ୍ୟ, 'ନବକୋଟି' ଦାଣିଣାତ୍ୟର ୯ଟି ପ୍ରସିଦ୍ଧ ଦୁର୍ଗ, 'କଳବର୍ଗ' ଥିଲା ପଶ୍ଚିମ ଭାରତରେ ସୁଲତାନ ଶାସିତ ବୃହତ୍ ବାହମନୀ ସାମ୍ରାଜ୍ୟର ରାଜଧାନୀ। ସମସାମୟିକ ବିଶାଳ ଓଡ଼ିଶା ବା ଉତ୍କଳ ସହିତ ଉପରୋକ୍ତ ରାଜ୍ୟମାନଙ୍କୁ ନେଇ ସମ୍ରାଟ କପିଳେନ୍ଦ୍ର ଦେବ ହିଁ ଭାରତରେ ଉପରୋକ୍ତ ୫୦୦ବର୍ଷର ବିଦେଶୀ ଶାସନର କାଳଖଣ୍ଡରେ ପ୍ରତିଷ୍ଠା କରିଥିଲେ 'ସର୍ବବୃହତ ସ୍ୱଦେଶୀ ହିନ୍ଦୁ ସାମ୍ରାଜ୍ୟ'। ମଧ୍ୟଯୁଗରେ ଅନ୍ୟ କୌଣସି ଭୂମିପୁତ୍ର ବୀର ଏତାଦୃଶ ବୃହତ୍ତର ସାମ୍ରାଜ୍ୟ ସ୍ଥାପନ କରିବାକୁ ସମର୍ଥ ହୋଇନାହାନ୍ତି। ବହୁସହସ୍ର ଯୁଦ୍ଧହସ୍ତୀ ସହିତ ଦୁର୍ଦ୍ଧର୍ଷ ଓଡ଼ିଆ ସେନା ଏବଂ ତାଙ୍କର ମହାନ୍ ବୀରପୁତ୍ର-ହମ୍ବିର ଦେବଙ୍କ ସମେତ ବହୁ ସୁଦକ୍ଷ ସେନାପତିମାନଙ୍କ ନେତୃତ୍ୱ ନେଇ ଅପରାଜେୟ କପିଳେନ୍ଦ୍ର ଦେବ ଭାରତରେ ସମସାମୟିକ ସାମରିକ ଶକ୍ତିମାନଙ୍କୁ ଭୀତତ୍ରସ୍ତ କରିଥିଲେ। ଏହାର ପ୍ରଭାବରେ ସମ୍ରାଟ କପିଳେନ୍ଦ୍ର ଦେବଙ୍କ ପରେ ମଧ୍ୟ 'ଆଗଙ୍ଗାଗୋଦାବରୀ ଆସମୁଦ୍ରବିନ୍ଧ୍ୟ' ପରିବ୍ୟାପ୍ତ ସୁବିଶାଳ ଓଡ଼ିଶାର ସାର୍ବଭୌମତ୍ୱ ଏବଂ ସ୍ୱାଧୀନତା ୧୫୬୮ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ସଗର୍ବରେ ସୁରକ୍ଷିତ ଥିଲା, ଯେଉଁ ସମୟରେ ଭାରତର ପ୍ରାୟ ଅନ୍ୟ ସମସ୍ତ ରାଜ୍ୟମାନ ବିଦେଶୀ ମୁସଲମାନ ଶାସକମାନଙ୍କ ଦ୍ୱାରା ଅଧିକୃତ ହୋଇ ଘୋର ଦୁର୍ଦ୍ଦଶା ଭୋଗିଥିଲେ।

'ଜଗନ୍ନାଥ ଦେଶ' ରୂପେ ବିଶାଳ ଓଡ଼ିଶା ହିଁ ଥିଲା ଭାରତର ହିନ୍ଦୁ ବିଦ୍ୱାନ, ସାଧୁସନ୍ଥ ଏପରିକି ପଳାୟନ କରି ଆସିଥିବା ରାଜବଂଶୀ, ସର୍ବୋପରି ହିନ୍ଦୁ ଭକ୍ତ ସମାଜର ଭରସା ଏବଂ ଆଶ୍ରୟର ଭୂମି, ଯେଉଁଠାରେ ଭାରତୀୟ ମହାନ ସଂସ୍କୃତି ଥିଲା ସୁରକ୍ଷିତ! ଭାରତ ଇତିହାସରେ ଓଡ଼ିଶାର ଏହି ମହାନ ଭୂମିକା ସର୍ବଭାରତୀୟ ଏନ୍‌ସିଇଆରଟି ଇତିହାସ ପାଠ୍ୟପୁସ୍ତକମାନଙ୍କରେ ସ୍ଥାନିତ କରାଯାଇ ଗଜପତି ସମ୍ରାଟ କପିଳେନ୍ଦ୍ର ଦେବଙ୍କୁ ମଧ୍ୟଯୁଗୀୟ ଭାରତୀର ସର୍ବଶ୍ରେଷ୍ଠ ଜାତୀୟବୀର ରୂପେ ଯଥାସ୍ଥାନ ପ୍ରଦାନ କରି ପ୍ରକୃତ ଭାରତ ଇତିହାସ ଲେଖାଯିବା ଜରୁରୀ। କାରଣ, ଆମ ଇତିହାସ ହିଁ ଆମ ପରିଚୟ। ପ୍ରାଚୀନ ଓ ମଧ୍ୟଯୁଗରେ ଭାରତର ଗୌରବ ବର୍ଦ୍ଧନ କରିଥିବା ମହାନ ଓଡ଼ିଶାର ଇତିହାସକୁ ଭାରତ ଇତିହାସରେ ଜାଣି ଜାଣି ଏଡ଼ାଇଦେବା କୌଣସି ଇତିହାସ ଲିଖନରେ ଏକ ଗୁରୁତର ଅପରାଧ ନିଶ୍ଚୟ। ସୁଖର କଥା ଯେ, ଓଡ଼ିଶାର ଐତିହାସିକମାନେ, ୨୦୧୩ରେ ଓଡ଼ିଶାର ମହାନ୍ ଗଜପତି ସମ୍ରାଟ କପିଳେନ୍ଦ୍ର ଦେବଙ୍କ ରାଜ୍ୟାଭିଷେକ ଦିବସ ୨୯ ଜୁନ୍ ୧୪୩୫ ଅନୁଯାୟୀ, '୨୯ ଜୁନ୍‌କୁ' ଓଡ଼ିଶା ଇତିହାସ ଦିବସ ରୂପେ ପାଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଣୁ ଏହି ଦିବସରେ ସମଗ୍ର ଓଡ଼ିଶାରେ ଜନସାଧାରଣଙ୍କ ମଧ୍ୟରେ ଓଡ଼ିଶାର ଗୌରବମୟ ଐତିହ୍ୟ ସମ୍ପର୍କରେ ସଚେତନତା ସୃଷ୍ଟି କରାଯିବା ଉଚିତ୍। ଏହା ଓଡ଼ିଶା ବିକାଶ ଲକ୍ଷ୍ୟରେ ସମସ୍ତ ଜନସାଧାରଣଙ୍କୁ ଅନୁପ୍ରାଣିତ କରିବ ନିଶ୍ଚୟ।

**ଜୟ ଜଗନ୍ନାଥ! ବନ୍ଦେ ଉତ୍କଳ ଜନନୀ!** ●

ଭୁବନେଶ୍ୱର, ମୋ: ୯୪୩୯୭୩୩୬୫୬

# ପକ୍ଷୀଙ୍କୁ ଖାଦ୍ୟ: ଭଲ ନା ମନ୍ଦ?

ସୁବାସ ଚନ୍ଦ୍ର ଜେନା

ଆମମାନଙ୍କ ମଧ୍ୟରୁ ଅନେକେ ପଶୁପକ୍ଷୀମାନଙ୍କୁ ଖାଦ୍ୟ ବା ଦାନା ଖୁଆଇବାକୁ ଭଲପା'ନ୍ତି। ରାସ୍ତାକଡ଼ରେ, ପାର୍କରେ, ବିଭିନ୍ନ ଖୋଲାଜାଗାରେ, ଛାତ ଉପରେ ପକ୍ଷୀମାନଙ୍କୁ ଦାନା ଖାଇବାକୁ ଦେବା ଅନେକଙ୍କ ପାଇଁ ଏକ ନିତିଦିନିଆ କାମ ବା ଅଭ୍ୟାସ। ଏଥି ରେ ପକ୍ଷୀମାନେ ବିଲାଭାନ୍ୱିତ ହୁଅନ୍ତି। ପକ୍ଷୀମାନଙ୍କୁ ଖାଦ୍ୟ ଦେବା ଫଳରେ ସେମାନଙ୍କର ସ୍ୱାସ୍ଥ୍ୟରେ ଉନ୍ନତି ହେଉଛି। ସେମାନଙ୍କର ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି। ମଣିଷ-ପକ୍ଷୀ ସମ୍ପର୍କ ମଧ୍ୟ ନିକଟତର ହେଉଛି। କିନ୍ତୁ ଏ ସମ୍ପର୍କରେ ହୋଇଥିବା କେତେକ ଅଧ୍ୟୟନରୁ ଜଣାପଡ଼ିଛି ଯେ ପକ୍ଷୀମାନଙ୍କୁ ଦାନା ଦେବା ଫଳରେ ସେମାନଙ୍କ ଉପରେ ଅନେକ ନକାରାତ୍ମକ ପ୍ରଭାବ ପଡ଼ିଥାଏ। ପ୍ରକୃତି କୋଳରୁ ଖାଦ୍ୟ ଖୁଣ୍ଟି ଖାଇଲେ ପକ୍ଷୀମାନଙ୍କୁ ବିଭିନ୍ନ ପ୍ରକାରର ପୌଷ୍ଟିକର ତତ୍ତ୍ୱ ମିଳିଥାଏ। ସେମାନଙ୍କର ଖାଦ୍ୟ ବିବିଧତା ବୃଦ୍ଧି ପାଏ। ଅପରପକ୍ଷେ ମଣିଷମାନଙ୍କଠାରୁ ଖାଦ୍ୟ ଖାଉଥିବା ପକ୍ଷୀମାନେ ଅଳ୍ପ କେତେପ୍ରକାରର ଖାଦ୍ୟ ବା ଦାନା ଖାଇଥା'ନ୍ତି ବା ଅନେକ ସମୟରେ ଏକାପ୍ରକାରର ଖାଦ୍ୟ ଖାଇଥା'ନ୍ତି। ପ୍ରକୃତି କୋଳରୁ ଖାଦ୍ୟ ଖୁଣ୍ଟି ଖାଇବା ପକ୍ଷୀମାନଙ୍କର ପ୍ରକୃତିଦତ୍ତ ଦକ୍ଷତା। ଏହି ଦକ୍ଷତା ସେମାନଙ୍କୁ ପ୍ରକୃତିରେ ବଞ୍ଚିରହିବା ପାଇଁ ସହଯୋଗ କରିଥାଏ ଏବଂ ପ୍ରତିକୂଳ ସମୟରେ ଖାଦ୍ୟ ଖୋଜିବାକୁ ସାମର୍ଥ୍ୟ କରିଥାଏ। ମଣିଷପାଖରୁ ସହଜରେ ଉପଲବ୍ଧ ଖାଦ୍ୟ ସହିତ ଅଭ୍ୟସ୍ତ ପକ୍ଷୀମାନେ ଧୀରେଧୀରେ ସେହି ଦକ୍ଷତା ହରାଇପାରନ୍ତି।

ଗୋଟିଏ ସ୍ଥାନରେ ସବୁବେଳେ ସହଜରେ ମିଳିଯାଉଥିବା ଖାଦ୍ୟ ଖାଇବାରେ ଅଭ୍ୟସ୍ତ ହୋଇପଡ଼ିଥିବା ପକ୍ଷୀମାନେ ଯଦି କୌଣସି କାରଣରୁ ତାହା କୌଣସି ଦିନ ପାଇପାରନ୍ତି ନାହିଁ ତେବେ ଅନାହାରରେ ମୃତ୍ୟୁ ଘଟିବା ସାର ହୁଏ। ପକ୍ଷୀମାନେ ଖାଦ୍ୟ ଅନ୍ୱେଷଣରେ ଆକାଶରେ ଉଡ଼ନ୍ତି। କିନ୍ତୁ ଗୋଟିଏ ନିର୍ଦ୍ଦିଷ୍ଟ ଜାଗାରେ ସବୁଦିନେ ସହଜରେ ଖାଦ୍ୟ ମିଳୁଥବା କାରଣରୁ ପକ୍ଷୀର ନିୟମିତ ଉଡ଼ିବା ଦକ୍ଷତା ମଧ୍ୟ ଦୁର୍ବଳ ହୋଇଯିବ। ଶ୍ୱାସକ୍ରିୟା ମଧ୍ୟ ପ୍ରଭାବିତ ହେବ। ଉଡ଼ାଣ ସମୟରେ ଅମ୍ଳଜାନ ଗ୍ରହଣ ପ୍ରକ୍ରିୟା ମନ୍ଥର ହୋଇଯିବ। ଅନେକ ସମୟରେ ପକ୍ଷୀମାନଙ୍କୁ ଦାନା ଖାଇବାକୁ ଦେଇ ଆମେ ତାଙ୍କ ମଧ୍ୟରେ ଖାଦ୍ୟ ପାଇଁ ବିବାଦର ସୂତ୍ରପାତ କରିଥାଉ। ପକ୍ଷୀମାନେ ପରିସଂସ୍ଥାର ଏକ ଅଭିନ୍ନ ଅଙ୍ଗ। ପରିସଂସ୍ଥା ପାଇଁ ସେମାନେ ଅନେକ ଆବଶ୍ୟକ କାମ କରିଥା'ନ୍ତି। ବୀଜବୀକ୍ଷଣ, ପରାଗସଙ୍ଗମ, କ୍ଷତିକାରକ କୀଟପତଙ୍ଗଙ୍କ ସଂଖ୍ୟା ନିୟନ୍ତ୍ରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ଯଦି ପକ୍ଷୀମାନେ ପ୍ରକୃତିର ବିସ୍ତୃତ ଅଞ୍ଚଳରୁ ଖାଦ୍ୟ ଖୁଣ୍ଟି ନ ଖାଇବେ, ଦୂର ସ୍ଥାନକୁ ପ୍ରବାସ ନ କରିବେ ତେବେ ପ୍ରାକୃତିକ ପରିବେଶଗତ ପ୍ରକ୍ରିୟାଗୁଡ଼ିକ ବାଧାପ୍ରାପ୍ତ ହେବ। ସେଥିରେ ମଣିଷ ସମେତ ପକ୍ଷୀମାନଙ୍କର ମଧ୍ୟ କ୍ଷତିସାଧନ ହେବ।

ଆମେ ଜାଣୁ ଅନେକ ପକ୍ଷୀ ବିଭିନ୍ନ ପ୍ରକାରର ରୋଗର ବାହକ। ପକ୍ଷୀମାନଙ୍କର ସଂସ୍ପର୍ଶରେ ମଣିଷ ଆସିଲେ ବିଭିନ୍ନ ରୋଗ ଜୀବାଣୁ ସଂକ୍ରମିତ ହୋଇ ମଣିଷକୁ ଶ୍ୱାସନଳୀ ସଂକ୍ରମଣ, ଥଣ୍ଡା, ସର୍ଦ୍ଦିର ଲକ୍ଷଣ, ଆସ୍ଥମା, କାଶ, ଜ୍ୱର ଚର୍ମ ରୋଗ ଆଦି ହୋଇଥାଏ। ଏହି ସବୁ କାରଣରୁ ନିକଟ ଅତୀତରେ ବମ୍ବେ ମହାନଗର ନିଗମ ମୁମ୍ବାଇ ମହାନଗରୀର ସର୍ବସାଧାରଣ ସ୍ଥାନରେ ଥିବା ପାରାଙ୍କ ଖାଦ୍ୟ ପ୍ରଦାନ କେନ୍ଦ୍ରସ୍ଥଳୀଗୁଡ଼ିକୁ ବନ୍ଦ କରିଦେଇଛି।

ଆଉ ଗୋଟିଏ କଥା ହେଲା ସାଧାରଣତଃ ପକ୍ଷୀମାନେ ନିଜ ବସା ନିଜେ ତିଆରି କରନ୍ତି। ସେମାନେ ପ୍ରକୃତିର ଜଣେଜଣେ କୁଶଳୀ କାରିଗର। ପ୍ରାକୃତିକ ପରିବେଶରେ ମିଳୁଥିବା ପ୍ରାକୃତିକ ସାମଗ୍ରୀ ବ୍ୟବହାର କରି ସେମାନେ ଖୁବ୍ ସୁନ୍ଦର ସୁନ୍ଦର ବସା ତିଆରି କରିପାରନ୍ତି। ଥରେ ମନେ ପକାନ୍ତୁ ତ ତାଳଗଛ, ନଡ଼ିଆଗଛ, ଖଜୁରୀ ଗଛରେ ପବନରେ ଦୋହଲୁଥିବା ବାଇଚଢ଼େଇର ସୁନ୍ଦର ବସା। ବୁଲବୁଲ ପକ୍ଷୀ ଗଛଡାଳରେ କପ ଆକୃତିର ବସା ବାନ୍ଧିବାରେ ଧୁରନ୍ଧର। ଆମେ ପକ୍ଷୀଙ୍କ ପାଇଁ ଯୋଗାଉଥିବା ବସାଗୁଡ଼ିକ ଅନେକ ସମୟରେ ବିଭିନ୍ନ କୃତ୍ରିମ ସାମଗ୍ରୀରେ ନିର୍ମିତ ହୋଇଥାଏ। ଯାହା ତାଙ୍କ ପାଇଁ ବିପଜ୍ଜନକ ଓ ପରିବେଶ ପାଇଁ ହାନିକାରକ ହୋଇଥାଏ। ତା' ଛଡ଼ା ଆମେ ପ୍ରାକୃତିକ ଉପାଦାନରେ ନିର୍ମିତ ବସା ଯୋଗାଇଲେ ବି ଥରେ ଭାବନ୍ତୁ ନା ଆମେ ପ୍ରକୃତିର ଏହି କୁଶଳୀ କାରିଗରକୁ ତା'ର କାରିଗରୀ କାର୍ଯ୍ୟରୁ ନିବୃତ୍ତ କରୁ ନାହାନ୍ତି କି? ପକ୍ଷୀଟି ନିଜ ପାଇଁ ନିଜେ ବସାଟିଏ ତିଆରି କଲେ ତା'ର ବସା ତିଆରି ଦକ୍ଷତା ବଜାୟ ରହିବ ଏବଂ ତା'ର ପରବର୍ତ୍ତୀ ପିଢ଼ିକୁ ବି ଏହି ପ୍ରକୃତିଦତ୍ତ କୌଶଳ ଶିକ୍ଷା ଦେଇପାରିବ।

ଘର ଆଖପାଖରେ ଯଦି ଆମକୁ ପକ୍ଷୀମାନଙ୍କୁ ଏଥିପାଇଁ ସାହାଯ୍ୟ କରିବାର ଅଛି ତେବେ ଆମେ ବସା ପାଇଁ ଆବଶ୍ୟକ ହେଉଥିବା ଶୁଖିଲା ଘାସ, ପତ୍ର, ଡାଳ, କାଦୁଅ ଆଦି ପ୍ରାକୃତିକ ସାମଗ୍ରୀ ଠୁଳ କରିପାରିବା। ପକ୍ଷୀମାନେ ଏହାକୁ ନେଇ ବସା ତିଆରିରେ ବ୍ୟବହାର କରିପାରିବେ। ଆହୁରି ମଧ୍ୟ ଘରବାଡ଼ି ବା ଖୋଲାସ୍ଥାନରେ ସ୍ଥାନୀୟ ପ୍ରଜାତିର ବୃକ୍ଷଲତା ରୋପଣ କରିପାରିଲେ ପକ୍ଷୀମାନଙ୍କୁ ଖାଦ୍ୟ ସାଙ୍ଗକୁ ବାସସ୍ଥାନ ବି ମିଳିଯବ। ଅନେକ ପକ୍ଷୀ ନିଜର ଶାବକମାନଙ୍କୁ ଜନ୍ମ ଏବଂ ଲାଳନପାଳନ କରିବା ପାଇଁ ଗଛର ଗହ୍ୱର, ବୁଦାବଣ ବା ଏକାନ୍ତ ସ୍ଥାନରେ ବସା ବାନ୍ଧିବା ପାଇଁ ପସନ୍ଦ କରନ୍ତି। ଈଶ୍ୱରଙ୍କର ସୃଷ୍ଟିରେ ପକ୍ଷୀଟିଏ ସୃଷ୍ଟି ହୋଇଛି ନୀଳ ଆକାଶରେ ଉଡ଼ି ବୁଲିବା ପାଇଁ, ପ୍ରକୃତିର କୋଳରେ ଘୂରିବୁଲି ଖାଦ୍ୟ ଖୋଜି ଖାଇବା ପାଇଁ। ପକ୍ଷୀମାନଙ୍କର ଉପସ୍ଥିତି, କିଚିରିମିଚିରି ସେହି ପରିବେଶ ପ୍ରାଣ ଭରେ, ପ୍ରକୃତିକୁ ସୁନ୍ଦର କରେ। ପକ୍ଷୀମାନଙ୍କୁ ପ୍ରକୃତି ସହିତ ଜଡ଼ିତ କରି ରଖିଲେ ସେମାନଙ୍କର ଉନ୍ନତି ହେବ ଏବଂ ପରିବେଶୀୟ ସନ୍ତୁଳନ ବଜାୟ ରହିବ। ପରିଶେଷରେ ଆମକୁ ନିର୍ଣ୍ଣୟ ନେବାର ଅଛି ପକ୍ଷୀମାନଙ୍କୁ ଖାଦ୍ୟ ଓ ବାସଗୃହ ଯୋଗାଇ ତାଙ୍କୁ ସ୍ୱଳ୍ପ କାଳ ପାଇଁ ସାହାଯ୍ୟ କରିବା ନା ତାଙ୍କର ଦୀର୍ଘସ୍ଥାୟିତ୍ୱ ଓ ପ୍ରାକୃତିକ ଜୀବନଧାରାକୁ ବଜାୟ ରଖିବା ପାଇଁ ତାଙ୍କୁ ପ୍ରକୃତି ସହିତ ଜଡ଼ିତ ରଖିବା। ●

ବରଗଡ଼, ମୋ: ୯୪୩୯୮୯୬୫୧୬

# ଇନ୍ଦ୍ରସ୍ୱାମୀ ମଠ

ସ୍ୱପ୍ନେଶ୍ୱର

## ଲୋକକଥାରେ ଲୋକଦେବତା

ମହାରାଷ୍ଟ୍ରରୁ ଏକ ତୀର୍ଥଯାତ୍ରୀଦଳ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଶ୍ରୀକ୍ଷେତ୍ରରେ ପହଞ୍ଚିଲେ। ସେ ଦଳରେ ଥିଲେ ମହାପ୍ରଭୁଙ୍କର ପରମଭକ୍ତ ଓ କର୍ମାବାଈ ଖେଚୁଡ଼ି ଭୋଗର ପ୍ରବର୍ତ୍ତିକା କର୍ମାବାଈ ଏବଂ ତାଙ୍କର ଦୀକ୍ଷାଗୁରୁ ପରମ ବୈଷ୍ଣବ ଇନ୍ଦ୍ରସ୍ୱାମୀ। ମହାପ୍ରଭୁଙ୍କ ଦର୍ଶନ ପରେ ସମସ୍ତେ ନିଜ ଦେଶକୁ ଫେରିଗଲେ। କିନ୍ତୁ କର୍ମାବାଈ ଓ ଇନ୍ଦ୍ରସ୍ୱାମୀ ବାକି ଜୀବନ ପାଇଁ କ୍ଷେତ୍ରବାସୀ ହୋଇ ନୀଳାଚଳରେ ରହିଗଲେ। କାୟମନୋବାକ୍ୟରେ ଜଗନ୍ନାଥଙ୍କୁ ଆରାଧନା କରିବାକୁ ଲାଗିଲେ।

କିଛିଦିନ ପରେ ଗୁଣ୍ଡିଚା ଯାତ୍ରା ଅନୁଷ୍ଠିତ ହେଲା। ଲକ୍ଷ ଲକ୍ଷ ଭକ୍ତ ବଡ଼ଦାଣ୍ଡରେ ରୁଣ୍ଡ ହେଲେ। ଭକ୍ତ ଇନ୍ଦ୍ରସ୍ୱାମୀ ମଧ୍ୟ ମହାପ୍ରଭୁଙ୍କ ଦର୍ଶନ ପାଇଁ ଅପେକ୍ଷା କରିଥିଲେ। ସେ ଗଭୀର ଭାବେ ଚିନ୍ତାରେ ବୁଡ଼ି ରହିଥିଲେ - 'ମୁଁ ଯାହା ଜାଣେ ଶ୍ରୀମନ୍ଦିର ଭାଙ୍ଗିଗଲେ ମଧ୍ୟ ମହାପ୍ରଭୁ ରତ୍ନସିଂହାସନ ଛାଡ଼ି ଅନ୍ୟତ୍ର ଯିବେ ନାହିଁ ବୋଲି ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ କଥା ଦେଇଥିଲେ। କିନ୍ତୁ ଆଜି ଚତୁର୍ଦ୍ଧାମୂର୍ତ୍ତି ଶ୍ରୀମନ୍ଦିର ଛାଡ଼ି ନବଦିନ ଯାତ୍ରାରେ ଚାଲି ଯାଉଛନ୍ତି! ତା'ହେଲେ ସ୍କନ୍ଦ ପୁରାଣର ବର୍ଣ୍ଣନା କ'ଣ ମିଛ?'

ଇନ୍ଦ୍ରସ୍ୱାମୀ ଏହିପରି ଗଭୀର ଚିନ୍ତାରେ ବୁଡ଼ି ରହିଥିବା ବେଳେ ଘଣ୍ଟଘଣ୍ଟା ଧ୍ୱନୀ ଓ ହରିବୋଲ ହୁଳହୁଳି ଶବ୍ଦ ତାଙ୍କର ଧ୍ୟାନ ଭାଙ୍ଗି ଦେଲା। ଶ୍ରୀଜିଉମାନେ ରଥାରୂଢ଼ ହେଲେ। ତିନି ରଥ ଗୁଣ୍ଡିଚା ମନ୍ଦିର ଆଡ଼କୁ ଚାଲିଗଲେ। ସିଂହଦ୍ୱାରର ଭିଡ଼ ଭାଙ୍ଗି ଗଲା। କିନ୍ତୁ ମନ ଭିତରେ ଦ୍ୱନ୍ଦ୍ୱ ନେଇ ଇନ୍ଦ୍ରସ୍ୱାମୀ ସିଂହଦ୍ୱାର ପାଖରେ ଠିଆ ହୋଇ ରହିଲେ। ସେ ନିଜକୁ ବୁଝେଇ ଦେବାକୁ ଚେଷ୍ଟା କଲେ ବର୍ତ୍ତମାନ କେବଳ ଦାରୁବିଗ୍ରହ ମନ୍ଦିର ଛାଡ଼ି ଚାଲିଗଲେ ସିନା, ମହାପ୍ରଭୁଙ୍କର ଆତ୍ମା କେବେ ହେଲେ ରତ୍ନବେଦୀ ତ୍ୟାଗ କରି ନ ଥିବେ।

ଆଶ୍ରମକୁ ଫେରି ଆସି ଠାକୁରମାନଙ୍କୁ ରତ୍ନବେଦୀରେ ମାନସ ଦର୍ଶନ କରିବା ପାଇଁ ଧ୍ୟାନରେ ବସିଲେ। କିନ୍ତୁ ରତ୍ନସିଂହାସନ ଶୂନ୍ୟ ଥିବା ଧ୍ୟାନବଳରେ ଦେଖିବାକୁ ପାଇଲେ। ମନ ବ୍ୟାକୁଳ ହେଲା। ସେ ଶୋଇ ପାରିଲେ ନାହିଁ। ତା' ପରଦିନ ସକାଳେ ସେ ସ୍ନାନଶୌଚ ହୋଇ ଶ୍ରୀମନ୍ଦିର ଗଲେ। ସେବକମାନେ ଆଡ଼ପ ମଣ୍ଡପରେ ଥିବାରୁ ସେ ନିର୍ବିଘ୍ନରେ ଗର୍ଭଗୃହରେ ପ୍ରବେଶ କଲେ। କିନ୍ତୁ ସେ ସେଠାରେ ଯାହା ଦେଖିଲେ, ସେ ନିଜ ଆଖିକୁ ବିଶ୍ୱାସ କରି ପାରିଲେ ନାହିଁ। ରତ୍ନ ସିଂହାସନ ଶୂନ୍ୟ ଥିଲା। କ୍ଷେତ୍ରପାଳ ଭୈରବ ଏକ ଭୟଙ୍କର ମୂର୍ତ୍ତି ଧରି ତାଙ୍କ ଆଗରେ ଠିଆ ହୋଇଗଲେ - ଲମ୍ବ କହରା ବାଳ, ବଡ଼ ବଡ଼ ଦାନ୍ତ, ବିରାଟ କାୟ ଶରୀର କାହିଁ କେତେ ଉପରକୁ ଲମ୍ବି ଯାଇଥିଲା। ଜଣେ ନିର୍ଭୀକ ସନ୍ନ୍ୟାସୀ ବୋଲି ତାଙ୍କର ଥିବା ଗର୍ବ ଭାଙ୍ଗି ଚୂନା ହୋଇଗଲା। ଭୟରେ ବରଡ଼ା ପତ୍ରପରି ଥରୁଥିବା ଅବସ୍ଥାରେ ସେ ଖନେଇ ଖନେଇ ପଚାରିଲେ - 'ଆପଣ କିଏ?' ଉତ୍ତର ଆସିଲା - 'ମୁଁ କ୍ଷେତ୍ରପାଳ ଭୈରବ। ମହାପ୍ରଭୁଙ୍କ ଅନୁପସ୍ଥିତିରେ ଶ୍ରୀମନ୍ଦିର ଓ ରତ୍ନବେଦୀର ସୁରକ୍ଷା ମୋର ଦାୟିତ୍ୱ। ସେ ସମୟରେ ରତ୍ନବେଦୀକୁ ସ୍ପର୍ଶ କରିବାର ଅଧିକାର ମୋ ବ୍ୟତୀତ ଆଉ କାହାର ନାହିଁ। ତୁମେ ଯଦି ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଚାହଁ, ତେବେ ଆଡ଼ପ ମଣ୍ଡପକୁ ଯାଇ ଦର୍ଶନ କର।'

ଅଦର୍ଶନର ଅସନ୍ତୋଷ, ମହାପ୍ରଭୁଙ୍କ ଉପରେ ଅଭିମାନ ଓ ଭୈରବଙ୍କୁ ଦେଖି ମନରେ ଜାତ ହୋଇଥିବା ଭୟ ଯୋଗୁଁ ଇନ୍ଦ୍ରସ୍ୱାମୀଙ୍କ ମନ ଅତ୍ୟନ୍ତ ଅସ୍ଥିର ହେଉଥିଲା। ସେ ଆଶ୍ରମକୁ ଫେରିଗଲେ। ସେ ଦିନ ରାତିରେ ଶୋଇ ପାରିଲେ ନାହିଁ। ହଠାତ ଆଶ୍ରମରେ ଏକ ଦିବ୍ୟଆଲୋକ ଆବିର୍ଭାବ ହେଲା। ତୁଳସୀ ଦୟଣାର ସୁଗନ୍ଧିରେ ଆଶ୍ରମ ମହକି ଉଠିଲା। ନିଜେ ମହାପ୍ରଭୁ ସେଠାରେ ବିଜେ କରି କହିଲେ- 'ଇନ୍ଦ୍ରସ୍ୱାମୀ, ମାତା ଗୁଣ୍ଡିଚା ଦେବୀ ଓ ଯକ୍ଷରକ୍ଷୀମାନଙ୍କୁ ଦର୍ଶନ ଦେବା ପାଇଁ ମୁଁ ସାତଦିନ ପାଇଁ ଆଡ଼ପ ମଣ୍ଡପରେ ବିଜେ କରେ।'

ଜଗନ୍ନାଥଙ୍କ ପ୍ରତ୍ୟକ୍ଷ ଦର୍ଶନ ପାଇ ଇନ୍ଦ୍ରସ୍ୱାମୀ କୃତ୍ୟକୃତ୍ୟ ହେଲେ ଏବଂ ତାଙ୍କ ମନରେ ଥିବା ଶଙ୍କା ଦୂର ହେଲା। ମହାପ୍ରଭୁଙ୍କ ଶ୍ରୀମୁଖରୁ ଆଡ଼ପ ମଣ୍ଡପର ମହିମା ଶ୍ରବଣ କରି ସେ ମହାପ୍ରଭୁଙ୍କୁ ପ୍ରାର୍ଥନା କଲେ - 'ଏହି ବର ଦିଅ ପ୍ରଭୁ ନିତ୍ୟ ମୁଁ ଆଡ଼ପ ବେଦୀ ପଖାଳିବି ମୁହିଁ ମୋ ସେବା ସ୍ୱରୂପ।' ତା'ପର ଦିନ ଇନ୍ଦ୍ରସ୍ୱାମୀ ଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କଲେ ଏବଂ ମନ୍ଦିର ନିକଟରେ ଆଶ୍ରମ କରି ରହିଲେ। ଦୈନିକ ପବିତ୍ର ଆଡ଼ପ ମଣ୍ଡପକୁ ପୂଜା କରିବାରେ ବ୍ରତୀ ହେଲେ। ତାଙ୍କର ଆଶ୍ରମ ସମୟକ୍ରମେ ଇନ୍ଦ୍ରସ୍ୱାମୀ ମଠ ନାମରେ ପ୍ରସିଦ୍ଧ ହେଲା। ●

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ସ୍କୁଲରେ ମାସ ମାସ ଧରି ମଧ୍ୟାହ୍ନଭୋଜନ ବନ୍ଦ

# ପୋର୍ଟାଲରେ ଚାଲିଛି ଦୈନିକ ରୋଷେଇ

ରାଜକନିକା, ୨୨।୭ (ସମିସ): ଚୁଲି ଜଳୁନି କି ରୋଷେଇ ହେଉନାହିଁ। ମାତ୍ର ଦୈନିକ ଏମଡିଏମ୍ ପୋର୍ଟାଲରେ ଖାଦ୍ୟ ରୋଷେଇ ହୋଇ ଛାତ୍ରଛାତ୍ରୀଙ୍କୁ ଦିଆଯାଉଥିବା ଗୋଲାପି ଚିତ୍ର ସରକାରଙ୍କୁ ଦିଆଯାଉଛି। କେତେ ବେପରୁଆ ଭାବେ ଆଇନକାନୁନ ଓ ନିୟମକୁ ଦଳିମକଚି ଦିଆଯାଇପାରେ, ତାହା ଦେଖିବାକୁ ମିଳିଛି ରାଜକନିକା ବ୍ଲକ ସଦର ଆରସାର ବ୍ରଜବନ୍ଧୁ ହାଇସ୍କୁଲରେ।

କେବେ ପାଚିକା ନାହାନ୍ତି ତ ଆଉ କେବେ ପାଚିକା ନିଯୁକ୍ତି ହୋଇନାହିଁ ଭଳି ମନଗଢ଼ା କଥା କହି ବିଭିନ୍ନ ଅଭିଯୋଗକୁ ଟାଳି ଚାଲିଥିବା ଏହି ସ୍କୁଲ କର୍ତ୍ତୃପକ୍ଷ ମିଳିମିଶି ଛାତ୍ରଛାତ୍ରୀଙ୍କ ମଧ୍ୟାହ୍ନଭୋଜନ ଅର୍ଥ ହଡ଼ପ କରିବାର ମସୁଧା କରିବା ଏବେ ପଦାକୁ ଆସିଛି। ଆଦୌ ରୋଷେଇ ନ କରି ଏମଡିଏମ୍ ପୋର୍ଟାଲରେ ସବୁଦିନ ରୋଷେଇ ହେଉଥିବା ତଥ୍ୟ ଦେବା ଭଳି ଜଘନ୍ୟ କାଣ୍ଡ ମାସ ମାସ ଧରି କରୁଥିଲେ ହେଁ ବିଇଓ, ଏମଡିଏମର ନୋଡାଲ ଅଧିକାରୀ, ସିଆରସିସି କେହି ଏଭଳି ମିଛ ରୋଷେଇ ସମ୍ପର୍କରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବା ବାସ୍ତବରେ ରାଜକନିକା ବିଇଓ ଅଫିସ୍‌ର ମଧ୍ୟାହ୍ନଭୋଜନ ଗୁମର ପଦାରେ ପକାଇଛି।

ସବୁଠୁ ଆଶ୍ଚର୍ଯ୍ୟର କଥା, କଟକ-ଚାନ୍ଦବାଲି ମୁଖ୍ୟ ରାସ୍ତା କଡ଼ରେ ଅବସ୍ଥିତ ଏହି ସ୍କୁଲରେ ଆଜି ଆଦୌ ମଧ୍ୟାହ୍ନଭୋଜନ ବ୍ୟବସ୍ଥା କରାଯାଇ ନଥିବା ବେଳେ ଏମଡିଏମ୍ ପୋର୍ଟାଲରେ ଦଶମ ଶ୍ରେଣୀର ୪୧ରୁ ୪୧ପିଲା ଓ ନବମର ୩୩ରୁ ୩୩ଜଣ ପିଲାଙ୍କ ନାମରେ ମଧ୍ୟାହ୍ନଭୋଜନ ଉପସ୍ଥାନ ଦର୍ଶାଯିବା ଭଳି ଖବର ବିଇଓ ଅଫିସକୁ ଜଣାଇବା ପରେ ସିଆରସିସି ଓ ଏମଡିଏମ୍ ନୋଡାଲ ଅଧିକାରୀ ସ୍କୁଲରେ ପହଞ୍ଚି କ'ଣ ପାଇଁ ରୋଷେଇ ହୋଇନି, ତାହା ଖୋଳତାଡ଼ କରିଛନ୍ତି। ଜିଲ୍ଲା ଡିଇଓ ଓ କେନ୍ଦ୍ରାପଡ଼ା ଜିଲ୍ଲାପାଳ ସ୍ୱତନ୍ତ୍ର ଭାବେ ଏହି ଘଟଣାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି।

■ ରାମିଆଳରେ ବୁଡ଼ିଗଲେ ଜଳଯୋଗାଣ କର୍ମଚାରୀ

# ଗେଟ୍ ସଫା କରୁକରୁ ଭାସିଗଲେ

କାମାକ୍ଷାନଗର,୨୨।୭ (ସମିସ): କାମାକ୍ଷାନଗର ସହର ନିକଟବର୍ତ୍ତୀ ରେକୁଲା ରାମିଆଳ ନଦୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ରେକୁଲା ଗ୍ରାମର ପ୍ରଦୀପ୍ତ ବେହେରା। ପ୍ରଦୀପ୍ତ ଜଳଯୋଗାଣ ବିଭାଗରେ



୫ ଘଣ୍ଟାର ସର୍ଚ୍ଚ ଅପରେସନ ପରେ ମିଳିଲା ମୃତଦେହ

କାର୍ଯ୍ୟ କରନ୍ତି। ଆଜି ସେ ନଦୀରେ ଥିବା ଜଳ ନିୟନ୍ତ୍ରଣ ଗେଟ୍ ସଫା କରୁଥିଲେ। ଏହି ସମୟରେ ଅସାବଧାନତାବଶତଃ ତାଙ୍କ ଗୋଡ଼ ଖସିଯିବାରୁ ସେ ନଦୀରେ ଭାସି ଯାଇଥିଲେ। ଏହା ଦେଖି ନିକଟରେ ଥିବା କିଛି କର୍ମଚାରୀ ଓ ସ୍ଥାନୀୟ ଲୋକ ତାଙ୍କୁ ଖୋଜାଖୋଜି କରିବା ସହ କାମାକ୍ଷାନଗର ଅଗ୍ନିଶମବାହିନୀକୁ ଖବର ଦେଇଥିଲେ।

କାମାକ୍ଷାନଗର ଓ ଢେଙ୍କାନାଳ ଅଗ୍ନିଶମ ବାହିନୀଙ୍କ ସମେତ ଓଡ୍ରାଫ୍‌ର ଏକ ଟିମ ସର୍ଚ୍ଚ ଅପରେସନ୍ ଆରମ୍ଭ କରିଥିଲେ। ଦୀର୍ଘ ୫ ଘଣ୍ଟା ଧରି ଅପରେସନ୍ ପରେ ପ୍ରଦୀପ୍ତଙ୍କୁ ଉଦ୍ଧାରକାରୀ ଦଳ ଠାବ କରିଥିଲେ। ପରେ ତାଙ୍କୁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରଦୀପ୍ତଙ୍କ ଅକାଳ ବିୟୋଗରେ କାମାକ୍ଷାନଗର ମେଡିକାଲ ପରିସରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିବା ବେଳେ ସହର ଓ ଆଖପାଖ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି।

# ହତ୍ୟାକାରୀ ବାପ-ପୁଅଙ୍କୁ ଆଜୀବନ କାରାଦଣ୍ଡ

ଅନୁଗୋଳ, ୨୨।୭ (ସମିସ): ୨୦୨୧ ମସିହାରେ ବନ୍ତଲା ଥାନା ଅଧୀନ ବଡ଼କନ୍ତକୁଲୁ ଗ୍ରାମରେ ସଂଘଟିତ ଅଖିଳ ବେହେରା ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଅତିରିକ୍ତ ସେସନ ଜଜ୍ ତଥା ସ୍ୱତନ୍ତ୍ର ଜଜ୍ ଭିଜିଲାନ୍ସ ଏହି ମାମଲାର ବିଚାର କରି ଅଭିଯୁକ୍ତ ବାପ-ପୁଅଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୧୦ ହଜାର ଟଙ୍କା ଜରିମାନା ଦେବା ପାଇଁ ରାୟରେ ନିର୍ଦ୍ଦେଶ ରହିଛି। ଜରିମାନା ପୈଠ ନ କଲେ ଅତିରିକ୍ତ ୧ ବର୍ଷ ଜେଲ୍‌ଦଣ୍ଡ ଭୋଗିବାକୁ ପଡ଼ିବ। ଦୋଷୀ ସାବ୍ୟସ୍ତ ହୋଇଥିବା ବ୍ୟକ୍ତିଦ୍ୱୟ ହେଲେ, ଗ୍ରାମର ବିଶ୍ୱନାଥ ସାହୁ ଓ ତାଙ୍କ ପୁଅ ଶିଶିର ସାହୁ। ସୂଚନାନୁଯାୟୀ, ୨୦୨୧ଜୁନ୍ ୩୦ ତାରିଖ ଦିନ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ବଡ଼କନ୍ତକୁଲୁର ବିଶ୍ୱନାଥ ଏବଂ ତାଙ୍କ ପୁଅ ଶିଶିର ବନ୍ଧୁକ ଓ ଟାଙ୍ଗିଆ ଧରି ସେହି ଗ୍ରାମର ଟୁଟୁ ବେହେରା ଏବଂ ତାଙ୍କ ପରିବାରଲୋକଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ସେମାନଙ୍କ ଘରେ ପଶିଥିଲେ। ସେହି ସମୟରେ ଟୁଟୁଙ୍କ ପୁତୁରା ଅଖିଳ ବେହେରା ପ୍ରତିବାଦ କରିବାରୁ ଶିଶିର ତାକୁ ଗୁଳି କରିଥିଲେ। ଏଥିରେ ଅଖିଳଙ୍କ ମୃତ୍ୟୁ ଘଟିଥିଲା। ପରେ ବିଶ୍ୱନାଥ ଟାଙ୍ଗିଆରେ ଟୁଟୁଙ୍କୁ ଆକ୍ରମଣ କରି ଫେରାର୍ ହୋଇଯାଇଥିଲେ। ଟୁଟୁଙ୍କ ଅଭିଯୋଗ ଆଧାରରେ ବନ୍ତଲା ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଉଭୟ ବାପ-ପୁଅଙ୍କୁ ଗିରଫ କରିଥିଲା। ଅତିରିକ୍ତ ପିପି ତାପସ ରଞ୍ଜନ ମିଶ୍ର ଏବଂ ଧ୍ରୁବଚରଣ ସାହୁ ଏହି ମାମଲା ପରିଚାଳନା କରୁଥିଲେ।

# ୨ ଶିକାରୀ ଗିରଫ; ସରଞ୍ଜାମ ଜବତ

କଣିହାଁ, ୨୨।୭ (ସମିସ): ଜନ୍ତୁ ଶିକାର ପାଇଁ କୁମୁଣ୍ଡା ଜଙ୍ଗଲରେ ବେଆଇନ ହୁକିଂ କରିଥିବା ନେଇ କଣିହାଁ ବନବିଭାଗ ଏଥିରେ ସଂପୃକ୍ତ ୨ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ୨ଜଣ ହେଲେ, ଗୋପାଳପ୍ରସାଦ ଥାନା ଅଧୀନ ଚିତଲପୁର ଗ୍ରାମର ମୁନା ନାଏକ



(୨୮) ଓ ଭଗବାନ ଗୋଛାୟତ (୩୫)। କଣିହାଁ ବନ ବିଭାଗ ପାଟ୍ରୋଲିଂ କରୁଥିବା ସମୟରେ କୁମୁଣ୍ଡା ଜଙ୍ଗଲ ପେଟ୍ରୋଲ ପମ୍ପ ନିକଟରେ ଜନ୍ତୁ ଶିକାର ପାଇଁ ବେଆଇନ ଭାବରେ ବିଦ୍ୟୁତ୍ ତାର ବିଛାଯାଇଥିବା ଦେଖିଥିଲେ। ପରେ ବନ ବିଭାଗ କର୍ମଚାରୀମାନେ ତାର ଓ ଅନ୍ୟାନ୍ୟ ସରଞ୍ଜାମ ଜବତ କରିବା ସହ ମୁନା ଓ ଭଗବାନକୁ ଗିରଫ କରିଛନ୍ତି।

# ଅଗଷ୍ଟ ୧ରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିବ ଭିତରକନିକା

ରାଜନଗର,୨୨।୭ (ସମିସ): ପ୍ରକୃତିର ଗନ୍ତାଘର ଭିତରକନିକା ଅଗଷ୍ଟ ୧ରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିବ। ବଉଳା କୁମ୍ଭୀରଙ୍କ ପ୍ରଜନନ ପ୍ରକ୍ରିୟା ପାଇଁ ୩ ମାସ ଧରି ଭିତରକନିକାକୁ ପର୍ଯ୍ୟଟକଙ୍କ ପ୍ରବେଶ ଉପରେ ରୋକ ଲଗାଯାଇଥିଲା। ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତେଣୁ ଅଗଷ୍ଟ ୧ରୁ ପର୍ଯ୍ୟଟକ, ଗବେଷକ, ପ୍ରକୃତିକୁ ଭଲପାଉଥିବା ଲୋକେ ମିନି-ଆମାଜନ୍ ଭିତରକନିକାର ସୌନ୍ଦର୍ଯ୍ୟକୁ ଉପଭୋଗ କରିବେ।

ଭିତରକନିକାରେ ବଉଳା କୁମ୍ଭୀର, ୫ପ୍ରଜାତିର ଡଲଫିନ, ଅଲିଭ୍‌ରିଡ୍‌ଲେ କଇଁଛ, ସଂଖ୍ୟାଧିକ ହରିଣ, ବାରହା, ସମ୍ବର, ଫିସିଂ କ୍ୟାଟ, ହାଏନା, ଝିଙ୍କ, ପାଣି ଗୋଧି ସହିତ ଅଜଗର, ଅହିରାଜ ଆଦି ସରୀସୃପ ଦେଖିବାକୁ ମିଳେ। ସେହିପରି ହେନ୍ତାଳ ବଣ ସହ ୬୩ ପ୍ରକାରର ଲୁଣା ଜଙ୍ଗଲ ରହିଛି। ଏବେ ବର୍ଷାଋତୁରେ ହଜାରହଜାର ସଂଖ୍ୟାରେ ପକ୍ଷୀ ବସା ବାନ୍ଧି ଅଣ୍ଡା ଦେଇଛନ୍ତି।

ଅପରପକ୍ଷେ, ରାଜନଗର ବନବିଭାଗ ପକ୍ଷରୁ ଗତବର୍ଷ ପର୍ଯ୍ୟଟକଙ୍କ ପାଇଁ ପ୍ରକୃତିର ବୈଭବ, ରଙ୍ଗବେରଙ୍ଗର ପକ୍ଷୀଙ୍କ କାକଳି ସହ ଜୀବଜନ୍ତୁଙ୍କୁ ନିଆରା ଢଙ୍ଗରେ ଦେଖିବା ପାଇଁ ସ୍କାଏୱାକ୍ ବ୍ରିଜ ନିର୍ମାଣ କରାଯାଇଥିଲା। ୬୦୦ ମିଟର ଲମ୍ବ ଯାଏ ଏହି ସ୍କାଏୱାକ୍ ନିର୍ମାଣ ହୋଇଛି। ସ୍କାଏୱାକ୍‌ଟି ମଝିରେ ମଝିରେ ଉଠାଣି ଗଡ଼ାଣି ଭଳି ନିର୍ମାଣ ହୋଇଛି। କେଉଁଠି ସ୍କାଏ ୱାକର ଉଚ୍ଚତା ୧୫ଫୁଟ୍ ତ ଆଉ କେଉଁଠି ୧୨ ଫୁଟ୍ ରହିଛି। ଏଥିରେ, ଟିକେ ଉପରୁ ଥାଇ ଜଙ୍ଗଲର ପ୍ରାକୃତିକ ଶୋଭାରାଜିକୁ ମନଭରି ଉପଭୋଗ କରିପାରିବେ ପର୍ଯ୍ୟଟକ।

# ଗଞ୍ଜେଇ ଚାଲାଣରେ ବି.ଟେକ୍ ଛାତ୍ର

## ୨୭ କେଜି ଗଂଜେଇ ଜବତ, ୫ ଛାତ୍ର ଗିରଫ

ଫିରିଙ୍ଗିଆ, ୨୨।୭ (ସମିସ): ଗଞ୍ଜେଇ ଚାଲାଣରେ ବି.ଟେକ୍ ଛାତ୍ର। କନ୍ଧମାଳ ଜିଲ୍ଲା ଫିରିଙ୍ଗିଆରେ ଗଞ୍ଜେଇ ଚାଲାଣ ବେଳେ ୫ଜଣ ବି.ଟେକ୍ ଛାତ୍ର ଧରାପଡ଼ିଛନ୍ତି। ଫିରିଙ୍ଗିଆ ପୁଲିସ ସେମାନଙ୍କ ନିକଟରୁ ୨୭କେଜି ଗଞ୍ଜେଇ ସହ ଦୁଇଟି ଦାମୀ



କାର୍ ଜବତ କରିଛି। ସେମାନେ ହେଲେ, ମୁଖ୍ୟ ଅଭିଯୁକ୍ତ ଯାଜପୁର ଜିଲ୍ଲା ବଡ଼ଚଣା ଥାନା ବଇରୀ ମଇଁଷିଗୋଠର ସଂଗ୍ରାମ ରାଉତ, କେଉଁଝର ଜିଲ୍ଲା ଆନନ୍ଦପୁର ଥାନା ଫକୀରପୁର ଗାଁର ରଞ୍ଜିତ କୁମାର ପାତ୍ର, ଘସିପୁରା ଥାନା ଖାଇଲଗାଁର ବୁଦ୍ଧଦେବ ପଲେଇ, ଘସିପୁରା ଥାନା ଅଁଳାପାଳ ଗାଁର ଓମ୍ ପ୍ରତାପ ବାରିକ ଓ ଅନ୍ୟ ଜଣେ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଥାନା ଭୋଗ୍ରା ଗାଁର ଦେବାଶିଷ ପ୍ରଧାନ। ସମସ୍ତଙ୍କୁ ଆଜି କୋର୍ଟଚାଲାଣ କରାଯାଇଥିବା ଫିରିଙ୍ଗିଆ ଥାନା ଅଧିକାରୀ ଗୋପୀନାଥ ପ୍ରଧାନ ସୂଚନା ଦେଇଛନ୍ତି। ଗିରଫ ଛାତ୍ରମାନଙ୍କ ପରିବାରଲୋକେ ସରକାରୀ ଚାକିରିଆ ଏବଂ ପ୍ରତିଷ୍ଠିତ ବ୍ୟକ୍ତି ବୋଲି ପୁଲିସ୍ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ସୂଚନାନୁସାରେ, ଗଞ୍ଜେଇ ଚାଲାଣ ହେଉଥିବା ସୂଚନା ପାଇ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ହରୀଶ ବିଶିଙ୍କ ନିର୍ଦ୍ଦେଶ ଏବଂ ଏସ୍‌ଡିପିଓ ଶୁଭ୍ରଜିତ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଫିରିଙ୍ଗିଆ ଥାନାଧିକାରୀ ତଥା ଡିଏସ୍‌ପି ଗୋପୀନାଥ ପ୍ରଧାନଙ୍କ ନେତୃତ୍ୱରେ ମାଶ୍ରୀପଡ଼ା ଛକରେ ଗାଡ଼ି ଯାଞ୍ଚ କରାଯାଉଥିଲା। ଏହି ସମୟରେ ନୂଆପାଦର ପଟୁ ଦ୍ରୁତଗତିରେ ଆସୁଥିବା ୨ଦାମୀ କାର୍‌କୁ ଅଟକାଇଥିଲା ପୁଲିସ। ଯାଞ୍ଚ ବେଳେ ଗାଡ଼ିରୁ ୨୭ କେଜି ଗଂଜେଇ ଭର୍ତ୍ତି ଏକ ବ୍ୟାଗ୍ ମିଳିଥିଲା। ତେବେ କାର୍‌ରେ ଥିବା ଅଭିଯୁକ୍ତମାନେ ଖସି ପଳାଇବାକୁ ଚେଷ୍ଟା କରୁଥିବା ବେଳେ ପୁଲିସ୍ ଗୋଡ଼ାଇ ଗୋଡ଼ାଇ ୫ଜଣଙ୍କୁ କାବୁ କରିଥିଲା।


**AFFIDAVIT**

I, Nasad Ali Khan S/o.: Ashaf Ali Khan, Resident of At/PO.: Mohana, P.S.: Salipur, Dist.: Cuttack, PIN-754201, Odisha, declare by this affidavit No.: 101, dated 16.07.2025, that now onwards I shall be known as **NAUSHAD ALI KHAN** for all future purposes.

**AFFIDAVIT**

I, Pradipta Kumar Nanda S/o.: Late Raghunath Nanda, Resident of Village/PO.: Krushnapalipatana, Kalapathar, Dist.: Cuttack, PIN-754201, Odisha, declare by this affidavit No.: 9291, dated 10.03.2025, that now onwards I shall be known as **PRADIP KUMAR NANDA** for all future purposes.

**AFFIDAVIT**

I, Asis Agrawal, S/o Shankarlal Agrawal, At - Weekly Market Road, PO/PS- Kantabanji, Dist- Bolangir - 767039 Odisha declare by this affidavit No- 44506, dtd. 21.07.2025 that now onwards I shall be known as **ASHISH AGRAWAL** for all future purposes.

Sd- ASHISH AGRAWAL

**AFFIDAVIT**

By virtue of an affidavit sworn before the Executive Magistrate, G.Udayagiri on Dt.21.07.2025 I, Hemanta Kumar Pradhan, S/o.: Ghasiram Prdahan, Vil: Majumaha, PO.: Sudhipada, P.S.: Raikia, Dist.: Kandhamal-762100 declare that I have changed my minor son's name from Aryadev Prdahan to Akhil Pradhan. Henceforth, he will be known as **Akhil Pradhan** for all purposes.

**AFFIDAVIT**

I, Sambobinodini Sahu (47) D/o Shantanu Kumar Sahu, At- Sukhalhar Samil Mahulia, Po.- Betnoti, Ps.-Betnoti, Dist- Mayurbhanj, Pin No-757025, Odisha declared by this affidavit No-4380 dtd.21.07.2025 that now onwards I shall be Known as **Shambobinodini Samal** for all future purposes.

Shambobinodini Sahu

**AFFIDAVIT**

I, Sanjay Pradhan, S/o.- Kailash Chandra Pradhan, resident of - Sector-14, Qtr. No-B/210, Rourkela, Dist- Sundargarh, Pin- 769009, Odisha declare by this affidavit No. 471, Dated: 21.07.2025 that now onwards I shall be known as **SANJAY KUMAR PRADHAN** for all future purposes.

**AFFIDAVIT**

By virtue of an affidavit sworn before Notary Public, Bhubaneswar, dated 21.07.2025, I Kishorimani Ray, Address At- Basantapur, Po.- Ghutur, PS-Keonjhar Sadar, Dist- Keonjhar, Pin- 758002, Odisha, declare that I have changed my name from **Kishori Mani Maharaj** to **Kishorimani Ray**. Henceforth, I shall be known as **Kishorimani Ray** for all purposes.

**OFFICE OF THE PANCHAYAT SAMITI**
**JEYPORE, DISTRICT - KORAPUT** i-231

Letter No. 2765/2025 Dated. 19.07.2025

**E-TENDER CALL NOTICE**

Seal tenders are invited from Registered Contractor from State PWD / M.I / Irrigation / Rural works for execution of Building etc. The details information of which are made available in the **(www.tendersorissa.gov.in)** website and also in Koraput Dist. Website i.e **http://www.koraput.nic.in**. The date and time of apply & receive of Tender paper is from date. **23.07.2025 to 06.08.2025 up to 17.30 Hrs** through in the www.tendersorissa.gov.in website only.

Tender will be opened on **07.08.2025 at 11.00 Hrs** onwards in the Office of the Panchayat Samiti, Jeypore, Dist- Koraput.

OIPR-19065/11/0010/2526 **Sd/- Block Development Officer, Jeypore**

**OFFICE OF THE NOTIFIED AREA COUNCIL, BALIMELA**
**Odisha, Pin-764051, email: eonacbalimela@gmail.com**

**ନିବେଦନ**

ବାଲିମେଳା ସହରର ସମସ୍ତ ନାଗରିକଙ୍କୁ ଶୁଭେଚ୍ଛା ଜଣାଇ ସର୍ବନିମ୍ନ ମୌଳିକ ସେବା ଯୋଗାଇ ଦେବାରେ ନିମ୍ନଲିଖିତ ସହାୟତା ପ୍ରଦାନ କରିବା ଲାଗି ଅନୁରୋଧ କରୁଅଛୁ।

୦୧॥ ସହରର ସମସ୍ତ ନାଗରିକ ନିଜ ଗୃହରେ ଉତ୍ପନ୍ନ ବର୍ଜ୍ୟ ବସ୍ତୁ ପୃଥକ ପୃଥକ ଭାବେ (ଓଦା ଓ ଶୁଖିଲା) ଆବର୍ଜନା ବାହନରେ ପକାଇବେ।
୦୨॥ କୌଣସି ନାଗରିକ ନିର୍ମାଣ ସାମଗ୍ରୀ ଜର୍ଜମା କିମ୍ବା ରାସ୍ତାରେ ପକାଇ ଅବରୋଧ କରିବେ ନାହିଁ।
୦୩॥ କୌଣସି ନାଗରିକ ନିଜ ଗୃହପାଳିତ ପ୍ରାଣୀ ଯଥା :-ଗାଈ, ମଇଁଷି, ଛେଳି, କୁକୁର ଇତ୍ୟାଦି ସର୍ବସାଧାରଣ ରାସ୍ତାରେ ଛାଡ଼ିବେ ନାହିଁ।
୦୪॥ ସହରର ସମସ୍ତ ବ୍ୟବସାୟୀ ନିଜ ନିଜର ବ୍ୟବସାୟ ପ୍ରତିଷ୍ଠା କରିବା ନିମନ୍ତେ ଅନୁମତି (Trade License) ବିଜ୍ଞାପିତ ଅଞ୍ଚଳ, ବାଲିମେଳା ଠାରୁ ଗ୍ରହଣ କରିବା ନିତାନ୍ତ ଜରୁରୀ ଅଟେ ଏବଂ ଉକ୍ତ ପ୍ରମାଣପତ୍ର ନିଜ ନିଜ ବ୍ୟବସାୟ ସ୍ଥଳୀରେ ଲଗାଇ ରଖିବେ।
୦୫॥ ପରିଷଦର ଟିକସ ଆଦି ଠିକ ସମୟରେ ପୈଠ କରନ୍ତୁ।
୦୬॥ ପଲିଥିନ ବ୍ୟାଗ ବ୍ୟବହାରଠାରୁ ଦୂରେଇ ରୁହନ୍ତୁ।
୦୭॥ ସହରକୁ ସ୍ୱଚ୍ଛ ଏବଂ ନିର୍ମଳ ରଖିବା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ, ତେଣୁ ନିଜ ନିଜର କର୍ତ୍ତବ୍ୟ ପାଳନ କରି ପରିଷଦକୁ ସହଯୋଗ ପ୍ରଦାନ କରନ୍ତୁ।

ଆସନ୍ତୁ ଆମେ ସମସ୍ତେ ମିଳିମିଶି ଆମ ସହରକୁ ଏକ ସ୍ୱଚ୍ଛ ସବୁଜ ସହରରେ ପରିଣତ କରି କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ସ୍ୱପ୍ନକୁ ସାକାର କରିବା।

କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ, ବାଲିମେଳା | ଅଧକ୍ଷ, ବିଜ୍ଞାପିତ ଅଞ୍ଚଳ, ବାଲିମେଳା

e-mail ID: rw_rayagada@yahoo.co.in
**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION: RAYAGADA** O-453

**E-Procurement Notice**
**Bid Identification No: EERWRGD – Online – 02/2025-26**
**Letter No. 2385 / Date 17.07.2025**

| | | |
|---|---|---|
| 1 | Name of the Work | : Construction of Building works |
| 2 | Total No. of Works | : 3 Nos (Percentage rate tender) |
| 3 | Estimated Cost | : Varies from 3.98 lakhs to 31.81 lakhs |
| 4 | Class of Contractor | : "D","C" and "B" |
| 5 | Time of Completion | : Specified in DTCN. |
| 6 | Mode of submission of tender | : Tender should be submitted only in online https://www.tendersodisha.gov.in |
| 7 | Other details | : Detailed tender condition specified in DTCN. |

| Procurement Officer | Bid Identification No. | No. of works | Availability of Tender online for Bidding | | Date & Time of opening of tender |
|---|---|---|---|---|---|
| | | | From | To | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Rayagada | EERWRGD Online – 02/2025-26 | 03 (Three) Nos | 24.07.2025 at 11.00 A.M. | 07.08.2025 up to 5.00 P.M. | 08.08.2025 at 11.00 A.M. |

Further details can be seen from the website: **www.tendersodisha.gov.in**

OIPR-25072/11/0024/2526 **Executive Engineer, Rural Works Division**

**ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା**

ଫସଲ ବୀମା କରାନ୍ତୁ, ସୁରକ୍ଷା କବଚ ପାଆନ୍ତୁ
ଖରିଫ - ୨୦୨୫

ଭାରତ ସରକାର, ଓଡ଼ିଶା ସରକାର ଓ ଏଗ୍ରିକଲଚର ଇନସ୍ୟୁରାନ୍ସ କମ୍ପାନୀ (ଏ.ଆଇ.ସି.)ର ମିଳିତ ସହଯୋଗରେ କାର୍ଯ୍ୟକାରୀ

ଋଣୀ କୃଷକ: ଯଦି କୃଷକଙ୍କର ବ୍ୟାଙ୍କରେ ଅଧିସୂଚିତ ଫସଲ ପାଇଁ ଋଣ ସ୍ୱୀକୃତ / ନବୀକରଣ ହୋଇଛି କିନ୍ତୁ ବୀମା ଆବରଣରୁ ନିବୃତ୍ତ ହେବାପାଇଁ ଆବେଦନ (Optout Application) ବୀମା ଅବଧି ଶେଷ ହେବାର 7 ଦିନ ପୂର୍ବରୁ ବ୍ୟାଙ୍କରେ ଦାଖଲ କରିନାହାନ୍ତି ତେବେ ସେମାନଙ୍କ ବୀମା କରିବା ବ୍ୟାଙ୍କମାନଙ୍କ ପାଇଁ ବାଧ୍ୟତାମୂଳକ।
ଅଋଣୀ କୃଷକ: ଅଋଣୀ କୃଷକମାନେ ଯୋଜନାରେ ସାମିଲ ହେବା ପାଇଁ ନିମ୍ନଲିଖିତ ଦସ୍ତାବିଜ ଆବଶ୍ୟକ :
୧. ଆଧାର କାର୍ଡର ନକଲ (ବାଧ୍ୟତାମୂଳକ)
୨. ବ୍ୟାଙ୍କ ପାସ ବହି କିମ୍ବା ଚେକର ନକଲ
୩. ଭୂମି ପ୍ରମାଣପତ୍ର / ଜମି ପଟ୍ଟାର ନକଲ
୪. ନିର୍ଦ୍ଧାରିତ ଫର୍ମରେ ସ୍ୱୀକାରୋକ୍ତି (Self-declaration)
୫. ଭାଗଚାଷୀ କ୍ଷେତ୍ରରେ ଜମି ମାଲିକଙ୍କ ଠାରୁ ସମ୍ମତି ପତ୍ର (ଜମି ମାଲିକଙ୍କ ଆଧାର କାର୍ଡର ନକଲ ସହିତ)
୬. ସମ୍ପୂର୍ଣ୍ଣ ପୂରଣ ହୋଇଥିବା ବୀମା ପ୍ରସ୍ତାବ ପତ୍ର
୭. ମୋବାଇଲ ନମ୍ବର (ଅଧିକୃତ ବୀମା ଏଜେଣ୍ଟ / ବୀମା ମଧ୍ୟସ୍ଥିଙ୍କ ଦ୍ୱାରା ବୀମା କରିବା ପାଇଁ OTP ଜରୁରୀ)

**ବୀମିତ ଫସଲ, ବୀମିତ ରାଶି ଓ ପ୍ରିମିୟମ**

[illegible] Validation ପାଇଁ ଆବେଦନ ପତ୍ର (ଫୁଟ) ପିଛା କେବଳ ୧ ଟଙ୍କା ଦେବାକୁ ପଡିବ। ୨ ହେକ୍ଟର ପର୍ଯ୍ୟନ୍ତ କୃଷକଙ୍କର ବୀମା ପ୍ରିମିୟମ ରାଜ୍ୟ ସରକାର ବହନ କରିବେ। [illegible]

**ମୁଖ୍ୟ ବୀମା ସୁରକ୍ଷା ଓ ଲାଭ (ଗ୍ରାମ ପଞ୍ଚାୟତ / ବ୍ଲକ ଆଧାରିତ)**

ପ୍ରାକୃତିକ ବିପର୍ଯ୍ୟୟ, ରୋଗ ଏବଂ ପୋକ କାରଣରୁ ବୀମିତ ଫସଲର 'ପ୍ରକୃତ ଅମଳ' (AY) ସେହି ଅଧିସୂଚିତ ବୀମା ଏକକ (ଗ୍ରାମପଞ୍ଚାୟତ / ବ୍ଲକ) ନିମନ୍ତେ ପୂର୍ବ ନିର୍ଦ୍ଧାରିତ 'ଧାର୍ଯ୍ୟ ଅମଳ' (TY) ଠାରୁ କମ୍ ହେଲେ, [illegible]

**ଅତିରିକ୍ତ ବୀମା ସୁରକ୍ଷା ଓ ଲାଭ**

୧. [illegible]
୨. [illegible]
୩. [illegible]
୪. [illegible]

ଅଧିକ ବିବରଣୀ ପାଇଁ ନିକଟସ୍ଥ କୃଷି ସମବାୟ ସମିତି (PACS/LAMPS), ବ୍ୟାଙ୍କ ଶାଖା, ଜନ ସେବା କେନ୍ଦ୍ର (CSC), ଜିଲ୍ଲା / ବ୍ଲକ କୃଷି ଅଧିକାରୀ, ARCS, DRCS ଅଫିସ, ଅଧିକୃତ ବୀମା ଏଜେଣ୍ଟ / ବୀମା ମଧ୍ୟସ୍ଥି, ଭାରତ ସରକାରଙ୍କ PMFBY ପୋର୍ଟାଲ (www.pmfby.gov.in) କିମ୍ବା ଏ.ଆଇ.ସି. କ୍ଷେତ୍ରୀୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

**ମୁଖ୍ୟମନ୍ତ୍ରୀ ମକା ମିଶନ**

[illegible] "ମୁଖ୍ୟମନ୍ତ୍ରୀ ମକା ମିଶନ" (MMM) [illegible] INR [illegible] DBT [illegible]

ଖରିଫ ଫସଲ ପାଇଁ ବୀମା କରିବାର ଶେଷ ତାରିଖ - ୩୧.୦୮.୨୦୨୫
ଏ.ଆଇ.ସି. ଟୋଲ୍ ଫ୍ରି ନମ୍ବର - [illegible]

**CHINTAMANI JENA**
**MAHILA HIGHER SECONDARY SCHOOL, CHHACHINA**
ESTD. - 1987
P.O. - MUKULISHI, DIST. - BALASORE,
PIN - 756022 (ODISHA), PH - (06781) 258916

**WALK-IN-INTERVIEW**

Walk-in interview for engagement of Guest Faculty in the subject of Education, one Junior-Clerk-cum-Typist, & one D.F.D will be held at **1.00 PM on 28.07.2025** in our H.S. School. Interested candidates may appear for the interview with biodata & other required certificates.

Sd/- Principal
CJM HSS, Chhachina, Balasore

**ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ**
**୧୦୯ ତମ ବାର୍ଷିକ ସାଧାରଣ ସଭା ନୋଟିସ**

ନୋଟିସ୍ ନଂ.: ୧୪୮୪ ତାରିଖ: ୧୬.୦୭.୨୦୨୫

ଏତଦ୍ୱାରା ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ. ର ସମସ୍ତ ଅଂଶୀଦାର ସଭ୍ୟମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ବ୍ୟାଙ୍କର ୧୦୯ ତମ ବାର୍ଷିକ ସାଧାରଣ ସଭା ଆସନ୍ତା ତା.୦୮.୦୮.୨୦୨୫ରିଖ ଶୁକ୍ରବାର ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ଖୋର୍ଦ୍ଧା ସ୍ଥିତ ଜଗୀ ରାଜଗୁରୁ ଟାଉନ ହଲ ଠାରେ ଅନୁଷ୍ଠିତ ହେବ।

ଉକ୍ତ ସାଧାରଣ ସଭା ରେ ସମିତିର କ୍ଷମତାପ୍ରାପ୍ତ ପ୍ରତିନିଧି ଯୋଗଦାନ କରି ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନାରେ ଅଂଶଗ୍ରହଣ କରିବା ନିମନ୍ତେ ଅନୁରୋଧ।

**କାର୍ଯ୍ୟସୂଚୀ**

୧. ତା.୨୫.୦୯.୨୦୨୪ରିଖ ରେ ଅନୁଷ୍ଠିତ ହୋଇଥିବା ୧୦୮ ତମ ବାର୍ଷିକ ସାଧାରଣ ସଭାର ବିବରଣୀ ପଠନ ଓ ଅନୁମୋଦନ।
୨. ୨୦୨୪-୨୦୨୫ ଆର୍ଥିକ ବର୍ଷର ବାର୍ଷିକ ବିବରଣୀ ପଠନ ଓ ଅନୁମୋଦନ।
୩. ୨୦୨୪-୨୦୨୫ ବର୍ଷର ସମୀକ୍ଷା ପତ୍ର ଓ ତତ ସଂଲଗ୍ନ ଆୟ ବ୍ୟୟ ପ୍ରାପ୍ୟ ଦେୟ ହିସାବ ପଠନ ଓ ଅନୁମୋଦନ।
୪. ୨୦୨୪-୨୦୨୫ ବର୍ଷର ନିଟଲାଭର ବିନିଯୋଗ ପ୍ରସ୍ତାବ ଗ୍ରହଣ।
୫. ଆଗାମୀ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବ୍ୟବସାୟିକ ଅଭିବୃଦ୍ଧି ଯୋଜନା (ଡିଏପି) ପଠନ ଓ ଦୃଢ଼ୀକରଣ।
୬. ଆଗାମୀ ୨୦୨୬-୨୭ ଆର୍ଥିକ ବର୍ଷର ଆୟବ୍ୟୟ ଅଟକଳ ନିର୍ଦ୍ଧାରଣ ପାଇଁ ପ୍ରସ୍ତାବ।
୭. ଅନ୍ୟାନ୍ୟ (ସଭାପତିଙ୍କ ଅନୁମତି କ୍ରମେ)।

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ
ସଭାପତିଙ୍କ ନିର୍ଦ୍ଦେଶ କ୍ରମେ
ସାରଥୀ ଶତପଥୀ
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

**'ସ୍ୱଚ୍ଛ ସୁନାବେଡା ସୁସ୍ଥ ସୁନାବେଡା'**
**ପୌର ପରିଷଦ କାର୍ଯ୍ୟାଳୟ, ସୁନବେଡା**

ଦୈନିକ ଖବର କାଗଜ ସକାଳ ଜୟପୁର ସଂସ୍କରଣର ଚତୁର୍ଥ ବର୍ଷ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ସୁନାବେଡା ପୌର ପରିଷଦ ତାର ସମସ୍ତ ନାଗରିକ ତଥା କରଦାତା, ବୁଦ୍ଧିଜିବୀ ଓ ଅନ୍ୟାନ୍ୟ ସମସ୍ତ ଭାଇ ଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଅଛି।

ଏ ସହର ଆପଣଙ୍କର, ଏହାର ସୁରକ୍ଷା ତଥା ସୌନ୍ଦର୍ଯ୍ୟର ରକ୍ଷଣା ବେକ୍ଷଣ ନିମନ୍ତେ ସହଯୋଗର ହାତ ବଢ଼ାନ୍ତୁ। ଆସନ୍ତୁ, ଆମେ ସମସ୍ତେ ମିଳିମିଶି ଆମ ସହରକୁ ଏକ ପ୍ଲାଷ୍ଟିକ ମୁକ୍ତ ଏବଂ ସ୍ୱଚ୍ଛ ସହରରେ ପରିଣତ କରିବା।

**ଅନୁରୋଧ**

୧. ଅଳିଆ ଆବର୍ଜନା ଏଣେତେଣେ ନପକାଇ ସବୁଜ ଏବଂ ନୀଳ ରଙ୍ଗର ଡଷ୍ଟବିନ ବ୍ୟବହାର କରନ୍ତୁ।
୨. ପ୍ରତିଦିନ ସଫେଇ କର୍ମଚାରୀ ମାନଙ୍କୁ ଓଦା ଏବଂ ଶୁଖିଲା ଅଳିଆ ପୃଥକ ଭାବରେ ହସ୍ତାନ୍ତର କରନ୍ତୁ।
୩. ଖାଲିଥିବା ସରକାରୀ ଜମିକୁ ଜବର ଦଖଲ କରନ୍ତୁ ନାହିଁ।
୪. ଗୃହ ନିର୍ମାଣ ସାମଗ୍ରୀ ଜମାକରି ରାସ୍ତାଘାଟ ଅବରୋଧ କରନ୍ତୁ ନାହିଁ।
୫. ଗୃହ ପାଳିତ ପଶୁଙ୍କୁ ରାସ୍ତା ଘାଟରେ ବୁଲିବାକୁ ଛାଡନ୍ତୁ ନାହିଁ।
୬. ପରିଷଦଦ୍ୱାରା ନିର୍ମିତ ପାର୍କ, ଜିମ, ଗୋଷ୍ଠୀ କେନ୍ଦ୍ର ଆଦିର ରକ୍ଷଣାବେକ୍ଷଣରେ ସାହାଯ୍ୟ କରନ୍ତୁ।
୭. ପରିଷଦ ଦ୍ୱାରା ନିର୍ଧାରିତ ସମସ୍ତ ଟିକସ ଠିକ ସମୟରେ ପ୍ରଦାନ କରନ୍ତୁ ଏବଂ ପରିଷଦର ଉନ୍ନୟନ ନିମନ୍ତେ ସହାୟ ହୁଅନ୍ତୁ।
୮. ଖୋଲା ସ୍ଥାନରେ ମଳତ୍ୟାଗ ନକରି, ପାଇଖାନା ବ୍ୟବହାର କରନ୍ତୁ।
୯. ପରିଷଦ ଦ୍ୱାରା ନିର୍ମିତ ଡ୍ରେନ ମାନଙ୍କରେ ଅଳିଆ ଆବର୍ଜନା ପକାଇ ଡ୍ରେନ ଅବରୋଧ କରନ୍ତୁ ନାହିଁ।
୧୦. ଏହି ସହରର ସବୁଜ ଏବଂ ସୌନ୍ଦର୍ଯ୍ୟ କରଣ ନିମନ୍ତେ ବୃକ୍ଷ ରୋପଣ କରନ୍ତୁ।

ଶ୍ରୀଯୁକ୍ତ ସୁଜିତ କୁମାର ଚଉଧୁରୀ, ନିର୍ବାହୀ ଅଧିକାରୀ, ପୌର ପରିଷଦ, ସୁନାବେଡା | ଡ. ରାଜେନ୍ଦ୍ର କୁମାର ପାତ୍ର, ନଗରପାଳ, ପୌରପରିଷଦ, ସୁନାବେଡା
ଶ୍ରୀମତୀ ରିତୁ କର୍ଣ୍ଣ, ଉପ ନଗରପାଳ, ପୌରପରିଷଦ, ସୁନାବେଡା | ସମସ୍ତ ପାରିଷଦ ବୃନ୍ଦ, ପୌରପରିଷଦ, ସୁନାବେଡା

**ଦାଦନ ଶ୍ରମିକଙ୍କ ପାଇଁ ଆଇନଗତ ସୁରକ୍ଷା**

ପ୍ରତିବର୍ଷ ଏହି ଜିଲ୍ଲାରୁ କିଛି ଶ୍ରମିକ ବାହାର ରାଜ୍ୟକୁ କାର୍ଯ୍ୟକରିବା ଉଦ୍ଦେଶ୍ୟରେ ଯାଇଥାନ୍ତି। ସେମାନଙ୍କ ମଧ୍ୟରୁ କିଛି ଶ୍ରମିକ ସ୍ୱଇଚ୍ଛାରେ ଏବଂ ଅନ୍ୟ କେତେକ ଶ୍ରମିକ ଠିକାଦାର/ ଏଜେଣ୍ଟଙ୍କ ମାଧ୍ୟମରେ ଯାଇଥାନ୍ତି। କେତେକ ସ୍ଥଳରେ ସରକାରଙ୍କ ଦୃଷ୍ଟିକୁ ଆସିଛି କି, ଅନେକ ଶ୍ରମିକ ବାହାର ରାଜ୍ୟରେ ନିର୍ଯ୍ୟାତିତ ହେଉଛନ୍ତି, କିନ୍ତୁ ସେମାନଙ୍କୁ ଠିକ୍ ସମୟରେ ଆବଶ୍ୟକ ସାହାଯ୍ୟ କରିବା ସମ୍ଭବ ହେଉନାହିଁ। କାରଣ ସେମାନେ ପ୍ରାୟତଃ ଅଣ ଲାଇସେନ୍ସ ପ୍ରାପ୍ତ ଠିକାଦାର/ ଏଜେଣ୍ଟଙ୍କ ପ୍ରରୋଚନାରେ ଏବଂ ଜିଲ୍ଲା ପ୍ରଶାସନର ଅଗୋଚରରେ ରାଜ୍ୟ ବାହାରକୁ ଯାଇଥାନ୍ତି। ଏପରି ଶ୍ରମିକ ମାନଙ୍କ ବ୍ୟକ୍ତିଗତ ଓ ଅର୍ଥନୈତିକ ନିରାପତ୍ତା ରକ୍ଷାକରିବା ପାଇଁ ସରକାର ପ୍ରଣୟନ କରିଥିବା ଆନ୍ତଃରାଜ୍ୟ ପ୍ରବାସି ଶ୍ରମିକ (ନିଯୁକ୍ତି ନିୟନ୍ତ୍ରଣ ଓ ସେବା ସର୍ତ୍ତ) ଆଇନ, 1979 ରେ ପର୍ଯ୍ୟାପ୍ତ ବ୍ୟବସ୍ଥା ଅଛି। ଉକ୍ତ ଆଇନଗତ ବ୍ୟବସ୍ଥା ସଂପର୍କରେ ସମସ୍ତ ଦାଦନ ଶ୍ରମିକ ତଥା ଜନ ସାଧାରଣ ଅବଗତ ହେବା ଆବଶ୍ୟକ।

**ଠିକାଦାର/ଏଜେଣ୍ଟଙ୍କ ଦାୟିତ୍ୱ -**

୧. କୌଣସି ଠିକାଦାର/ ଏଜେଣ୍ଟ ଏହି ଜିଲ୍ଲାରୁ 5 (ପାଞ୍ଚ) ଜଣ କିମ୍ବା ତତୋଃଧିକ ଶ୍ରମିକଙ୍କୁ ନେଇ ଅନ୍ୟ ରାଜ୍ୟକୁ କାମ କରିବା ପାଇଁ ନେଉଥାନ୍ତି, ତେବେ ଉକ୍ତ ଆଇନ ଅନୁଯାୟୀ ସଂପୃକ୍ତ ଠିକାଦାର/ ଏଜେଣ୍ଟ ଜିଲ୍ଲା ଶ୍ରମ ଅଧିକାରୀ, ନବରଙ୍ଗପୁରଙ୍କ ଠାରୁ ଅନୁମତି ପତ୍ର (Licence) ନେବାକୁ ବାଧ୍ୟ ଅଟନ୍ତି।
୨. ଶ୍ରମିକମାନଙ୍କୁ ଅନ୍ୟ ରାଜ୍ୟକୁ ପଠାଇବା ବା ଚାଲାଣ କରିବା ପୂର୍ବରୁ ପ୍ରତି ଶ୍ରମିକଙ୍କ ଫଟୋ ଥିବା ଏକ ପାସବୁକ୍ ଉକ୍ତ ଠିକାଦାର/ ଏଜେଣ୍ଟ ସେମାନଙ୍କୁ ପ୍ରଦାନ କରିବେ। ସେଥିରେ ଶ୍ରମିକଟି କେଉଁ ଠାରୁ କାମ କରିବା ପାଇଁ ଯାଉଛନ୍ତି, ସେଠାରେ କେତେଦିନ କାମ କରିବେ, ସେମାନଙ୍କ ମଜୁରିହାର, ସ୍ଥାନଚ୍ୟୁତ ଭତ୍ତା, ଯାତାୟତ ଖର୍ଚ୍ଚ ବହନ ଆଦିର ସବିଶେଷ ବିଷୟ ସ୍ପଷ୍ଟ ଭାବେ ଉଲ୍ଲେଖିତ ହେବ। ଠିକାଦାର/ ଏଜେଣ୍ଟ ମାନେ ସ୍ଥାନଚ୍ୟୁତ ଭତ୍ତା ଜଣପିଛା 15 (ପନ୍ଦର) ଦିନର ମଜୁରି ହିସାବରେ ଦେବେ ଓ ସେମାନଙ୍କର ସଂପୂର୍ଣ୍ଣ ଯାତାୟତ ଖର୍ଚ୍ଚ ପ୍ରବାସି ଶ୍ରମିକଙ୍କୁ ପ୍ରଦାନ କରିବେ। ଉକ୍ତ ଦେୟ ବାବଦକୁ ସେମାନଙ୍କ ମଜୁରିରୁ କାଟି ପାରିବେ ନାହିଁ। ଶ୍ରମିକମାନେ ନିଜ ଗ୍ରାମ (ବାସସ୍ଥାନ) ଛାଡ଼ିବା ଦିନଠାରୁ କାର୍ଯ୍ୟରେ ଯୋଗଦେଲେ ବୋଲି ଧରି ନିଆଯିବ ଏବଂ ସେହିଦିନ ଠାରୁ ତଥା ରାସ୍ତାରେ ଯିବା ସମୟରେ ମଜୁରି ସେମାନେ ପାଇବା ପାଇଁ ହକ୍‌ଦାର ଅଟନ୍ତି।

**ଶ୍ରମିକଙ୍କ ଦାୟିତ୍ୱ -**

କ) ବାହାର ରାଜ୍ୟକୁ କାମ କରିବାକୁ ଯାଉଥିବା ଶ୍ରମିକମାନେ ସେମାନଙ୍କୁ ନେଉଥିବା ଠିକାଦାର/ ଏଜେଣ୍ଟ ମାନଙ୍କୁ ଚିହ୍ନିବା ଦରକାର। ଉକ୍ତ ଠିକାଦାର/ ଏଜେଣ୍ଟ ଙ୍କର ଶ୍ରମିକ ସଂଗ୍ରହ/ ନିଯୁକ୍ତି ପାଇଁ ଉପଯୁକ୍ତ ଲାଇସେନ୍ସ ଅଛି କି ନାହିଁ, ଏ ବିଷୟରେ ଜାଣିବା ଦରକାର।
ଖ) ଶ୍ରମିକମାନେ ସେମାନଙ୍କର ବାସସ୍ଥାନ ଛାଡ଼ିବା ପୂର୍ବରୁ ଠିକାଦାର/ ଏଜେଣ୍ଟଙ୍କ ଠାରୁ ପାସବୁକ୍, ଅଣଫେରନ୍ତ ସ୍ଥାନଚ୍ୟୁତ ଭତ୍ତା ଓ ଯାତାୟତ ଖର୍ଚ୍ଚ ମାଗି ନେବା ଦରକାର।
ଗ) ଶ୍ରମିକମାନେ କେଉଁ ସ୍ଥାନକୁ କାମ କରିବାକୁ ଯାଉଛନ୍ତି, ସେ ସଂପର୍କରେ ନିଜେ ଅବଗତ ହେବା ସଙ୍ଗେ ସଙ୍ଗେ ଗାଁ ଛାଡ଼ିବା ପୂର୍ବରୁ ନିଜର ଗ୍ରାମ ପଞ୍ଚାୟତ, ନିକଟସ୍ଥ ପୋଲିସ ଥାନା କିମ୍ବା ଶ୍ରମ କାର୍ଯ୍ୟାଳୟରେ ଜଣାଇବା ଆବଶ୍ୟକ।
ଘ) ପ୍ରବାସି ଶ୍ରମିକମାନେ କାର୍ଯ୍ୟସ୍ଥଳୀ ରାଜ୍ୟର ଘୋଷିତ ସର୍ବନିମ୍ନ ମଜୁରି ସମାନ କାମକୁ ସମାନ ମଜୁରି, କାର୍ଯ୍ୟ କରିବା ନିମନ୍ତେ ଉପଯୁକ୍ତ ପରିବେଶ ରହିବା ପାଇଁ ସ୍ଥାନ, ଆବଶ୍ୟକୀୟ ସ୍ୱାସ୍ଥ୍ୟସେବା, ଶୀତବସ୍ତ୍ର ତଥା କାର୍ଯ୍ୟ ସାଧନ ସାମଗ୍ରୀ ଠିକାଦାର/ ଏଜେଣ୍ଟଙ୍କ ଠାରୁ ପାଇବା ପାଇଁ ହକ୍‌ଦାର ଅଟନ୍ତି।
ଙ) ମହିଳା ଶ୍ରମିକ ମାନଙ୍କୁ ସେମାନଙ୍କର ଗର୍ଭାବସ୍ଥାର ଶେଷ ପର୍ଯ୍ୟାୟରେ କଠିନ କାର୍ଯ୍ୟରେ ନିଯୁକ୍ତି ଦିଆଯାଇ ପାରିବ ନାହିଁ। ସେମାନଙ୍କର ଶିଶୁମାନଙ୍କୁ ଖୁଆଇବା ପାଇଁ ମହିଳା ଶ୍ରମିକଙ୍କୁ ଦିନକୁ ଦୁଇଥର ବିରତ ସମୟ ଦିଆଯିବାର ବିଧି ବ୍ୟବସ୍ଥା ଅଛି।
ଚ) ଶ୍ରମିକଙ୍କର ଦେହ ଅସୁସ୍ଥ କିମ୍ବା ସେମାନେ ଦୁର୍ଘଟଣାର ସମ୍ମୁଖୀନ ହେଲେ, ସେମାନଙ୍କର ଚିକିତ୍ସା ପାଇଁ ସଂପୃକ୍ତ ଠିକାଦାର/ ଏଜେଣ୍ଟ ସଂପୂର୍ଣ୍ଣ ଖର୍ଚ୍ଚ ବହନ କରିବେ। ଯଦି କୌଣସି ଶ୍ରମିକଙ୍କର କାର୍ଯ୍ୟକ୍ଷେତ୍ରରେ ଦୁର୍ଘଟଣା ଜନିତ ଆଘାତ କିମ୍ବା ରୋଗ ହେତୁ ମୃତ୍ୟୁ ହୋଇଯାଏ, ତେବେ ତାଙ୍କ ସଂପର୍କୀୟ ମାନେ ତତ୍‌କାଳିକ କ୍ଷତି ପୂରଣ ନିଶ୍ଚିତ ଭାବେ ପାଇବେ।
ଛ) କାର୍ଯ୍ୟ କ୍ଷେତ୍ରରେ କୌଣସି ଶ୍ରମିକ କୌଣସି ପ୍ରକାରର ଶୋଷଣ, ନିର୍ଯ୍ୟାତନାର ଶୀକାର ହେଲେ ସଙ୍ଗେ ସଙ୍ଗେ ସଂପୃକ୍ତ ରାଜ୍ୟର ଶ୍ରମ ଅଧିକାରୀଙ୍କ ନିକଟରେ ଅଭିଯୋଗ ଦାଖଲ କରନ୍ତୁ।

ଏଣୁ ଏହି ଆଇନର କାର୍ଯ୍ୟକାରିତା ତଥା ପ୍ରତିପାଳନ ପାଇଁ ଠିକାଦାର, ଏଜେଣ୍ଟ, ଶ୍ରମିକ ତଥା ଜନ ସାଧାରଣଙ୍କର ସହଯୋଗ ନିତାନ୍ତ ଜରୁରୀ।

ସୁବିଧା ସୁଯୋଗ ଓ ଅଧିକାର ବିଷୟରେ ଜାଣିବା ପାଇଁ - ଫୋନ କରନ୍ତୁ (ଟୋଲଫ୍ରି ନମ୍ବର - 155368)
ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଓ ଜିଲ୍ଲା ପ୍ରଶାସନ, ନବରଙ୍ଗପୁର

ସକାଳ THE SAKALA

www.sakalaepaper.com

# ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବଙ୍କ ପରିଦର୍ଶନ ପରେ ବି ସୁଧୁରିନି

ଯୋଡ଼ା, ୨୨।୭ (ସମିସ)



କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ବଡ଼ କାଳିମାଟି ପଞ୍ଚାୟତର କାଳିମାଟିଠାରୁ ଦୁବୁନା ପର୍ଯ୍ୟନ୍ତ ରାସ୍ତାର ଶୋଚନୀୟ ଅବସ୍ଥା ଅଭିଯୋଗ ସତ୍ତ୍ୱେ ସୁଧୁରିବାର ନାଁ ଧରୁନାହିଁ। ପ୍ରଶାସନ ପକ୍ଷରୁ ଏ ଦିଗରେ ତତ୍ପରତା ଦେଖା ଯାଉ ନାହିଁ। କଂକ୍ରିଟ ରାସ୍ତା ନିର୍ମାଣ ନିମନ୍ତେ ପ୍ରଶାସନ ଓ ଗ୍ରାମବାସୀଙ୍କୁ ନେଇ ଦୁଇ ଦୁଇ ଥର ଗ୍ରାମସଭା ସରିଛି। ଜନସାଧାରଣ ନିଜ ନିଜ ରାସ୍ତା ଦେବାକୁ ରାଜି ଥିବା ସତ୍ତ୍ୱେ ପ୍ରଶାସନିକ ଉଦାସୀନତା ପାଇଁ ରାସ୍ତା କାର୍ଯ୍ୟ ହୋଇପାରୁନାହିଁ। ମାଟି ମୋରମ ରାସ୍ତାଟି ବର୍ତ୍ତମାନ ବିଭିନ୍ନ କମ୍ପାନୀର ଭାରୀ ଯାନଗୁଡ଼ିକ କବ୍‌ଜାରେ ରଖିଛନ୍ତି। ଫଳରେ ପଞ୍ଚାୟତବାସୀ ଯାତାୟାତରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଭାରୀ ଯାନଗୁଡ଼ିକ ଅଣ୍ଟାଏ ଲେଖାଏଁ ଖାଲ କରି ଦେଇଥିବା ବେଳେ ରାସ୍ତା ଉପର ଥିବା ପିଚୁର ଚିହ୍ନବର୍ଣ୍ଣ ଦିଶୁନାହିଁ। ପିଡିପୋଖରୀ, ପୁରୁଣାଡ଼ିହି, ଦୁବୁନା, ହାଣ୍ଡିଭଙ୍ଗା ଜାମୁପାଣି ଖଜୁରାଡ଼ିହି ଆଦି ଗାଁର ପ୍ରାୟ ୧୦୦୦ ଗ୍ରାମବାସୀ ଏହି ରାସ୍ତାରେ ଯାତାୟାତ କରୁଥିବା ବେଳେ ଏବେ ଏହି ରାସ୍ତା ଜନସାଧାରଣଙ୍କ ପାଇଁ ମରଣଯନ୍ତା ପାଲଟିଛି। ଗ୍ରାମବାସୀ ରାସ୍ତାଟିର ମରାମତି ପାଇଁ ବାରମ୍ବାର କମ୍ପାନୀ ଓ ଶିଳ୍ପ ନିକଟରେ ଦାବି କରିଆସୁଥିଲେ ସୁଦ୍ଧା କେହି କର୍ଣ୍ଣପାତ କରୁ ନଥିବା ନେଇ ଲୋକ ଅଭିଯୋଗ କରିଛନ୍ତି। ଗତ ରଥଯାତ୍ରା ସମୟରେ ଏହି ରାସ୍ତାଟିରେ ପ୍ରଭୁ ଜଗନାଥଙ୍କ ରଥଟଣା ହୋଇ ପାରି ନ ଥିଲା। ରଥଚକ ଭାଙ୍ଗିଯିବାରୁ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ କାନ୍ଧରେ ବୋହି ମନ୍ଦିରକୁ ନେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ରାସ୍ତାର ଦୁରବସ୍ଥା ଦେଖି ଯାଇଛନ୍ତି ହେଲେ ଆଜି ପର୍ଯ୍ୟନ୍ତ ରାସ୍ତା ନିର୍ମାଣରେ କୌଣସି ତତ୍ପରତା ନାହିଁ। ମାସ ମାସ ଧରି ଏ ରାସ୍ତାର ଅବସ୍ଥା ଶୋଚନୀୟ ହୋଇଚାଲିଛି। ସମ୍ପୃକ୍ତ ଖଣି କିମ୍ବା ପରିବହନ ସଂସ୍ଥା ପକ୍ଷରୁ ମଧ୍ୟ ରାସ୍ତା ନିର୍ମାଣ ଦିଗରେ ପଦକ୍ଷେପ ନିଆଯାଉ ନଥିବାରୁ ଜନଅସନ୍ତୋଷ ବଢ଼ି ବଢ଼ି ଚାଲିଛି।

ପ୍ରକାଶଥାଉ କି, ଏବେ ରାସ୍ତାଟିରେ ବଡ଼ ବଡ଼ ଟ୍ରକ ମଧ୍ୟ କାଦୁଅ ଓ ଖାଲରେ ପଶି ଯାଉଛି। ସେଗୁଡ଼ିକୁ ଟଚନ କରାଯାଇ ବାହାର କରାଯାଉଛି। ସାଧାରଣ ଲୋକ କିମ୍ବା ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଜରୁରିକାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସଟିଏ କିପରି ଯିବାଆସିବା କରିପାରିବ ସେ ଦିଗରେ ପ୍ରଶାସନର ଆନ୍ତରିକତା ନ ନଥିବା ପରିଲକ୍ଷିତ ହେଉଛି। ଏହି ରାସ୍ତାଟି ନୂତନ ଭାବେ ନିର୍ମାଣ କରା ନ ଗଲେ ଗ୍ରାମବାସୀ ରାଜେଶ ପାତ୍ର, ଦେବଦତ୍ତ ବାରିକ, ରଂଜିତ ବାରିକ, ପରମେଶ୍ୱର ନାଏକ, ରବୀନ୍ଦ୍ର ଖମାନିଆ ଆନ୍ଦୋଳନ ଚେତାବନୀ ଦେଇଛନ୍ତି।

# ସିଲିଦାରେ ହାତୀଙ୍କ ଦୌରାତ୍ମ୍ୟ



ତୁରୁମୁଙ୍ଗା, ୨୨।୭ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ସିଲିଦା ଗାଁ ଭିତରକୁ ଏକ ୨୯ ଟିକିଆ ହାତୀପଲ ମଙ୍ଗଳବାର ସକାଳୁ ପଶି ୨ଟି ଘର ଭାଙ୍ଗି ଦେଇଛନ୍ତି। ଗ୍ରାମର ମଧୁସୂଦନ ନାୟକ ଏବଂ ଜଗନ୍ନାଥ ସେଠୀଙ୍କ ଘରକୁ ଭାଙ୍ଗି ଦେଇଛନ୍ତି ହାତୀପଲ। ପରିବାର ଲୋକେ ଘରେ ଥିବା ବେଳେ ଏକ ବଡ଼ ଅଘଟଣରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପାଚିଲା ପଣସ ବାସ୍ନାରେ ହାତୀପଲ ଘର ନିକଟତର ହୋଇ ଆତଙ୍କ ଖେଳାଇଉଛନ୍ତି। ବିଭାଗ ହାତୀପଲଙ୍କ ଉପରେ ନଜର ରଖିଛି।

# ବୁଲା କୁକୁରଙ୍କ ଦୌରାତ୍ମ୍ୟ

ଆନନ୍ଦପୁର, ୨୨।୭ (ସମିସ): ଆନନ୍ଦପୁର ପୌରାଞ୍ଚଳରେ ବୁଲା କୁକୁରଙ୍କ ଦୌରାତ୍ମ୍ୟ ଯୋଗୁଁ ସ୍ଥାନିୟ ଅଧିବାସୀ ଅତିଷ୍ଠ ହୋଇପଡିଲେଣି। ଅନେକ ପାଗଳ କୁକୁର ଗୃହପାଳିତ ପଶୁପକ୍ଷୀଙ୍କୁ କ୍ଷତାକ୍ତ କରୁଥିବାରୁ ସେମାନଙ୍କ ପ୍ରାଣହାନି ହେଉଛି। ପୂର୍ବରୁ ପୌରପାଳିକା ପକ୍ଷରୁ ବୁଲା କୁକୁରମାନଙ୍କୁ ଧରପଗଡ଼ କରି ଅନ୍ୟତ୍ର ଛାଡ଼ି ଦିଆଯାଉଥିବା ବେଳେ ବର୍ତ୍ତମାନ ଏହା ସମ୍ପୂର୍ଣ୍ଣ ବନ୍ଦ ରହିଥିବାରୁ ବୁଲା କୁକୁରଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇ ବିଭିନ୍ନ ୱାର୍ଡ଼ ଓ ସାହିବସ୍ତିରେ ଗୃହପାଳିତ ପଶୁମାନଙ୍କୁ ଆକ୍ରମଣ କରିବା ସହ ଛୋଟ ଛୋଟ ପିଲାମାନଙ୍କୁ ଗୋଡ଼ାଇ ଗୋଡ଼ାଇ କାମୁଡୁଥିବାର ଦେଖାଯାଇଛି। ୪ନଂ ୱାର୍ଡ଼ କଂସାରୀସାହିରେ ଥିବା କିଛି ବୁଲା କୁକୁର ଦୀର୍ଘଦିନ ଧରି ଗୃହପାଳିତ ପଶୁମାନଙ୍କୁ ଆକ୍ରମଣ କରି ସେମାନଙ୍କୁ ମାରିଦେବା ସହ ସ୍କୁଲ ଯାଉଥିବା ଛୋଟ ଛୋଟ ପିଲାମାନଙ୍କୁ ଆକ୍ରମଣ କରୁଛନ୍ତି। ଯାହାକୁ ନେଇ ସ୍ଥାନୀୟ ଅଧିବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ପୌରପରିଷଦ ବୁଲା କୁକୁରଙ୍କୁ ଧରି ଅନ୍ୟତ୍ର ଛାଡ଼ିବା ପାଇଁ ସାଧାରଣରେ ଦାବି ହୋଇଛି।

# ସୁନନ୍ଦାରାଣୀ ସ୍ୱାଇଁଙ୍କ ପରଲୋକ



ହାଟଡ଼ିହୀ,୨୨।୭ (ସମିସ): କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକର ବଉଳା +୨ କଲେଜର ପ୍ରାକ୍ତନ ଅଧ୍ୟକ୍ଷା ସୁନନ୍ଦାରାଣୀ ସ୍ୱାଇଁ (୬୫)ଙ୍କ ପରଲୋକ ଘଟିଛି। ସେ ଅବସର ନେବା ପରେ ଦୀର୍ଘଦିନ ଧରି ଅସୁସ୍ଥ ରହିଥିଲେ। ଘରୋଇ ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ସେ ଜଣେ ଦକ୍ଷ ଅଧ୍ୟକ୍ଷା ଭାବେ ନିଜର ଦାୟିତ୍ୱ ତୁଲାଇଥିଲେ। ତାଙ୍କ ଦେହାନ୍ତ ଖବର ପରେ ବଉଳା କଲେଜର ଛାତ୍ରଛାତ୍ରୀଙ୍କ ସହ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।

# ହାଟଡ଼ିହୀ ପଞ୍ଚାୟତସମିତିର ନବମ ଅଧିବେଶନ



ହାଟଡ଼ିହୀ,୨୨।୭ (ସମିସ): ହାଟଡ଼ିହୀ ପଞ୍ଚାୟତସମିତି ସଭାଗୃହରେ ୯ମ ପଞ୍ଚାୟତ ସମିତି ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକଟି ହାଟଡ଼ିହୀ ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀଙ୍କ ଅଧ୍ୟକ୍ଷତା ଓ ବିଡିଓ ରଞ୍ଜନ କୁମାର ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ଜିଲ୍ଲା ପରିଷଦ ସଭ୍ୟ ବିମ୍ବାଧର ବିଶ୍ୱାଳ, ଜିଲ୍ଲାପରିଷଦ ସଭ୍ୟା କୌଶଲ୍ୟା ସେଠୀ, ସୁକାନ୍ତି ଜେନା, ସାଂସଦ ପ୍ରତିନିଧି ଜ୍ଞାନରଞ୍ଜନ ସାମନ୍ତସିଂହାର, ତହସିଲଦାର ଶିବବ୍ରତ ତ୍ରିପାଠୀ, ବିଇଓ ରାଜୀବ ଦଳେଇ, ସିଡିପିଓ ଉମାମଣି ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଜିପିଓ ଶରତଚନ୍ଦ୍ର ବେଜ ବିବରଣୀ ପ୍ରଦାନ କରିଥିଲେ। ହାଟଡ଼ିହୀ ବ୍ଲକର ସମସ୍ତ ସରପଞ୍ଚ, ସମିତି ସଭ୍ୟସଭ୍ୟା ପ୍ରତି ପଞ୍ଚାୟତର ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଉପରେ ଆଲୋଚନା କରିଥିଲେ। ବନପାଳ ମଳୟ କୁମାର ସାହୁ, ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀ କ୍ଷୀରୋଦ ବେହେରା, ରଜତ କୁମାର ସେଠୀ, ବ୍ଲକ ଯୋଗାଣ ଅଧିକାରୀ ସତ୍ୟନାରାୟଣ ପଟ୍ଟନାୟକ, ବ୍ଲକ କୃଷି ସହ ଅଧିକାରୀ ଭାମାଞ୍ଜରୀ ମହାନ୍ତ ପ୍ରମୁଖଙ୍କ ସହ ଅନ୍ୟ ବିଭାଗର ଅଧିକାରୀମାନେ ସମସ୍ୟା ଓ ଅପେକ୍ଷାରତ କାର୍ଯ୍ୟର ସମୀକ୍ଷା କରିଥିଲେ। ପିଇଓ, ଜିଆରଏସ, ଏଡିଇଓ ଏବଂ ସହକାରୀ ଯନ୍ତ୍ରୀଙ୍କ ସମେତ କନିଷ୍ଠଯନ୍ତ୍ରୀମାନେ ଉପସ୍ଥିତ ଥିଲେ। ବ୍ଲକରେ ଶିକ୍ଷା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ି ଥିବାବେଳେ କେଉଁଠି ଶିକ୍ଷକ ଅଭାବ ତ ପୁଣି କେଉଁଠି ଶ୍ରେଣୀ ଗୃହ ଅଭାବ ନେଇ ଅଭିଯୋଗ ହୋଇଥିଲା। ମଲ୍ଲିପଶି ଓ ସରମୁଣ୍ଡି ଭଳି ଅପହଞ୍ଚ ଇଲାକାରେ ଆଜି ବି ଭଲ ରାସ୍ତା ଏବଂ ଉତ୍ତମ ପାନୀୟଜଳ ବ୍ୟବସ୍ଥା ହୋଇ ପାରିନଥିବାରୁ ଜିଲ୍ଲପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ କ୍ଷୋଭ ପ୍ରକାଶ କରିଥିଲେ। ଅଭୟାରଣ୍ୟ କାରଣରୁ ପାନୀୟଜଳ ବ୍ୟବସ୍ଥା ପାଇଁ ପାଇପ୍ ଲାଇନ୍ ସଂଯୋଗ ହୋଇ ପାରୁନଥିବା ଜଳ ଓ ପରିମଳ ବିଭାଗର ସହକାରୀ ଯନ୍ତ୍ରୀ ଉଛବ ଜେନା କହିଥିଲେ। ପିଏମ କିଷାନ ସଂଯୋଗୀକରଣ କାର୍ଯ୍ୟ ଧୀମା ପଡିଥିବା କୁହାଯାଇଥିଲା। ଏବେବି ଅଭୟାରଣ୍ୟ ମଧ୍ୟରେ ବସବାସ କରୁଥିବା ଲୋକେ ଦଲକି ଠାରୁ ହଦଗଡ଼ ଯାଏଁ ପାଦଚଲା ରାସ୍ତାରେ ଯାତାୟାତ କରୁଛନ୍ତି। ବନବିଭାଗ ଉଦ୍ୟମରେ ସେହି ଜଙ୍ଗଲ ରାସ୍ତା ନିର୍ମାଣ ହେଲେ ସେଠାକାର ବାସିନ୍ଦା ପିଡ଼ିଏସ ସାମଗ୍ରୀ ସହ ଭତ୍ତା ଏବଂ ହାଟ ବଜାର କାରବାର ଖୁବ ଆରାମରେ କରିପାରନ୍ତେ ବୋଲି ଜିଲ୍ଲା ପରିଷଦ ଉପାଧ୍ୟକ୍ଷ କହିଛନ୍ତି। ଘର ନିର୍ମାଣ ପାଇଁ ବାଲିର ସମସ୍ୟା ଉପୁଜିବାରୁ ଲୋକେ ସଠିକ ସମୟରେ ଘର ନିର୍ମାଣ କରିପାରୁ ନଥିବା ନେଇ ଅଭିଯୋଗ ଉଠିଥିଲା। ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ଶିକ୍ଷା, ଶ୍ରେଣୀଗୃହ ଆଦିର ଅବ୍ୟବସ୍ଥା ନେଇ କିଛି ସରପଞ୍ଚ ଓ ସମିତି ସଭ୍ୟସଭ୍ୟା ଅଭିଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ କର୍ମଚାରୀ ବିନୋଦ ସାହୁ, ଭଗବାନ ସେଠୀ, ସୁଦର୍ଶନ ଘଡ଼େଇ ସହଯୋଗ କେରିଥିଲେ।

# ଜାଲିଆତି କରି ଜବରଦସ୍ତି ନାବାଳିକାକୁ ବିବାହ କରାଇଲେ

ହାଟଡ଼ିହୀ,୨୨।୭ (ସମିସ): କେନ୍ଦୁଝର ଜିଲ୍ଲା ନନ୍ଦିପଦା ଥାନା ଅନ୍ତର୍ଗତ ଏକ ଗାଁରେ ଗତ ୧୪ ତାରିଖରେ ଏକ ବାଲ୍ୟ ବିବାହ ହେଉଥିବା ନେଇ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଅଙ୍ଗନବାଡି କର୍ମୀ, ଆଶା ଓ ପୁଲିସ ନିକଟରେ ସୂଚନା ଦିଆଯାଇଥିଲା। ଏନେଇ ଝିଅର ବାପାମାଆଙ୍କୁ ବୁଝାସୁଝା କରିବା ପରେ ବାହାଘର ନକରିବା ପାଇଁ ବାପା ନରେନ୍ଦ୍ର ମହାନ୍ତି ଓ ମାତା ମଞ୍ଜୁଲତା ମହାନ୍ତିଙ୍କଠାରୁ ଏକ ଘୋଷଣାନାମାରେ ଦସ୍ତଖତ କରାଇଥିଲା ପୁଲିସ; କିନ୍ତୁ ଘୋଷଣାନାମା ଦସ୍ତଖତ କରିବାର ମାତ୍ର ଅଧା ଘଣ୍ଟା ପରେ ଝିଅର ବାପା ମାଆ ଝିଅକୁ ନେଇ ଯାଜପୁର ଜିଲ୍ଲାର ଷଠିପୁର ନିକଟବର୍ତ୍ତୀ ଶାଳବା ଗ୍ରାମର ଅର୍ଜୁନ ଭୂୟାଁଙ୍କ ପୁଅ ରତିକାନ୍ତ ଭୂୟାଁଙ୍କ ସହ ବିବାହ ସମ୍ପନ୍ନ କରିଥିଲେ। ଜିଲ୍ଲା ଆଇନସେବା ପ୍ରାଧିକରଣର ହସ୍ତକ୍ଷେପ ପରେ ମଧ୍ୟ ଏହି ବିବାହ ଅଟକି ନଥିଲା। ଏଥିପାଇଁ ପୁଲିସର ନିଷ୍କ୍ରିୟତାକୁ ଦାୟୀ କରିଥିଲେ ଗ୍ରାମବାସୀ। ଖୁବ୍ ସହଜରେ ଝିଅର ବାପା ନରେନ୍ଦ୍ର ମହାନ୍ତି ଝିଅର ଆଧାର କାର୍ଡକୁ ଏକ ଡ଼ିଟିପି ସେଣ୍ଟରରେ ତାର ଜନ୍ମ ତାରିଖକୁ ୨୦୦୭ ମସିହା କରି ଝିଅକୁ ୧୮ ବର୍ଷ ପୁରି ଯାଇଛି ବୋଲି ଦର୍ଶାଇଥିଲେ। ନନ୍ଦିପଦା ଥାନାରୁ ମାତ୍ର ଶହେ ମିଟର ଦୂରରେ ଝିଅ ପଢୁଥିବା ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ର ଥିଲେ ମଧ୍ୟ ପୁଲିସ ଝିଅର ପ୍ରକୃତ ଜନ୍ମ ତାରିଖକୁ ଯାଞ୍ଚ କରି ନଥିଲା। ଗୁପ୍ତ ଭାବରେ ଝିଅର ସ୍କୁଲ ରେକର୍ଡ ଓ ଅଙ୍ଗନବାଡି ରେକର୍ଡ ଯାଞ୍ଚ ପରେ ଝିଅକୁ ୧୫ ବର୍ଷ ପୁରିଥିବା ଜଣା ପଡିଥିଲା। ଖୋଳତାଡ଼ ପରେ ପାଣିକୋଇଲି ପୁଲିସ ସହାୟତାରେ କୋରେଇ ବ୍ଲକ ଅନ୍ତର୍ଗତ ଶାଳବା ଗ୍ରାମରେ ପ୍ରଶାସନ ପହଞ୍ଚି ନାବାଳିକାକୁ ଉଦ୍ଧାର କରିଥିଲା। ଯାଜପୁର ସିଡିପିଓ, ଦୁଇଜଣ ଶିଶୁ ମଙ୍ଗଳ ସ୍ୱେଚ୍ଛାସେବୀ, ଦୁଇ ଜଣ ସ୍ଥାନୀୟ ଆଇସିଡିଏସ୍ ସୁପରଭାଇଜର ଓ ସ୍ଥାନୀୟ ପୁଲିସଙ୍କ ସହାୟତାରେ ନାବାଳିକାଙ୍କୁ ଉଦ୍ଧାର କରାଯାଇ ଶିଶୁ ମଙ୍ଗଳ ସମିତି ନିକଟରେ ହାଜର କରାଇଥିଲେ। ଏହାପରେ ନାବାଳିକାଙ୍କୁ ଅସ୍ଥାୟୀ ଭାବେ ନ ଷ୍ଟପ୍ ସେଣ୍ଟର ସଖୀ, ଯାଜପୁରକୁ ପଠାଯାଇଥିବା ସୂଚନା ରହିଛି।

# ଧରଣୀଧର ବିଶ୍ୱବିଦ୍ୟାଳୟରେ ସଚେତନତା କର୍ମଶାଳା




କେନ୍ଦୁଝର, ୨୨।୭ (ସମିସ): ଧରଣୀଧର ବିଶ୍ୱବିଦ୍ୟାଳୟ ରେ ଏକ ସଚେତନତା କର୍ମଶାଳା କୁଳପତି ପ୍ରଫେସର ପ୍ରତାପ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟରେ 'କର୍ମକ୍ଷେତ୍ରରେ ମହିଳାଙ୍କୁ ଯୌନଶୋଷଣ ନିଷେଧ ଆଇନ–୨୦୧୩' ବିଷୟରେ ଆଲୋଚନା ହୋଇଥିଲା। କୁଳସଚିବ ପ୍ରତିଭା ପୃଷ୍ଟି ସମସ୍ତଙ୍କୁ ଝିଅର ସୁରକ୍ଷା ପ୍ରତି ସଚେତନ ହେବାକୁ ପଡ଼ିବ ବୋଲି କହିଥିଲେ। ସେହିପରି ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦ ମୁଖ୍ୟ ଏହି ଆଇନ୍ ସଂପର୍କରେ ବୀବରଣୀ ଉପସ୍ଥାପନ କରିଥିଲେ। ବିଶ୍ୱବିଦ୍ୟାଳୟର ଅନ୍ୟତମ ଅଧ୍ୟାପିକା ଡକ୍ଟର ସଂଗୀତା ସୁଶ୍ରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାଟିର ଆୟୋଜକ କରିଥିଲେ ଡକ୍ଟର ସୁମନ୍ତ୍ର ନାଏକ ଏବଂ ଆକାଲୁ ପୃଷ୍ଟି। ସଭାରେ ଉଭୟ ଛାତ୍ରଛାତ୍ରୀ ଏବଂ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକାମାନେ ଉପସ୍ଥିତ ଥିଲେ।

# ପ୍ରଣୟିନୀ ହେଲେ କେନ୍ଦୁଝର ସାଂସଦ ପ୍ରତିନିଧି



ଆନନ୍ଦପୁର, ୨୨।୭ (ସମିସ): ଆନନ୍ଦପୁର ବିଜେପି ମହିଳା ମୋର୍ଚ୍ଚା ନେତ୍ରୀ ପ୍ରଣୟିନୀ ବ୍ରହ୍ମ କେନ୍ଦୁଝର ସାଂସଦ ଅନନ୍ତ ନାୟକଙ୍କ ପ୍ରତିନିଧି ଭାବେ ମନୋନୀତ ହୋଇଛନ୍ତି। ଶାଳପଡାସ୍ଥିତ କନକ ମଞ୍ଜରୀ ମହିଳା ମହାବିଦ୍ୟାଳୟର ବିଭିନ୍ନ ବ୍ୟାପାର ଓ ଶୈକ୍ଷିକ ପରିବେଶ ସମ୍ପର୍କରେ ଶ୍ରୀମତୀ ବ୍ରହ୍ମ ଅନୁଧ୍ୟାନ କରିବାକୁ ନିର୍ଦ୍ଦେଶ ହୋଇଛି। ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ସୌଭାଗ୍ୟମୟୀ ନାୟକଙ୍କୁ ଏହି ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି। ସେ ପୂର୍ବରୁ ପୌରାଞ୍ଚଳ ୧୨ୱାର୍ଡରୁ କାଉନସିଲର ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବା ସହିତ ଜିଲ୍ଲା ମହିଳାମୋର୍ଚ୍ଚାର କାର୍ଯ୍ୟକାରିଣୀ ସଦସ୍ୟ ଭାବେ ମହିଳା ସଂଗଠନକୁ କ୍ରିୟାଶୀଳ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ସାକ୍ଷାତ କାଳରେ ଆନନ୍ଦପୁର ମଣ୍ଡଳ ସମ୍ପାଦକ ମାନସ ସାହୁ ବିଜେପି ବୁଥ ସଭାପତି ରଞ୍ଜନ ନାୟକ ଓ ଅଧ୍ୟାପକ ମଥୁରା ଗୁଇଁ ଉପସ୍ଥିତ ଥିଲେ।। ଶ୍ରୀମତି ବ୍ରହ୍ମଙ୍କ ଏହି ନିଯୁକ୍ତିକୁ ବରିଷ୍ଠ ନେତା ଡ. ଶମ୍ଭୁନାଥ ରାଉତଙ୍କ ସହ ଜୀମୂତ ବାହନ ରାଉତ, ନାରାୟଣ ରାଉତ, ହେମନ୍ତ ବେହେରା, ତନୁ ରାଉତ, ଶିବେନ୍ଦ୍ର ଚକ୍ର, ବିକାଶ ଚକ୍ର, ବସନ୍ତ ଚକ୍ରଙ୍କ ସହ ବହୁ ମଣ୍ଡଳ ସଭାପତି ଏବଂ ଅଞ୍ଚଳବାସୀ ସ୍ୱାଗତ କରିଛନ୍ତି।

# ଗାଡ଼ିଆରୁ ୟୁନିୟନ୍ ବ୍ୟାଙ୍କର ସ୍ମାର୍ଟକାର୍ଡ ଜବତ

ତୁରୁମୁଙ୍ଗା, ୨୨।୭ (ସମିସ)

କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ତୁରୁମୁଙ୍ଗା ପଞ୍ଚାୟତ ତ୍ରିବିନ୍ଦା ଖେଳ ପଡ଼ିଆରେ ଥିବା ଏକ ଗାଡ଼ିଆରୁ ସୋମବାର ରାତିରେ ହଜାର ହଜାର ସ୍ମାର୍ଟ ଭି କାର୍ଡ ଜବତ ହୋଇଛି। କିଛି ଯୁବକ ଏଠାରେ ଏହି କାର୍ଡଗୁଡିକ ପକାଇ ପଳାଇଥିବା ଗ୍ରାମବାସୀ ଦେଖିଥିଲେ। ତୁରୁମୁଙ୍ଗା ପଞ୍ଚାୟତ ଅଞ୍ଚଳ ର ହଜାର ହଜାର ଆକାଉଣ୍ଟଧାରୀଙ୍କ ସ୍ମାର୍ଟକାର୍ଡଗୁଡିକ ଏଠାରେ ପଡି ରହିଥିବା ବେଳେ କିଏ କାହିଁକି ଏଠାରେ କାର୍ଡ ପକାଇ ପଳାଇଲା ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଗ୍ରାମବାସୀ ଏନେଇ ଖବର ଦେବା ପରେ ତୁରୁମୁଙ୍ଗା ପୁଲିସ ସେଠାରୁ କାର୍ଡଗୁଡିକୁ ଜବତ କରି ତଦନ୍ତ ଆରମ୍ଭ କରିଛି। ୟୁନିୟନ୍ ବ୍ୟାଙ୍କର ଶାଖା ତୁରୁମୁଙ୍ଗା କିମ୍ବା ଆଖପାଖ ଅଞ୍ଚଳରେ ନଥିବା ବେଳେ କେନ୍ଦୁଝରରେ ବ୍ୟାଙ୍କ ରହିଛି। କାର୍ଡଗୁଡିକ ବ୍ୟାଙ୍କ କର୍ମଚାରୀ କିମ୍ବା ପୋଷ୍ଟାଲ ମାଧ୍ୟମରେ ଆସିଥିବା ଅନୁମାନ କରାଯାଇଛି। ତେବେ ଏତେ ସଂଖ୍ୟକ କାର୍ଡ କାହିଁକି ଏଠାରେ ପକାଯାଇଥିଲା ସେନେଇ



ତନାଘନା କରୁଛି ପୁଲିସ। କାର୍ଡଗୁଡିକ ଏଠାରେ ପଡିଥିବା କେହି ଅଭିଯୋଗ କରି ନଥିବାରୁ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ। ଏନେଇ ଜଣେ ପୂର୍ବତନ ବ୍ୟାଙ୍କ ମ୍ୟାନେଜର କହିଛନ୍ତି, ଏହି କାର୍ଡ ୨୦୧୪-୧୫ ମସିହାରେ ଜନଧନ ଯୋଜନାରେ ସ୍ମାର୍ଟକାର୍ଡ ଆକାଉଣ୍ଟଧାରୀଙ୍କ ନାମରେ ଇସୁ କରାଯାଇଥିଲା। ପରେ ଏହି କାର୍ଡଗୁଡିକ ହୁଏତ ବ୍ୟାଙ୍କ ମିତ୍ରମାନେ ବାଣ୍ଟି ନଥିବେ କିମ୍ବା ପୋଷ୍ଟାଲରେ ଆସିବାକୁ ବିଳମ୍ବ ହୋଇ ଥାଇପାରେ। ଭ୍ୟାଲିଡିଟି ସରିଯିବା ପରେ ଅବହେଳା ଯୋଗୁଁ ଗାଡିଆରେ ପକା ଯାଇଥିବା ଅନୁମାନ କରାଯାଉଛି। ଫଳରେ ପୁଲିସ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି ଏକାଉଣ୍ଟଧାରୀ।

# ନିଯୁକ୍ତି ପାଇଲେ ୧୧ ସିଆର୍‌ସିସି

ହାଟଡ଼ିହୀ,୨୨।୭ (ସମିସ): ହାଟଡ଼ିହୀ ବ୍ଲକ୍‌ରେ ୧୧ଜଣ ନୂଆ ସିଆରସିସି ନିଯୁକ୍ତି ପାଇଛନ୍ତି। ଏହାପରେ ଆଉ ଗୋଟିଏ କ୍ଲଷ୍ଟର ପାଇଁ ସିଆରସିସି ପଦ ଫାଙ୍କା ରହିଛି। ଓସେପା ନିୟମ ଅନୁଯାୟୀ ସିଆରସିସିଙ୍କ କାର୍ଯ୍ୟକାଳ ୫ବର୍ଷ। ଇତିମଧ୍ୟରେ କେନ୍ଦୁଝର ଜିଲ୍ଲାରେ ଖାଲି ପଡ଼ିଥିବା ଶତାଧିକ ସିଆରସିସି ପଦ ପାଇଁ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ୨୦୨୪ ଅକ୍ଟୋବର ୯ ରେ ବିଜ୍ଞାପନ ପ୍ରକାଶ ପାଇଥିଲା। ୨୦୨୫ ମେ ୩ରେ ଲିଖିତ ପରୀକ୍ଷା, ୫ ତାରିଖରେ ସାକ୍ଷାତକାର କରାଯାଇଥିଲା। ପରୀକ୍ଷା ପରିଚାଳନା କାର୍ଯ୍ୟ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ତତ୍ତ୍ୱାବଧାନରେ ହୋଇଥିଲା। ପରୀକ୍ଷା ଶେଷ ହେବାର ୨ମାସ ପରେ ବି ସିଆରସିସି ନିଯୁକ୍ତି ପାଇଁ ଅଧିକାରୀମାନେ ଆନ୍ତରିକତା ଦେଖାଉ ନଥିବା ଅଭିଯୋଗ ଆସିଥିଲା। ଅନ୍ୟ ଜିଲ୍ଲାରେ ନିଯୁକ୍ତି ପ୍ରକ୍ରିୟା ସରିଥିବା ବେଳେ କେନ୍ଦୁଝର ଜିଲ୍ଲାରେ ସିଆର୍‌ସିସି ନିଯୁକ୍ତି ନେଇ ଅନିଶ୍ଚିତତା ଦେଖା ଦେଇଥିଲା। ଅବେଦନକାରୀମାନେ ବାରମ୍ବାର ଅଭିଯୋଗ କରିବା ପରେ ଶିକ୍ଷା ବିଭାଗ ପକ୍ଷରୁ ଆଜି ସିଆରସିସି ନିଯୁକ୍ତି ଦିଆଯାଇଛି। ଜିଲ୍ଲା ସମଗ୍ର ଶିକ୍ଷା ପ୍ରୋଜେକ୍ଟ ଅଫିସରଙ୍କ ଚିଠି ନମ୍ବର ୨୪୨୧-୧୯/୭/୨୦୨୫ରେ ଏହି ନିଯୁକ୍ତି ଦିଆଯାଇଛି। ହାଟଡ଼ିହୀ ବ୍ଲକ୍‌ରେ ଦେବାଶିଷ ସୌଭାଗ୍ୟ ରଞ୍ଜନ ବାରିକ, ସୁମନ୍ତ ନାୟକ, ଆକାଶ ସାହୁ, ନିରଞ୍ଜନ ପଣ୍ଡା, ରାଜେନ୍ଦ୍ର ବଳ, ବିଶ୍ୱଜିତ ରାଉତ, ବିକାଶ ରାଉତ, ପଙ୍କଜ ବାରିକ, ଆର୍ତ୍ତତ୍ରାଣ ଜେନା, ଚନ୍ଦନ ଶଙ୍ଖୁଆ, ସତ୍ୟନାରାୟଣ ଗିରିଙ୍କୁ ସିଆରସିସି ଭାବେ ନିଯୁକ୍ତି ମିଳିଛି। ତେବେ ସଡ଼ା କ୍ଲଷ୍ଟର ପାଇଁ ସିଆରସିସି ପଦ ପୂରଣ ହୋଇପାରି ନାହିଁ।

# ଫ୍ରେଣ୍ଡସ କ୍ଲବ୍‌ର ପୂଜା ପ୍ରସ୍ତୁତି ବୈଠକ



ଆନନ୍ଦପୁର, ୨୨।୭ (ସମିସ): ଆଗାମୀ ଗଣେଶ ପୂଜା ଶୃଙ୍ଖଳାର ସହିତ ପାଳନ କରିବା ପାଇଁ ଫ୍ରେଣ୍ଡସ କ୍ଲବ ପକ୍ଷରୁ ଉତ୍ତରେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକ ଅନୁଷ୍ଠିତ ହୋଇଛି। କ୍ଲବ୍ ସଭାପତି ନିଶିତ ମିଶ୍ରଙ୍କ ସଭାପତିତ୍ୱରେ ବୈଠକରେ ଚଳିତବର୍ଷ ପୂଜାକୁ କିପରି ଆକର୍ଷଣୀୟ କରିବା ସହ ଭସାଣି ଶୋଭାଯାତ୍ରା ଶାନ୍ତିଶୃଙ୍ଖଙ୍ଖଳାରେ ସାରିବାକୁ ଆଲୋଚନା ହୋଇଥିଲା। ବୈଠକରେ ସଦସ୍ୟ ଦେବରଞ୍ଜନ ସାହୁ, ରାଜାପ୍ରଭୁ ଦାସ, ଉପସଭାପତି ରାକେଶ ବେହେରା, ସମ୍ପାଦକ ସୌମ୍ୟ ମଲ୍ଲିକ, ସଦସ୍ୟ ସୋମନାଥ ମିଶ୍ର, ଫୁଲ୍କୁଲ ଦାସ, ଅଶୋକ ସେଠୀ, ସାହିଲ ମଲ୍ଲିକ, ସୌରଭ ପରିଡା, ପିଙ୍କୁ ଦାସ, ଜଗମୋହନ ମୁଖୀ, ସିକୁଲ ଦାସ, ପ୍ରିୟବ୍ରତ ସାହୁ, ଦେବ ମିଶ୍ର, ସୁମତୀ ପଣ୍ଡା, ଜଗା ରଣା, ମଙ୍ଗୁଲୁ ରଣା, ରବି ଆପଟ, ଶୁଭମ ରାଜ, ସୌମ୍ୟଜିତ ମିଶ୍ର, ବାପୁନ ମହାକୁଡ଼, ବଣ୍ଟି ମୁଖୀ, ବିକାଶ ଜେନା, କାଳିଆ ଦାସ, ରୁପମ ରାଜ ପ୍ରମୁଖ ଉପସ୍ଥିତ ଥିଲେ।

# କାଟିଦେଲେ କାଜୁବଗିଚା; ଥାନାରେ ଏତଲା

ହାଟଡ଼ିହୀ, ୨୨।୭ (ସମିସ): ହାଟଡ଼ିହୀ ବ୍ଲକ୍ ସମଣା ପଞ୍ଚାୟତ ଆଗିରିଆ ଗ୍ରାମରେ ଉଦ୍ୟାନ ବିଭାଗ ପକ୍ଷରୁ ଲଗାଯାଇଥିବା କାଜୁ ଗଛକୁ କେହି ଦୁର୍ବୃତ୍ତ କାଟି ଦେଇଛନ୍ତି। ଶହ ଶହ କାଜୁ ଗଛକୁ ହାଣିଦେଇଥିବା ଅଭିଯୋଗ ହୋଇଛି। ଥାନାରେ ଏ ସଂକ୍ରାନ୍ତ ଏକ ଏତଲା ଦିଆଯାଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ଓଡିଶା ସରକାରଙ୍କ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଅନୁଦାନରେ ଆଗିରିଆ ଗ୍ରାମରେ ଗ୍ରାମ୍ୟ କମିଟି ସହଯୋଗରେ ୩୮ଜଣ ହିତାଧୀକାରୀଙ୍କୁ ନେଇ ୧୪ହେକ୍ଟର ପରିମିତ ଜମିରେ ବୃକ୍ଷରୋପଣ କରାଯାଇଥିଲା। ୨୦୨୪-୨୦୨୮ ପର୍ଯ୍ୟନ୍ତ ଏହି ୫ବର୍ଷୀୟା ଯୋଜନାରେ ଜୀବନ ଜୀବିକାର ଉନ୍ନତି ଓ ଲୋକଙ୍କ ବିକାଶ ପାଇଁ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିବା ବେଳେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଦ୍ୱାରା ୧ କୋଟି ୧୩ଲକ୍ଷ ୯୭ହଜାର ୨୬୪ଟଙ୍କାର ଅନୁଦାନ ରାଶି ମଞ୍ଜୁର ହୋଇଥିବା ବେଳେ ମନରେଗା ଯୋଜନାରେ ୩୭ଲକ୍ଷ ୮୪ହଜାର ୯୨୦ ଟଙ୍କା ଯୋଗାଇ ଦିଆଯାଇଛି। ମୋଟ ୧ କୋଟି ୨୮ ଲକ୍ଷ ୭ହଜାର ୧୮୪ଟଙ୍କା ଖର୍ଚ୍ଚ କରାଯିବାର ଲକ୍ଷ୍ୟ ରଖାଯାଇଛି। ଯୋଜନା ଅନୁସାରେ ଏହି ପ୍ରକଳ୍ପ ମାଧ୍ୟମରେ ୨୪୯୨ ଗଛ ଲଗା ସରିଥିଲା। ସେଥିରୁ ୬ଶହ କାଜୁ ଗଛ ମରିଯାଇଥିଲା। ଦେଢ ବର୍ଷ ତଳେ ଲାଗିଥିବା ଏହି ଗଛଗୁଡ଼ିକ ୪-୫ଫୁଟ ଉଚ୍ଚର ହୋଇଯାଇଥିଲା। ସୋମବାର ରାତିରେ କେହି ଦୁର୍ବୃତ୍ତ ୮୦ଭାଗରୁ ଅଧିକ ଗଛକୁ କାଟି ନଷ୍ଟ କରିଦେଇଛି। ଯାହାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ଚାଷୀ ଦନାର୍ଦ୍ଦନ ରାଉତ, ଆନନ୍ଦ ଜେନା, ରବିନ୍ଦ୍ର ରାଉତ, ଆଲୋକ ରାଉତ, ଭାଗିରଥ ଜେନା, ରତ୍ନାକର ବେହେରା, କେଦାର ରାଉତ, ନିରାକାର ବିଶ୍ୱାଳ, ନିରଞ୍ଜନ ବିଶ୍ୱାଳ, ପ୍ରସନ୍ନ ବିଶ୍ୱାଳ, ଦ୍ରୌପଦୀ ଜେନା, ସଂଯୁକ୍ତା ଜେନା, ଚନ୍ଦ୍ରମଣି ଜେନା ପ୍ରମୁଖ ଥାନାରେ ଅଭିଯୋଗ କରିଛନ୍ତି।

# ଲିପନ ଆର୍ଟ ଓ 'ମଣ୍ଡୋଲା'ରେ ଜ୍ୟୋସ୍ନାମୟୀଙ୍କ ସଫଳ କଳାକୃତି

ରାମଚନ୍ଦ୍ରପୁର,୨୨।୭ (ସମିସ): ଦେବଦେବୀଙ୍କ ପ୍ରତିମାଠାରୁ ଆରମ୍ଭ କରି ଫଟୋଫ୍ରେମ, ଘର ସାଜସଜ୍ଜା ଉପକରଣ। ଦୁର୍ମୂଲ୍ୟ ଧାତୁରେ ନୁହେଁ, ଅଦରକାରୀ ବସ୍ତୁରେ ପ୍ରସ୍ତୁତ ହେଉଛି ଏଭଳି ସୁନ୍ଦର କଳାକୃତି। ଲିପନ ଆର୍ଟ ଏବଂ ମଣ୍ଡୋଲା ଆର୍ଟର କଳାକୃତି ତାଙ୍କ ଯାଦୁକରୀ ହାତର ସ୍ପର୍ଶରେ ଜୀବନ୍ତ ରୂପ ନେଉଛି। କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ଅଳତି ଗ୍ରାମର ପ୍ରିୟବ୍ରତ ମହରଣାଙ୍କ ପତ୍ନୀ ଜ୍ୟୋସ୍ନାମୟୀ ଓଝା(୩୦)। ସେ ଉଚ୍ଚ ଶିକ୍ଷିତା। ନିଜର ସୃଜନଶୀଳତାର ସଠିକ୍ ବିନିଯୋଗ କରି ସୃଷ୍ଟି କରିଛନ୍ତି ନିଜର ସ୍ୱତନ୍ତ୍ର ପରିଚୟ। ସୋସିଆଲ ମିଡିଆ ମାଧ୍ୟମରେ ନିଜସ୍ୱ ହସ୍ତକଳା କୃତିକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇ ବେଶ୍ ଚର୍ଚ୍ଚା ସାଉଁଟିଛନ୍ତି। କରୋନା ମହାମାରୀଠାରୁ ହିଁ ଆରମ୍ଭ ହୋଇଥିଲା ତାଙ୍କର ସୃଜନଶୀଳତାର ଯାତ୍ରା। ଘର କାମରୁ ଫୁରସତ ବାହାର କରି ପ୍ଲାଏ ବୋର୍ଡ, ଅଦରକାରୀ କାଚବୋତଲ ଏବଂ କିଛି ଅଠା ସହ ହାତପାଆନ୍ତାରେ ମିଳୁଥିବା କିଛି ସାମଗ୍ରୀକୁ ବ୍ୟବହାର କରି ତିଆରି କରୁଛନ୍ତି ଆକର୍ଷଣୀୟ ୱାଲ୍ ହାଙ୍ଗିଂ ଏବଂ ସୌଖିନ କଳାକୃତି। କେବଳ ଏତିକି ନୁହେଁ; ଅଦରକାରୀ କାଗଜ, ଆଇସ୍କ୍ରିମ ଚାମଚ, କାଠି, ଚୁମକି, ମିରର, କଉଡି, କାଚବୋତଲ ବ୍ୟବହାର କରି ଦେବଦେବୀଙ୍କ ପ୍ରତିକୃତି ନିର୍ମାଣ କରିବାରେ ପାରଦର୍ଶିତା ଲାଭ କରିଛନ୍ତି ସେ। ନିଜର ନିଷ୍ଠା ଏବଂ ଅଧ୍ୟବସାୟ ଯୋଗୁଁ ସେ ଖୁବ୍ କମ୍ ଦିନରେ ଏଥିରେ ସିଦ୍ଧହସ୍ତ ହୋଇପାରିଛନ୍ତି। ଏହି କଳାକୃତିକୁ ବିକ୍ରିବଟା ପାଇଁ ଗ୍ରାମାଞ୍ଚଳରେ ସେପରି



ବଜାର ସୁବିଧା ନଥିଲେ ମଧ୍ୟ ପାଖଆଖ ଲୋକେ ବିବାଘର, ଜନ୍ମଦିନ, ବିଭିନ୍ନ ଉତ୍ସବରେ ଉପହାର ଦେବାକୁ ତାଙ୍କ ଘର ନିକଟକୁ ଆସି ଉଚିତ ଦାମ ଦେଇ ନିଜ ପସନ୍ଦର କଳାକୃତି କ୍ରୟ କରି ନେଉଛନ୍ତି। ସ୍ୱାମୀଙ୍କ ପରାମର୍ଶକ୍ରମେ ସେ ଆଉ ପଛକୁ ହଟିନାହାନ୍ତି। ଧିରେଧିରେ ତାଙ୍କ କଳାକୃତି ସୁଦୂରପ୍ରସାରୀ ହେବା ସହ ଏଥିପାଇଁ ଭରପୂର ପ୍ରଶଂସା ସାଉଁଟିଛନ୍ତି। ବିଭିନ୍ନ ସାମାଜିକ ଅନୁଷ୍ଠାନ ସହ ଗାଁ ମହୋତ୍ସବ ଏବଂ ଆନନ୍ଦପୁର ପ୍ରେସକ୍ଲବ ବାଣିଜ୍ୟ ମେଳାରେ ଉଚ୍ଚ ପ୍ରଶଂସିତ ହେବା ସହ ପୁରସ୍କୃତ ହୋଇଛନ୍ତି। ଜ୍ୟୋସ୍ନାମୟୀ ଜଣେ ସଫଳ ଗୃହିଣୀ ହେବା ସହ ନିଜର କଳା ନୈପୁଣ୍ୟର ପରିଚୟ ଦେଇ ଅନ୍ୟ ମହିଳାଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି।

# ଏମ୍‌ପିସି ମହାବିଦ୍ୟାଳୟରେ ପୁଣି ଛାତ୍ର ଅଶାନ୍ତି

ବାରିପଦା, ୨୨।୭ (ସମିସ):

କଲେଜ ନିର୍ବାଚନ ପୂର୍ବରୁ କ୍ୟାମ୍ପସ ସରଗରମ ହେବା ଆରମ୍ଭ ହୋଇଗଲାଣି। କିଛି ଦିନର ବ୍ୟବଧାନ ପରେ ପୁଣି ତକତପୁର ସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ର ଅଶାନ୍ତି ଦେଖାଦେଇଛି।

- ୫୦ ପ୍ରତିଶତ ସିଲାବସ୍ କମାଇବାକୁ ଛାତ୍ରଛାତ୍ରୀଙ୍କ ଦାବି
- ମହାବିଦ୍ୟାଳୟ ପରିସରରେ ପୁଲିସ୍ ମୁତୟନ



ସେମିଷ୍ଟର ପରୀକ୍ଷା ଫଳ ବିଳମ୍ବରେ ପ୍ରକାଶ କରିବାକୁ ନେଇ କିଛି ଦିନ ତଳେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଯାହାକୁ ନେଇ ଛାତ୍ରଛାତ୍ରୀ ଚାଲି ଚାଲି ଯାଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଉକ୍ତ ସମସ୍ୟାର ସମ୍ପୂର୍ଣ୍ଣ ସମାଧାନ ନ ହେଉଣୁ ପୁଣି ଛାତ୍ର ଅସନ୍ତୋଷ ମୁଣ୍ଡ ଟେକିଛି। ୫୦ ପ୍ରତିଶତ ସିଲାବସ୍ କମାଇବା ପାଇଁ ଦାବି କରି ଛାତ୍ରଛାତ୍ରୀ ଅଧ୍ୟକ୍ଷାଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। କଲେଜ ପରିସରରେ କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ମୁଖ୍ୟ ଫାଟକ ସମ୍ମୁଖରେ ସକାଳ ୯ଟାରୁ ପୁଲିସ୍ ଫୋର୍ସ ମୁତୟନ କରାଯାଇଥିଲା। କିନ୍ତୁ ଛାତ୍ରଛାତ୍ରୀ ଅଧ୍ୟକ୍ଷାଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏହାପରେ ପୁଲିସ ଆସି କଲେଜ ପ୍ରଶାସନ ଓ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରି ସମସ୍ୟା ସମାଧାନ ପାଇଁ ବୁଝାସୁଝା କରିଥିଲେ। ମଙ୍ଗଳବାରଠାରୁ ୟୁଜି ଦ୍ୱିତୀୟ, ଚତୁର୍ଥ ଓ ପିଜି ଦ୍ୱିତୀୟ ସେମିଷ୍ଟାର ପିଲାଙ୍କ ମିଡ୍‌ସେମିଷ୍ଟାର ପରୀକ୍ଷା ଆରମ୍ଭ ହୋଇଛି। ପୂର୍ବରୁ ଅଗଷ୍ଟ ୧୯ ତାରିଖରେ ସେମିଷ୍ଟାର ପରୀକ୍ଷା ହେବା ନେଇ ସ୍ଥିରୀକୃତ ହୋଇଥିଲା; ଯାହାକୁ ନେଇ ବିଜ୍ଞପ୍ତି ମଧ୍ୟ ପ୍ରକାଶ ପାଇଥିଲା। କିନ୍ତୁ କଲେଜରେ ଛାତ୍ର ଅଶାନ୍ତି ଦେଖା ଦେବାରୁ ଏହାକୁ ପରିବର୍ତ୍ତନ କରି ଦୁର୍ଗାପୂଜା ପରେ ୟୁଜି ଓ ପିଜି ଦ୍ୱିତୀୟ ସେମିଷ୍ଟାର ପରୀକ୍ଷା ହେବ। ତେଣୁ ପିଲାଙ୍କ ସିଲାବସ୍ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ତାଙ୍କ ସିଲାବସ୍ ୫୦ପ୍ରତିଶତ କମାଇବା ନେଇ ଦାବି ଜୋର୍ ଧରିଛି। ଇତି ମଧ୍ୟରେ କଲେଜ୍ କର୍ତ୍ତୃପକ୍ଷଙ୍କ ଆଉ ଏକ ନିଷ୍ପତ୍ତି ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପାଠପଢ଼ା ଠିକ୍ ସମୟରେ ସରୁ ନ ଥିବା ଏବଂ ଠିକ୍ ସମୟରେ ଫଳ ପ୍ରକାଶ ହେଉ ନ ଥିବାରୁ କଲେଜରେ ବାରମ୍ବାର ଛାତ୍ର ଅଶାନ୍ତି ଦେଖା ଦେଉଛି। କିନ୍ତୁ ଠିକ୍ ସମୟରେ ପାଠପଢ଼ା ସରିବା ନେଇ ମଧ କଲେଜ୍ କର୍ତ୍ତୃପକ୍ଷ ଚିନ୍ତିତ ନଥିବା ଜଣାପଡୁଛି। କାରଣ ମିଡ୍ ସେମିଷ୍ଟାର ଚାଲୁଥିବା ଯୋଗୁଁ ୟୁଜି ଓ ପିଜି ପ୍ରଥମ ସେମିଷ୍ଟାର ପିଲାଙ୍କ କ୍ଲାସ୍ ସବୁକୁ କଲେଜ୍ କର୍ତ୍ତୃପକ୍ଷ ସସ୍‌ପେଣ୍ଡ କରି ଦେଇଛନ୍ତି। ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ ଅନୁସାରେ ଗତ ୧୦ତାରିଖରୁ ସେମାନଙ୍କ ପାଠପଢା ଆରମ୍ଭ ହୋଇଥିବା ବେଳେ ଏବେ ମିଡ୍ ସେମିଷ୍ଟାର ପରୀକ୍ଷା ଆଳରେ ସେମାନଙ୍କ ପାଠପଢା ବନ୍ଦ କରିବା ବିଷୟ ଭବିଷ୍ୟତରେ ସେଇ ସମାନ ପରିସ୍ଥିତି ସୃଷ୍ଟି କରିବ ବୋଲି ଆଶଙ୍କା ସୃଷ୍ଟି କରିଛି। ତେବେ ଏହା କଲେଜ୍ କର୍ତ୍ତୃପକ୍ଷଙ୍କ ମନଇଚ୍ଛା ନିୟମ ନା' ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ନେଇ ଏକ ବଡ ଷଡ଼ଯନ୍ତ୍ର ତାହା ବୁଦ୍ଧିଜୀବୀ ମହଲରେ ଏକ ଚର୍ଚ୍ଚାର ବିଷୟ ପାଲଟିଛି।

● କାଠପାଳ ଗାଁରେ ପହଞ୍ଚି ପାରିଲାନି ଆମ୍ବୁଲାନ୍ସ

# ଖଟିଆରେ ବୁହାହେଲେ ରୋଗୀ

ବେତନଟୀ, ୨୨।୭ (ସମିସ): ବେତନଟୀ ବ୍ଲକ ଅଧୀନ ପାଟୁଳିପୁରା ଗ୍ରାମ ପଞ୍ଚାୟତ କାଠପାଳ ଗାଁର ଲୋକେ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଗାଁକୁ ପକ୍କା ରାସ୍ତା ନଥିବା ଯୋଗୁଁ ଆମ୍ବୁଲାନ୍ସ ପହଞ୍ଚିପାରିଲାନାହିଁ। ଫଳରେ ଜଣେ ୮୦ ବର୍ଷର ବୃଦ୍ଧ ରୋଗୀଙ୍କୁ ଖଟିଆରେ ବୁହାହୋଇ ପକ୍କା



ରାସ୍ତାକୁ ଅଣାଗଲା। ଘଟଣାରୁ ପ୍ରକାଶ ଯେ, ଗାଁର ବୃଦ୍ଧ ଚକ୍ରଧର ବିଶ୍ୱାଳ ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ ଗ୍ରାମବାସୀ ଏକ ଖଟିଆ ବୋହିଆଣିଥିଲେ। ଫଳରେ ରାଜ୍ୟ ସରକାରଙ୍କ ବିକଶିତ ଗାଁ, ବିକଶିତ ଓଡ଼ିଶା ସ୍ୱପ୍ନ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସରକାର ଗ୍ରାମୀଣ ଭିତ୍ତିଭୂମି ବିକାଶ ପାଇଁ ବାର୍ଷିକ ୧୦୦୦ କୋଟି ଟଙ୍କା ଏବଂ ପାଞ୍ଚ ବର୍ଷରେ ୫୦୦୦ କୋଟି ଟଙ୍କା ବିନିଯୋଗ କରିବାର ଯୋଜନା କରିଥିବା ଦାବି କରୁଥିବା ବେଳେ କାଠପାଳ ଗାଁରେ ଏଭଳି ଘଟଣା ସମସ୍ତଙ୍କୁ ଚକିତ କରିଛି। ଗାଁକୁ ପକ୍କା ରାସ୍ତା ନଥିବା ଯୋଗୁଁ ଆମ୍ବୁଲାନ୍ସ, ଅଗ୍ନିଶମ ସେବା କିମ୍ବା ଅନ୍ୟାନ୍ୟ ସୁବିଧା ଗାଁକୁ ପହଞ୍ଚିବାରେ ବାଧା ସୃଷ୍ଟି ହେଉଛି। ପକ୍କା ରାସ୍ତା ପାଇଁ ବହୁବାର ଦାବି କରାଯାଇଥିଲେ ମଧ୍ୟ ଏ ଯାଏ କୌଣସି ପଦକ୍ଷେପ ନିଆଯାଇନାହିଁ। ସମାଜସେବୀ ପ୍ରକାଶ କୁମାର ଲେଙ୍କା କହନ୍ତି ଯେ, "ସରକାର ବିକଶିତ ଓଡ଼ିଶାର କଥା କହୁଛନ୍ତି, ସତ କିନ୍ତୁ ଆମ ଗାଁରେ ରାସ୍ତା ନାହିଁ। ଆମ୍ବୁଲାନ୍ସ ପହଞ୍ଚି ପାରୁନାହିଁ। ତେବେ ଏହା କେଉଁ ବିକାଶ? ସରକାରୀ ଯୋଜନା କାଗଜରେ ସୀମିତ ରହିଯାଇଛି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ "ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନା ଅଧୀନରେ ଗ୍ରାମୀଣ ଭିତ୍ତିଭୂମି ବିକାଶ ପାଇଁ ମାର୍ଗଦର୍ଶିକା ଜାରି କରାଯାଇଛି। ଏହି ଯୋଜନାରେ ବ୍ଲକ ସ୍ତରରେ ବାର୍ଷିକ ଉନ୍ନତିମୂଳକ କାର୍ଯ୍ୟ ପାଇଁ ଯୋଜନା କରାଯିବ ବୋଲି ଘୋଷଣା କରାଯାଇଛି। କିନ୍ତୁ କାଠପାଳ ଗାଁର ଏହି ଘଟଣା ସରକାରୀ ଯୋଜନାର ବାସ୍ତବ କାର୍ଯ୍ୟକାରିତା ଉପରେ ପ୍ରଶ୍ନ ଉଠାଇଛି। ଗ୍ରାମବାସୀ ଦାବି କରିଛନ୍ତି ଯେ, ସରକାର ଯଦି ସତରେ ଗାଁର ବିକାଶ ଚାହୁଁଛନ୍ତି, ତେବେ କାଠପାଳ ପରି ଦୁର୍ଗମ ଗାଁ ଅଞ୍ଚଳରେ ରାସ୍ତା, ସ୍ୱାସ୍ଥ୍ୟ ସେବା ଓ ଅନ୍ୟାନ୍ୟ ମୌଳିକ ସୁବିଧା ଯୋଗାଇ ଦିଅନ୍ତୁ। ଅନ୍ୟଥା, "ବିକଶିତ ଓଡ଼ିଶା'ର ସ୍ୱପ୍ନ କେବଳ କାଗଜପତ୍ରରେ ସୀମିତ ରହିବ ବୋଲି ଆଶଙ୍କା କରିଛନ୍ତି।

# ଘସିପୁରା ବ୍ଲକ୍‌ରେ ମିଳୁନି ସୂଚନା; ଜିଲ୍ଲାପାଳଙ୍କୁ ଫେରାଦ

ଆନନ୍ଦପୁର, ୨୨।୭ (ସମିସ): ସୂଚନା ଅଧିକାର ଆଇନର କାର୍ଯ୍ୟକାରିତାରେ ଘସିପୁରା ବ୍ଲକରେ ସମ୍ପୂର୍ଣ୍ଣ ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ଆବେଦନକାରୀଙ୍କୁ ହତାଶ କରିବା ପାଇଁ ବିଭିନ୍ନ ପ୍ରକାର ଆର୍ଥିକ ଚାପ ସୃଷ୍ଟି କରାଯାଉଥିବା ଅଭିଯୋଗ ହୋଇଛି। ଗୋହିରା ପଞ୍ଚାୟତ ତାଳଗାଁର ରଞ୍ଜନ ପାତ୍ର ଓ ସୁରେନ୍ଦ୍ର ପାତ୍ର ପଞ୍ଚାୟତର ଉନ୍ନୟନ କାର୍ଯ୍ୟ ଓ ଖର୍ଚ୍ଚ ହୋଇଥିବା ସରକାରୀ ଅନୁଦାନ ସମ୍ପର୍କରେ ସୂଚନା ଅଧିକାରରେ ଆବେଦନ କରିଥିଲେ ହେଲେ ସେମାନଙ୍କୁ ସୂଚନା ଦେବା ପରିବର୍ତ୍ତେ ୯.୨୩୫ଟଙ୍କା ଓ ଅନ୍ୟ ଜଣଙ୍କୁ ୭.୩୫ ଟଙ୍କା ଜମା କରିବାକୁ ଚିଠି କରି ହତାଶ କରାଯାଇଥିବା ଗୁରୁତର ଅଭିଯୋଗ ହୋଇଛି। ଘଟଣାର ତଦନ୍ତ କରିବା ପାଇଁ ହିତାଧିକାରୀମାନେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗତ ୨୦୨୧ରୁ ଆଜି ପର୍ଯ୍ୟନ୍ତ ନରେଗା ଯୋଜନାରେ ବ୍ୟୟ ହୋଇଥିବା ଅନୁଦାନ କମ୍ୟୁନିଟି ସେଣ୍ଟର ଆଲୋକୀକରଣ ଓ ଗୋହିରା ପଞ୍ଚାୟତ ଅନୁଦାନ କେଉଁ ଗାଁରେ କେତେ ଖର୍ଚ୍ଚ ହୋଇଛି ସେନେଇ ତଥ୍ୟ ମଗାଯାଇଥିବା ସୂଚନା ମିଳିଛି।

# ବଦଳି ଶିକ୍ଷକଙ୍କୁ ଫେରାଇ ଆଣିବା ଦାବିରେ ଧାରଣା



କୁଆଁମରା, ୨୨।୭ (ସମିସ): ଗୋପବନ୍ଧୁ ନଗର ବ୍ଲକ କୁଆଁମରା ନୂତନ ସରକାରୀ ଉଚ୍ଚବିଦ୍ୟାଳୟର ଦଶମ ଶ୍ରେଣୀର ଦୁଇ ଛାତ୍ରଙ୍କୁ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ସେଠୀ ଗତ ୧୭ ତାରିଖରେ ସଂପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିଶିର କୁମାର ପାତ୍ର ଓ ସହକାରୀ ଶିକ୍ଷକ ପ୍ରଦୀପ କୁମାର ପାଣିଗ୍ରାହୀଙ୍କୁ ବଦଳି କରିଛନ୍ତି। ତେବେ ସହକାରୀ ଶିକ୍ଷକ ଶ୍ରୀ ପାଣିଗ୍ରାହୀଙ୍କୁ ଖୁଣ୍ଟା ଉଚ୍ଚ ବିଦ୍ୟାଳୟକୁ ବଦଳି କରାଯାଇଥିବା ବେଳେ ତାଙ୍କୁ ପୁଣି ଏଠାକୁ ଫେରାଇ ଆଣିବାକୁ ଆଜି ଛାତ୍ରଛାତ୍ରୀ ଏବଂ ଅଭିଭାବକମାନେ ଧାରଣା ଦେଇଛନ୍ତି। ବିଦ୍ୟାଳୟ ଗେଟ୍‌ରେ ତାଲା ପକାଇ ଧାରଣାରେ ବସିଥିଲେ ଛାତ୍ରଛାତ୍ରୀ। ଫଳରେ ପାଠପଢା ବନ୍ଦ ରହିଥିଲା। ଶିକ୍ଷକଙ୍କ ବଦଳି ପ୍ରତ୍ୟାହାର ନହେଲେ ପିଲାଙ୍କୁ ଏଠାରୁ ଅନ୍ୟ ବିଦ୍ୟାଳୟକୁ ନେଇଯିବାକୁ ଅଭିଭାବକମାନେ କହିଛନ୍ତି। ଘଟଣା ପରଠାରୁ ଅଭିଭାବକମାନେ ଦୁଇ ଗୋଷ୍ଠୀ ହୋଇଥିବାରୁ ଅଶାନ୍ତ ବାତାବରଣ ସୃଷ୍ଟି ହୋଇଛି। ଶ୍ରୀ ପାଣିଗ୍ରାହୀ ଗୋଟିଏ ଗୋଷ୍ଠୀ ବଦଳି କରିଥିବା ବେଳେ ଆଉ ଗୋଟିଏ ଗୋଷ୍ଠୀ ତାଙ୍କ ସପକ୍ଷରେ ରହିଥିବାରୁ ଶିକ୍ଷା ବିଭାଗ ଓ ପୁଲିସ ପ୍ରଶାସନକୁ ଅଡୁଆରେ ପକାଇଛି। ଖବର ପାଇ କୁଆଁମରା ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି ପହଞ୍ଚି ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ ମଧ୍ୟ ସେମାନେ ଜିଦ୍‌ରେ ଅଟଳ ରହିଥିଲେ। ପରେ ବ୍ଲକ ଶିକ୍ଷା ଅଧିକାରୀ ଡ଼ଃ ଅଭିମନ୍ୟୁ ସେଠୀ ଓ ଥାନା ଆଇଆଇସି ପଞ୍ଚାନନ ମହାନ୍ତି ପହଞ୍ଚି ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ସହ ଆଲୋଚନା କରି ଆଇନ ଦିଗରେ ଅବଗତ କରାଇବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

# ଧାନ ବିଲ ଫାଟି ଆଁ; ବର୍ଷାକୁ ଚାହିଁ ରହିଛି ଚାଷୀ

ମୋରଡ଼ା, ୨୨।୭ (ସମିସ): ଧରାଶ୍ରାବଣରେ ବର୍ଷା ଅଭାବରୁ ଧାନ ଜମି ଫାଟି ଆଁ କଲାଣିବ। ଏବେ ଶ୍ରାବଣ ମାସ ଶେଷ ହେବାକୁ ବସିଛି। ହେଲେ ଆବଶ୍ୟକତା ଅନୁସାରେ ବର୍ଷା ନ ଥିବାରୁ ପୂର୍ବରୁ ରୁଆ ହୋଇଥିବା ଧାନ ଏବେ ଫାଟିଗଲାଣି। ଜୁନ ମାସ ପ୍ରଥମ ସପ୍ତାହରୁ ଲଘୁଚାପ ଜନିତ ବର୍ଷା ପ୍ରାୟ ସବୁ ଦିନ ହେଉଥିଲେ ମଧ୍ୟ ପର୍ଯ୍ୟାପ୍ତ ହୋଇନି। ସତେ ଯେମିତି ବର୍ଷା ଅଞ୍ଚଳବାସୀଙ୍କ



ସହିତ ଲୁଚକାଳି ଖେଳି ଖେଳି ମୋରଡ଼ା ଠିକଣା ଭିଲିଯାଇଛି। ଅନ୍ୟପଟେ ଆଉ ମାସେ ପରେ ଗଣପର୍ବ ନୂଆଁଖାଇ ପଡ଼ିବ ଚାଷୀ ବିଲରେ ଧାନ ବୁଣିଦେଇ ବର୍ଷାକୁ ଚାହିଁ ବସିଛି। ବର୍ଷା ହେଲେ ଧାନ ବିହିଡ଼ିବା ସହିତ ସାର ଛିଞ୍ଚିବ ବୋଲି ଅପେକ୍ଷା କରିଛି; କିନ୍ତୁ ବର୍ଷା ହେଉନି। ଆକାଶରେ କଳାହାଣ୍ଡିଆ ମେଘ ଦେଖି ଚାଷୀ ଖୁସି ହେଉଥିବା ବେଳେ ଟାଣଫଟା ଖରା ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। ଗତବର୍ଷଠାରୁ ଚଳିତ ବର୍ଷ ଅଧିକ ବର୍ଷା ହୋଇଥିଲେ ମଧ୍ୟ ଖେତରେ ପାଣି ନାହିଁ। କା ଭାଁ କିଛି ଖେତରେ ପାଣି ଥିଲେ ମଧ୍ୟ ଚାଷ ପାଇଁ ପର୍ଯ୍ୟାପ୍ତ ହେଉନାହିଁ। ତିନି ଚାରି ଦିନ ମଧ୍ୟରେ ଯଦି ବଡ଼ ବର୍ଷା ନ ହୁଏ ତାହାହେଲେ ଚାଷୀ ବହୁ କ୍ଷତି ସହିବ। ତେଣୁ ଏବେଠାରୁ ଚାଷୀ ମହଲରେ ଭାଳେଣି ପଡ଼ିଲାଣି।

# ବଡ଼ବିଲ ଆଇଟିଆଇ ପୂର୍ବଭାରତର ଶ୍ରେଷ୍ଠ ଶିଳ୍ପ ତାଲିମ କେନ୍ଦ୍ର




କେନ୍ଦୁଝର/ବଡ଼ବିଲ, ୨୨।୭ (ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲସ୍ଥିତ ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ପୂର୍ବ ଭାରତର ସର୍ବୋତ୍ତମ ପ୍ରଦର୍ଶନକାରୀ ଭାବରେ ସମ୍ମାନିତ ହୋଇଛି। ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପମରେ ଆୟୋଜିତ ସ୍କିଲ ଇଣ୍ଡିଆ ମିଶନର ୧୦ ବାର୍ଷିକୀ ପୂର୍ତ୍ତି ଉପଲକ୍ଷେ ଅନୁଷ୍ଠିତ ହେଉଥିବା 'ଭାରତ ସ୍କିଲନେକ୍ସଟ୍ -୨୦୨୫ର ଉଦଘାଟନୀ ଉତ୍ସବରେ କେନ୍ଦ୍ର ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟର ମନ୍ତ୍ରୀ ଜୟନ୍ତ ଚୌଧୁରୀଙ୍କଠାରୁ ଡିଟିଇଟି ନିର୍ଦ୍ଦେଶକ ସମର୍ଥ ବର୍ମା ଓ ଆଇଟିଆଇ ବଡ଼ବିଲର ଅଧ୍ୟକ୍ଷ ଏହି ସମ୍ମାନ ଗ୍ରହଣ କରିଛନ୍ତି। ଏହି ସମ୍ମାନ ଦକ୍ଷତା ବିକାଶ ଅଭିଯାନକୁ ସାର୍ଥକ କରିବା ଓ ଭାରତର କାର୍ମିକ ଶକ୍ତିକୁ ସଶକ୍ତ କରିବା ଦିଗରେ ବଡ଼ବିଲ ଶିଳ୍ପ ତାଲିମ କେନ୍ଦ୍ର ଓ ସର୍ବୋପରି ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରୁଛି। ଏହି ସମ୍ମାନ କେନ୍ଦୁଝର ଜିଲ୍ଲା ଓ ଓଡ଼ିଶା ପାଇଁ ଗର୍ବ ଆଣିଦେଇଛି।

# ବିଦ୍ୟୁତ ସଂସ୍ପର୍ଶରେ ଆସି ମହିଳା ମୃତ

ତୁରୁମୁଙ୍ଗା, ୨୨।୭ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ସରସ୍ୱତୀ ପଡ଼ା ଗ୍ରାମରେ ବିଦ୍ୟୁତଚାଳିତ ଧାନକଳରେ ଧାନ ପେସାଉଥିବା ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ହେଲେ ବୃନ୍ଦାବନ ମହାନ୍ତଙ୍କ ସ୍ତ୍ରୀ ଚମ୍ପାବତୀ। ମଙ୍ଗଳବାର ସଂଧ୍ୟାରେ ସେ ତାଙ୍କ ଘରେ ଥିବା ଧାନକଳରେ ଧାନ ପେସାଉଥିଲେ। ହଠାତ ବିଦ୍ୟୁତ ସଂସ୍ପର୍ଶରେ ଆସିବା ସହ ତାଙ୍କ ଉପରେ ମେସିନଟି ଖସିପଡ଼ି ଗୁରୁତର ହୋଇଥିଲେ। ତାଙ୍କୁ ଉଦ୍ଧାର କରି ପାଟଣା ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଛନ୍ତି।

# ନୂତନ ରିସୋର୍ଟ ପ୍ରକଳ୍ପ ନିର୍ମାଣ ପାଇଁ ଅନୁମତି

କେନ୍ଦୁଝର, ୨୨।୭ (ସମିସ): ଓଡ଼ିଶା ପର୍ଯ୍ୟଟନ ବିଭାଗ କେନ୍ଦୁଝର ଜିଲ୍ଲାର ଭାଲିଆଡିହିରେ କାମତ୍ ହୋଟେଲ୍ସ (ଇଣ୍ଡିଆ) ଲିମିଟେଡସକୁ ଏକ ରିସୋର୍ଟ ସ୍ଥାପନ ପାଇଁ ଅନୁମତି ପ୍ରଦାନ କରିଛି। ୨୬ ଜୁନ ୨୦୨୫ରେ ଅନୁଷ୍ଠିତ ରାଜ୍ୟ ସିଂଗଲ୍ ୱିଣ୍ଡୋ କ୍ଲିଅରେନ୍ସ କମିଟିର ୪୧ତମ ବୈଠକରେ ଏହି ଅନୁମତି ଦିଆଯାଇଛି। ହୋଟେଲ ପରିଚାଳନା କର୍ତ୍ତୃପକ୍ଷ ପ୍ରାରମ୍ଭିକ ପର୍ଯ୍ୟାୟରେ ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନ ପରିଦର୍ଶନ କରି ଆବଶ୍ୟକ କାଗଜପତ୍ର ସମ୍ପୂର୍ଣ୍ଣ କରିବାକୁ ପ୍ରଶାସନ ସହିତ ଯୋଗାଯୋଗ କରିଛନ୍ତି। ଏହି ରିସୋର୍ଟ କାର୍ଯ୍ୟକାରୀ ହେଲା ପରେ କେନ୍ଦୁଝରର ପର୍ଯ୍ୟଟନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇବ, ରୋଜଗାର ସୃଷ୍ଟି କରିବ ଏବଂ ଅର୍ଥନୈତିକ ବିକାଶକୁ ବଳ ଯୋଗାଇବାରେ ସହାୟକ ହେବ। ଏହି ପ୍ରକଳ୍ପ ଦେଶ ଏବଂ ବିଦେଶରୁ ଆସୁଥିବା ପର୍ଯ୍ୟଟକଙ୍କୁ ଆକର୍ଷିତ କରି କେନ୍ଦୁଝରର ସାଂସ୍କୃତିକ ଓ ପ୍ରାକୃତିକ ସମ୍ପଦକୁ ଉଜ୍ଜ୍ୱଳ ଭାବରେ ପ୍ରଦର୍ଶନ କରିବ ଯାହା କେନ୍ଦୁଝର ତଥା ଓଡିଶାକୁ ଏକ ପ୍ରମୁଖ ପର୍ଯ୍ୟଟନ ଗନ୍ତବ୍ୟସ୍ଥଳୀ ଭାବରେ ଗଢି ତୋଳିବାରେ ସହାୟକ ହେବ।

# ବିଦେଶୀ ମଦ ଜବତ; ଅଭିଯୁକ୍ତ ଗିରଫ

ମହୁଲଡିହା, ୨୨।୭ (ସମିସ): ମହୁଲଡିହା ଥାନା ଅନ୍ତର୍ଗତ ସାତକୋଶିଆ ଗ୍ରାମରେ ଅବକାରୀ ବିଭାଗ ଚଢ଼ଉ କରି ବୀରବର ରଣା (୫୬)କୁ ଗିରଫ କରିବା ସହିତ ତା ନିକଟରୁ ୪.୯ ଲିଟର ବିୟର ଏବଂ ୪.୬ ଲିଟର ବିଦେଶୀ ମଦ ଜବତ କରିଛି। ଅଭିଯୁକ୍ତ ବୀରବରକୁ ୨୨ ତାରିଖରେ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

# ଅନ୍ତଃସତ୍ତ୍ୱା ଯୁବତୀ ଉଦ୍ଧାର; ଅଭିଯୁକ୍ତ ଗିରଫ

ମହୁଲଡିହା, ୨୨।୭ (ସମିସ): ଠାକୁରମୁଣ୍ଡା ଥାନା କେନ୍ଦୁଜିଆଣୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଏକ ଗ୍ରାମରେ ଜଣେ ଅନ୍ତଃସତ୍ତ୍ୱା ଝିଅକୁ ପୁଲିସ ଉଦ୍ଧାର କରିବା ସହିତ ବଡ଼ବାପା ପୁଅ (୩୬) କୁ ଗିରଫ କରିଛି। କକାଙ୍କ ନାବାଳିକା ଝିଅ ସହିତ ଶାରୀରିକ ସମ୍ପର୍କ ରଖି ପୁରୀ ଅଞ୍ଚଳକୁ କାମ କରିବାକୁ ଯୁବକ ଜଣକ ପଳାଇଥିଲା। ସେ ଅନ୍ତସତ୍ତ୍ୱା ଘଟଣା ଜଣାପଡିବା ପରେ ଝିଅକୁ ନେଇ ପୁରୀ ପେଣ୍ଠକଟା ଅଞ୍ଚଳକୁ ଚାଲିଯାଇଥିଲା। ଏ ନେଇ ଯୁବତୀର ବଡ଼ ଭଉଣୀ ୯ ତାରିଖରେ ନିଖୋଜ ଥିବା ନେଇ ଠାକୁରମୁଣ୍ଡା ଥାନାରେ ଅଭିଯୋଗ କରିଥିଲେ। ଏତଲାକ୍ରମେ ଥାନାଧିକାରିଣୀ ରାମର ମୋବାଇଲ ଟ୍ରାକିଂ କରି ପୁରୀ ପେଣ୍ଠକଟା ଅଞ୍ଚଳରୁ ଉଭୟଙ୍କୁ ୨୧ ତାରିଖ ରାତିରେ ଉଦ୍ଧାର କରି ଠାକୁରମୁଣ୍ଡା ଆଣିଥିଲେ। ମଙ୍ଗଳବାର ସଂପୃକ୍ତ ଝିଅର ଏତଲା କ୍ରମେ ପୁଲିସ ବାରିପଦା ପକ୍ସୋ କୋର୍ଟରେ ହାଜର କରିଥିଲା। ଉଭୟଙ୍କ ଡାକ୍ତରୀ ମାଇନା କରାଯାଇଛି। ହେଲେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତକୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ଜେଏମ୍‌ଏମ୍ ବ୍ଲକ୍ ସଭାପତିଙ୍କୁ ସମ୍ବର୍ଦ୍ଧନା



କୁଳିଅଣା, ୨୨।୭ (ସମିସ): ଝାରଖଣ୍ଡ ମୁକ୍ତି ମୋର୍ଚ୍ଚାର ରାଜ୍ୟ ସଭାପତି ଅଞ୍ଜନୀ ସୋରେନ କୁଳିଅଣା ବ୍ଲକ ସଭାପତି ଭାବେ ଭାଗିରଥି ସୋରେନଙ୍କୁ ମନୋନୀତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଅପରାହ୍ନରେ କୁଳିଅଣା ମେଡିକାଲ ଛକରେ ଜେଏମ୍‌ଏମର ଓବିସି ସେଲର ସଭାପତି ରାଜେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଶ୍ରୀ ସାହୁ ନୂତନ ବ୍ଲକ ସଭାପତିଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ନୂତନ ସଭାପତି ଶ୍ରୀ ସୋରେନ ତୃଣ ମୂଳସ୍ତରରୁ ଦଳ ପାଇଁ କାମ କରିବେ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ରବୀନ୍ଦ୍ର ସୋରେନ, ଚନ୍ଦ୍ର ମୋହନ ସୋରେନ, ଜେନା ହାଁସଦା, ଶିବ କିସ୍କୁ, ସତ୍ୟବାନ ବିନ୍ଧାଣି ପ୍ରମୁଖ ଉପସ୍ଥିତ ଥିଲେ।

# ବିବାହ ବାର୍ଷିକରେ ରକ୍ତଦାନ



ରାମଚନ୍ଦ୍ରପୁର, ୨୨।୭ (ସମିସ): ବିବାହ ବାର୍ଷିକୀରେ ରକ୍ତଦାନ କରି ପ୍ରଶଂସା ସାଉଁଟିଲେ ଦମ୍ପତି। ରକ୍ତଦାନ ମହତ ଦାନ, ରକ୍ତର ବିକଳ୍ପ ନାହିଁ। ଘସିପୁରା ବ୍ଲକ ପୁରୁଣାବାନ୍ଧଗୋଡ଼ା ଗ୍ରାମର ଯୁବ ସମାଜସେବୀ ତାରିଣୀ ପ୍ରସାଦ ପଟ୍ଟନାୟକ ଏବଂ ତାଙ୍କ ପତ୍ନୀ ଶିବାନୀ ପଟ୍ଟନାୟକ ନିଜର ୧୧ତମ ବିବାହ ବାର୍ଷିକୀ ଅବସରରେ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାର ପହଞ୍ଚି ରକ୍ତଦାନ କରିଛନ୍ତି। ତାରିଣୀ ପ୍ରସାଦ ଆଜକୁ ମିଶାଇ ୫୧ ଥର ରକ୍ତଦାନ କରିଥିବା ବେଳେ ତାଙ୍କ ପତ୍ନୀ ତୃତୀୟ ଥର ପାଇଁ ରକ୍ତଦାନ କରିଛନ୍ତି। ଯୁବ ସମାଜ କୁସଙ୍ଗରେ ପଡି ବିପଥଗାମୀ ହେଉଥିବା ବେଳେ ତାରିଣୀ ପ୍ରସାଦ ଏବଂ ତାଙ୍କ ପତ୍ନୀଙ୍କ ଏଭଳି ନିଆରା ପ୍ରୟାସ ଯୁବସମାଜକୁ ପ୍ରେରଣା ହୋଇରହିବ।

■ ପ୍ରଦର୍ଶନୀ ମହିଳା ଫୁଟ୍‌ବଲ

# ଜେଏସ୍‌ଡବ୍ଲୁ ବିପକ୍ଷରେ ତାରିଣୀ ଫୁଟ୍‌ବଲ ଏକାଡେମୀ ୨-୧ ଗୋଲରେ ବିଜୟୀ



କେନ୍ଦୁଝର, ୨୨।୭ (ସମିସ): କେନ୍ଦୁଝର ଜିଲ୍ଲା କ୍ରୀଡ଼ା ସଂସ୍ଥା ଆନୁକୂଲ୍ୟରେ ୬୪ତମ ସାହାଣୀ କପ ସିନିଅର ଆନ୍ତଃ ଜିଲ୍ଲା ପୁରୁଷ ଫୁଟବଲ ଟୁର୍ନାମେଣ୍ଟର ବିଶ୍ରାମ ଦିବସ ଅବସରରେ ଏକ ମହିଳା ପ୍ରଦର୍ଶନୀ ଫୁଟବଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ତାରିଣୀ ଫୁଟବଲ ଏକାଡେମୀ ଏବଂ ଜେଏସଡବ୍ଲୁ ଫାଉଣ୍ଡେସନ ମଧ୍ୟରେ ଅନୁଷ୍ଠିତ ଏହି ମ୍ୟାଚରେ କେନ୍ଦୁଝରର ତାରିଣୀ ଫୁଟବଲ ଏକାଡେମୀ ୨-୧ ଗୋଲରେ ବିଜୟୀ ହୋଇଛି। ପ୍ରଥମାର୍ଦ୍ଧର ୨୦ତମ ମିନିଟରେ ଜେଏସଡବ୍ଲୁର ଗୋଲରକ୍ଷକ ରଞ୍ଜିତା ପାତ୍ର ନିଜ ସ୍ଥାନ ଛାଡି ଆଗକୁ ଚାଲିଆସିଥିବା ବେଳେ ତାରିଣୀ ଏକାଡେମୀ ଖୋଲା ଗୋଲ ପୋଷ୍ଟରେ ଗୋଲ ଦେବାର ଏକ ସୁଯୋଗ ପାଇଥିଲା ମାତ୍ର ପ୍ରତିପକ୍ଷ ଦଳର ୧୦ ନମ୍ବର ଖେଳାଳି ଅର୍ଚ୍ଚିତା ରାଉତ ଏକ କର୍ଣ୍ଣର ବିନିମୟରେ ଦଳକୁ ଏକ ନିଶ୍ଚିତ ଗୋଲରୁ ରକ୍ଷା କରିଥିଲେ। ପରେ ପରେ ୨୬ତମ ମିନିଟରେ ଜେଏସଡବ୍ଲୁ ପକ୍ଷରୁ ୯ ନମ୍ବର ଖେଳାଳି ତାରିଣୀ ନାଏକ ଦଳ ପକ୍ଷରୁ ପ୍ରଥମ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧ ଖେଳରେ ୧-୦ ଗୋଲରେ ପଛୁଆ ରହିବା ପରେ ଦ୍ୱିତୀୟାର୍ଦ୍ଧ ଖେଳରେ ତାରିଣୀ ଫୁଟବଲ ଏକାଡେମୀ ପରସ୍ପର ମଧ୍ୟରେ ବୁଝାମଣା ରକ୍ଷାକରି ପ୍ରତିପକ୍ଷ ରକ୍ଷଣ ଭାଗକୁ ବ୍ୟତିବ୍ୟସ୍ତ କରିଦେଇଥିଲେ। ଦ୍ୱିତୀୟାର୍ଦ୍ଧର ୫୫ ମିନିଟରେ ତାରିଣୀ ଫୁଟବଲ ଏକାଡେମୀର ଏନ ରୋସନି ଦଳ ପକ୍ଷରୁ ଗୋଲଟିକୁ ପରିଶୋଧ କରିଥିବା ବେଳେ ୬୨ତମ ମିନିଟରେ ଦଳ ପକ୍ଷରୁ ମିଡ଼ ଫିଲଡର ମଲ୍ଲୀ ମୁଣ୍ଡା ବିଜୟ ସୂଚକ ଗୋଲଟି ଦେଇଥିଲେ। ଖେଳ ଆରମ୍ଭ ହେବା ପୂର୍ବରୁ ଆଜିର ମୁଖ୍ୟ ଅତିଥି ଜେଏସଡବ୍ଲୁ ଫାଉଣ୍ଡେସନର ସବିଲ କୁମାର ଝା ଏବଂ ଧରଣୀଧର ମହାବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଫେସର ଡ ବନବିହାରୀ ମିଶ୍ରଙ୍କ ସହ ଖେଳାଳିଙ୍କୁ ପରିଚିତ କରାଇ ଦିଆଯାଇଥିଲା। ଜିଲ୍ଲା କ୍ରୀଡା ସଂସ୍ଥାର ଉପସଭାପତି ସୁରେଶଚନ୍ଦ୍ର ପଟ୍ଟନାୟକ, ସାଧାରଣ ସମ୍ପାଦକ ଡ. ଜନାର୍ଦ୍ଦନ ଦାଶ, ଯୁଗ୍ମ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ, ରବୀନ୍ଦ୍ର ପାଢ଼ୀ, କୋଷାଧ୍ୟକ୍ଷ ସରୋଜ ରଣା, କାଉନସିଲ ସଦସ୍ୟ, ରାଜକୁମାର ମିଶ୍ର, ସୁରେଶଚନ୍ଦ୍ର ରଣା, ଗିରୀଶଚନ୍ଦ୍ର ହୋତା, ସନାତନ ବେହେରା, ଫାଓ ଯୁଗ୍ମ ସମ୍ପାଦକ ବିଶ୍ୱରଞ୍ଜନ ଘଡେଇ, ଚୟନକର୍ତ୍ତା କରୁଣାକର ବେହେରା, ବରିଷ୍ଠ ଆଇନଜୀବୀ ଚତୁର୍ଭୁଜ ହୋତା, ବୀରେନ୍ଦ୍ର ମହାନ୍ତ ଏବଂ ଜେଏସଡବ୍ଲୁ ଫାଉଣ୍ଡେସନର କୋଚ କୃଷ୍ଣଚନ୍ଦ୍ର ମହାନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ବିଜୁ ମୁର୍ମୁ ରେଫରୀ ଥିବା ବେଳେ ଲାଇନରେ ସନ୍ତୋଷ ମହାକୁଡ଼ ଓ ଲକ୍ଷ୍ମୀଧର ସି ସହାୟତା କରିଥିଲେ। ଚତୁର୍ଥ ରେଫରୀ ଥିଲେ ଜଗବନ୍ଧୁ ମହାନ୍ତ। ଭାଷ୍ୟକାର କ୍ଷୀରୋଦ ଗିରି ଧାରାବିବରଣୀ ପ୍ରଦାନ କରିଥିଲେ। ବୁଧବାର କେନ୍ଦୁଝର ଷ୍ଟାଡିୟମଠାରେ ୬୪ତମ ସାହାଣୀ କପ ସିନିଅର ଆନ୍ତଃଜିଲ୍ଲା ପୁରୁଷ ଫୁଟବଲ ଟୁର୍ନାମେଣ୍ଟର ଜୋନାଲ ଫାଇନାଲରେ ରାଉରକେଲା ଷ୍ଟିଲପ୍ଲାଣ୍ଟ ସୁନ୍ଦରଗଡ଼କୁ ଭେଟିବ।

ରାସ୍ତା ନବୀକରଣ ପାଇଁ ପ୍ରଶାସନିକ ବୈଠକ

# ୪ କମ୍ପାନୀ ୮ ଦିନରେ ତିଆରି କରିବେ ରାସ୍ତା

ଯୋଡ଼ା, ୨୨।୭ (ସମିସ):



କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଦେଓଝର ପଞ୍ଚାୟତ ଅନ୍ତର୍ଗତ ବିଲେଇପଦାଠାରୁ ମୁର୍ଗା ମହାଦେବ ରାସ୍ତାରେ ପ୍ରତ୍ୟେକ ଦିନ ହଜାର ହଜାର ଭାରୀଯାନ ଟ୍ରକ ଚାଲୁଛି। ବର୍ଷା ଦିନରେ ରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇପଡିଛି। ଶ୍ରାବଣ ମାସରେ ମହାଦେବଙ୍କୁ ଜଳାଭିଷେକ କରିବା ପାଇଁ ଚାରିଦିଗରୁ ହଜାର ହଜାର ଶ୍ରଦ୍ଧାଳୁ ଏହି ରାସ୍ତା ଦେଇଯିବା ବେଳକୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ପାଇଁ ଜିଲ୍ଲା ଖଣିଜ ପ୍ରତିଷ୍ଠାନରୁ ୨୨ କୋଟି ୧୪ ଲକ୍ଷ ଅନୁମୋଦନ ହୋଇଥିଲେ ସୁଦ୍ଧା କିତାବେଡା ଏବଂ ସିଆଳ ଯୋଡ଼ା ଗ୍ରାମରେ ଗ୍ରାମସଭା ସଫଳ ହୋଇପାରି ନଥିବା ଯୋଗୁଁ ନୂତନ ରାସ୍ତାର ନିର୍ମାଣ କାର୍ଯ୍ୟ ଅଧପନ୍ତରିଆ ଭାବେ ୨୦୨୦ ମସିହାରୁ ବନ୍ଦ ରହିଛି। ମଙ୍ଗଳବାର ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡାଙ୍କ ଅଧ୍ୟକ୍ଷତାରେ ମୁର୍ଗମହାଦେବ ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକରେ ରାସ୍ତାର ତ୍ୱରିତ ନବୀକରଣ ସହ ମରାମତି ନେଇ ବିସ୍ତୃତ ଆଲୋଚନା କରାଯାଇଛି। ଟାଟା ଷ୍ଟିଲ, ଜିନ୍ଦଲ ଷ୍ଟିଲ, ତ୍ରିବେଣୀ ଆର୍ଥ ମୁଭର୍ସ ଏବଂ କ୍ରାକୋର୍ସ ଇଣ୍ଡିଆ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ୮ ଦିନରେ ୧୦ ମିଟର ଚଉଡା ରାସ୍ତାର ନବୀକରଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। କମ୍ପାନୀ କର୍ତ୍ତୃପକ୍ଷ ଏହି ପ୍ରସ୍ତାବରେ ଲିଖିତ ଭାବେ ରାଜି ହୋଇଛନ୍ତି। ରାସ୍ତା କାମର ଗୁଣବତ୍ତାର ତଦାରଖ ପାଇଁ ପିଡବ୍ଲୁଡିର ବୁଦ୍ଧିଆ ମାରାଣ୍ଡିଙ୍କୁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଲାଇଟ, ଆଶ୍ରୟସ୍ଥଳ, ସୁରକ୍ଷା କର୍ମଚାରୀ, ଖାଇବା ବ୍ୟବସ୍ଥା ଇତ୍ୟାଦିକୁ ଗୁରତ୍ୱ ଦେବା ପାଇଁ କମ୍ପାନୀଙ୍କୁ ପ୍ରସ୍ତାବ ଦିଆଯାଇଛି। ଯୋଡ଼ା ବିଡିଓ ତାନିଷ ବେହେରା ସଭା ପରିଚାଳନା କରିଥିଲେ। ବଡ଼ବିଲ ଆରକ୍ଷୀ ଅଧୀକ୍ଷକ ଦେବେନ୍ଦ୍ରନାଥ ପିଙ୍ଗୁଆ, ତହସିଲଦାର ରାକେଶ ପଣ୍ଡା, ଯୋଡା ଥାନାର ଭାରପ୍ରାପ୍ତ ଅଧିକାରୀ ସୁଶାନ୍ତ ପ୍ରଧାନ, ଦେଓଝର ସରପଞ୍ଚ ଧ୍ରୁବଚରଣ ନାଏକ, ନାଏବ ସରପଞ୍ଚ କାଦମ୍ବିନୀ ନାଏକ, ସମିତିସଭ୍ୟ ଲକ୍ଷ୍ମୀ ମୁଣ୍ଡା, ୱାର୍ଡସଭ୍ୟ ବନିତା ବେହେରା, ଆଇନଜୀବୀ ରମେଶ ପ୍ରଧାନ, ମଙ୍ଗଳ ମୁଣ୍ଡା, ଯୁଧିଷ୍ଠିର ପଲେଇ, ମୁର୍ଗା ମନ୍ଦିର କମିଟି ସଦସ୍ୟ ବୀର ନାଏକ, ବାବୁଆ ବାନା, ଜଗନ୍ନାଥ ପାଣିଗ୍ରାହୀ ସମେତ ଅନେକ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ବିନା ଜମିପଟ୍ଟା, ଲାଇସେନ୍ସରେ କାରଖାନା

■ ବ୍ୟାପକ ରାଜସ୍ୱ ଠକେଇ; ବାହାରକୁ ଯାଉଛି ଶହଶହ ଟନ୍ ଖଣିଜ ପାଉଡର୍
■ ପ୍ରଶାସନର ନାକ ତଳେ ଚାଲିଛି ବେଆଇନ କାରବାର




କେନ୍ଦୁଝର, ୨୨।୭ (ସମିସ): ବିନା ଲିଜ୍, ବିନା ପଟ୍ଟା, ବିନା ଲାଇସେନ୍ସରେ ଚାଲିଛି କାରଖାନା। ଆଉ ଏପଟେ ସରକାର ସ୍ୱଚ୍ଛ ଶାସନର ଡିଣ୍ଡିମ ପିଟିବାରେ ବ୍ୟସ୍ତ। ଏହି ବେଆଇନ କାରଖାନା ଅନ୍ୟ କେଉଁ ଅଞ୍ଚଳ ନୁହେଁ, ବରଂ ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ ଚାଲିଛି। କେନ୍ଦୁଝର ପୌରାଞ୍ଚଳର ଧୂପଦାଠାରେ ଥିବା ଉତ୍କଳ ମିନେରାଲ ଇଣ୍ଡଷ୍ଟ୍ରିରେ। ପ୍ଲାଣ୍ଟଟି ୧୯୮୯ ମସିହାରୁ ଆରମ୍ଭ ହୋଇଛି। ଏଠାରେ ପାଇରୋପ୍ଲାଇଟ୍ ଏବ କ୍ୱାରଜାଇଟ୍ ପଥରକୁ ଗ୍ରାଇଣ୍ଡ କରି ପଥରଗୁଣ୍ଡ ପାଉଡର୍‌କୁ କୋଲକାତା ଓ ଅନ୍ୟାନ୍ୟ ସ୍ଥାନକୁ ବିକ୍ରି କରାଯାଉଛି। କିନ୍ତୁ କାରଖାନା ଚାଲିବା ପାଇଁ ଅନୁମତି ଗତବର୍ଷ ମେ' ୨୪ ତାରିଖରୁ ସରିଲାଣି। ବର୍ତ୍ତମାନ ଅନୁମତି ନାହିଁ। କିନ୍ତୁ କାରଖାନା କର୍ତ୍ତୃପକ୍ଷ ବିନା କାଗଜପତ୍ରରେ ଚୋରାରେ ଖଣିଜ ପାଉଡର୍ ବିକ୍ରି ଚଳାଇଛନ୍ତି। ବଡ଼ କଥା ହେଲା, କାରଖାନା ପରିସରରେ ବ୍ୟାପକ ଖଣିଜ ଜମା କରାଯାଇଛି। ଧାର୍ଯ୍ୟ ଅନୁମତିଠାରୁ ଅଧିକ କିମ୍ବା କମ ଖଣିଜ ରହିବାର ନିୟମ ନଥିବା ବେଳେ କାରଖାନା ପରିସରରେ ବ୍ୟାପକ ଖଣିଜ ଜମା ହେବା ଖଣି ବିଭାଗ କିପରି ଜାଣୁନାହିଁ, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା, କାରଖାନା ଯେଉଁଠାରେ ତିଆରି ହୋଇଛି, ସେହି ଜମିର ଲିଜ୍ ନାହିଁ କି ଜମିର ପଟ୍ଟା ମଧ୍ୟ ନାହିଁ। ରାଜପଥଠାରୁ ୨୦୦ମିଟର ଦୂରତାରେ କାରଖାନା ସ୍ଥାପନ ନିୟମ ଥିବା ବେଳେ ଏହା ରାସ୍ତାରୁ ମାତ୍ର ୨୦ ଫୁଟ୍ ଦୂରରେ ସ୍ଥାପନ ହୋଇଛି। କିନ୍ତୁ ସବୁ ଦେଖି ପ୍ରଶାସନ ନ ଦେଖିବା ଭଳି ଅଭିନୟ କରିବା ସମସ୍ତଙ୍କୁ ଚକିତ କରିଛି। ସେହିପରି, ୨୩/୧୧/୨୦୨୩ ମସିହାର ଖଣି ବିଭାଗର କାରଖାନା ଭେରିଫିକେସନ୍ ସମୟରେ କାରଖାନା ପରିସରରେ ଧାର୍ଯ୍ୟଠାରୁ ୧୮୭୭.୦୨୦ ଟନ୍ ଅଧିକ ପାଇରୋଫିଲାଇଟ ଗଚ୍ଛିତ ରହିଥିବା ଖଣି କର୍ତ୍ତୃପକ୍ଷ ଦେଖି କମ୍ପାନୀ ନାମରେ ୯,୮୮,୫୧୦/- ଟଙ୍କା ଜରିମାନା କରିଛନ୍ତି। କର୍ତ୍ତୃପକ୍ଷ ଏ ବାବଦରେ ଗତ ୧୮।୪।୨୦୨୪ ରୁ କେନ୍ଦୁଝର ଉପନିର୍ଦ୍ଦେଶକ ବିଭାଗୀୟ ପତ୍ରସଂଖ୍ୟା ୫୯୦ ତା -୧୮/୪/୨୦୨୪ ଅନୁସାରେ ଚିଠି କରିଥିଲେ ମଧ୍ୟ ଅଦ୍ୟାବଧି କାରଖାନା ମାଲିକ ଟଙ୍କା ପୈଠ କରିନଥିବା କୁହାଯାଉଛି। ଏଭଳି ଭାବେ କେନ୍ଦୁଝର ସହର ମଧ୍ୟରେ ସ୍ଥାପିତ ଏକ ପାଉଡର୍ କାରଖାନା ବିନା ଲିଜ୍, ବିନା ପଟ୍ଟା, ବିନା ଲାଇସେନ୍ସରେ ଆଉ କେତେ ଦିନ ଚାଲିବ, ତାହାକୁ ନେଇ ପ୍ରଶ୍ନ ଉଠିଛି।

ଖଣି କାର୍ଯ୍ୟାଳୟ କର୍ତ୍ତୃପକ୍ଷଙ୍କ ସଲାସୁତୁରାରେ ସରକାରଙ୍କ ନିୟମକୁ ଜଳାଞ୍ଜଳି ଦେଇ ସଲାସୁତୁରାରେ ବେଆଇନ କାରଖାନା ଚାଲିବ ଦେଖିବାକୁ ବାକି ରହିଲା। ଏ ବାବଦରେ ମତାମତ ନେବାକୁ କାରଖାନା ମାଲିକ ଏବଂ ଖଣି କାର୍ଯ୍ୟାଳୟ ସହିତ ଯୋଗାଯୋଗ ଚେଷ୍ଟା କରାଯାଇଥିଲେ ମଧ୍ୟ ମତାମତ ନିଆଯାଇ ପାରିନାହିଁ।

# ମହତ୍ ଉଦ୍ଦେଶ୍ୟ ଥିଲେ ବି ସରକାରୀ ଜମି ଜବରଦଖଲ କରାଯାଇପାରିବ ନାହିଁ: ହାଇକୋର୍ଟ

କଟକ,୨୨।୭ (ସମିସ): ଯେକୌଣସି ମହତ୍ ଉଦ୍ଦେଶ୍ୟର ଯଥାର୍ଥତା ସତ୍ତ୍ୱେ ସରକାରଙ୍କ ନାମରେ ରେକର୍ଡ ହୋଇଥିବା ଏକ ସାର୍ବଜନୀନ ଜମିକୁ ଜବରଦଖଲ କରାଯାଇପାରିବ ନାହିଁ। ଆଇନ ଦ୍ୱାରା ଅନୁମୋଦିତ ନହେଲେ ସରକାରୀ ଜମିର ଅବୈଧ ଦଖଲ ବୈଧ ବିବେଚିତ ହେବ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ସରକାରୀ ଜାଗା ଜବରଦଖଲ କରି ଏକ ଦରଘା ପକ୍ଷରୁ ନିର୍ମିତ ଶୌଚାଳୟ ସାର୍ବଜନୀନ ବ୍ୟବହାର ପାଇଁ ଉଦ୍ଦିଷ୍ଟ ହୋଇଥିଲେ ମଧ୍ୟ ଏହାକୁ ଉଚ୍ଛେଦ ପାଇଁ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ କାଏମ ରଖି ହାଇକୋର୍ଟ ଏଭଳି ମତ ଦେଇଛନ୍ତି।

ସୁନ୍ଦରଗଡ଼ର ଲାଲବାବା ଦରଘା ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ୍ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏଥିସହ ସୁନ୍ଦରଗଡ଼ ଉପଜିଲ୍ଲାପାଳ ଓ ଜିଲ୍ଲାପାଳଙ୍କ ଆଦେଶକୁ କାଏମ ରଖିଛନ୍ତି ଅଦାଲତ। ସର୍ବସାଧାରଣ ସ୍ଥାନର ଅନଧିକୃତ ବ୍ୟବହାର ଯଦିଓ ଏକ ସାର୍ବଜନୀନ ଉଦ୍ଦେଶ୍ୟ ପାଇଁ ଉଦ୍ଦିଷ୍ଟ, କିନ୍ତୁ ଆଇନ ଅନୁଯାୟୀ ନିୟମିତ ନ ହେଲେ ଏହାକୁ ବୈଧ କରାଯାଇପାରିବ ନାହିଁ। ଓଡ଼ିଶା ସାର୍ବଜନୀନ ପରିସର (ଅନଧିକୃତ ଦଖଲକାରୀଙ୍କ ଉଚ୍ଛେଦ) ଆଇନ, ୧୯୭୨ର ଧାରା ୨(ଚ) ଅନୁସାରେ ଏହି ଜମିକୁ "ରାସ୍ତା" ଭାବେ ବର୍ଗୀକୃତ କରାଯାଇଥିବା ବେଳେ ଏହା ମଧ୍ୟ "ସାର୍ବଜନୀନ ପରିସର" ଅନ୍ତର୍ଭୁକ୍ତ ବୋଲି କହିଛନ୍ତି ଅଦାଲତ।

ପ୍ରକାଶଥାଉକି, ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ପୌରପାଳିକା ମଧ୍ୟରେ ଅବସ୍ଥିତ ଲାଲବାବା ଦରଘା ପରିଚାଳନା କମିଟି ଦୀର୍ଘ ୪୦ ବର୍ଷ ଧରି ଏକ ସାର୍ବଜନୀନ ସରକାରୀ ଜମିରେ ୧୩ଟି ଶୌଚାଳୟ ଏବଂ ସ୍ନାନାଗାର ନିର୍ମାଣ କରିଥିଲା। ଏହା ସର୍ବସାଧାରଣଙ୍କ ବ୍ୟବହାର ପାଇଁ ଉଦ୍ଦିଷ୍ଟ ଥିଲା। ଗତ ୨୦୧୫ରେ, ସୁନ୍ଦରଗଡ଼ ଉପଜିଲ୍ଲାପାଳ ଏହାକୁ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଜାରି କରିଥିଲେ। ଉଚ୍ଛେଦ ଆଦେଶ ବିରୋଧରେ ଜିଲ୍ଲାପାଳଙ୍କ ନିକଟରେ ଏକ ଆବେଦନ ଦାଖଲ କରାଯାଇଥିଲା। ତଥାପି, ଉକ୍ତ ପ୍ଲଟ୍ ସରକାରଙ୍କ ନାମରେ 'ରାସ୍ତା' ଭାବରେ ପଞ୍ଜୀକୃତ ହୋଇଥିବାରୁ ଏହାକୁ ଖାରଜ କରାଯାଇଥିଲା। ଏହାକୁ ବିରୋଧ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ନୀତି ଆୟୋଗ ପକ୍ଷରୁ ବିଜ୍ଞପ୍ତି

# ଆକାଂକ୍ଷୀ ବ୍ଲକରେ ଓଡ଼ିଶାର ୧୧ ସାମିଲ

ଭୁବନେଶ୍ୱର,୨୨।୭ (ସମିସ): ନୀତି ଆୟୋଗ ଦ୍ୱାରା ଆକାଂକ୍ଷୀ ବ୍ଲକ ଯୋଜନାରେ ସାମିଲ ହୋଇଛି ଓଡ଼ିଶାର ୧୧ଟି ବ୍ଲକ। କେନ୍ଦୁଝର ଜିଲ୍ଲାର ୫ଟି ବ୍ଲକ ଓ ମୟୂରଭଞ୍ଜ ଜିଲ୍ଲାର ୬ଟି ନୂଆ ବ୍ଲକ ସାମିଲ ହୋଇଛି। ଏହାଦ୍ୱାରା ବର୍ତ୍ତମାନ ଓଡ଼ିଶାର ସମୁଦାୟ ୪୦ଟି ବ୍ଲକ ଆକାଂକ୍ଷୀ ବ୍ଲକ ରେ ପରିଣତ ହୋଇଛି।

ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ବ୍ଲକ ଗୁଡ଼ିକୁ ସାମିଲ କରିବା ପାଇଁ ନୀତି ଆୟୋଗକୁ ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧକୁ ଗ୍ରହଣ କରି ନୀତି ଆୟୋଗ ଏହି ବ୍ଲକ ଗୁଡିକୁ ଆକାଂକ୍ଷୀ ଯୋଜନାରେ ସାମିଲ କରିଛି। କେନ୍ଦୁଝର ଜିଲ୍ଲାର ଚମ୍ପୁଆ, ଝୁମ୍ପୁରା, କେନ୍ଦୁଝର ସଦର, ପାଟଣା ଓ ତେଲକୋଇ ଏବଂ ମୟୂରଭଞ୍ଜ ଜିଲ୍ଲାର ବହଳଦା, ବିଜାତଳା, ଜାମଡ଼ା, କୁସୁମୀ, ରାଇରଙ୍ଗପୁର ଓ ତିରିଙ୍ଗିକୁ ଆକାଂକ୍ଷୀ ବ୍ଲକ୍ ସୂଚୀରେ ସାମିଲ କରାଯାଇଛି।

# ବଜ୍ରପାତରେ ଗଲା ୨ ଜୀବନ

ରାଇରଙ୍ଗପୁର, ୨୨।୭ (ସମିସ): ମଙ୍ଗଳବାର ଅପରାହ୍ଣରେ ରାଇରଙ୍ଗପୁର ଉପଖଣ୍ଡ ଅଞ୍ଚଳରେ ଆଜି ବଜ୍ରପାତ ୨ଜଣଙ୍କ ଜୀବନ ନେଇଛି। ମୃତକଙ୍କ ମଧ୍ୟରେ ଜଣେ ମହିଳା ରହିଛନ୍ତି। ମୃତକଦ୍ୱୟ ହେଲେ, ବାମନଘାଟୀ ଉପଖଣ୍ଡ ବହଳଦା ଥାନା ଅନ୍ତର୍ଗତ ନିୟୁତି ଗ୍ରାମର ମନୋଜ କୁମାର ମହାନ୍ତ ଓ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ରାଖାସାହିର ରାକ୍ଷୀ ମହାନ୍ତ। ମନୋଜ ଆଜି ଅପରାହ୍ଣରେ ଗାଈ ଚରାଉଥିବା ବେଳେ ତାଙ୍କ ଉପରେ ବଜ୍ରପାତ ହୋଇଥିଲା। ଫଳରେ ସେ ଘଟଣାସ୍ଥଳରେ ଟଳିପଡ଼ିଥିଲେ। ପରିବାରଲୋକ ତାଙ୍କୁ ତୁରନ୍ତ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ସେହିପରି ରାକ୍ଷୀ ଆଜି ବିଲରେ କାମ କରୁଥିବା ବେଳେ ବର୍ଷା ହେବାରୁ ହିଡ଼ରେ ଛିଡ଼ା ହୋଇଥିଲେ। ଏହି ସମୟରେ ତାଙ୍କ ଉପରେ ଏକ ବଜ୍ରପାତ ହେବାରୁ ସେ ଗୁରୁତର ଆହତ ହୋଇଥିଲେ। ନିକଟରେ ଥିବା ମହିଳାମାନେ ତାଙ୍କୁ ଉଦ୍ଧାର କରି ରାଇରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୁଲିସ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା

# ସୌମ୍ୟାଶ୍ରୀ ଆଖି ବୁଜିନାହିଁ; ସମସ୍ତଙ୍କ ଆଖି ଫିଟାଇଦେଇଛି




ବାଲେଶ୍ୱର(ଉତ୍ତର)/ଭୋଗରାଇ,୨୨।୭ (ସମିସ): ଜୀବନଯୁଦ୍ଧରେ ହାରିଗଲେ ମଧ୍ୟ ସୌମ୍ୟାଶ୍ରୀ ଲକ୍ଷଲକ୍ଷ ନିର୍ଯାତିତା ଯୁବତୀଙ୍କୁ ଅନ୍ୟାୟ ସହ ସାଲିସ୍ ନକରି ସଂଗ୍ରାମ ଓ ସଂଘର୍ଷ କରିବା ପାଇଁ ଶିକ୍ଷା ଦେଇଗଲା। ସୌମ୍ୟାଶ୍ରୀ ଆଖି ବୁଜିନାହିଁ, ଆଜି ସମସ୍ତଙ୍କ ଆଖି ଫିଟାଇ ଦେଇଛି। ଅନ୍ୟାୟ ବିରୋଧରେ ଲଢ଼ି ଶେଷରେ ନିଜକୁ ଆତ୍ମାହୁତି ଦେଇଥିବା ଏଫ.ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ସ୍ମୃତିରେ ଆଜି ଭୋଗରାଇ ସୁଲତାନପୁର ପଞ୍ଚାୟତ ବାଇତପୁରସ୍ଥିତ ଖେଳପଡ଼ିଆଠାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗ ଦେଇଥିବା ବିଜେଡିର ବରିଷ୍ଠ ନେତାମାନେ ଏପରି କହିଛନ୍ତି। ଏହାସହ ସେମାନେ ସୌମ୍ୟାଶ୍ରୀଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଥିଲେ।

ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ଦଳର ବରିଷ୍ଠ ନେତା ପ୍ରଫୁଲ୍ଲ ସାମଲ ଯୋଗଦେଇ କହିଥିଲେ ଯେ ସୌମ୍ୟାଶ୍ରୀ ଥିଲେ ବହୁ ପ୍ରତିଭାର ଅଧିକାରିଣୀ। ତାଙ୍କୁ ଏ ବିଜେପି ସରକାର ନ୍ୟାୟ ଦେଇ ନପାରିବାରୁ ଶେଷରେ ବାଧ୍ୟ ହୋଇ ନିଜକୁ ଆତ୍ମାହୁତି ଦେଲା। ମାତ୍ର ତା'ର ମୃତ୍ୟୁ ପାଇଁ ଦାୟୀ ଥିବା ବ୍ୟକ୍ତିମାନଙ୍କୁ ଦଣ୍ଡ ନ ମିଳିବା ପର୍ଯ୍ୟନ୍ତ ଏ ଲଢ଼େଇ ଜାରି ରହିବ। ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା କହିଥିଲେ ଯେ ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ସମସ୍ତଙ୍କ ପାଇଁ ଏକ ଆହ୍ୱାନ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ ଓଡ଼ିଶାର ଯେଉଁ ଭାବମୂର୍ତ୍ତି ରହିଥିଲା, ତାହା ଏକବର୍ଷ ମଧ୍ୟରେ ବିଜେପି ସରକାର ଧୂଳିସାତ କରିଛନ୍ତି। ସୌମ୍ୟାଶ୍ରୀଙ୍କ ବଳିଦାନ କେବେ ବ୍ୟର୍ଥ ଯିବ ନାହିଁ। ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ କହିଥିଲେ, ସଂଘର୍ଷର ଅନ୍ୟ ନାମ ସୌମ୍ୟାଶ୍ରୀ। ସେଥିପାଇଁ ଆମକୁ ଏକଜୁଟ ହୋଇ ଲଢ଼ିବାକୁ ପଡ଼ିବ। ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମଧ୍ୟ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବି କରିଥିଲେ। ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲିକ କହିଥିଲେ, ଆମ ଝିଅକୁ କିଏ ନିଆଁ ଲଗାଇଲା, କିଏ ପେଟ୍ରୋଲ ଆଣିଲା ଏହି ଆତ୍ମହତ୍ୟାରେ ସହଯୋଗ କିଏ କରିଥିଲେ; ତାହାର ବିଧିବଦ୍ଧ ତଦନ୍ତ ନହେବା ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ। ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ କହିଥିଲେ ଏହି ଶ୍ରଦ୍ଧାଞ୍ଜଳି ସଭାରେ ସରକାରଙ୍କ ବ୍ୟବସ୍ଥାର ନିଦ ଭାଙ୍ଗିପାରେ। ଏହି ଘଟଣାରେ ଏ ବିଜେପି ଦଳର ସ୍ଥାନୀୟ ସାଂସଦ, ବିଧାୟକଙ୍କ ସହ ଏ ସରକାରଙ୍କ ପୁଲିସ ପ୍ରଶାସନକୁ ମଧ୍ୟ କାଠଗଡ଼ାକୁ ଟାଣି ନେଇଛି। ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି କହିଲେ, ମହିଳାମାନେ ଦୁର୍ଗା ହୋଇ ଖଣ୍ଡା ଧରନ୍ତୁ ଏବଂ ମହିଷାସୁରମାନଙ୍କୁ ସଂହାର କରନ୍ତୁ। ସୌମ୍ୟାଶ୍ରୀଙ୍କ ପାଇଁ ଏହି ମାଟିରୁ ସଂଗ୍ରାମ ଆରମ୍ଭ ହୋଇଛି, ଏହା ଆଗକୁ ସାରା ରାଜ୍ୟକୁ ବ୍ୟାପିବ। ନାରୀନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର କହିଥିଲେ ଯେ ଉଭୟ ବିଜେପି ନେତା ଓ ଏବିଭିପି ଛାତ୍ର ମାନେ ସୌମ୍ୟାଶ୍ରୀଙ୍କୁ ମାରିଦେଇଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ବରିଷ୍ଠ ନେତ୍ରୀ ମଞ୍ଜୁଲତା ମଣ୍ଡଳ, ରାଜଶ୍ରୀ ମଲ୍ଲିକ, ବାଲେଶ୍ୱର ଜିଲ୍ଲା ବିଜେଡି ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ସୋର ବିଧାୟକ ମାଧବ ଧଡ଼ା, ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ବିଜେଡି ମୁଖପାତ୍ର ସୋଫିଆ ଆଲମ, ପୂର୍ବତନ ବିଧାୟକ ସ୍ୱରୂପ ଦାସ, ବିଜେଡି ମୁଖପାତ୍ର ଡ଼ଃ ଲେଲିନ ମହାନ୍ତି ଓ ଇପ୍ସିତା ସାହୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ରେମୁଣା ପୂର୍ବତନ ବିଧାୟକ ସୁଧାଂଶୁ ପରିଡ଼ା, ରେମୁଣା ବିଧାୟକ ପ୍ରାର୍ଥୀ ବିଦ୍ୟାସ୍ମିତା ମହାଳିକ, ସ୍ମିତା ମହାନ୍ତି, ଧାମନଗର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ମୟୂରଭଞ୍ଜ ବିଜେଡି ନେତ୍ରୀ ବାସନ୍ତୀ ହେମ୍ବ୍ରମ, ପ୍ରମୁଖଙ୍କ ସମେତ ବିଭିନ୍ନ ବ୍ଲକରୁ ଆସିଥିବା ବ୍ଲକ ଅଧ୍ୟକ୍ଷ, ଏବଂ ବିଜେଡି ନେତାମାନେ ଯୋଗ ଦେଇଥିଲେ। ସଭା ପ୍ରାରମ୍ଭରେ ବ୍ଲକ ଅଧ୍ୟକ୍ଷ ପ୍ରବୀର କୁମାର ଗିରି ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ କରିଥିବା ବେଳେ ବିଜେଡି ସଭାପତି ରମାକାନ୍ତ କରଣ ଧନ୍ୟବାଦ ଅର୍ପଣ କରିଥିଲେ।

ଭୋଗରାଇ ବ୍ଲକ ଉପାଧ୍ୟକ୍ଷା ମୀନାରାଣୀ ସାସମଲ, ଜିଲ୍ଲା ପରିଷଦ ସଭ୍ୟା ଦମୟନ୍ତୀ ସାହୁ, ନିବେଦିତା ମହାନ୍ତି, କବିତା ମହାନ୍ତି, ପ୍ରତିମା ଚାନ୍ଦ ପ୍ରମୁଖଙ୍କ ସହ ବିଭିନ୍ନ ପଞ୍ଚାୟତର ବିଜେଡି ସମର୍ଥୀତ ସମସ୍ତ ସରପଞ୍ଚ ସଦସ୍ୟ ସଦସ୍ୟା ଓ ବିଜୁଜନତା ଦଳର ସମସ୍ତ କର୍ମୀମାନେ ଉପସ୍ଥିତ ଥିଲେ। ସଭା ଶେଷରେ ସମସ୍ତ ନେତୃମଣ୍ଡଳୀ ସୌମ୍ୟାଶ୍ରୀଙ୍କ ବାସ ଭବନକୁ ଯାଇ ତାଙ୍କ ବାପା ବଳରାମ ବିଶି ଓ ମାଆ ତଥା ଭାଇଙ୍କୁ ସାକ୍ଷାତ କରିବା ସହି ସମବେଦନା ଜଣାଇଥିଲେ।

## ନାବାଳିକା ହକି ଖେଳାଳି ଗଣଦୁଷ୍କର୍ମ ଘଟଣା

# ୩ ହକି ପ୍ରଶିକ୍ଷକ ଗିରଫ

ଯାଜପୁର,୨୨।୭ (ସମିସ): ନାବାଳିକା ହକି ଖେଳାଳିଙ୍କୁ ଗଣଦୁଷ୍କର୍ମ ମାମଲାରେ ଯାଜପୁର ପୁଲିସ୍ ୨ ହକି କୋଚ୍‌ଙ୍କ ସମେତ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅନ୍ୟ ଜଣେ ପ୍ରଶିକ୍ଷକଙ୍କୁ ପଚରାଉଚରା କରି ତାଙ୍କର ସଂପୃକ୍ତି ନଥିବାରୁ ଛାଡ଼ି ଦିଆଯାଇଛି। ଗତ ୨୦ତାରିଖ ରାତିରେ ନାବାଳିକାଜଣଙ୍କ ୪ଜଣ ପ୍ରଶିକ୍ଷକଙ୍କ ନାମରେ ଯାଜପୁର ଥାନାରେ ଅସଦାଚରଣ ଓ ଜଣଙ୍କ ନାମରେ ଦୁଷ୍କର୍ମ ଅଭିଯୋଗ ଆଣିଥିଲେ। ଅଭିଯୋଗ ପାଇଲା ପରେ ଯାଜପୁର ଥାନାଧିକାରୀ ଦାୟିତ୍ୱରେ ଥିବା ଡିଏସ୍‌ପି ଶରତ ଚନ୍ଦ୍ର ପାତ୍ର ତୁରନ୍ତ ମାମଲା ରୁଜୁ କରି ବାହାର ଜିଲ୍ଲାରୁ ୪ଜଣ ଅଭିଯୁକ୍ତଙ୍କୁ ୮ ଘଣ୍ଟା ମଧ୍ୟରେ ଧରିବା ସହ ଯାଜପୁର ଥାନାରେ ପଚରାଉଚରା କରିଥିଲେ।

ସଞ୍ଜୀବ ସ୍ୱାଇଁ ନାମକ ହକି ପ୍ରଶିକ୍ଷକ ପୂର୍ବରୁ ଧମକ ଚମକ ଦେଇ ନାବାଳିକା ହକି ଖେଳାଳିଙ୍କ ସହ ଶାରୀରିକ ସମ୍ପର୍କ ରଖିଥିବା ବେଳେ ଜୁଲାଇ ୩ ତାରିଖରେ ପ୍ରଶିକ୍ଷକ ସାର୍ଥକ ମହାନ୍ତି ଓ ସାଗର କୁମାର ନାୟକ ନାବାଳିକାକୁ ସହରର ଜ୍ୟୋତି ଲଜ୍‌କୁ ନେଇ ଦୁଷ୍କର୍ମ ଉଦ୍ୟମ କରିଥିଲେ। ତେବେ ନାବାଳିକାଜଣଙ୍କ ଚିତ୍କାର କରି ସେଠାରୁ ଖସିଆସିଥିଲା। ଯାଜପୁର ପୁଲିସ ପ୍ରଶିକ୍ଷକ ସାଗର ନାୟକକୁ କଟକ ଜିଲ୍ଲା କିଶନନଗର ଥାନା ହୁଲିପୁର ଗ୍ରାମରୁ, ସାର୍ଥକ ମହାନ୍ତିଙ୍କୁ କଟକ ଜିଲ୍ଲା ନେମାଳ ଥାନା ମଲ୍ଲିକାପୁର ଗ୍ରାମରୁ, ସଞ୍ଜୀବ ସ୍ୱାଇଁଙ୍କୁ କଟକ ଜିଲ୍ଲା କିଶାନ ନଗର ଥାନା ଓଡ଼ପଡ଼ା ଯଶାପଡ଼ା ଗ୍ରାମରୁ ଗିରଫ କରିଥିଲେ। ସଞ୍ଜୀବଙ୍କୁ ପୁଲିସ




ଦୁଷ୍କର୍ମ ମାମଲାରେ ଗିରଫ କରିଥିବା ବେଳେ ଅନ୍ୟ ଦୁଇ ଅଭିଯୁକ୍ତ ସାର୍ଥକ ମହାନ୍ତି, ସାଗର ନାୟକକୁ ଲଜ୍‌ରେ ଦୁଷ୍କର୍ମ ଉଦ୍ୟମ ମାମଲାରେ ଗିରଫ କରିଛନ୍ତି। ସେଦିନ ଲଜ୍‌କୁ ନେଇଥିବା ବେଳେ ଏହି ଯୁବକଙ୍କୁ ଲଜ୍‌ରେ ଥିବା କର୍ମଚାରୀ ଚିହ୍ନଟ ମଧ୍ୟ କରିଛନ୍ତି। ଏସ୍‌ଆଇ ଅଜୟ ସାହୁ ମାମଲାର ତଦନ୍ତ କରିବା ସହ ଅଭିଯୁକ୍ତଙ୍କ ମୋବାଇଲ ଓ ଅନ୍ୟ ଦସ୍ତାବିଜକୁ ଜବତ କରି ତଦନ୍ତ କରୁଛନ୍ତି।

# ଜମିଦାର ଡିଏଫ୍‌ଓ ଗିରଫ

କେନ୍ଦୁଝର, ୨୨।୭ (ସମିସ): ଗିରଫ ହେଲେ କୋଟିପତି ଡିଏଫ୍‌ଓ। କେନ୍ଦୁଝର କେନ୍ଦୁପତ୍ର ଡିଏଫ୍‌ଓ ନିତ୍ୟାନନ୍ଦ ନାୟକଙ୍କୁ କେନ୍ଦୁଝର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ମଙ୍ଗଳବାର ହାଜର କରାଯାଇଥିଲା। ବାଲେଶ୍ୱର ଭିଜିଲାନ୍ସ କେସ ନମ୍ବର ୬/୨୦୨୫ ପିସି ଆକ୍ଟରେ ତାଙ୍କ ନାମରେ ମାମଲା ହୋଇଥିଲା। ସେ ଆୟଠାରୁ ଅଧିକ ୨୧୮% ଅଧିକ ବହିର୍ଭୂତ ସମ୍ପତ୍ତିର ହିସାବ ଦେଇ ନ ପାରିବାରୁ ତାଙ୍କୁ ଗିରଫ କରାଯାଇଛି। ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ତାଙ୍କ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଭିଜିଲାନ୍ସ ଅଧିକାରୀମାନେ ଗତ ରବିବାରଠାରୁ କେନ୍ଦୁଝର କେନ୍ଦୁପତ୍ର ଡିଭିଜନର ଡିଏଫ୍‌ଓ ନିତ୍ୟାନନ୍ଦ ନାୟକଙ୍କ ସରକାରୀ ବାସଭବନ ସମେତ ଅନ୍ୟାନ୍ୟ ସ୍ଥାନରେ ଚଢଉ କରି ତାଙ୍କର ଆୟ ବହିର୍ଭୂତ ସମ୍ପତ୍ତିକୁ ଜବତ କରିଛନ୍ତି। ବହୁତଳ କୋଠା ସହ ତାଙ୍କ ପାଖରେ ୧୨୩ଟି ମୂଲ୍ୟବାନ ପ୍ଲଟ ଠାବ କରାଯାଇଛି। ସେହିପରି ତାଙ୍କ ୯ଟି ବ୍ୟାଙ୍କ ଖାତାରେ ୫୦ଲକ୍ଷରୁ ଅଧିକ ଟଙ୍କା ଜମା ଥିବା ଜଣାପଡିଛି। ଛେଣ୍ଡିପଦାରେ ୧ଏକର ୫୦ ଡିସିମିଲ ଜମିରେ ଏକ ଫାର୍ମହାଉସ ଠାବ ହୋଇଛି। ବର୍ତ୍ତମାନ ସୁଦ୍ଧା ମିଳିଥିବା ସୂଚନା ଅନୁସାରେ, ଡିଏଫ୍‌ଓ ଶ୍ରୀ ନାୟକଙ୍କ ନାମରେ ୫୮ଟି ପ୍ଲଟ, ତାଙ୍କ ପତ୍ନୀଙ୍କ ନାମରେ ୪୨ଟି ପ୍ଲଟ, ଦୁଇପୁଅଙ୍କ ନାମରେ ୧୮ଟି ପ୍ଲଟ, ଝିଅଙ୍କ ନାମରେ ୪ଟି ପ୍ଲଟ ରହିଛି। ୨୦୦ ଶହ ଗ୍ରାମର ସୁନା ଗହଣା ଟଙ୍କା ଜବତ ହୋଇଛି। ଇନ୍ସୁରାନ୍ସ, ବିଭିନ୍ନ ବ୍ୟାଙ୍କ ଓ ପୋଷ୍ଟ ଅଫିସରେ ୫୦ ଲକ୍ଷ ୩୮ ହଜାର ୬୬୦ଟଙ୍କା ଜମା ରହିଛି। ଘରକରଣା ଆସବାବପତ୍ର ବାବଦକୁ ମୋଟ ୨୩ଲକ୍ଷ ୮୦ ହଜାର ଟଙ୍କା ଆକଳନ କରାଯାଇଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ନେଇ କେନ୍ଦୁଝର କେନ୍ଦୁପତ୍ର ଡିଭିଜନର ଡିଏଫ୍‌ଓ ଶ୍ରୀ ନାୟକଙ୍କ ବିରୋଧରେ ଅଭିଯୋଗ ଥିଲା। କେନ୍ଦୁଝରର ସ୍ୱତନ୍ତ୍ର ବିଚାରପତି, ଭିଜିଲାନ୍ସ ଦ୍ୱାରା ଜାରି କରାଯାଇଥିବା ସର୍ଚ୍ଚ ୱାରେଣ୍ଟ ବଳରେ ୩ଜଣ ଡିଏସପି, ୧୦ ଜଣ ଇନ୍ସପେକ୍ଟର ଓ ଅନ୍ୟାନ୍ୟ ସହାୟକ କର୍ମଚାରୀଙ୍କ ନେତୃତ୍ୱରେ ଅନୁଗୁଳ, କେନ୍ଦୁଝର ଓ ନୟାଗଡ ଜିଲ୍ଲାରେ ଏକକାଳୀନ ତଲାସି କରି ୭ଟି ସ୍ଥାନରେ ଏକକାଳୀନ ଚଢଉ କରିଥିଲେ।

# ରାଜ୍ୟରେ ସୃଷ୍ଟି ହେବ ଅଧିକ ୬୩୫୮ ବୁଥ୍

■ ଭୋଟରଙ୍କ ସୁବିଧା ତଥା ଭିଡ଼ କମାଇବା ପାଇଁ ପଦକ୍ଷେପ
■ ବୁଥ ସ୍ତରୀୟ ଏଜେଣ୍ଟଙ୍କୁ ନିଯୁକ୍ତ କରିବାକୁ ସମସ୍ତ ରାଜନୈତିକ ଦଳଗୁଡିକୁ ଆହ୍ୱାନ

ଭୁବନେଶ୍ୱର,୨୨।୭ (ସମିସ): ମଙ୍ଗଳବାର ମୁଖ୍ୟ ନିର୍ବାଚନ ଅଧିକାରୀ ଆର. ଏସ. ଗୋପାଳନ ବିଭିନ୍ନ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ଗୁଡ଼ିକ ସହ ବୈଠକ କରିଛନ୍ତି। ରାଜ୍ୟରେ ନିର୍ବାଚନ ପ୍ରକ୍ରିୟାକୁ ଅଧିକ ବ୍ୟବସ୍ଥିତ କରିବା ପାଇଁ ଅଧିକ ୬୩୫୮ ବୁଥ ସୃଷ୍ଟି ହେବ। ଭୋଟରଙ୍କ ସୁବିଧା ତଥା ଭିଡ଼ କମାଇବା ପାଇଁ ପୂର୍ବରୁ ୧୫୦୦ ଭୋଟରଙ୍କୁ ନେଇ ଗଠନ ହେଉଥିବା ବୁଥ ଏଣିକି ୧୨୦୦ ଭୋଟରରେ ସୀମିତ କରାଯିବ। ଏଥିପାଇଁ ଅଧିକ ୬୩୫୮ ବୁଥ ସୃଷ୍ଟି ହେବ। ମତଦାନର ସୁଗମ ପରିଚାଳନା ସୁନିଶ୍ଚିତ କରିବା ପାଇଁ ୧୨୦୦ରୁ ଅଧିକ ଭୋଟର ଥିବା ମତଦାନ କେନ୍ଦ୍ରଗୁଡ଼ିକୁ ଏହି ପ୍ରକ୍ରିୟାରେ ଯୋଡ଼ା ଯିବ। ନିର୍ବାଚନ ପୂର୍ବରୁ ଭୋଟରଙ୍କ ପ୍ରବେଶକୁ ସରଳ କରିବା ଏବଂ ମତଦାନ କେନ୍ଦ୍ରରେ ଭିଡ଼ ହ୍ରାସ କରିବା ପାଇଁ ଏହି ପଦକ୍ଷେପ ନିଆଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି। ବୈଠକରେ ବିଭିନ୍ନ ପ୍ରସଙ୍ଗରେ ମୁଖ୍ୟ ନିର୍ବାଚନ ଅଧିକାରୀ ରାଜନୈତିକ ଦଳ ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ଅନୁଯାୟୀ ବୁଥ ସ୍ତରୀୟ ଏଜେଣ୍ଟଙ୍କୁ ନିଯୁକ୍ତ ବେଳେ ଆବେଦନ ଫର୍ମ(ବିଏଲଏ-୨)ରେ ଫଟୋ ଏବଂ ମୋବାଇଲ ନମ୍ବର ନିଶ୍ଚିତ ଦେବାକୁ ପଡ଼ିବ। ପୂର୍ବ ନିଯୁକ୍ତ ବୁଥ ସ୍ତରୀୟ ଏଜେଣ୍ଟ (ଇଖଇ) ଯେଉଁ ମାନେ ଆବେଦନ ବେଳେ ଫଟୋ ଏବଂ ମୋବାଇଲ ନମ୍ବର ଦେଇନଥିବେ ସେମାନେ ମଧ୍ୟ ଆବେଦନ ଫର୍ମପୁନଃ ଜମା କରିବେ ବୋଲି ସୂଚନା ଦେଇଛନ୍ତି। ସମସ୍ତ ରାଜନୈତିକ ଦଳ ଗୁଡିକୁ ବୁଥ ସ୍ତରୀୟ ଏଜେଣ୍ଟଙ୍କୁ ନିଯୁକ୍ତ କରିବାକୁ ସେ ଅନୁରୋଧ କରିଥିଲେ। ଏହି ବୈଠକରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ମିଶ୍ର, ଉପ ମୁଖ୍ୟ ନିର୍ବାଚନ ଅଧିକାରୀ ଡ. ଲକ୍ଷ୍ମୀ ପ୍ରସାଦ ସାହୁ, ଉପ ମୁଖ୍ୟ ନିର୍ବାଚନ ଅଧିକାରୀ ଅନାମିକା ସିଂ ମଧ୍ୟ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନିଜ ରୋଜଗାର...

କିମ୍ବା ୪ କୋଟି ଟଙ୍କା ନେଇ ପୁନେ, ହାଇଦରାବାଦ, ବେଙ୍ଗାଲୁରୁର କୌଣସି ଭଲ ସ୍ଥାନରେ ଚାକିରି ଖୋଜନ୍ତୁ। ଫ୍ଲାଟ କିମ୍ବା ୪ କୋଟି ଟଙ୍କାର ପ୍ରସ୍ତାବ ଦେଇ ସୁପ୍ରିମକୋର୍ଟ ରାୟକୁ ସଂରକ୍ଷିତ ରଖିଥିଲେ। ଏହା ସହିତ ମାମଲାକୁ ରଦ୍ଦ କରିବାକୁ ପ୍ରସ୍ତାବ ଦେଇଥିଲେ।

କୋର୍ଟରେ ନିଜ ପକ୍ଷ ରଖି ମହିଳା କହିଥିଲେ ଯେ ତାଙ୍କ ସ୍ୱାମୀ ସିଟି ବ୍ୟାଙ୍କରେ ମ୍ୟାନେଜର ଅଛନ୍ତି। ତାଙ୍କର ୨ଟି ବ୍ୟବସାୟ ମଧ୍ୟ ରହିଛି। ସ୍ୱାମୀ ବହୁତ ଧନୀ। ସିଜୋଫ୍ରିନିଆ (ମାନସିକ ରୋଗ)ରେ ପୀଡ଼ିତ ଥିବା ଦାବି କରି ଛାଡ଼ପତ୍ର ନେବାକୁ ସ୍ୱାମୀ ଆବେଦନ କରିଛନ୍ତି। ନିଜେ ସିଜୋଫ୍ରେନିଆ ରୋଗୀ ଭଳି ଦିଶା ଯାଉଛନ୍ତି କି ବୋଲି ସେ କୋର୍ଟଙ୍କୁ ପ୍ରଶ୍ନ କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ଚାକିରି ଛାଡ଼ିବାକୁ ସ୍ୱାମୀ ତାଙ୍କୁ ବାଧ୍ୟ କରିଥିଲେ। ମହିଳା ଏକ ଶିଶୁ ଚାହୁଁଥିବା କହିଥିଲେ। କିନ୍ତୁ ସ୍ୱାମୀ ମା' ହେବାକୁ ଦେଇ ନ ଥିଲେ। ସେହିପରି ସ୍ୱାମୀଙ୍କ ପକ୍ଷରୁ ବରିଷ୍ଠ ଓକିଲ ମାଧବୀ ଦିୱାନ କହିଥିଲେ ଯେ ତାଙ୍କ ମହକିଲଙ୍କୁ ମଧ୍ୟ କାମ କରିବାକୁ ପଡୁଛି। ମହିଳା ଏଭଳି ସାମଗ୍ରୀ ଦେବା ପାଇଁ ଦାବି କରିପାରିବେ ନାହିଁ। ୨୦୧୫-୧୬ରେ ସ୍ୱାମୀଙ୍କ ଆୟ ୨.୫ କୋଟି ଟଙ୍କା ଥିଲା। ଏଥିରେ କୋଟିଏ ଟଙ୍କାର ବୋନସ ସାମିଲ ଥିଲା। ପୂର୍ବରୁ ପତ୍ନୀଙ୍କ ପାଖରେ ୨ଟି କାର୍ ପାର୍କିଂ କରିବା ଭଳି ଏକ ଫ୍ଲାଟ ରହିଛି। ଏହା ଆୟର ଉତ୍ସ ହୋଇପାରେ।

### ସାରା ରାଜ୍ୟରେ...

ଏବେ ମହିଳାଙ୍କ ପାଇଁ ଅସୁରକ୍ଷିତ ହୋଇପଡ଼ିଛି। ସ୍କୁଲ ଓ କଲେଜ ଯାଉଥିବା ଏପରି କି ଟ୍ୟୁସନରୁ ଫେରୁଥିବା ଝିଅମାନେ ନିଜକୁ ସୁରକ୍ଷିତ ଭାବୁନାହାନ୍ତି। ଗାଁ ଗହଳିର ସାଧାରଣ ଜାଗାରେ ବି ସେମାନଙ୍କ ପାଇଁ ପ୍ରତିଦିନ ବିପଦ ଠିଆ ହୋଇଛି। ଏପରି ବୃଦ୍ଧିପାଉଥିବା ଯୌନ ନିର୍ଯାତନା ପରି ଘଟଣା ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ଦର୍ଶାଉଛି। ପୁଲିସ ବ୍ୟବସ୍ଥାର ପ୍ରତି କ୍ଷେତ୍ରରେ ଯେବେ ରାଜନୈତିକ ଚାପ ବା ହସ୍ତକ୍ଷେପ ରୁହେ ସେବେ ଦାୟିତ୍ୱବୋଧ ହ୍ରାସ ପାଏ। ଏଥିପାଇଁ ପ୍ରଥମ ମୂଲ୍ୟ ମା', ଭଉଣୀଙ୍କୁ ଦେବାକୁ ପଡ଼େ। ଏହି ସମୟରେ ଆମେରିକା ସରକାର ଗତ ମାସରେ ଜାରି କରିଥିବା ଭ୍ରମଣ ନିର୍ଦ୍ଦେଶନାମା ଆହୁରି ଚିନ୍ତାଜନକ। ଏଥିରେ ଓଡ଼ିଶାକୁ ସେହି ୬ ରାଜ୍ୟମାନଙ୍କ ଭିତରେ ରଖାଯାଇଥିଲା; ଯେଉଁଠାରେ ରହୁଥିବା ଆମେରିକୀୟ ନାଗରିକ ରାଜଧାନୀ ବ୍ୟତୀତ ଅନ୍ୟ ସ୍ଥାନକୁ ଯିବା ପାଇଁ ହେଲେ ସ୍ୱତନ୍ତ୍ର ଅନୁମତି ଜରୁରୀ। ଓଡ଼ିଶାରେ ମାଓବାଦୀ କାର୍ଯ୍ୟକଳାପ ଏବେ ହ୍ରାସ ପାଇଥିବା ବେଳେ ଆତଙ୍କବାଦ ପ୍ରାୟ ନାହିଁ। ହେଲେ ମହିଳାଙ୍କ ବିରୋଧରେ ବଢୁଥିବା ଏପରି ଅପରାଧ ଚିନ୍ତାକୁ ଆହୁରି ବଢ଼ାଇ ଦେଉଛି ବୋଲି ଉଲ୍ଲେଖ କରି ନବୀନ ଉଦବେଗ ପ୍ରକାଶ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଜୁଲାଇ ୧୭ ତାରିଖରେ କଟକର ରେଭେନ୍ସା ବିଶ୍ୱବିଦ୍ୟାଳୟ ପକ୍ଷରୁ ଛାତ୍ରୀମାନଙ୍କୁ ସନ୍ଧ୍ୟା ୫ଟା୩୦ ପରେ କ୍ୟାମ୍ପସରେ ନ ରହିବାକୁ ବାରଣ କରି ଜାରି କରାଯାଇଥିବା ନିର୍ଦ୍ଦେଶନାମା ପରିସ୍ଥିତିର ଗମ୍ଭୀରତାକୁ ଇଙ୍ଗିତ କରୁଛି। ଲୋକଙ୍କ ବିରୋଧ ପରେ ଏହି ନିର୍ଦ୍ଦେଶନାମାକୁ ଫେରାଇ ନିଆଯାଇଥିଲେ ବି ଏହା ମହିଳାଙ୍କୁ ସୁରକ୍ଷା ଦେବା ପରିବର୍ତ୍ତେ ସେମାନଙ୍କ ଉପରେ ପ୍ରତିବନ୍ଧକ ଲଗାଇବାର ମାନସିକତାକୁ ଦର୍ଶାଉଛି। ଏହା ପ୍ରକୃତ ସମସ୍ୟାକୁ ସମାଧାନ କରିବା ପରିବର୍ତ୍ତେ ମହିଳାଙ୍କୁ ଅଧିକ ଦଣ୍ଡିତ କରିବା ପରି ମନେ ହେଉଛି। ରାଜ୍ୟର ବିଜେପି ସରକାର ତୁରନ୍ତ ପଦକ୍ଷେପ ନେଇ ମା'ମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ସହ ବ୍ୟବସ୍ଥା ଉପରେ ଥିବା ସେମାନଙ୍କ ବିଶ୍ୱାସ ଫେରାଇ ଆଣିବା ଆବଶ୍ୟକ ବୋଲି ନବୀନ କହିଛନ୍ତି। ଆମ ମା' ଓ ଭଉଣୀଙ୍କ ସୁରକ୍ଷା ପାଇଁ ବିଜୁ ଜନତା ଦଳ ପ୍ରତିଟି ସ୍ତରରେ ସ୍ୱର ଉଠାଇବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ନବୀନ।

### ଦ୍ୱିତୀୟ ଦିନ...

କିଛି ମିନିଟ ପରେ ଦ୍ୱିପହର ୧୨ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ କରିଦିଆଯାଇଥିଲା। ବିରୋଧୀଙ୍କ ହଙ୍ଗାମା ମଧ୍ୟରେ ପୁଣି କାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ଏହା ନ ଥମିବାରୁ ୨ଟା ପର୍ଯ୍ୟନ୍ତ ପୁଣି ଗୃହକୁ ସ୍ଥଗିତ ରଖା ଯାଇଥିଲା। ଦୁଇଟା ପରେ ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରିଦିଆଯାଇଥିଲା। ରାଜ୍ୟସଭାରେ ମଧ୍ୟ ଅନୁରୂପ ପରିସ୍ଥିତି ଦେଖିବାକୁ ମିଳିଥିଲା। ଗୃହକୁ ପ୍ରଥମେ ଦିନ ୧୨ ଏବଂ ପରେ ଦୁଇଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଥିଲା। କିନ୍ତୁ ପରିସ୍ଥିତିରେ ସୁଧାର ନଆସିବାରୁ ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରି ଦିଆଯାଇଥିଲା। ଏହାପୂର୍ବରୁ ରାଜ୍ୟସଭାରେ ଅଧ୍ୟକ୍ଷତା କରୁଥିବା ଘନଶ୍ୟାମ ତିୱାରୀ ଉପରାଷ୍ଟ୍ରପତି ପଦରୁ ଧନଖଡ଼ଙ୍କ ଇସ୍ତଫା ଗୃହୀତ ହୋଇଥିବା ଘୋଷଣା କରିଥିଲେ।

ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ଏସ୍‌ପି ମୁଖ୍ୟ ଅଖିଳେଶ ଯାଦବଙ୍କ ସହିତ ଅନେକ ନେତା ସଂସଦର ମକର ଦ୍ୱାରରେ ଛିଡ଼ା ହୋଇ ବିହାର ଏସଆଇଆର ବିରୋଧରେ ପ୍ରଦର୍ଶନ କରିଥିଲେ। ଏହାକୁ ନେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ ରିଜିଜୁ କହିଛନ୍ତି ଯେ ସରକାର ଚର୍ଚ୍ଚା ପାଇଁ ପ୍ରସ୍ତୁତ ଅଛନ୍ତି, କିନ୍ତୁ ବିରୋଧୀ ବିକ୍ଷୋଭ କରି ଜନତାଙ୍କ ଟଙ୍କା ବର୍ବାଦ କରୁଛନ୍ତି। ସେହିପରି ଆଜିର ଗୃହକାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ସଂସଦ ଭବନରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ, ବିଦେଶମନ୍ତ୍ରୀ ଜୟଶଙ୍କରଙ୍କ ବୈଠକ ହୋଇଥିଲା। ଏଥିରେ କେନ୍ଦ୍ରମନ୍ତ୍ରୀ ଜେପି ନଡ୍ଡାଙ୍କ ସମେତ ଅନ୍ୟ ମନ୍ତ୍ରୀମାନେ ସାମିଲ ହୋଇଥିଲେ। ଇଣ୍ଡିଆ ମେଣ୍ଟର ନେତା ମଧ୍ୟ ପ୍ରଥମ ବୈଠକ କରିଥିଲେ।

### ଧନଖଡ଼ଙ୍କ ଇସ୍ତଫା...

ସଂସଦରେ ଏବେ ମୋଟ୍ ସଭ୍ୟ ସଂଖ୍ୟା ହେଉଛି ୭୮୨ (ଲୋକସଭା ୫୪୨ ଏବଂ ରାଜ୍ୟସଭା ୨୪୦)। ପ୍ରାର୍ଥୀଙ୍କୁ ବିଜୟୀ କରାଇବା ଲାଗି ୩୯୨ ସଭ୍ୟଙ୍କ ସମର୍ଥନ ଦରକାର ଥିବା ବେଳେ ଏନ୍‌ଡିଏ ପାଖରେ ରହିଛି ୪୨୨ ସଭ୍ୟଙ୍କ ସମର୍ଥନ। ତେଣୁ ଶାସକ ଦଳର ପ୍ରାର୍ଥୀ ସହଜରେ ବିଜୟୀ ହୋଇପାରିବେ। ବିରୋଧୀଙ୍କ ପାଖରେ ୩୪୧ ସଭ୍ୟ ଥିବାରୁ ସେମାନେ ମଧ୍ୟ ପ୍ରାର୍ଥୀ ଦେଇପାରନ୍ତି।

ଏହି ପଦବୀ ଲାଗି ଯେଉଁ ନେତାମାନଙ୍କ ନାମ ଚର୍ଚ୍ଚାରେ ରହିଛି, ସେମାନଙ୍କ ମଧ୍ୟରେ ଅଛନ୍ତି କେନ୍ଦ୍ର ମନ୍ତ୍ରୀ ରାଜନାଥ ସିଂହ, ଜେପି ନଡ୍ଡା. ବିହାର ରାଜ୍ୟପାଳ ଆରିଫ ମହମ୍ମଦ ଖାନ, ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂହ ଏବଂ କଂଗ୍ରେସର ଅସନ୍ତୁଷ୍ଟ ସାଂସଦ ଶଶୀ ଥରୁର। ଏହି ଦୌଡ଼ରେ ରାଜନାଥ ସିଂହ ସର୍ବାଗ୍ରେ ଥିଲା ବେଳେ କୌଣସି ଚର୍ଚ୍ଚାରେ ନଥିବା ନେତାଙ୍କୁ ଉପରାଷ୍ଟ୍ରପତି ନିର୍ବାଚନ ମଇଦାନରେ ଏନ୍‌ଡିଏ ଓହ୍ଲାଇବା ଅସମ୍ଭବ ନୁହେଁ ବୋଲି କୁହାଯାଉଛି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୬.୪୫ ● ପାଉଣ୍ଡ ୧୧୬.୪୨
- ୟୁରୋ ୧୦୦.୫୧ ● ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୨,୮୫୦ (ଭୁବନେଶ୍ୱର)
- ରୁପା : ୧,୧୯,୫୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୨,୧୮୬.୦୦
- ନିଫ୍ଟି ୨୫,୦୬୦.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## ଟାରିଫ୍ ବିବାଦ; ପୁଣି ଧମକ ଦେଲା ଆମେରିକା

# ରୁଷଠାରୁ ତେଲ କିଣିଲେ, ଘଟିବ ବିନାଶ

ୱାଶିଂଟନ୍,୨୨।୭ (ଏଜେନ୍ସି)




ଟାରିଫ୍ ବିବାରେ ବେ ଭାରତକୁ ପୁଣି ଥରେ ଧମକ ଦେଇଛି ଆମେରିକା । ରୁଷଠାରୁ ତେଲ କିଣିଲେ ବିନାଶ ଘଟିବ ବୋଲି ଆମେରିକା କହିଛି । ଆମେରିକୀୟ ସିନେଟର ଲିଣ୍ଡସେ ଗ୍ରାହାମ୍ ଭାରତ, ଚୀନ୍ ଏବଂ ବ୍ରାଜିଲ୍‌କୁ ରୁଷିଆ ତେଲ କିଣିବା ବିରୁଦ୍ଧରେ ଚେତାବନୀ ଦେଇଛନ୍ତି । ସେ କହିଛନ୍ତି ଯେ ଯଦି ଏହି ଦେଶଗୁଡ଼ିକ ଏପରି ଜାରି ରଖନ୍ତି, ତେବେ ସେମାନଙ୍କର ଅର୍ଥନୀତି ୫୦୦ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଲାଗୁ କରିବାକୁ ପଡ଼ିପାରେ । ପୂର୍ବରୁ, ଟ୍ରମ୍ପ ମଧ୍ୟ ୧୦୦ ପ୍ରତିଶତ ଟିକସ ଲାଗୁ କରିବାକୁ ଧମକ ଦେଇସାରିଛନ୍ତି ।

ଆଜିର ବିଶ୍ୱରେ, ତେଲ କେବଳ ଏକ ଗାଡି ଚାଳନାର ମାଧ୍ୟମ ନୁହେଁ, ବରଂ ଏକ ପ୍ରମୁଖ କୂଟନୈତିକ ଅସ୍ତ୍ର ପାଲଟିଛି । ରୁଷିଆ-ୟୁକ୍ରେନ ଯୁଦ୍ଧ ବିଶ୍ୱ ସମୀକରଣକୁ ଦୋହଲାଇଦେଇଛି । ଏବେ ଆମେରିକା ଭାରତ, ଚୀନ୍ ଏବଂ ବ୍ରାଜିଲ୍ ଭଳି ଦେଶଗୁଡ଼ିକୁ କଡ଼ା ଚେତାବନୀ ଦେଇଛି । ଯଦି ଏହି ଦେଶଗୁଡ଼ିକ ରୁଷଠାରୁ ତେଲ କିଣନ୍ତି, ତେବେ ସେମାନଙ୍କର ଅର୍ଥନୀତିକୁ ଭାରି କ୍ଷତି ସହିବାକୁ ପଡ଼ିପାରେ । ଗ୍ରାହାମ୍ ସମ୍ପ୍ରତି ଫକ୍ସ ନ୍ୟୁଜରେ ଖୋଲାଖୋଲି ଭାବରେ ଏଭଳି ଧମକ ଦେଇଥିଲେ । ଭାରତ, ଚୀନ୍ ଏବଂ ବ୍ରାଜିଲ୍‌କୁ ଟାର୍ଗେଟ କରି ସେ କହିଛନ୍ତି, ଯଦି ତୁମେ ରୁଷିଆଠାରୁ ଶସ୍ତା ତେଲ କିଣି ୟୁକ୍ରେନ ଯୁଦ୍ଧକୁ ଇନ୍ଧନ ଦେଇ ଚାଲିବ, ତେବେ ଆମେ ତୁମର ଅର୍ଥନୀତିକୁ ଧ୍ୱଂସ କରିଦେବୁ । ଗ୍ରାହାମ କହିଛନ୍ତି ଯେ ଏହି ୩ଟି ଦେଶ ରୁଷର ପ୍ରାୟ ୮୦% ତେଲ କିଣୁଛନ୍ତି, ଯାହା ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କ ଯୁଦ୍ଧ ଯନ୍ତ୍ରପାତିକୁ ପାଣ୍ଠି ଯୋଗାଉଛି । ସେ ଏହାକୁ 'ବ୍ଲଡ୍ ମନି' ବା 'ରକ୍ତର ଟଙ୍କା' ବୋଲି ମଧ୍ୟ କହିଥିଲେ । ଗ୍ରାହାମ ବିଶ୍ୱାସ କରନ୍ତି ଯେ ରୁଷରୁ ତେଲ କିଣି ଏହି ଦେଶଗୁଡ଼ିକ କେବଳ ନିଜର ଲାଭ ଖୋଜୁନାହାନ୍ତି, ବରଂ ଭୁଲ ଉପାୟରେ ପୁଟିନ୍‌ଙ୍କୁ ସମର୍ଥନ ମଧ୍ୟ କରୁଛନ୍ତି ।

ସିନେଟର ଲିଣ୍ଡସେ ଗ୍ରାହାମ ଏବଂ ରିଚାର୍ଡ ବ୍ଲୁମେନ୍ଥଲ ମିଳିତ ଭାବରେ ଆମେରିକା ସଂସଦରେ ଏକ ବିଲ୍ ଉପସ୍ଥାପନ କରିଛନ୍ତି, ଯେଉଁଥିରେ ରୁଷରୁ ତେଲ ଏବଂ ଗ୍ୟାସ କିଣୁଥିବା ଦେଶଗୁଡ଼ିକ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବିଷୟରେ ଆଲୋଚନା କରାଯାଇଛି । ଏହି ବିଲ୍‌ରେ ୫୦୦ ପର୍ଯ୍ୟନ୍ତ ଶୁଳ୍କ ଲାଗୁ କରିବା ବିଷୟରେ ପ୍ରସ୍ତାବ ରହିଛି । ଅର୍ଥାତ୍, ଯଦି ଭାରତ, ଚୀନ୍ କିମ୍ବା ବ୍ରାଜିଲ ରୁଷରୁ ତେଲ କିଣୁଛନ୍ତି, ତେବେ ସେମାନଙ୍କ ସାମଗ୍ରୀ ଉପରେ ଏତେ ଭାରି ଟିକସ ଲାଗୁ ହୋଇପାରେ, ସେଥିରେ ସେମାନଙ୍କ ଅର୍ଥନୀତିକୁ ବଡ଼ ଆଘାତ ଲାଗିବ । ଗ୍ରାହାମ କହିଛନ୍ତି, ଆମେ ପୁଟିନଙ୍କୁ ବୁଝାଇବାକୁ ଚାହୁଁଛୁ ଯେ ଏବେ ଖେଳ ବଦଳିଯାଇଛି ।

- ଧ୍ୱଂସ ହୋଇଯିବ
- ଲଗାଇବୁ ୫୦୦% ଶୁଳ୍କ
- ଚୀନ୍, ବ୍ରାଜିଲ୍‌କୁ ବି ଚେତାଇଲେ ଆମେରିକାର ସିନେଟର

ସେ ଦାବି କରନ୍ତି ଯେ ଏହି ବିଲ୍ କେବଳ ରୁଷକୁ ନୁହେଁ, ବରଂ ଏହାର ବାଣିଜ୍ୟିକ ଅଂଶୀଦାରମାନଙ୍କୁ ମଧ୍ୟ ଶିକ୍ଷା ଦେବ । ଏହି ବିଲ୍ ଆମେରିକା ସଂସଦରେ ୮୫ ଜଣ ସାଂସଦଙ୍କ ସମର୍ଥନ ପାଇଛି ।

ଭାରତ ଏହି ଚେତାବନୀ ଉପରେ ଏହାର ସ୍ପଷ୍ଟୀକରଣ ପୂର୍ବରୁ ଦେଇସାରିଛି । ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର କହିଛନ୍ତି ଯେ ଭାରତ ଏହାର ଶକ୍ତି ଆବଶ୍ୟକତା ଏବଂ ଆର୍ଥିକ ସ୍ଥିରତାକୁ ଧ୍ୟାନରେ ରଖି ରୁଷରୁ ତେଲ କିଣୁଛି । ସେ କହିଛନ୍ତି ଯେ ଭାରତୀୟ ଦୂତାବାସ ଏବଂ ରାଷ୍ଟ୍ରଦୂତ ସିନେଟର ଗ୍ରାହାମଙ୍କ ସହିତ ଏହି ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ଜୟଶଙ୍କର କହିଛନ୍ତି, ଆମେ ତାଙ୍କ ନିକଟରେ ଆମର ଚିନ୍ତା ଏବଂ ସ୍ୱାର୍ଥ ଉପସ୍ଥାପନ କରିଛୁ । ଆବଶ୍ୟକ ହେଲେ, ଆମେ ଏହି ପ୍ରସଙ୍ଗ ଉପରେ ଆହୁରି ବିଚାର କରିବୁ । ଭାରତର ମତ ସ୍ପଷ୍ଟ ଯେ ଦେଶ ଏହାର ଶକ୍ତି ସୁରକ୍ଷାକୁ ପ୍ରାଥମିକତା ଦେବ, କିନ୍ତୁ ସେହି ସମୟରେ ଏହା ବିଶ୍ୱ କୂଟନୀତିରେ ସନ୍ତୁଳନ ବଜାୟ ରଖିବାକୁ ମଧ୍ୟ ଚାହୁଁଛି ।

## ରାଷ୍ଟ୍ରାୟତ୍ତ କମ୍ପାନୀର ଶୀର୍ଷ ପଦରେ ଆଉ ଜଣେ ଓଡ଼ିଆ ପୁଅ

# ସାରଦା ମହାନ୍ତି ଆଇଆର୍‌ଇଏଲ୍‌ର ପରବର୍ତ୍ତୀ ସିଏମ୍‌ଡି

ନୂଆଦିଲ୍ଲୀ,୨୨।୭ (ଏଜେନ୍ସି)



ଦେଶର ଏକ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ମୁଖିଆ ପଦରେ ଆଉ ଜଣେ ଓଡ଼ିଆ ପୁଅ ବସିବାକୁ ଯାଉଛନ୍ତି । ସାରଦା ଭୂଷଣ ମହାନ୍ତି ହେବେ ଇଣ୍ଡିଆନ୍ ରେଆର ଆର୍ଥ ଲିମିଟେଡ୍ (ଆଇଆର୍‌ଇଏଲ୍ ) ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ (ସିଏମ୍‌ଡି) । ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଚୟନ ବୋର୍ଡ (ପିଇଏସ୍‌ବି) ଚଳିତମାସରେ ଶ୍ରୀ ମହାନ୍ତିଙ୍କୁ ଏହି ପଦ ପାଇଁ ମନୋନୀତ କରିଛି । ସେ ବର୍ତ୍ତମାନ ଆଇଆର୍‌ଇଏଲ୍ (ଇଣ୍ଡିଆ) ଲିମିଟେଡର ନିର୍ଦ୍ଦେଶକ (ଅର୍ଥ) ଭାବରେ କାର୍ଯ୍ୟ କରୁଛନ୍ତି । ତାଙ୍କୁ କମ୍ପାନୀର ପରବର୍ତ୍ତୀ ସିଏମ୍‌ଡି ଭାବରେ ମନୋନୀତ କରାଯାଇଛି ।

ଜୁଲାଇ ୪ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ପିଇଏସ୍‌ବିର ୫୭ତମ ଚୟନ ବୈଠକ ପରେ ଏହି ଘୋଷଣା କରାଯାଇଛି । ଏଠାରେ ସୂଚନାଯୋଗ୍ୟ ଯେ, ଆଇଆର୍‌ଇଏଲ୍‌ର ପରବର୍ତ୍ତୀ ସିଏମ୍‌ଡି ପାଇଁ ବିଭିନ୍ନ ପ୍ରତିଷ୍ଠିତ ସାର୍ବଜନୀନ କ୍ଷେତ୍ର ଏବଂ ରାଷ୍ଟ୍ରାୟତ୍ତ ସଂସ୍ଥାର ୧୨ ଜଣ ବରିଷ୍ଠ ପ୍ରାର୍ଥୀଙ୍କୁ ନେଇ ଏକ କଠୋର ଚୟନ ପ୍ରକ୍ରିୟା ପରେ ଏହି ଶୀର୍ଷ ପଦବୀ ପୂରଣ କରାଯାଇଛି । ଏଥିରେ ପ୍ରାର୍ଥୀମାନଙ୍କ ମଧ୍ୟରେ ଏନ୍‌ଏମ୍‌ଡିସି, ଏମ୍‌ଓଏଲ୍, ଏନ୍‌ଏଲ୍‌ସି ଇଣ୍ଡିଆ, ସିମେଣ୍ଟ କର୍ପୋରେସନ ଅଫ୍ ଇଣ୍ଡିଆ, ହିନ୍ଦୁସ୍ତାନ ପେଟ୍ରୋ କେମିକାଲ୍ସ ଏବଂ ଭାରତୀୟ ରେଳବାଇର ଅଧିକାରୀମାନେ ଅନ୍ତର୍ଭୁକ୍ତ ଥିଲେ । ଆର୍ଥିକ ରଣନୀତି କ୍ଷେତ୍ରରେ ଶ୍ରୀ ମହାନ୍ତିଙ୍କର ଥିବା ଗଭୀର ଅଭିଜ୍ଞତା ଆଇଆର୍‌ଇଏଲ୍ ପାଇଁ ବେଶ ଉପଯୋଗୀ ସାବ୍ୟସ୍ତ ହେବ ବୋଲି କୁହାଯାଉଛି । ଶ୍ରୀ ମହାନ୍ତି ପୂର୍ବରୁ ରାଷ୍ଟ୍ରାୟତ୍ତ ନ୍ୟାସନାଲ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍ (ନାଲ୍କୋ)ର ବରିଷ୍ଠ ପଦରେ ମଧ୍ୟ କାର୍ଯ୍ୟ କରିଛନ୍ତି ।

# ଲାଞ୍ଚ ମାମଲରେ ଚନ୍ଦା କୋଚ୍ଛାର ଦୋଷୀ ସାବ୍ୟସ୍ତ

ନୂଆଦିଲ୍ଲୀଲ,୨୨।୭ (ଏଜେନ୍ସି)




ଭିଡିଓକନ୍ ଗ୍ରୁପଠାରୁ ନେଇଥଲେ ୬୪ କୋଟି ଲାଞ୍ଚ

ଦିଲ୍ଲୀର ଏକ ଟ୍ରିବ୍ୟୁନାଲ୍ ୬୪ କୋଟି ଟଙ୍କାର ଲାଞ୍ଚ ନେବା ମାମଲାରେ ଆଇସିଆଇସିଆଇ ବ୍ୟାଙ୍କର ପୂର୍ବତନ ସିଇଓ ଚନ୍ଦା କୋଚ୍ଛାରଙ୍କୁ ଦୋଷୀ ସାବ୍ୟସ୍ତ କରିଛି । ଭିଡିଓକନ୍ ଗ୍ରୁପ୍‌କୁ ୩୦୦ କୋଟି ଟଙ୍କା ଋଣ ମଞ୍ଜୁର କରିବା ବଦଳରେ ଚନ୍ଦା ଏହି ଲାଞ୍ଚ ନେଇଥିବା ଅଭିଯୋଗ କରିଥିଲେ । ଟ୍ରିବ୍ୟୁନାଲ୍ କହିଛି ଯେ କୋଚ୍ଛାର ବ୍ୟାଙ୍କରେ ତାଙ୍କ ପଦବୀର ଅପବ୍ୟବହାର କରିଛନ୍ତି ଏବଂ ପ୍ରକାଶନ ନିୟମ ଉଲ୍ଲଂଘନ କରିଛନ୍ତି । ମାମଲାର ତଦନ୍ତ କରିବା ସମୟରେ ଇଡିତାଙ୍କୁ ଏହି ଅଭିଯୋଗ କରିଥିଲା । ମାମଲା ୨୦୧୬ରେ ଆରମ୍ଭ ହୋଇଥିଲା । ଟ୍ରିବ୍ୟୁନାଲ୍ ଜାଣିପାରିଲେ ଯେ ଭିଡିଓକନ୍ ଋଣ ପାଇବାର ଗୋଟିଏ ଦିନ ପରେ, ଲାଞ୍ଚ ଟଙ୍କା ଭିଡିଓକନ୍ ର ୟୁନିଟ୍ ,ଏସ୍‌ଇପିଏଲ୍‌ର ଆକାଉଣ୍ଟରୁ କୋଚ୍ଛାରଙ୍କ ସ୍ୱାମୀ ଦୀପକ କୋଚ୍ଛାରଙ୍କ କମ୍ପାନୀ ନୁପାୱାର ରିନ୍ୟୁଏବଲ୍ସ ପ୍ରାଇଭେଟ୍ ଲିମିଟେଡ୍ (ଏନ୍‌ଆର୍‌ପିଏଲ)କୁ ଦିଆଯାଇଥିଲା । ଟ୍ରିବ୍ୟୁନାଲ୍ କହିଛନ୍ତି ଯେ କାଗଜପତ୍ରରେ, ନୁପାୱାର ରିନ୍ୟୁଏବଲ୍ସ ପ୍ରାଇଭେଟ୍ ଲିମିଟେଡ୍ ଭିଡିଓକନ୍‌ର ଅଧ୍ୟକ୍ଷ ଭେଣୁଗୋପାଳ ଧୂତଙ୍କ ମାଲିକାନାରେ ଥିବା ଦର୍ଶାଯାଇଥିଲା, କିନ୍ତୁ ଏହାର ପ୍ରକୃତ ନିୟନ୍ତ୍ରଣ ଦୀପକ କୋଚ୍ଛାରଙ୍କ ପାଖରେ ଥିଲା । ଦୀପକ ଏନ୍‌ଆର୍‌ପିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ମଧ୍ୟ ଥିଲେ । ତେଣୁ, ଆବେଦନକାରୀଙ୍କ ଅଭିଯୋଗ ଠିକ୍ ।

ଚନ୍ଦା ଏବଂ ଦୀପକ କୋଚ୍ଛାର ଆଇସିଆଇସିଆଇ ବ୍ୟାଙ୍କ ଦ୍ୱାରା ଭିଡିଓକନକୁ ଦିଆଯାଇଥିବା ଋଣ ମାଧ୍ୟମରେ ଠକେଇ କରିଥିଲେ । ଏହି ଋଣଗୁଡ଼ିକ ପରେ ଏନ୍‌ପିଏରେ ପରିଣତ ହୋଇଥିଲା । ଏହି ମାମଲାରେ, ସିବିଆଇ, ଇଡି, ଏସ୍‌ଏଫ୍‌ଆଇଓ ଏବଂ ଆୟକର ବିଭାଗ କୋଚ୍ଛାର ଦମ୍ପତ୍ତିଙ୍କ ବିରୁଦ୍ଧରେ ତଦନ୍ତ ଆରମ୍ଭ କରିଥିଲେ । ଏଥିରେ ୨୦୧୨ରେ ଭିଡିଓକନକୁ ଦିଆଯାଇଥିବା ୩୨୫୦କୋଟି ଟଙ୍କାର ଋଣ ଅନ୍ତର୍ଭୁକ୍ତ । ଅଭିଯୋଗ ଅନୁଯାୟୀ, ଭିଡିଓକନ ଋଣ ପାଇବା ପରେ ଧୂତ କୋଚ୍ଛରଙ୍କ କମ୍ପାନୀ ନୁପାୱାର ରିନ୍ୟୁଏବଲ୍ସରେ କୋଟି କୋଟି ଟଙ୍କା ନିବେଶ କରିଥିଲେ । ଏହି ଋଣକୁ ଏକ କମିଟି ଦ୍ୱାରା ଅନୁମୋଦନ କରାଯାଇଥିଲା, ଯେଉଁଥିରେ ଚନ୍ଦା କୋଚ୍ଛାର ମଧ୍ୟ ସଦସ୍ୟ ଥିଲେ । ୨୦୧୮ ଅକ୍ଟୋବରରେ ଏହି ମାମଲାରେ ଚନ୍ଦାଙ୍କୁ ଇସ୍ତଫା ଦେବାକୁ ପଡିଥିଲା ।

## ବାଣିଜ୍ୟ ଚୁକ୍ତିକୁ ନେଇ ଅନିଶ୍ଚିତତା | ଭାଙ୍ଗିଲା ସବୁ ରେକର୍ଡ

# ରୁପା କିଲୋ ପିଛା ୧.୨୦ ଟଙ୍କା ଛୁଇଁବ

ଭୁବନେଶ୍ୱର,୨୨।୭ (ସମିସ)



ଦିନକରେ ଦର ୩୦୦୦ ଟଙ୍କା ବୃଦ୍ଧି

ହୁ ହୁ ହୋଇ ବଢ଼ିବାରେ ଲାଗିଛି ସୁନା ଓ ରୁପା ଦର । ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିକୁ ନେଇ ବଢ଼ୁଥିବା ଅନିଶ୍ଚିତତା ମଧ୍ୟରେ ଦୌଡୁଛି ସୁନା ଏବଂ ରୁପା ବଜାର । ମୂଲ୍ୟ ବୃଦ୍ଧିରେ ଲାଗୁନି ଲଗାମ୍ । ଇତିମଧ୍ୟରେ ରୁପା ମୂଲ୍ୟ ପ୍ରଥମ ଥର ପାଇଁ ଏହାର ସବୁ ପୁରୁଣା ରେକର୍ଡ ଭାଙ୍ଗି ଐତିହାସିକ ରେକର୍ଡ ସ୍ତର କିଲୋ ପିଛା ୧.୨୦ ଲକ୍ଷ ଟଙ୍କା ଛୁଇଁବାକୁ ଯାଉଛି । ଏମିତିକି ଆଜି ଦିନକରେ ଘରୋଇ ବଜାରରେ ରୁପା ଦର କିଲୋ ପିଛା ୩୦୦୦ ଟଙ୍କା ବୃଦ୍ଧି ଘଟିଛି । ଅପରପକ୍ଷେ ରାଜଧାନୀ ଭୁବନେଶ୍ୱରରେ ସୋମବାର ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ଦର ରେକର୍ଡ ୧,୦୧,୨୯୦ ଟଙ୍କାରେ ପହଞ୍ଚିଛି । ସେହିପରି ୨୨ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ପ୍ରଥମ କରି ୯୨,୮୫୦ ଟଙ୍କା ହୋଇଛି । ତେବେ ନୂଆଦିଲ୍ଲୀରେ ରୁପା କିଲୋ ପିଛା ୧,୧୮,୦୦୦ ଟଙ୍କା ରହିଛି ।

ଆଜି ଘରୋଇ ବଜାରରେ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧ ଲକ୍ଷ ଟଙ୍କା ଟପିଯାଇଛି । ଷ୍ଟକିଷ୍ଟମାନଙ୍କ ଦ୍ୱାରା ପ୍ରବଳ କ୍ରୟ ଯୋଗୁଁ, ମଙ୍ଗଳବାର ରାଜଧାନୀ ଦିଲ୍ଲୀରେ ସୁନା ମୂଲ୍ୟ ୧୦୦୦ ଟଙ୍କା ବୃଦ୍ଧି ପାଇ ପ୍ରତି ୧୦ ଗ୍ରାମ ପିଛା ଏକ ଲକ୍ଷ ଟଙ୍କା ସ୍ତରରେ ପହଞ୍ଚିଛି । ଏହା ସହିତ, ୯୯.୯ ପ୍ରତିଶତ ଶୁଦ୍ଧତା ବିଶିଷ୍ଟ ଏହି ମୂଲ୍ୟବାନ ଧାତୁ ଚାରି ସପ୍ତାହର ସର୍ବୋଚ୍ଚ ସ୍ତରରେ ୧,୦୦,୦୨୦ ଟଙ୍କା ପ୍ରତି ୧୦ ଗ୍ରାମ ପହଞ୍ଚିଛି । ୯୯.୫ ପ୍ରତିଶତ ଶୁଦ୍ଧତା ବିଶିଷ୍ଟ ସୁନା ମୂଲ୍ୟ ୧୦୦୦ ଟଙ୍କା ବୃଦ୍ଧି ପାଇ ପ୍ରତି ୧୦ ଗ୍ରାମ ପିଛା ୯୯,୫୫୦ ଟଙ୍କା ହୋଇଛି । ସେହି ସମୟରେ, ରୂପାର ମୂଲ୍ୟ ମଧ୍ୟ ୩୦୦୦ ଟଙ୍କା ବୃଦ୍ଧି ପାଇ ଏହା ୧,୧୮,୦୦୦ ଟଙ୍କା ପ୍ରତି କିଲୋଗ୍ରାମ ହୋଇଛି ।

ଏହି ସମୟରେ, ବିଶ୍ୱ ବଜାରରେ ସ୍ପଟ୍ ସୁନା ୦.୨୮ ପ୍ରତିଶତ ହ୍ରାସ ପାଇ ଆଉନ୍ସ ପିଛା ୩୩୮୭.୪୨ ଡଲାରେ ପହଞ୍ଚିଛି । ସେହି ସମୟରେ, ଅନ୍ତର୍ଜାତୀୟ ବଜାରରେ ସ୍ପଟ୍ ରୂପା ମଧ୍ୟ ୦.୧୧ ପ୍ରତିଶତ ହ୍ରାସ ପାଇ ଆଉନ୍ସ ପିଛା ୩୮.୮୯ ଡଲାରରେ ପହଞ୍ଚିଛି ।

● ସପ୍ତାହର ପ୍ରଥମ କାରବାରରେ ସବୁଜ ସଂକେତରେ ବଜାର ବନ୍ଦ

# ନିବେଶକ କମାଇଲେ ୧.୬୩ ଲକ୍ଷ କୋଟି

ମୁମ୍ବଇ,୨୨।୭ (ଏଜେନ୍ସି): ଭାରତୀୟ ସେୟାର ବଜାର ଜୁଲାଇ ୨୧ ସୋମବାର ଜୋରଦାର କମ୍‌ବ୍ୟାକ୍ କରିଛି । ସପ୍ତାହର ପ୍ରଥମ କାରବାର ଦିନର ବିଏସ୍‌ଇ ସେନ୍‌ସେକ୍ସ ୪୪୨.୬୧ ଅଙ୍କ ବା ୦.୫୪ ପ୍ରତିଶତ ବଢି ୮୨,୨୦୦.୩୪ ସ୍ତରରେ ବନ୍ଦ ହୋଇଛି । ଅନ୍ୟପଟେ ନିଫ୍ଟି ୧୨୨.୩୦ ଅଙ୍କ ବା ୦.୪୯ ପ୍ରତିଶତ ବଢି ୨୫,୦୯୦.୭୦ ସ୍ତରର ବନ୍ଦ ହୋଇଛି । ସେୟାର ବଜାରରେ ଆଜି ବୃଦ୍ଧିର ନେତୃତ୍ୱ ନେଇଥିଲେ ବ୍ୟାଙ୍କିଂ ସେୟାର । ଏଚ୍‌ଡିଏଫ୍‌ସି ଓ ଆଇସିଆଇସିଆଇ ବ୍ୟାଙ୍କ ସେୟାରରେ ଅଧିକ କ୍ରୟ ଯୋଗୁଁ ମାର୍କେଟ୍ ସେଣ୍ଟିମେଣ୍ଟ ମଜଭୁତ ରହିଥିଲା । ତେବେ ଟାରିଫ୍ ସହ ଜଡିତ ଚିନ୍ତା ଯୋଗୁଁ ଏହି ବୃଦ୍ଧି ସୀମିତ ରହିଥିଲା ।

କ୍ଷେତ୍ରଭିତ୍ତିକ ଇଣ୍ଡେକ୍ସରେ ମିଶ୍ର ପ୍ରଦର୍ଶନ ଦେଖିବାକୁ ମିଳିଥିଲା । ନିଫ୍ଟି ପ୍ରାଇଭେଟ୍ ବ୍ୟାଙ୍କ ଇଣ୍ଡେକ୍ସ ୧.୦୫ ପ୍ରତିଶତ ଓ ନିଫ୍ଟି ବ୍ୟାଙ୍କ ୦.୯୮ ପ୍ରତିଶତ ବଢି ବନ୍ଦ ହୋଇଛି । ଅନ୍ୟପଟେ ନିଫ୍ଟି ମେଟାଲ (୦.୯୪ ପ୍ରତିଶତ), ନିଫ୍ଟି ଅଟୋ (୦.୪୪ ପ୍ରତିଶତ) ଓ ନିଫ୍ଟି ମିଡ୍‌କ୍ୟାପ୍ ୧୦୦ (୦.୪୬ ପ୍ରତିଶତ) ବୃଦ୍ଧି ଦେଖିବାକୁ ମିଳିଛି । ଅନ୍ୟପଟେ ଅୟଲ ଆଣ୍ଡ ଗ୍ୟାସ୍, ଏଫ୍‌ଏମ୍‌ସିଜି ଓ ପିଏସୟୁ ବ୍ୟାଙ୍କ ସେୟାରରେ ବିକ୍ରି ଦେଖିବାକୁ ମିଳିଥିଲା । ବିଏସ୍‌ଇରେ ସୂଚୀବଦ୍ଧ କମ୍ପାନିଗୁଡ଼ିକର ମୋଟ ମାର୍କେଟ୍ କ୍ୟାପ୍ ଆଜି ବଢି ୪୬୦.୦୦ ଲକ୍ଷ କୋଟି ଟଙ୍କା ହୋଇଛି । ଯାହା ପୂର୍ବ କାରବାର ଦିନ ଅର୍ଥାତ୍ ଶୁକ୍ରବାର ଜୁଲାଇ ୧୮ରେ ୪୫୮.୩୭ ଲକ୍ଷ କୋଟି ଟଙ୍କା ଥିଲା ।

ଏହିପରି ବିଏସ୍‌ଇରେ ସୂଚୀବଦ୍ଧ କମ୍ପାନିଗୁଡ଼ିକର ମାର୍କେଟ୍ କ୍ୟାପ୍ ଆଜି ୧.୬୩ ଲକ୍ଷ କୋଟି ଟଙ୍କା ବଢିଛି । ଅନ୍ୟ ଶବ୍ଦରେ କହିବାକୁ ଗଲେ ନିବେଶକଙ୍କୁ ୧.୬୩ ଲକ୍ଷ କୋଟି ଟଙ୍କା ଲାଭ ହୋଇଛି । ବିଏସ୍‌ଇ ସେନ୍‌ସେକ୍ସର ୩୦ରୁ ୧୮ ସେୟାର ଆଜି ସବୁଜ ସଂକେତରେ ବନ୍ଦ ହୋଇଛି । ଏଥିରେ ଇଟର୍ନଲ ସେୟାରରେ ସବୁଠୁ ୫.୩୮ ପ୍ରତିଶତ ବୃଦ୍ଧି ଦେଖିବାକୁ ମିଳିଛି । ଅନ୍ୟ ୧୨ଟି ସେୟାର ଲାଲ୍ ସଂକେତରେ ବନ୍ଦ ହୋଇଛି । ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ସେୟାର ୩.୨୯ ପ୍ରତିଶତ ହ୍ରାସ ସହ ଟପ୍ ଲୁଜର୍ ହୋଇଛି ।

# ଟିପିସିଓଡିଏଲ୍ ପକ୍ଷରୁ ମୌସୁମୀ ଋତୁରେ ବିଦ୍ୟୁତ୍ ସୁରକ୍ଷା ନିୟମ ପାଳନ କରି ସୁରକ୍ଷିତ ରହିବା ପାଇଁ ଗ୍ରାହକମାନଙ୍କୁ ଆହ୍ୱାନ

ଭୁବନେଶ୍ୱର,୨୨।୭ (ସମିସ)

ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ମୌସୁମୀ ଋତୁ ଲାଗି ପ୍ରସ୍ତୁତ ରହିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି । ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ବଜାୟ ରଖିବା ଏବଂ ବର୍ଷା ଋତୁରେ ସମସ୍ତ ଗ୍ରାହକ ଓ ଅଂଶୀଦାରମାନଙ୍କ ପାଇଁ ସୁରକ୍ଷା ସୁନିଶ୍ଚିତ କରିବାକୁ ଏହି ସୁରକ୍ଷା ପଦକ୍ଷେପଗୁଡ଼ିକ ପ୍ରସ୍ତୁତ କରାଯାଇଛି । ମୌସୁମୀ ଋତୁରେ ପାଣି ଜମିବା, ବଜ୍ରପାତ ଓ ବିଦ୍ୟୁତ୍ ଯୋଗାଣରେ ଅସ୍ଥିରତା ଭଳି ଆହ୍ୱାନ ଦେଖାଦେଇଥାଏ । ଏଭଳି ପରିସ୍ଥିତି ବିଦ୍ୟୁତ୍ ଜନିତ ଦୁର୍ଘଟଣାଗୁଡ଼ିକୁ ଏଡ଼ାଇବା ପାଇଁ ସଚେତନତା ଓ ପ୍ରତିଷେଧମୂଳକ ପଦକ୍ଷେପ ଆବଶ୍ୟକ । ନିଜକୁ, ନିଜ ପରିବାର ଓ ସଂପତିର ସୁରକ୍ଷା ପାଇଁ ସୁରକ୍ଷିତ ଅଭ୍ୟାସ ଗ୍ରହଣ କରିବାକୁ ଟିପିସିଓଡିଏଲ୍ ପକ୍ଷରୁ ସମସ୍ତ ଗ୍ରାହକଙ୍କୁ ଆହ୍ୱାନ ଦିଆଯାଇଛି । ଜଳାର୍ଣ୍ଣବ ଥିବା ଅଞ୍ଚଳରେ ପ୍ରବେଶ କରନ୍ତୁ ନାହିଁ କିମ୍ବା ଚାଲନ୍ତୁ ନାହିଁ, କାରଣ ପାଣି ଭିତରେ ବୁଡ଼ି ରହିଥିବା ବିଦ୍ୟୁତ୍ ତାର କିମ୍ବା ଆପ୍ଲାଏନ୍‌ସେସ୍ ବିଦ୍ୟୁତ୍ ଝଟ୍‌କା ଭଳି ଗୁରୁତର ବିପଦ ସୃଷ୍ଟି କରିପାରେ । ଘଡ଼ଘଡ଼ି, ପ୍ରବଳ ବର୍ଷା କିମ୍ବା ଝଡ଼ ସମୟର ବିଦ୍ୟୁତ୍ ପ୍ରବାହରେ ହଠାତ୍ ବୃଦ୍ଧି ଘଟିଥାଏ ଏହା ପ୍ରଭାବରୁ ସୁରକ୍ଷା ପାଇଁ ସମସ୍ତ ଅଣ ଅତ୍ୟାବଶ୍ୟକ ବିଦ୍ୟୁତ୍ ଆପ୍ଲାଏନ୍‌ସେସ୍‌ଗୁଡ଼ିକୁ ପ୍ଲଗ୍‌ରୁ କାଢ଼ି ଦେବା ପାଇଁ ଟିପିସିଓଡିଏଲ୍ ପକ୍ଷରୁ କୁହାଯାଇଛି । ଏହି ଅବସରରେ ଟିପିସିଓଡିଏଲ୍‌ର ସିଇଓ ଶ୍ରୀ ଅରଭିନ୍ଦ୍ ସିଂହ କହିଛନ୍ତି ଯେ, ବିଶେଷ କରି ମୌସୁମୀ ଋତୁରେ ପାଣିପାଗ ସ୍ଥିତି ଯୋଗୁଁ ବିପଦ ଆଶଙ୍କା ବୃଦ୍ଧି ପାଉଥିବାରୁ ଟିପିସିଓଡିଏଲ୍‌ରେ ଆମେ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେଉଛୁ । ସତର୍କ ରହିବା ଏବଂ ଏହି ସରଳ ତଥା ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ପଦକ୍ଷେପଗୁଡ଼ିକୁ ପାଳନ କରିବା ପାଇ ଆମେ ଆମ ସମସ୍ତ ଗ୍ରାହକଙ୍କୁ ଆହ୍ୱାନ ଦେଉଛୁ । ଆମେ ସମସ୍ତେ ମିଳିତ ଭାବେ ଏହି ଋତୁ ସାରା ଏକ ସୁରକ୍ଷିତ ଓ ଭରସାଯୋଗ୍ୟ ବିଦ୍ୟୁତ୍ ଯୋଗାଣକୁ ସୁନିଶ୍ଚିତ କରିପାରିବା ।

TPCODL
ଟିପି ସେଣ୍ଟ୍ରାଲ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

## ଟ୍ରମ୍ପ୍ ଟାରିଫ୍ ଝଡ଼

# ଭାରତକୁ ଘାରିଲାଣି ମାନ୍ଦାବସ୍ଥା ଭୟ

ନୂଆଦିଲ୍ଲୀ,୨୨।୭ (ଏଜେନ୍ସି)



ପ୍ରଭାବିତ ହେବ ଜିଡିପି ଅଭିବୃଦ୍ଧି

ଭାରତ କ'ଣ ଏକ ବଡ଼ ଆର୍ଥିକ ମାନ୍ଦାବସ୍ଥା ଆଡ଼କୁ ଯାଉଛି । ଭାରତ ଗତ ଦୁଇ ବର୍ଷ ମଧ୍ୟରେ ବହୁତ ଭଲ ପ୍ରଦର୍ଶନ କରିଛି । ଦେଶର ଅଭିବୃଦ୍ଧି ହାର ହାରାହାରି ୭.୮୫% ରହିଛି । କିନ୍ତୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ନୀତି ସାରା ବିଶ୍ୱରେ ଅଶାନ୍ତି ସୃଷ୍ଟି କରିଛି । ଏହା ଭାରତକୁ ମଧ୍ୟ ପ୍ରଭାବିତ କରୁଛି । ବିଶ୍ୱ ବ୍ୟାଙ୍କ ୨୦୨୫-୨୬ ପାଇଁ ଭାରତର ଜିଡିପି ଅଭିବୃଦ୍ଧି ପୂର୍ବାନୁମାନ ୬.୭% ରୁ ୬.୩% କୁ ହ୍ରାସ କରିଛି । କିଛି ନୂତନ ସଂଖ୍ୟା ସୂଚାଇ ଦେଉଛି ଯେ ପରିସ୍ଥିତି ଆହୁରି ଖରାପ ହୋଇପାରେ । କିନ୍ତୁ ଟ୍ରମ୍ପଙ୍କ ଟାରିଫ୍ ଝଡ଼ରେ ବିପଦର ଘଣ୍ଟି ଏବେଠାରୁ ଭାରତରେ ବାଜିବାରେ ଲାଗିଲାଣି ।

ସାମ୍ପ୍ରତିକ ବର୍ଷଗୁଡ଼ିକରେ, ଭାରତର ଅର୍ଥନୀତି ବହୁତ ମଜବୁତ ହୋଇଛି । ଏହାର କାରଣ ହେଉଛି ଭଲ ମାକ୍ରୋଇକୋନୋମିକ୍ ପ୍ରଦର୍ଶନ । ବର୍ତ୍ତମାନ ଦେଶର ଚଳନ୍ତି ଖାତା ନିଅଣ୍ଟ ପ୍ରାୟ ଶୂନ୍ୟ । ଭାରତର କିଛି ବଡ଼ କମ୍ପାନୀ ବି ଗତ ଦୁଇ ବର୍ଷ ଧରି ଚାହିଦା ହ୍ରାସ ଜନିତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏଫ୍‌ଏମ୍‌ସିଜି ଉତ୍ପାଦର ବିକ୍ରି ମଧ୍ୟ ହ୍ରାସ ପାଇଛି । ଅନେକ ଶିଳ୍ପ ଭୟ କରୁଛନ୍ତି ଯେ ଟ୍ରମ୍ପଙ୍କ ଉଚ୍ଚ ଶୁଳ୍କ ଯୋଗୁଁ, ଚୀନ୍ ଏବଂ ଭିଏତନାମ ଭାରତ ଏବଂ ଅନ୍ୟାନ୍ୟ ବଜାରରେ ବଡ଼ ପରିମାଣରେ ସାମଗ୍ରୀ ଡମ୍ପ କରିବେ । ଡମ୍ପିଂର ଅର୍ଥ ହେଉଛି ଆପଣଙ୍କ ଦେଶରେ ମହଙ୍ଗା ଏବଂ ଅନ୍ୟ ଦେଶରେ ଶସ୍ତା ବିକ୍ରି । ବିଶେଷଜ୍ଞମାନେ କହିଛନ୍ତି ଯେ ଜିଡିପି ଅଭିବୃଦ୍ଧି ୨୦୨୩-୨୪ରେ ୯.୨% ରୁ ୨୦୨୪-୨୫ରେ ୬.୫%କୁ ହ୍ରାସ ପାଇଛି । ଏହାର ଅର୍ଥ ହେଉଛି ଗତ ବର୍ଷ ଅର୍ଥନୀତି ଦ୍ରୁତ ଗତିରେ ହ୍ରାସ ପାଇଛି । ୯.୨% ଅଭିବୃଦ୍ଧି ହାର ବହୁତ ଅଧିକ ଥିଲା ।

ଶିଳ୍ପ ଉତ୍ପାଦନ ସୂଚକାଙ୍କ (ଆଇଆଇପି) ଏପ୍ରିଲରେ କେବଳ ୨.୪% ଏବଂ ମେ'ରେ ୧.୨% ବୃଦ୍ଧି ପାଇଛି । ଏହା ବହୁତ କମ୍ । ବିଶେଷକରି ଯେତେବେଳେ ଭାରତକୁ ସବୁଠାରୁ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ଭାବରେ ବିବେଚନା କରାଯାଏ । ମେ' ମାସରେ ଏଫ୍‌ଏମ୍‌ସିଜି କ୍ଷେତ୍ରରେ ଉତ୍ପାଦନ ୨.୪% ହ୍ରାସ ପାଇଛି । ବିଦ୍ୟୁତ୍ ଉତ୍ପାଦନ ମଧ୍ୟ ୫.୩% ହ୍ରାସ ପାଇଛି । ଅଟୋ କ୍ଷେତ୍ରର ଅବସ୍ଥା ଖରାପ । ତେଣୁ ମାନ୍ଦାବସ୍ଥା ଆସିବାର ଏହା ଏକ ବଡ଼ ସଙ୍କେତ କୁହାଯାଇପାରେ । ଅପରପକ୍ଷେ ୧୯୯୧ରେ ସଂସ୍କାର ଆରମ୍ଭ ହେବା ପରଠାରୁ ରପ୍ତାନି ଦେଶର ଆର୍ଥିକ ଅଭିବୃଦ୍ଧିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । କିନ୍ତୁ ଚଳିତବର୍ଷ ବର୍ଷ ଜୁନ୍ ମାସରେ ସାମଗ୍ରୀ ରପ୍ତାନି ପ୍ରାୟ ସ୍ଥିର ରହିଛି । ସେହି ସମୟରେ, ଆମଦାନି ୩.୭୧% ହ୍ରାସ ପାଇଛି । ସାଧାରଣତଃ, ଯେତେବେଳେ ଅଭିବୃଦ୍ଧି ଉପରମୁହାଁ ହୁଏ, ସେତେବେଳେ ଆମଦାନି ବୃଦ୍ଧି ପାଏ । ଆମଦାନିରେ ହ୍ରାସ ଏକ ଆର୍ଥିକ ମାନ୍ଦାବସ୍ଥାକୁ ସୂଚିତ କରେ ।

## ଆଜିଠାରୁ ଇଂଲଣ୍ଡ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ଚତୁର୍ଥ ଟେଷ୍ଟ; ବର୍ଷା ଆଶଙ୍କା

# କର ବା ମର ସ୍ଥିତିରେ ଭାରତ

ଓଲ୍ଡ ଟ୍ରାଫୋର୍ଡ, ୨୨।୭ (ଏଜେନ୍ସି)




ଭାରତ ଓ ଇଂଲଣ୍ଡ ମଧ୍ୟରେ ଚାଲିଥିବା ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ଚତୁର୍ଥ ମୁକାବିଲା ଆସନ୍ତାକାଲି ବା ବୁଧବାରଠାରୁ ସ୍ଥାନୀୟ ଓଲ୍ଡ ଟ୍ରାଫୋର୍ଡ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯିବ। ଏହା ପୂର୍ବରୁ ଖେଳାଯାଇଥିବା ୩ଟି ଟେଷ୍ଟ ମଧ୍ୟରୁ ଲିଡ୍ସ ଓ ଲର୍ଡ଼ସରେ ଇଂଲଣ୍ଡ ଓ ଏଜ୍‌ବାଷ୍ଟନରେ ଭାରତ ବିଜୟୀ ହୋଇଛି। ଏହା ଫଳରେ ଇଂଲଣ୍ଡ ୨-୧ରେ ସିରିଜ୍ ଆଗୁଆ ରହି ଓ ଭାରତ ୧-୨ରେ ପଛୁଆ ରହି ଚତୁର୍ଥ ଟେଷ୍ଟ ଖେଳିବାକୁ ଯାଉଛି। ଏହି ଟେଷ୍ଟର ଫଳାଫଳ ଭାରତ ସପକ୍ଷରେ ଗଲେ ସିରିଜ୍ ୨-୨ରେ ବରାବର ସ୍ଥିତିକୁ ଆସିବ। ଇଂଲଣ୍ଡ ଯଦି ବିଜୟୀ ହୁଏ ତେବେ ଆଉ ଗୋଟିଏ ଟେଷ୍ଟ ବାକିଥାଇ ଘରୋଇ ଦଳ ୩-୧ରେ ସିରିଜ୍ କବ୍‌ଜା କରିବ। ମ୍ୟାଚ୍ ଡ୍ର ରହିଲେ ୫ମ ଟେଷ୍ଟ ସିରିଜ୍ ନିର୍ଣ୍ଣାୟକ ହେବ। ଏଣୁ ଏଠାରେ ସିରିଜ୍ ବଞ୍ଚାଇବାକୁ ହେଲେ ଭାରତକୁ ଏହି ଟେଷ୍ଟ ଜିତିବାକୁ ହେବ। ଆହତ ଭାରତୀୟ ଦଳ ଏହି ମ୍ୟାଚ୍‌ରେ କର ଅବା ମର ସ୍ଥିତିରେ ରହିଛି। କିନ୍ତୁ ଏହି ଟେଷ୍ଟରେ ଅଧିକାଂଶ ସମୟ ବର୍ଷା ହେବାର ସମ୍ଭାବନା ରହିଛି। ଏଣୁ ବର୍ଷା ହେଲେ ମ୍ୟାଚ୍‌ର ଫଳାଫଳ ମିଳିବା କଷ୍ଟକର।

ଏଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥିତିରେ ଭାରତର କିଛି ଖେଳାଳି ଆହତ ହେବାରୁ ଦଳର ସମୀକରଣ ବଦଳିଯାଇଛି। ଯେଉଁ ଯୋଜନା ନେଇ ଭାରତ ଏହି ଟେଷ୍ଟ ଖେଳିବାକୁ ଯାଉଥିଲା ତାହା ବଦଳିଯାଇଛି। ଦୁଇ ଫାଷ୍ଟ ବୋଲର ଆକାଶ ଦୀପ ଓ ଅର୍ଶଦୀପ ସିଂହ ଆହତ ହୋଇ ଏହି ଟେଷ୍ଟରୁ ବାଦ୍ ପଡ଼ିଛନ୍ତି। ସେହିପରି ପେସ୍ ବୋଲିଂ ଅଲରାଉଣ୍ଡର ନୀତୀଶ ରେଡ୍ଡିଙ୍କ ଆଣ୍ଠୁରେ ଆଘାତ ଲାଗିବାରୁ ସିରିଜ୍‌ରୁ ବାଦ୍ ପଡ଼ିଛନ୍ତି। ଏଣୁ ଭାରତକୁ ରଣନୀତିରେ ପରିବର୍ତ୍ତନ କରିବାକୁ ପଡ଼ିଛି ବୋଲି କହିଛନ୍ତି ଭାରତୀୟ ଅଧିନାୟକ ଶୁବମନ ଗିଲ୍। ପ୍ରତିପକ୍ଷ ଦଳର ୨୦ଟି ଯାକ ୱିକେଟ ନେବାକୁ ହେଲେ ଏହି ଅସୁବିଧା ଯୋଗୁଁ ବିଶ୍ରାମ ନେବାକୁ ଯାଉଥିବା ଯଶପ୍ରୀତ ବୁମ୍‌ରା ଏହି ଟେଷ୍ଟ ଖେଳିବେ। ଭାରତ ଏହି ମ୍ୟାଚ୍‌ରେ ୩ଜଣ ଫାଷ୍ଟ ବୋଲର ଓ ୨ଜଣ ସ୍ପିନ ବୋଲିଂ ଅଲରାଉଣ୍ଡରଙ୍କୁ ନେଇ ଖେଳିବ ବୋଲି ଗିଲ ସୂଚନା ଦେଇଛନ୍ତି। 'ତୃତୀୟ ଟେଷ୍ଟ ଖେଳିଥିବା ଆମର ୯ କିମ୍ବା ୧୦ଜଣ ଖେଳାଳି ଚତୁର୍ଥ ମ୍ୟାଚ୍‌ରେ ଖେଳିବେ। ଆହତ ସମସ୍ୟା ଯୋଗୁଁ ଦୁଇ ଫାଷ୍ଟ ବୋଲର ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ଅଂଶୁଲ କାମ୍ବୋଜ୍ ଏଠାରେ ଡେବ୍ୟୁ କରିବାର ଯଥେଷ୍ଟ ସମ୍ଭାବନା ରହିଛି। କରୁନ ନାୟାର ପୂର୍ବପରି ନଂ-୩ରେ ବ୍ୟାଟିଂ କରିବେ ଓ ଋଷଭ ପନ୍ତ୍ ୱିକେଟ କିପିଂ କରିବେ' ବୋଲି ଆଜି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ଅଧିନାୟକ ଗିଲ୍। ଏହି ସୂଚନାକୁ ଆଧାରକୁ ନେଲେ ଆକାଶ ଦୀପ୍‌ଙ୍କ ସ୍ଥାନରେ କାମ୍ବୋଜ ଡେବ୍ୟୁ କରିବେ। କିନ୍ତୁ ରେଡ୍ଡିଙ୍କ ସ୍ଥାନରେ କିଏ ଖେଳିବେ ତାହା ସ୍ଥିର ହୋଇନାହିଁ। ସମସ୍ତଙ୍କ ଆଖି ରହିଛି ଦଳର ଦ୍ୱିତୀୟ ୱିକେଟରକ୍ଷକ ତଥା ବିଦେଶରେ ଭଲ ବ୍ୟାଟିଂ କରୁଥିବା ଧ୍ରୁବ ଜୁରେଲଙ୍କ ଉପରେ। କିନ୍ତୁ ଗିଲ୍‌ଙ୍କ ମତରେ ଓଲ୍ଡ ଟ୍ରାଫୋର୍ଡ ପିଚ୍ ପେସ୍ ବୋଲରଙ୍କୁ ସୁହାଇବ। ଏଣୁ ଜୁରେଲଙ୍କ ସ୍ଥାନରେ ଫର୍ମରେ ନ ଥିବା ପେସ୍ ବୋଲିଂ ଅଲରାଉଣ୍ଡର ଶାର୍ଦ୍ଦୁଳ ଠାକୁରଙ୍କ ଖେଳିବା ନେଇ ସମ୍ଭାବନାକୁ ଏଡ଼ାଇ ଦେଇ ହେବ ନାହିଁ। ଏହି ଗୋଟିଏ ସ୍ଥାନକୁ ଛାଡ଼ିଦେଲେ ଅନ୍ୟ ୧୦ଜଣ ଖେଳାଳିଙ୍କ ନାମ ଏକ ପ୍ରକାର ଚୂଡ଼ାନ୍ତ ହୋଇସାରିଛି।

### ଖେଳାଳି ଦଳ

**ଭାରତର ସମ୍ଭାବ୍ୟ ଏକାଦଶ**
ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, କରୁନ ନାୟାର, ଶୁବମନ ଗିଲ୍ (ଅଧିନାୟକ), ଋଷଭ ପନ୍ତ୍ (ୱିକେଟରକ୍ଷକ/ ଉପଅଧିନାୟକ), ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର, ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ୍ ସିରାଜ, ଅଂଶୁଲ କାମ୍ବୋଜ୍, ସାଇ ସୁଦର୍ଶନ/ ଧ୍ରୁବ ଜୁରେଲ/ ଶାର୍ଦ୍ଦୁଳ ଠାକୁର।

**ଇଂଲଣ୍ଡ ଏକାଦଶ** : ଜ୍ୟାକ୍ କ୍ରଲୀ, ବେନ୍ ଡକେଟ, ଓଲି ପୋପ୍, ଜୋ ରୁଟ, ହ୍ୟାରୀ ବ୍ରୁକ୍, ବେନ୍ ଷ୍ଟୋକ୍ସ (ଅଧିନାୟକ), ଜେମି ସ୍ମିଥ୍ (ୱିକେଟରକ୍ଷକ), କ୍ରିସ୍ ୱକ୍ସ, ବ୍ରାଇଡନ କାର୍ସ, ଜୋଫ୍ରା ଆର୍ଚର ଓ ଲିଆମ ଡାୱସନ।

### ଖେଳ ସମୟ

ପ୍ରଥମ ସେସନ : ଅପରାହ୍ଣ ୩ଟା ୩୦ରୁ ୫ଟା ୩୦
ଦ୍ୱିତୀୟ ସେସନ : ସନ୍ଧ୍ୟା ୫ଟା ୩୦ରୁ ରାତି ୭ଟା ୩୦
ତୃତୀୟ ସେସନ : ରାତି ୮ଟା ୧୦ରୁ ଖେଳ ଶେଷ ପର୍ଯ୍ୟନ୍ତ

### ପ୍ରସାରଣ

ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ
ଜିଓ ହଟ୍‌ଷ୍ଟାର, ଡିଡି ସ୍ପୋର୍ଟ୍ସ

## ଇଂଲଣ୍ଡ ଖେଳାଳିଙ୍କ ଅଣଖେଳୁଆଡ଼ ମନୋଭାବକୁ ଗିଲ୍‌ଙ୍କ ନାପସନ୍ଦ



ଓଲ୍ଡ ଟ୍ରାଫୋର୍ଡ, ୨୨।୭ (ଏଜେନ୍ସି): ତୃତୀୟ ଟେଷ୍ଟର ତୃତୀୟ ଦିନ ଖେଳ ଶେଷରେ ଇଂଲଣ୍ଡ ଖେଳାଳିଙ୍କ ଅଣ ଖେଳୱାଡ ମନୋଭାବ ନେଇ ଭାରତୀୟ ଅଧିନାୟକ ଶୁବମନ୍ ଗିଲ୍ କ୍ଷୁବ୍ଧ ହୋଇଥିଲେ। ଏଥି ଲାଗି ଇଂଲଣ୍ଡ ଓପନର ଜ୍ୟାକ୍ କ୍ରଲୀଙ୍କ ସହ ମଧ୍ୟ ତାଙ୍କର ଯୁକ୍ତିତର୍କ ହୋଇଥିଲା। ଭାରତରର ଇନିଂସ ଶେଷ ହେବା ପରେ ତୃତୀୟ ଦିନ ଆଉ ୭ ମିନିଟ୍ ଖେଳାଯିବାକୁ ଥିଲା। ଏଥିରେ ଭାରତ ୨ ଓଭର ବୋଲିଂ କରିବାକୁ ଯୋଜନା କରିଥିଲା। କିନ୍ତୁ ଇଂଲଣ୍ଡ ଓପନର କ୍ରଲୀ ୯୦ ସେକେଣ୍ଡ ବିଳମ୍ବରେ ଆସିଥିଲେ। ଫଳରେ ଭାରତ ଗୋଟିଏ ଓଭର ବୋଲିଂ କରିବାକୁ ସମର୍ଥ ହୋଇଥିଲା। ଏହା କ୍ରିକେଟ ଖେଳର ସ୍ପିରିଟ୍ ନୁହେଁ ବୋଲି ଗିଲ୍ ଅଭିଯୋଗ କରିଥିଲେ।

## ପିଚ୍‌ରେ ରହିଛି ଘାସ, ପେସ୍‌ରଙ୍କୁ ସୁହାଇବ

ଚତୁର୍ଥ ଟେଷ୍ଟ ଖେଳାଯିବାକୁ ଥିବା ପିଚ୍ ପ୍ରଥମଥର ସୋମବାର ଖୋଲାଯାଇଥିଲା। ଗତ ଦୁଇ ଦିନ ବର୍ଷା ହୋଇଥିବାରୁ ପିଚ୍‌କୁ ପୂରା ଘୋଡାଇ ରଖାଯାଇଥିଲା। ଏହି ପିଚ୍ ଖେଳିବାକୁ ଦିଆଗଲେ ପେସ୍ ବୋଲରଙ୍କ ପ୍ରଭାବ ରହିବ। ଏଣୁ ଆସନ୍ତାକାଲି ସକାରେ ଭାରତ ପିଚ୍‌ରେ ଘାସ ଥିବା ଦେଖିଲେ ଆଉ ଜଣେ ପେସ୍ ବୋଲରଙ୍କୁ ଖେଳାଇବାକୁ ପଛାଇବ ନାହିଁ ବୋଲି ଆଶା କରାଯାଉଛି। କିନ୍ତୁ ପିଚ୍‌ର ଅବସ୍ଥା ଏବେ ଯାହା ରହିଛି ତାହା ପ୍ରଥମେ ଖେଳାଯାଇଥିବା ୩ଟି ଟେଷ୍ଟଠାରୁ ନିଶ୍ଚିତ ଅଲଗା ରହିବ ବୋଲି ଗିଲ୍ କହିଛନ୍ତି। ଇଂଲଣ୍ଡର ପାଣିପାଗ ଅଫିସର ପୂର୍ବାନୁମାନ ଠିକ୍ ହେଲେ ଏହି ମ୍ୟାଚ୍‌ର ଅଧିକାଂଶ ସମୟ ବର୍ଷାଦ୍ୱାରା ବାଧାପ୍ରାପ୍ତ ହେବ। ଏଠାରେ ତାପମାତ୍ରା ୧୪ରୁ ୧୯ ଡିଗ୍ରି ସେଲ୍‌ସିୟସ ମଧ୍ୟରେ ରହିବ। ବୁଧବାର ମ୍ୟାଚ୍‌ର ପ୍ରଥମ ଦିନ ଆକାଶ ମେଘୁଆ ରହିବ ଓ ୫୯ ପ୍ରତିଶତ ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷକରି ଦ୍ୱିତୀୟ ସେସନରେ ବର୍ଷା ହୋଇପାରେ। ଗୁରୁବାର ଦ୍ୱିତୀୟ ଦିନ ତାପମାତ୍ରା ୧୩ରୁ ୨୦ ଡ୍ରିଗି ରହିବ ଓ ୫୫ ପ୍ରତିଶତ ବର୍ଷା ହେବାର ସମ୍ଭାବନା ରହିଛି। ତୃତୀୟ ଦିନ ବର୍ଷାର ସମ୍ଭାବନା ୨୫ ପ୍ରତିଶତ, ଚତୁର୍ଥ ଓ ପଞ୍ଚମ ଦିନ ୫୮ ପ୍ରତିଶତ ବର୍ଷା ହେବାର ସମ୍ଭାବନା ରହିଛି।

● ଆଇସିସି ମହିଳା ଦିନିକିଆ ର୍‍ୟାଙ୍କିଙ୍ଗ୍

## ମନ୍ଧାନା ସ୍ଥିର; ଦୀପ୍ତି ୧୦ଟି ସ୍ଥାନ ଉଠିଲେ

ଦୁବାଇ, ୨୨।୭ (ଏଜେନ୍ସି): ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ପକ୍ଷରୁ ସଦ୍ୟ ପ୍ରକାଶିତ ମହିଳା ଦିନିକିଆ ବ୍ୟାଟିଂ ମାନ୍ୟତାରେ ଭାରତର ସ୍ମୃତି ମନ୍ଧାନା ପୂର୍ବଭଳି ଶୀର୍ଷ ସ୍ଥାନରେ ଅପରିବର୍ତ୍ତିତ ରହିଛନ୍ତି। ତେବେ ଦୀପ୍ତି ଶର୍ମା ଏକାଥରକେ ୧୦ଟି ସ୍ଥାନ ଉପରକୁ ଲମ୍ଫ ପ୍ରଦାନ କରିଛନ୍ତି। ସଦ୍ୟ ପ୍ରକାଶିତ ର୍‍ୟାଙ୍କିଙ୍ଗ୍‌ରେ ସେ ୨୩ତମ ସ୍ଥାନରେ ରହିଛନ୍ତି। ଚଳିତ ଇଂଲଣ୍ଡ ମହିଳା ଦଳ ବିପକ୍ଷ ଦିନିକିଆ ସିରିଜରେ ପ୍ରଭାବୀ ପ୍ରଦର୍ଶନ କରି ଦୀପ୍ତି ନିଜ ମାନ୍ୟତାରେ ଉନ୍ନତି ଆଣିଛନ୍ତି। ଇଂଲଣ୍ଡ ବିପକ୍ଷ ପ୍ରଥମ ୨ଟି ଦିନିକିଆରେ ଦୀପ୍ତି ଯଥାକ୍ରମେ ୬୨ ଓ ୩୦ ରନ କରିଥିଲେ। ସେହିଭଳି ଇଂଲଣ୍ଡର ସୋଫି ଡଙ୍କଲୀ ମଧ୍ୟ ଏକାଥରକେ ୨୪ଟି ପାହାଚ ଉପରକୁ ଉଠି ୫୨ତମ ସ୍ଥାନରେ ରହିଛନ୍ତି। ଭାରତ ବିପକ୍ଷ ପ୍ରଥମ ଦିନିକିଆରେ ଡଙ୍କଲୀ ୮୩ ରନର ପାଳି ଖେଳିଥିଲେ। ତେବେ ଭାରତର ଅଧିନାୟିକା ହର୍‌ମନପ୍ରୀତ୍ କୌର ୫ଟି ସ୍ଥାନ ହରାଇ ୨୧କୁ ଖସିଯାଇଛନ୍ତି। ମହିଳା ଦିନିକିଆ ବୋଲିଂରେ ଇଂଲଣ୍ଡର ସୋଫି ଇକଲେଷ୍ଟୋନ ଶୀର୍ଷ ସ୍ଥାନରେ ସ୍ଥିର ରହିଛନ୍ତି। ଟପ୍-୨୦ରେ ଏକମାତ୍ର ଭାରତୀୟ ବୋଲର ଭାବେ ଦୀପ୍ତି ୪ର୍ଥ ସ୍ଥାନରେ ରହିଛନ୍ତି। ଅଲ୍‌ରାଉଣ୍ଡର ତାଲିକାରେ ମଧ୍ୟ ଦୀପ୍ତି ୪ର୍ଥ ସ୍ଥାନ ସୁରକ୍ଷିତ ରଖିଛନ୍ତି। ଅଷ୍ଟ୍ରେଲିଆର ଆସଲେଇଗ ଗାର୍ଡନର ଏକ ନମ୍ବର ସ୍ଥାନ ହାସଲ କରିଛନ୍ତି।

● ତ୍ରି-ରାଷ୍ଟ୍ରୀୟ ଟି-୨୦ ସିରିଜ୍

## ନ୍ୟୁଜିଲାଣ୍ଡର ହ୍ୟାଟ୍ରିକ ବିଜୟ

ହରାରେ, ୨୨।୭ (ଏଜେନ୍ସି): ସ୍ଥାନୀୟ ହରାରେ ସ୍ପୋର୍ଟ୍ସ କ୍ଲବରେ ଚାଲିଥିବା ତ୍ରି-ରାଷ୍ଟ୍ରୀୟ ଟି-୨୦ ସିରିଜରେ ନ୍ୟୁଜିଲାଣ୍ଡ ହ୍ୟାଟ୍ରିକ ବିଜୟ ହାସଲ କରିଛି। ମଙ୍ଗଳବାର ଅନୁଷ୍ଠିତ ଏକ ମ୍ୟାଚରେ ନ୍ୟୁଜିଲାଣ୍ଡ ୭ ୱିକେଟ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ପୂର୍ବରୁ ନ୍ୟୁଜିଲାଣ୍ଡ ୮ ୱିକେଟ୍‌ରେ ଜିମ୍ବାୱେକୁ ଓ ୨୧ ରନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଥିଲା। ଅପରପକ୍ଷରେ ୪ର୍ଥ ମ୍ୟାଚରୁ ୨ୟ ପରାଜୟବରଣ କରିଥିଲେ ମଧ୍ୟ ଦକ୍ଷିଣ ଆଫ୍ରିକା ଫାଇନାଲରେ ସ୍ଥାନ ପକ୍କା କରିଛି। ଶନିବାର ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଫାଇନାଲ ଖେଳାଯିବ। ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା ରିଜା ହେଣ୍ଡ୍ରିକ୍ସଙ୍କ ୪୧ ଓ ଜର୍ଜ ଲିଣ୍ଡେଙ୍କ ଅପରାଜିତ ୨୩ ରନ ବଳରେ ୮ ୱିକେଟରେ ୧୩୪ ରନ କରିଥିଲା। ନ୍ୟୁଜିଲାଣ୍ଡ ପାଇଁ ଆଦାମ ମିଲନେ, ଜାକବ ଡଫି ଓ ଅଧିନାୟକ ମିଚେଲ ସାଣ୍ଟନର ୨ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ନ୍ୟୁଜିଲାଣ୍ଡ ୧୫.୫ ଓଭରରେ ୩ ୱିକେଟ୍ ହରାଇ ସହଜରେ ବିଜୟୀ ହୋଇଥିଲା। ଓପନର୍ ଟିମ୍ ସେଇଫର୍ଟ ସର୍ବାଧିକ ଅପରାଜିତ ୬୬ ରନ କରିଥିଲେ।

## ଅଲିମ୍ପିକ ସ୍ୱର୍ଣ୍ଣ ବିଜେତାଙ୍କୁ ମିଳିବ ୭ କୋଟି

ନୂଆଦିଲ୍ଲୀ, ୨୨।୭ (ଏଜେନ୍ସି): ଅଲିମ୍ପିକ୍ସ ଓ ପାରାଅଲିମ୍ପିକ୍ସକୁ ନେଇ ଦିଲ୍ଲୀ ସରକାର ମଙ୍ଗଳବାର ବଡ଼ ଘୋଷଣା କରିଛନ୍ତି। ଏହି ଦୁଇ ମେଗା ଇଭେଣ୍ଟର ପଦକ ବିଜେତାଙ୍କ ପୁରସ୍କାର ରାଶିକୁ ଦିଲ୍ଲୀ ସରକାର ଦୁଇଗୁଣାରୁ ଅଧିକ ବଢ଼ାଇ ଦେଇଛନ୍ତି। ଏଣିକି ଦିଲ୍ଲୀର ଯେଉଁ କ୍ରୀଡ଼ାବିତ୍ ଅଲିମ୍ପିକ୍ସ କିମ୍ବା ପାରା ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିବେ ତାଙ୍କୁ ୭ କୋଟି ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ସେହିଭଳି ରୌପ୍ୟ ଓ କାଂସ୍ୟ ବିଜେତାଙ୍କୁ ଯଥାକ୍ରମେ ୫ ଓ ୩ କୋଟି ଟଙ୍କା ଦିଆଯିବ। ଏଥିସହ ସ୍ୱର୍ଣ୍ଣ ଓ ରୌପ୍ୟ ବିଜେତା ଗ୍ରୁପ୍-ଏ'ରେ ଏବଂ କାଂସ୍ୟ ବିଜେତା ଗ୍ରୁପ୍-ବି'ରେ ଏକ ଚାକିରି ମଧ୍ୟ ପାଇବେ। ମଙ୍ଗଳବାର ଦିଲ୍ଲୀ କ୍ୟାବିନେଟ୍‌ରେ ଏହି ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ଜିତିଥିବା ଦିଲ୍ଲୀ କ୍ରୀଡ଼ାବିତ୍‌ଙ୍କୁ ରାଜ୍ୟ ସରକାର ଯଥାକ୍ରମେ ୩, ୨ ଓ ଏକ କୋଟି ଟଙ୍କା ପ୍ରଦାନ କରୁଥିଲେ।

**ଇଂଲଣ୍ଡ ବିପକ୍ଷ ୩ୟ ଦିନିକିଆ: ଭାରତର ଏକାଧିକ ରେକର୍ଡ**

## ହରମନପ୍ରୀତ୍ କୌରଙ୍କ ଶତକ



ଚେଷ୍ଟର-ଲି-ଷ୍ଟ୍ରିଟ୍, ୨୨।୭ (ଏଜେନ୍ସି): ଘରୋଇ ଇଂଲଣ୍ଡ ମହିଳା ଦଳ ବିପକ୍ଷରେ ମଙ୍ଗଳବାର ଏଠାରେ ଖେଳାଯାଇଥିବା ଅନ୍ତିମ ତଥା ୩ୟ ଦିନିକିଆ ମ୍ୟାଚରେ ଭାରତ ଏକାଧିକ ରେକର୍ଡ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା ଭାରତୀୟ ମହିଳା କ୍ରିକେଟ୍ ଦଳ ୫୦ ଓଭରରେ ୫ ୱିକେଟ ହରାଇ ୩୧୮ ରନର ବିଶାଳ ସ୍କୋର କରିଛି। ଅଧିନାୟିକା ହର୍‌ମନପ୍ରୀତ୍ କୌର କ୍ୟାରିୟରର ୭ମ ଦିନିକିଆ ଶତକ ହାସଲ କରି ୧୦୨ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜେମିମା ରୋଡ୍ରିଗ୍ସେଜ ୫୦, ସ୍ମୃତି ମନ୍ଧାନା ୪୫, ରିଚା ଘୋଷ ଅପରାଜିତ ୩୮, ହର୍ଲିନ ଦେଓଲ ୪୫, ପ୍ରତୀକା ରାୱଲ ୨୬ ରନର ଉପଯୋଗୀ ପାଳି ଖେଳିଥିଲେ। ସେହିଭଳି ୮୨ ବଲରେ ଶତକ ହାସଲ କରି କୌର ଦ୍ୱିତୀୟ ଦ୍ରୁତତମ ଶତକ ହାସଲକାରୀ ଭାରତୀୟ ମହିଳା ବ୍ୟାଟର୍ ହୋଇଛନ୍ତି। ଚଳିତ ବର୍ଷ ପ୍ରାରମ୍ଭରେ ମନ୍ଧାନା ଆୟର୍ଲାଣ୍ଡ ବିପକ୍ଷରେ ୭୫ ବଲରେ ଶତକ ଅର୍ଜନ କରିଥିଲେ। ଅପରପକ୍ଷରେ ଏହି ଫର୍ମାଟ୍‌ରେ ଇଂଲଣ୍ଡ ବିପକ୍ଷରେ ଭାରତର ଏହା ଦ୍ୱିତୀୟ ସର୍ବାଧିକ ସ୍କୋର। ପୂର୍ବରୁ ୨୦୨୨ରେ ଇଂଲଣ୍ଡ ବିପକ୍ଷରେ ଭାରତ ୫ ୱିକେଟ୍‌ରେ ୩୩୩ ରନ କରିଥିଲା। ଜବାବରେ ବ୍ୟାଟିଂ ଆରମ୍ଭ କରିଥିବା ଇଂଲଣ୍ଡ ମହିଳା ଦଳ ଶେଷ ଖବର ସୁଦ୍ଧା ୧ ଓଭରରେ ଗୋଟିଏ ୱିକେଟ୍ ହରାଇ ୭ ରନ କରିଛି। ପ୍ରଥମ ଓଭରରେ କ୍ରାନ୍ତି ଗୌଡ଼ା ଭାରତକୁ ଏହି ସଫଳତା ଦେଇଛନ୍ତି। ସେ ଓପନର୍ ଟାମି ବିଉମଣ୍ଟଙ୍କୁ ୫ ରନରେ ଆଉଟ୍ କରି ଇଂଲଣ୍ଡକୁ ପ୍ରାରମ୍ଭିକ ଝଟ୍‌କା ଦେଇଥିଲେ। ପୂର୍ବରୁ ପ୍ରଥମ ମ୍ୟାଚକୁ ଭାରତ ୪ ୱିକେଟ୍‌ରେ ଓ ୨ୟ ମ୍ୟାଚକୁ ଇଂଲଣ୍ଡ ୮ ୱିକେଟ୍‌ରେ ଜିତିଥିଲେ।

### ୪ ହଜାର ରନ କ୍ଲବ୍‌ରେ ହର୍‌ମନ୍‌ପ୍ରୀତ୍

ଭାରତୀୟ ମହିଳା କ୍ରିକେଟ୍ ଦଳର ଅଧିନାୟିକା ହର୍‌ମନପ୍ରୀତ୍ କୌର୍ ତାଙ୍କ କ୍ୟାରିୟରରେ ଆଉ ଏକ ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି। ଭାରତର ୩ୟ କ୍ରିକେଟର୍ ଭାବେ ହର୍‌ମନ୍‌ପ୍ରୀତ୍ ମହିଳା ଦିନିକିଆରେ ୪ ହଜାର ରନ ପୂରଣ କରିଛନ୍ତି। ତାଙ୍କ ପୂର୍ବରୁ ମିତାଲି ରାଜ ଓ ସ୍ମୃତି ମନ୍ଧାନା ଏହି କ୍ଲବରେ ସାମିଲ ହୋଇସାରିଥିଲେ। ମଙ୍ଗଳବାର ଇଂଲଣ୍ଡ ବିପକ୍ଷ ୩ୟ ଦିନିକିଆ ମ୍ୟାଚ୍ ଅବସରରେ ହର୍‌ମନ୍‌ପ୍ରୀତ୍ ଏହି ମାଇଲଖୁଣ୍ଟ ଛୁଇଁଛନ୍ତି। ୩୬ ବର୍ଷୀୟା କୌର ୧୪୯ତମ ମ୍ୟାଚ୍ ଓ ୧୨୯ତମ ପାଳିରେ ୪ ହଜାର ରନ ପୂରଣ କରିଥିଲେ। ୨୦୦୯ ବିଶ୍ୱକପ୍‌ରେ ପାକିସ୍ତାନ ବିପକ୍ଷରେ ଖେଳି ଦିନିକିଆ କ୍ୟାରିୟର ଆରମ୍ଭ କରିଥିବା କୌର ଭାରତ ପାଇଁ ସର୍ବାଧିକ ୩୩୭ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାର ରେକର୍ଡ ମଧ୍ୟ କରିଛନ୍ତି।

**ଡ. ବିସି ରାୟ ଟ୍ରଫି**

## ଓଡ଼ିଶାର ଦ୍ୱିତୀୟ ପରାଜୟ




କଟକ,୨୨।୭ (ସମିସ): ପଞ୍ଜାବର ଅମ୍ରିତସରରେ ଚାଲିଥିବା ଜାତୀୟ କନିଷ୍ଠ ବାଳକ ଫୁଟବଲ ଚାମ୍ପିଅନସିପ୍ ଡ. ବିସି ରାୟ ଟ୍ରଫିରେ ଓଡ଼ିଶାର ଲଗାତର ଦ୍ୱିତୀୟ ପରାଜୟ ସହ ପ୍ରତିଯୋଗିତାରେ ଅଭିଯାନ ଏକପ୍ରକାର ଶେଷ ହୋଇଛି। ୨୪ ତାରିଖରେ ଝାଡ଼ଖଣ୍ଡ ବିପକ୍ଷରେ ଦଳ ୩ୟ ତଥା ଅନ୍ତିମ ଲିଗ୍ ମ୍ୟାଚ୍ ଖେଳିବ। ମଙ୍ଗଳବାର ସାହେବଜାଦା ଫତେସିଂହ ଫୁଟବଲ ଷ୍ଟାଡିୟମରେ ଖେଳାଯାଇଥିବା ମଣିପୁର ବିପକ୍ଷ ମ୍ୟାଚରେ ଓଡ଼ିଶା ୧-୨ ଗୋଲରେ ପରାସ୍ତ ହୋଇଥିଲା। ୨୬ତମ ମିନିଟରେ କେ ସୁଲତାନଙ୍କ ଗୋଲ ବଳରେ ମଣିପୁର ଖେଳର ପ୍ରଥମାର୍ଦ୍ଧରେ ଆଗୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧର ୫୭ତମ ମିନିଟରେ ଓଡ଼ିଶା ଏହି ଗୋଲ ସୁଝାଇଥିଲା। ଅଧିନାୟକ ଅମନ ଲାକ୍ରା ମ୍ୟାଚ୍ ବରାବରସୂଚକ ଉକ୍ତ ଗୋଲ ଦେଇଥିଲେ। ତେବେ ୭୦ତମ ମିନିଟରେ ମଣିପୁର ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲା। ଅମୋ କ୍ରୀଶ ସିଂହ ଏହି ଗୋଲ ଦେଇଥିଲେ। ଖେଳର ଅବଶିଷ୍ଟ ସମୟରେ ଓଡ଼ିଶା ଗୋଲ ଦେଇ ନପାରି ପରାଜୟର ସମ୍ମୁଖୀନ ହୋଇଥିଲା।

**ସାହାଣୀ କପ୍**

## ଆଜି ୩ଟି ଜୋନ୍‌ରେ କ୍ୱାର୍ଟର ଫାଇନାଲ

କଟକ,୨୨।୭ (ସମିସ): ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ଏବଂ ରାଜ୍ୟ କ୍ରୀଡ଼ା ବିଭାଗ ମିଳିତ ଆନୁକୂଲ୍ୟରେ ୬୪ତମ ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା ଫୁଟବଲ ଚାମ୍ପିଅନସିପ୍ ସାହାଣୀ କପ୍ ଖେଳାଯାଉଛି। ବୁଧବାର ୩ଟି ଜୋନ୍‌ରେ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯିବ। କେନ୍ଦ୍ରାପଡ଼ା ଜୋନ୍‌ରେ କଟକ ଏବଂ ଝାରସୁଗୁଡ଼ା, ବ୍ରହ୍ମପୁର ଜୋନ୍‌ରେ ଭୁବନେଶ୍ୱର




ଓ କୋରାପୁଟ, କେନ୍ଦୁଝର ଜୋନ୍‌ରେ ସୁନ୍ଦରଗଡ଼ ଓ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଦଳ ମଧ୍ୟରେ ମୁକାବିଲା ହେବ। ବୌଦ୍ଧ ଜୋନ୍‌ରେ ଅଧିକ ଦଳ ଭାଗ ନେଇଥିବା ହେତୁ ଏଠାରେ ଲିଗ୍ ମ୍ୟାଚ୍ ଶେଷ ହୋଇନାହିଁ। ଏଠାରେ ୨୫ ତାରିଖ ପର୍ଯ୍ୟନ୍ତ ଲିଗ୍ ମ୍ୟାଚ୍ ଜାରି ରହିବ। ମଙ୍ଗଳବାର ଅନୁଷ୍ଠିତ ଦୁଇଟି ମ୍ୟାଚ୍‌ରେ ସମ୍ବଲପୁର ଓ କନ୍ଧମାଳ ବିଜୟୀ ହୋଇଥିଲେ। ସମ୍ବଲପୁର ୩-୨ ଗୋଲରେ ବଲାଙ୍ଗିରକୁ ହରାଇଥିଲା। ବିଜୟୀ ଦଳ ତରଫରୁ ସୁନୀଲ ମୁଣ୍ଡା, ପ୍ରଶାନ୍ତ ଓରାମ, ଛବିଳ କିଶାନ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ବଲାଙ୍ଗିରର ସୁବ୍ରତ ପାତ୍ର ଦୁଇଟି ଯାକ ଗୋଲ ଦେଇଥିଲେ। ଅନ୍ୟ ଏକ ମ୍ୟାଚ୍‌ରେ କନ୍ଧମାଳ ୯-୦ ଗୋଲରେ ନୂଆପଡ଼ାକୁ ପରାସ୍ତ କରିଥିଲା। ଦଳ ପକ୍ଷରୁ ୮ଟି ଗୋଲ ହୋଇଥିବାବେଳେ ନୂଆପଡାର ସନ୍ତୋଷ ମଲ୍ଲିକ ଏକ ଆତ୍ମଘାତୀ ଗୋଲ ଦେଇଥିଲେ।

**ଅସ୍ମିତା ଖେଲୋ ଇଣ୍ଡିଆ ମହିଳା ସାଇକଲିଂ ଲିଗ୍**

## ଉର୍ମିଳା ବେହେରା, ଋତୁ ରାଓ ସିନିଅର ଚାମ୍ପିଅନ

ଭୁବନେଶ୍ୱର,୨୨।୭ (ସମିସ)



ଓଡ଼ିଶାରରେ ପ୍ରଥମଥର ଆୟୋଜିତ ହୋଇଛି ଖେଲୋ ଇଣ୍ଡିଆ ମହିଳା ଅସ୍ମିତା ସାଇକଲିଂ ଲିଗ୍। ଗଞ୍ଜାମ ଜିଲ୍ଲା ଗୋପାଳପୁରଠାରେ ଥିବା ଆର୍ମି ଏୟାର ଡିଫେନ୍ସ କଲେଜ୍ ଛକରେ ଓଡ଼ିଶା ସାଇକଲିଂ ଆସୋସିଏସନ ଆନୁକୂଲ୍ୟରେ ୩ଟି ଏଜ୍‌ଗ୍ରୁପ୍‌ରେ ଏହି ଲିଗ୍ ଅନୁଷ୍ଠିତ ହୋଇଥିଲା। ସିନିୟର ବିଭାଗରେ ୧୫ କିଲୋମିଟର ରେସ୍ ହୋଇଥିଲା। ଏଥିରେ ରେସିଂ ସାଇକଲରେ ଉର୍ମିଳା ବେହେରା ଓ ସାଧାରଣ ସାଇକଲରେ ଏ ଋତୁ ରାଓ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଏହି ଦୁଇଟି କାଟାଗୋରୀରେ ଲିଲି ମାଝୀ ଓ ସୋମାଲୀ ନାୟକ ରନର୍ସ ଅପ୍, ମୁସକାନ କିସାନ ଓ ବନ୍ଦନା ପଣ୍ଡା ତୃତୀୟ ସ୍ଥାନ ଅଧିକାର କରିଥିଲେ। ମହିଳା ଜୁନିଅର କାଟାଗୋରୀରେ ମନୀଷା ସାହୁ ଚାମ୍ପିଅନ୍, ଶିବାନୀ ସାଓ ରନର୍ସ ଅପ୍ ଓ ବନିତା କିସାନ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସବ୍‌ଜୁନିଅର ଓ ୟୁଥ୍ କାଟାଗୋରୀରେ ସସ୍ମିତା ପଣ୍ଡା ଓ ତପସ୍ୱିନୀ ପାଣିଗ୍ରାହୀ ଚାମ୍ପିଅନ, ପୂର୍ବେଇ ମହାନ୍ତି ଓ ଅର୍ପିତା ପଣ୍ଡା ରନର୍ସ ଅପ୍, ସୁଶ୍ରୀ ସନ୍ତୋଷିନୀ ଓ କାଜଲ ଗୌଡ ତୃତୀୟସ୍ଥାନ ଅଧିକାର କରିଛନ୍ତି। ପ୍ରତିଯୋଗିତା ଶେଷରେ ବାଣିଜ୍ୟ, ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଶା ସାଇକଲିଂ ଆସୋସିଏସନ ସଭାପତି ମିନତି ମହାପାତ୍ର, ସମ୍ପାଦକ ପ୍ରସନ୍ନ ରାଉତ, ଆୟୋଜନ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ବିଶୋୟୀ, ଗଞ୍ଜାମ ଜିଲ୍ଲା ଆଥ୍‌ଲେଟିକ୍ ଆସୋସିଏସନ ସମ୍ପାଦକ କେ. କାମେଶ୍ୱର ରାଓ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ଏଥିରେ ୧୬ ଜଣ ଟେକ୍ନିକାଲ ଅଫିସର ଓ ୨୦୦ରୁ ଅଧିକ ମହିଳା ସାଇକଲ ଚାଳିକା ଭାଗ ନେଇଥିଲେ। ଆୟୋଜକଙ୍କ ପକ୍ଷରୁ ସମସ୍ତଙ୍କୁ ସାଇକଲ ହେଲମେଟ ପ୍ରଦାନ କରାଯାଇଥିଲା।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS